ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ଜାନୁୟାରୀ ୮/୨୦୨୧ (୧୬ ପୃଷ୍ଠା) | Balasore, Friday, January 8/2021 | ★★★★
୪୭ଶ ଭାଗ ୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ମର୍ନିଂ ଲୁକ୍‌ରେ ଆଲିୟା

ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟ ସକାଳୁ କାର୍‌ରେ ଥାଇ ଏକ ସିମ୍ପଲ ଫଟୋ ଶେୟାର କରିଛନ୍ତି। ଏହାକୁ ଫ୍ୟାନ୍‌ମାନେ ଖୁବ୍ ପ୍ରଶଂସା କରିଛନ୍ତି।

୧୪

୧୫

## ମୌରିସିଓଙ୍କ ଡବଲ ଗୋଲ

ଡିଏଗୋ ମୌରିସିଓଙ୍କ ଡବଲ ଗୋଲ ବଳରେ ଓଡ଼ିଶା ଏଫ୍‌ସି ଇଣ୍ଡିଆନ ସୁପରଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ କେରଳ ବ୍ଲାଷ୍ଟର୍ସକୁ ୪-୨ ଗୋଲରେ ପରାସ୍ତ କରିଛି।



# ହିଂସା ପରେ ହାର୍ ମାନିଲେ ଟ୍ରମ୍ପ୍



### ୨୦ରେ କ୍ଷମତା ହସ୍ତାନ୍ତର ପାଇଁ ରାଜି
### ବାଇଡେନ୍ ରାଷ୍ଟ୍ରପତି ଘୋଷିତ
### ଦଙ୍ଗାରେ ୪ ମୃତ

**ୱାଶିଂଟନ, ୭।୧**

ଡେମୋକ୍ରାଟ ନେତା ଜୋ ବାଇଡେନ୍‌ଙ୍କୁ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଗୁରୁବାର କଂଗ୍ରେସ ଆନୁଷ୍ଠାନିକ ସ୍ୱୀକୃତି ଦେଇଛି। ଫଳରେ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରତି ଶକ୍ତ ଧକ୍କା ଲାଗିଛି। କଂଗ୍ରେସର ଉପରୋକ୍ତ ଘୋଷଣାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ୍‌ଙ୍କ ସମର୍ଥକମାନେ କ୍ୟାପିଟୋଲ ବିଲ୍ଡିଂରେ ପ୍ରବେଶ କରି ହଙ୍ଗାମା କରିଥିଲେ। ଏହି ହିଂସାକାଣ୍ଡରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ତଥା ସର୍ବପୁରାତନ ଗଣତନ୍ତ୍ରରେ କ୍ଷମତା ହସ୍ତାନ୍ତରକୁ ନେଇ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି ହୋଇଛି। ବାଇଡେନ୍‌ଙ୍କୁ ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଆମେରିକା କଂଗ୍ରେସ ଘୋଷଣା କରିବା ପରେ ଟ୍ରମ୍ପ୍ ତାଙ୍କ ପରାଜୟ ସ୍ୱୀକାର କରିଛନ୍ତି ଏବଂ ଆଗାମୀ ୨୦ ତାରିଖରେ ସୁବ୍ୟବସ୍ଥିତ ଭାବେ କ୍ଷମତା ହସ୍ତାନ୍ତର ପାଇଁ ରାଜି ହୋଇଛନ୍ତି।

ଗତବର୍ଷ ନଭେମ୍ବର ୩ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ଡେମୋକ୍ରାଟ ପ୍ରାର୍ଥୀ ଜୋ ବାଇଡେନ୍ ବିଜୟୀ ହୋଇଥିଲେ ହେଁ ରାଷ୍ଟ୍ରପତି ଟ୍ରମ୍ପ୍ ଏହାକୁ ଗ୍ରହଣ ନ କରି ଭୋଟ ପ୍ରକ୍ରିୟାରେ ଜାଲିଆତି ହୋଇଥିବା ଅଭିଯୋଗ କରିଆସୁଥିଲେ। ଏପରିକି ସେ ଏକାଧିକ ଅଦାଲତର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ଏହା ସତ୍ତ୍ୱେ ସେ ପରାଜୟକୁ ସ୍ୱୀକାର କରି ନ ଥିଲେ ଓ ହ୍ୱାଇଟ୍ ହାଉସ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ☞ପୃଷ୍ଠା-୪




# ଆଜିଠାରୁ ସ୍କୁଲ୍

### ଦଶମ, ଦ୍ୱାଦଶ ପିଲାଙ୍କୁ ଅନୁମତି

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଦୀର୍ଘମାସର ପ୍ରତୀକ୍ଷା ପରେ ଶୁକ୍ରବାରଠାରୁ ସ୍କୁଲ ଖୋଲିବାକୁ ଯାଉଛି। ପ୍ରାୟ ୯ମାସ ଧରି ବନ୍ଦ ରହିବା ପରେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯିବେ। ଏଥିଲାଗି ନିର୍ଦ୍ଧାରିତ ସମୟ ପୂର୍ବରୁ କ୍ୟାମ୍ପସ ପରିସରରେ ଥିବା ଆସବାବପତ୍ର, ଲାଇବ୍ରେରି, ଲାବରେଟୋରି, ପାଣି ଟାଙ୍କି, ରୋଷେଇ ଘର, ଶୌଚାଳୟ ଓ ସର୍ବସାଧାରଣ ବ୍ୟବହାର ସ୍ଥାନଗୁଡ଼ିକୁ ବିଶୋଧନ କରାଯାଇଛି। ସ୍କୁଲକୁ ସମସ୍ତ ଛାତ୍ରୀଛାତ୍ର ମାସ୍କ ପିନ୍ଧି ଆସିବାକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ସ୍କୁଲ ପରିସରରେ ହାତ ଧୋଇବା ଓ ବିଶୋଧନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସ୍କୁଲ ଭିତରକୁ ପିଲାଙ୍କ ପ୍ରବେଶ ଓ ପ୍ରାର୍ଥନା ସମୟରେ ୬ ଫୁଟ୍ ଦୂରତାରେ ବୃତ୍ତାକାର ଚିହ୍ନ ଅଙ୍କାଯାଇଛି। ପିଲାଙ୍କ ସୁରକ୍ଷା ଲାଗି ସ୍କୁଲର ବିଭିନ୍ନ ସ୍ଥାନରେ କୋଭିଡ୍ ସମ୍ପର୍କିତ ହେଲ୍‌ପଲାଇନ୍ ନମ୍ବର ଲେଖାଯାଇଛି। ଶ୍ରେଣୀଗୃହ, ଲାଇବ୍ରେରି, କାଫେଟରିଆ, କ୍ୟାଣ୍ଟିନରେ ☞ପୃଷ୍ଠା-୪

# ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ

### ଆଲର୍ଟ ରହିବାକୁ ସୁରକ୍ଷା ସଂସ୍ଥାକୁ ଗୃହ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୭।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହତ୍ୟା ଧମକ ମିଳିଛି। ଦୁଇଦିନ ପୂର୍ବରୁ ନବୀନ ନିବାସକୁ ଏ ନେଇ ଏକ ହାତଲେଖା ବେନାମୀ ଧମକପୂର୍ଣ୍ଣ ଚିଠି ଆସିଛି। ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ ମିଳିବା ପରେ ରାଜ୍ୟ ସୁରକ୍ଷା ସଂସ୍ଥାଗୁଡ଼ିକ ସତର୍କ ହୋଇଉଠିଛନ୍ତି। ଏକେ-୪୭ ଏବଂ ସେମି ଅଟୋମେଟିକ ପିସ୍ତଲରେ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଧମକ ଦିଆଯାଇଛି। ସୁପାରିକିଲରମାନେ ପେସାଦାର ହତ୍ୟାକାରୀ। ସେମାନେ ଆପଣଙ୍କୁ ନିୟମିତ ଅନୁସରଣ କରୁଛନ୍ତି। ସେମାନଙ୍କ ମାଷ୍ଟରମାଇଣ୍ଡ ନାଗପୁରରେ ରହିଛନ୍ତି। ୧୭ଟି କାର ମୁଖ୍ୟମନ୍ତ୍ରୀଙ୍କୁ ନିୟମିତ ଅନୁସରଣ କରୁଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏକ ଆହ୍ୱାନ**

# କମିଟି ପ୍ରସ୍ତାବକୁ ମାନିବେ ଘରୋଇ ସ୍କୁଲ

**ଘରୋଇ ସ୍କୁଲ୍ ଫିଁ ହ୍ରାସ ମାମଲା**



**କଟକ ଅଫିସ୍,୭।୧**

ଘରୋଇ ସ୍କୁଲ୍‌ରେ ଫିଁ ହ୍ରାସକୁ ନେଇ ଆଗତ ମାମଲାରେ ଗୁରୁବାର ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଫିଁ ହ୍ରାସ ସମ୍ପର୍କରେ ହାଇକୋର୍ଟଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟି ଯେଉଁ ସୁପାରିସ କରିଥିଲେ, ସେହି ଆଧାରରେ ଘରୋଇ ସ୍କୁଲ୍ ଗୁଡ଼ିକ ଫିଁ ହ୍ରାସ କରିବେ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ଯଦି ଏଥିରେ କାହାର କୌଣସି କିଛି ଆପତ୍ତି ଥାଏ ତେବେ ସେ କୋର୍ଟରେ ରିଟ ପିଟିସନ ଦାଖଲ କରିପାରିବେ ବୋଲି ମୁଖ୍ୟବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

କରୋନା ସମୟରେ ଲକ୍‌ଡାଉନ ଓ ଶଟଡାଉନ ଯୋଗୁ ସବୁ କିଛି ବନ୍ଦ ହୋଇଯାଇଥିଲା। ଏପରି କି ସ୍କୁଲ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଥିଲା। ଏହି ସମୟରେ ଅଧିକାଂଶ ଘରୋଇ ସ୍କୁଲଗୁଡ଼ିକ ପୂର୍ବପରି ଫିଁ ଆଦାୟ କରୁଥିଲେ। ଏହାକୁ ବିରୋଧ କରି ୨୦୨୦ ଏପ୍ରିଲ୍‌ରେ ଘରୋଇ ଅଭିଭାବକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଜୁଲାଇ ୫ରେ କୋର୍ଟ ଏହାର ଶୁଣାଣି କରିବା ସହ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଆପୋଷ ବୁଝାମଣାରେ ଫିଁ ହ୍ରାସ ପାଇଁ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ଅଭିଭାବକ ମହାସଂଘ, ଘରୋଇ ସ୍କୁଲ ଆସୋସିଏଶନ, ଘରୋଇ ଶିକ୍ଷକ ଆସୋସିଏଶନ, ସ୍କୁଲ୍ ଫିଁ ଛାଡ଼ ପାଇଁ ଆବେଦନ କରିଥିବା ୨ ଆବେଦନକାରୀ ପ୍ରହ୍ଲାଦ ରାଉତ ଏବଂ ☞ପୃଷ୍ଠା-୪

# ପେଟ୍ରୋଲ ୨୫, ଡିଜେଲ ୩୦ ପଇସା ବଢ଼ିଲା



**ନୂଆଦିଲ୍ଲୀ, ଭୁବନେଶ୍ୱର,୭।୧**

ପ୍ରାୟ ୩୦ ଦିନର ବିରତି ପରେ ପୁଣି ୨ ଦିନ ହେବ ତେଲ ଦର ଲଗାତାର ବଢୁଛି। ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୫ ପଇସା ବଢିଥିବା ବେଳେ ଡିଜେଲ ୩୦ ପଇସା ଉର୍ଦ୍ଧ୍ୱରେ ରହିଛି। ଫଳରେ ପେଟ୍ରୋଲ ୮୪.୮୬ ଟଙ୍କା ଏବଂ ଡିଜେଲ ୮୧.୦୪ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ବୁଧବାର ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ ୨୭ ଏବଂ ୨୬ ପଇସା ବଢିଥିଲା। କରୋନା ☞ପୃଷ୍ଠା-୪



କୃଷକ ସଂଗଠନ ପକ୍ଷରୁ ନୂଆଦିଲ୍ଲୀଠାରେ ଜାନୁୟାରୀ ୨୬ରେ ଡାକରା ଦିଆଯାଇଥିବା ଟ୍ରାକ୍ଟର ରାଲି ପୂର୍ବରୁ ଗୁରୁବାର କରାଯାଇଥିବା ଅଭ୍ୟାସ। (ପୃଷ୍ଠା:୪)



**୩ ଅଧିକାରୀଙ୍କ ଇସ୍ତଫା**

କ୍ୟାପିଟଲ ଘଟଣା ପରେ ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପଙ୍କ ଚିଫ୍ ଷ୍ଟାଫ୍ ଷ୍ଟେଫିନ ଗ୍ରିସମ୍‌ଙ୍କ ସମେତ ୩ ଜଣ ହ୍ୱାଇଟ୍ ହାଉସ୍‌ରେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଟ୍ରମ୍ପ ପ୍ରଶାସନରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିବା ଅଧିକାରୀଙ୍କ ମଧ୍ୟରୁ ଗ୍ରିସମ ଅନ୍ୟତମ। ସେ ପୂର୍ବରୁ ହ୍ୱାଇଟ ହାଉସର ଯୋଗାଯୋଗ ନିର୍ଦ୍ଦେଶକ ତଥା ପ୍ରେସ ସଚିବ ରହିଥିଲେ। ହ୍ୱାଇଟ ହାଉସର ସୋସିଆଲ ସେକ୍ରେଟାରୀ ଆନା କ୍ରିଷ୍ଟିନା ନିକେଟା ଏବଂ ପ୍ରେସ୍ ସହାୟକ ସାର୍‌ହା ମାଥ୍ୟୁସ୍ ମଧ୍ୟ ତାଙ୍କ ପଦ ଛାଡ଼ିଛନ୍ତି।



# କ୍ୟାପିଟଲରେ ଦଙ୍ଗା: ବିଶ୍ୱ ସ୍ତବ୍ଧ

**ସର୍ବପୁରାତନ ଗଣତାନ୍ତ୍ରିକ ଦେଶର ଇତିହାସରେ ଯୋଡ଼ିହୋଇଛି କଳଙ୍କିତ ଅଧ୍ୟାୟ। କ୍ଷମତା ଲୋଭ ପାଇଁ ଶକ୍ତିଶାଳୀ ଦେଶ ଆମେରିକା ବିଶ୍ୱ ଦରବାରରେ ନିନ୍ଦିତ ହୋଇଛି। ଶେଷ ମୁହୂର୍ତ୍ତ ଯାଏ ପରାଜୟ ସ୍ୱୀକାର କରି ନ ଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣ ସମର୍ଥକଙ୍କ ମନରେ ଜାଳିଛି ପ୍ରତିହିଂସାର ନିଆଁ। ଫଳସ୍ୱରୂପ ଗଣତନ୍ତ୍ରର ମନ୍ଦିରରେ ଗଡ଼ିଛି ମୁଣ୍ଡ। ନିର୍ବାଚନ ଫଳାଫଳକୁ ବିରୋଧ କରି କଂଗ୍ରେସରେ ବଳପୂର୍ବକ ଅସ୍ତ୍ର ଧରି ଧସେଇ ପଶିବା, ସିନେଟ ଅଧିବେଶନ ବନ୍ଦ ସହ ହିଂସାକାଣ୍ଡରେ ସ୍ତବ୍ଧ ହୋଇଯାଇଛି ସାରା ବିଶ୍ୱ। ଏଭଳି ଅପ୍ରତ୍ୟାଶିତ ଘଟଣାକୁ ବିଶ୍ୱନେତା ନିନ୍ଦା କରିଛନ୍ତି।**


କ୍ୟାପିଟଲ୍ ବିଲ୍ଡିଂ ପରିସରରେ ଦଙ୍ଗାକାରୀଙ୍କୁ ତଡ଼ିବା ପାଇଁ ପୋଲିସ ଗ୍ରେନେଡ୍ ଫିଙ୍ଗିଛି।

**ୱାଶିଂଟନ, ୭।୧**

ନଭେମ୍ବର ୩ରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ବିରୋଧ କରି ବୁଧବାର ରାତିରେ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟଲ ବିଲ୍ଡିଂରେ ପ୍ରବେଶ କରି ଦଙ୍ଗା ସୃଷ୍ଟି କରିବା ଆମେରିକା ସମେତ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ହଜାର ହଜାର ଟ୍ରମ୍ପ ସମର୍ଥକ ୱାଶିଂଟନ ଡିସିସ୍ଥିତ କ୍ୟାପିଟଲ ବିଲ୍ଡିଂରେ ଧସେଇ ପଶି ହଙ୍ଗାମା କରିଥିଲେ। ଜୋ ବାଇଡେନ୍‌ଙ୍କ ବିଜୟକୁ ଆନୁଷ୍ଠାନିକ ସ୍ୱୀକୃତି ଦେବା ଲାଗି ସେଠାରେ ଆମେରିକା କଂଗ୍ରେସର ମିଳିତ ଅଧିବେଶନ ଚାଲିଥିବାବେଳେ ତାହାକୁ ବନ୍ଦ କରିବା ଲାଗି ଦଙ୍ଗାକାରୀମାନେ ଉଦ୍ୟମ କରିଥିଲେ। ସେମାନେ ବିଲ୍ଡିଂ ପରିସରରେ ଆତଙ୍କ ଖେଳାଇବା ସହ ହିଂସା ସୃଷ୍ଟି କରିଥିଲେ। ଗଣତନ୍ତ୍ରର ହୃଦୟ କୁହାଯାଉଥିବା କ୍ୟାପିଟଲ ହଲ୍‌ରେ ଏଭଳି ଦଙ୍ଗା ଓ ହିଂସାକୁ ବିଶ୍ୱନେତାମାନେ ନିନ୍ଦା କରିଛନ୍ତି।

ବୁଧବାର ଆମେରିକା ଗଣତନ୍ତ୍ରରେ ଏକ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା। ଦଙ୍ଗାକାରୀମାନେ କ୍ୟାପିଟଲ ବିଲ୍ଡିଂରେ ପଶି ୪ ଘଣ୍ଟା ଧରି ଆତଙ୍କ ଖେଳାଇଥିଲେ। ସେମାନେ କୁଆଡ଼େ ଗଲେ ବୋଲି ଦଙ୍ଗାକାରୀମାନେ ଚିତ୍କାର କଲାବେଳେ ଭୟରେ ଆମେରିକା କଂଗ୍ରେସ ସଦସ୍ୟ, କର୍ମଚାରୀ ଓ ଅନ୍ୟମାନେ ଟେବୁଲ୍ ତଳେ ଲୁଚିଥିଲେ। ଟ୍ରମ୍ପଙ୍କ ସମର୍ଥକମାନେ ସିନେଟ ପ୍ରିଜାଇଡିଂ ଅଫିସର, ହାଉସ୍ ସ୍ପିକରଙ୍କ ଆସନ ଏବଂ ସିନେଟ ଡାଇସ୍‌କୁ ଦଖଲ କରିନେଇଥିଲେ। ଟ୍ରମ୍ପ ନିର୍ବାଚନ ଜିତିଥିବା ଜଣେ ସମର୍ଥକ ଚିତ୍କାର କରି କହୁଥିଲେ। ସେମାନେ ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ କାର୍ଯ୍ୟାଳୟରେ ପଶି ସେଠାରେ ଥିବା ନେତାମାନଙ୍କ ଫଟୋକୁ ବ୍ୟଙ୍ଗ କରିଥିଲେ। ଜଣେ କେହି ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ଆସନରେ ବସିଥିଲେ। ପୋଲିସ ଗୁଳିରେ ଜଣେ ମହିଳା ପ୍ରାଣ ହରାଇଥିଲେ। ଗୁରୁତର ଅନ୍ୟ ୩ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। କ୍ୟାପିଟଲରେ ଦଙ୍ଗାକାରୀମାନେ ଟ୍ରମ୍ପ ପତାକା ଲଗାଇଥିଲେ। ଶେଷରେ ପୋଲିସକୁ ଲୁହବୁହା ବାଷ୍ପ ପ୍ରୟୋଗ କରିବାକୁ ପଡ଼ିଥିଲା।

କ୍ଷମତା ବଜାୟ ରଖିବାକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିଫଳ ପ୍ରୟାସ ବୁଧବାର ଶେଷ ହେବାକୁ ଯାଉଥିବାବେଳେ ଏଭଳି ବିସ୍ଫୋରକ ସ୍ଥିତି ଉପୁଜିଥିଲା। ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍‌ଙ୍କ ବିଜୟକୁ ଆନୁଷ୍ଠାନିକ ସ୍ୱୀକୃତି ଦେବା ଲାଗି ଆମେରିକା କଂଗ୍ରେସର ମିଳିତ ଅଧିବେଶନ ବସିଥିବାବେଳେ ପରାଜୟକୁ ଗ୍ରହଣ କରୁ ନ ଥିବା ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟଲ ହଲ୍‌ରେ ଧସେଇ ପଶି ଏଭଳି ଆତଙ୍କ ଖେଳାଇଥିଲେ। ପୋଲିସ ଦୁଇଟି ପାଇପ୍ ବୋମା ଉଦ୍ଧାର କରିଥିବା କହିଛି। ସଶସ୍ତ୍ର ସୁରକ୍ଷା ଅଧିକାରୀମାନେ ୫୨ ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟମାନଙ୍କୁ କ୍ୟାପିଟଲ ହଲ୍ ପରିସରରୁ ବାହାର କରିବା ପାଇଁ ପୋଲିସ ଫ୍ଲାସ୍-ବ୍ୟାଙ୍ଗ୍ ଓ ସ୍ୱତନ୍ତ୍ର ଗ୍ରେନେଡ୍‌ର ସହାୟତା ନେଇଥିଲା।

## ବିଶ୍ୱବ୍ୟାପୀ ପ୍ରତିକ୍ରିୟା

**ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟଲ୍ ବିଲ୍ଡିଂ ଭିତରକୁ ଧସେଇ ପ୍ରବେଶ କରିବା ଓ ହିଂସାତ୍ମକ ସ୍ଥିତି ସୃଷ୍ଟି କରିବା ପରେ ଏହି ଘଟଣାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି।**


“ୱାଶିଂଟନ୍ ଡିସିରେ ଯାହା ଘଟିଲା ତାହା ବିଶ୍ୱାସ କରିହେଉନାହିଁ। ଆମ ଗଣତନ୍ତ୍ରର ଶକ୍ତିକୁ ଆମେ ବିଶ୍ୱାସ କରୁ। ଆମେରିକା ଗଣତନ୍ତ୍ରରୁ ଆମେ ଶକ୍ତି ପାଇଥାଉ ବୋଲି ମାକ୍ରଁ କହିଛନ୍ତି।

**- ଇମାନୁଏଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି**


“କ୍ୟାପିଟଲ୍‌ରେ ଯେଉଁ ଉଗ୍ରକାଣ୍ଡ ଘଟିଲା ତାହା ଅପମାନଜନକ କାର୍ଯ୍ୟ। ତାହାକୁ ଜୋର୍‌ଦାର ନିନ୍ଦା କରାଯିବା ଦରକାର।

**- ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**


“ଆମେରିକାରେ ଯାହା ଘଟୁଛି, ତାହା ଭୁଲ୍। ଗଣତନ୍ତ୍ରରେ ଭୋଟ ଦେବା ଲାଗି ଲୋକଙ୍କୁ ଅଧିକାର ଦିଆଯାଇଛି। ସେମାନଙ୍କ ମତକୁ ସମ୍ମାନ ଦିଆଯିବା ଉଚିତ। କିନ୍ତୁ ଉଦ୍ଧତ୍ୟ ଜନତାଙ୍କ ଦ୍ୱାରା ଯାହା ଘଟାଗଲା, ତାହା ହେବା କଥା ନୁହେଁ।

**- ଜେସିଣ୍ଡା ଆର୍ଡେନ, ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ**


“ଗଣତନ୍ତ୍ରର ମୌଳିକ ନିୟମ ହେଉଛି, ନିର୍ବାଚନ ପରେ ବିଜେତା ଓ ପରାଜିତ ରହିବେ। ଉଭୟ ସେମାନଙ୍କ ଭୂମିକା ଅତି ଶାଳୀନତା ଓ ଦାୟିତ୍ୱପୂର୍ଣ୍ଣ ଭାବେ ସମ୍ପାଦନ କରିବା କଥା, ଯେଉଁଥିରେ ଗଣତନ୍ତ୍ର ହିଁ କେବଳ ବିଜେତା ବୋଲି ବିବେଚିତ ହେବା ଦରକାର।

**- ଆଞ୍ଜେଲା ମାର୍କେଲ, ଜର୍ମାନ ଚାନ୍ସେଲର**


“ଆମେରିକାରେ ଘଟିଥିବା ହିଂସା ନିନ୍ଦନୀୟ। ବେଆଇନ ବିକ୍ଷୋଭ କରି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଧ୍ୱଂସ କରାଯିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଟ୍ରମ୍ପଙ୍କଠାରୁ ବାଇଡେନ୍‌ଙ୍କ ହାତକୁ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର ହେବା ଆଶା କରାଯାଏ।

**- ନରେନ୍ଦ୍ର ମୋଦି, ଭାରତର ପ୍ରଧାନମନ୍ତ୍ରୀ**


“ଆମେରିକାରେ ଏଭଳି ଅପ୍ରତ୍ୟାଶିତ ଘଟଣାରେ ମୁଁ ମର୍ମାହତ। ରାଜନୈତିକ ନେତୃବୃନ୍ଦ ସେମାନଙ୍କ ଅନୁଗାମୀମାନଙ୍କୁ ହିଂସାରୁ ନିବୃତ୍ତ ହେବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ମାନ ଦେବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ।

**- ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ**


“ଆମେରିକା ହିଂସା ଅପମାନଜନକ। କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଶୃଙ୍ଖଳିତ ହେବା ଉଚିତ।

**- ବୋରିସ୍ ଜନସନ, ବ୍ରିଟେନ ପ୍ରଧାନମନ୍ତ୍ରୀ**


“ଆମେରିକା ଗଣତନ୍ତ୍ରର ଦକ୍ଷତା ଉପରେ ବିଶ୍ୱାସ ରହିଛି। ନୂଆ ରାଷ୍ଟ୍ରପତି ଜୋ ବାଇଡେନ ଦେଶବାସୀଙ୍କୁ ଏକତ୍ରିତ କରି ଏହି ଖରାପ ସମୟକୁ ଅତିକ୍ରମ କରିପାରିବେ।

**- ପେଡ୍ରୋ ସାନଚେଜ୍, ସ୍ପେନ ରାଷ୍ଟ୍ରପତି**


“କ୍ୟାପିଟଲରେ ହିଂସାକାଣ୍ଡ ଉଦ୍‌ବେଗଜନକ। ଏହା ଗଣତନ୍ତ୍ର ଉପରେ ଆକ୍ରମଣ।

**- ଷ୍ଟେଫାନ ଲୋଫଭେନ, ସ୍ୱିଡେନ ପ୍ରଧାନମନ୍ତ୍ରୀ**


“ଗଣତନ୍ତ୍ରରେ ଏଭଳି ଘଟଣା ନିନ୍ଦା ଦାୟକ। ଶାନ୍ତିପୂର୍ଣ୍ଣ ଉପାୟରେ କ୍ଷମତା ହସ୍ତାନ୍ତର ହେଉ।

**- ସ୍କଟ ମରିସନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

## ୨୦୦ ବର୍ଷରେ ପ୍ରଥମ

କ୍ୟାପିଟଲରେ ଏଭଳି ହିଂସା ଆମେରିକା ଇତିହାସରେ ୨ ଶହ ବର୍ଷରେ ପ୍ରଥମ ଘଟଣା। ୧୮୧୪ରେ ବ୍ରିଟିଶମାନେ କ୍ୟାପିଟଲ ଉପରେ ଆକ୍ରମଣ କରିବା ସହ ନିଆଁ ଲଗାଇ ଦେଇଥିଲେ। ୧୯୫୪ରେ ୪ଜଣ ଭିଜିଟର ଗ୍ୟାଲେରୀରେ ଅସ୍ତ୍ରଶସ୍ତ୍ର ଧରି ହାଉସ୍ ଚାମ୍ବରରେ ପଶିଥିଲେ। ପୁର୍ତ୍ତୋରିକା ଜାତୀୟତାବାଦୀ ଦଳର ଏହି ସଦସ୍ୟମାନେ ସ୍ୱାଧୀନତା ଦାବି କରି ସଦନ ମଧ୍ୟରେ ପଶିଯାଇ ଗୁଳି ଚାଳନା କରିଥିଲେ।


ଜଣେ ଦଙ୍ଗାକାରୀଙ୍କୁ ପୋଲିସ କାବୁ କରୁଛି।

## ୨୦ରେ କ୍ଷମତା ହସ୍ତାନ୍ତର କରିବେ ଟ୍ରମ୍ପ୍

**ୱାଶିଂଟନ, ୭।୧**

ଜୋ ବାଇଡେନ୍‌ଙ୍କୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଆମେରିକା କଂଗ୍ରେସ ଆନୁଷ୍ଠାନିକ ସ୍ୱୀକୃତି ଦେବା ପରେ ଆଗାମୀ ୨୦ତାରିଖରେ ତାଙ୍କୁ ସୁବ୍ୟବସ୍ଥିତ ଭାବେ କ୍ଷମତା ହସ୍ତାନ୍ତର କରିବେ ବୋଲି ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର କହିଛନ୍ତି। ଆମେରିକା କଂଗ୍ରେସର ମିଳିତ ଅଧିବେଶନରେ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ବାଇଡେନ୍ ଓ ଉପରାଷ୍ଟ୍ରପତି ଭାବେ କମଳା ହାରିସ୍‌ଙ୍କ ଇଲେକ୍ଟୋରାଲ କଲେଜ ବିଜୟକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଯଦିଓ ନିର୍ବାଚନ ଫଳାଫଳ ଉପରେ ସେ ଆଦୌ ସହମତ ନ ଥିଲେ, ଏବଂ ଏହା ତାଙ୍କର ସହିବା ବାହାରେ ଥିଲା, ତଥାପି ଜାନୁୟାରୀ ୨୦ରେ କ୍ଷମତା ହସ୍ତାନ୍ତର କରାଯିବ ବୋଲି ଟ୍ରମ୍ପ ଏକ ବିବୃତିରେ କହିଛନ୍ତି। ବାଇଡେନ୍‌ଙ୍କୁ ବିଜୟ ସାର୍ଟିଫିକେଟ ଉପରେ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଥିଲେ, ରାଷ୍ଟ୍ରପତିତ୍ୱ ଇତିହାସରେ ମହାନ ପ୍ରଥମ ପାଳିର ଶେଷକୁ ଏହା ସୂଚାଉଛି। ତେବେ ଆମେରିକାକୁ ପୁଣିଥରେ ମହାନ କରିବା ଲାଗି ଏହା କେବଳ ସଂଘର୍ଷର ଆରମ୍ଭ ବୋଲି ଟ୍ରମ୍ପ କହିଥିଲେ। ୭୮ ବର୍ଷୀୟ ବାଇଡେନ ଏବଂ ୫୬ ବର୍ଷୀୟା ହାରିସ୍ ଜାନୁୟାରୀ ୨୦ରେ ଯଥାକ୍ରମେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ତେବେ କୋଭିଡ୍-୧୯ ମହାମାରୀ ଯୋଗୁ ଏହି ଶପଥ ଗ୍ରହଣ ଉତ୍ସବ ନିରାଡ଼ମ୍ବର ଭାବେ ପାଳନ କରାଯିବ।


କ୍ୟାପିଟଲ୍ ବିଲ୍‌ଡିଂ ଭିତରେ ଭଙ୍ଗାରୁଜାର ଦୃଶ୍ୟ।


ଭୟରେ କର୍ମଚାରୀମାନେ ଗ୍ୟାଲେରିରେ ଲୁଚିଛନ୍ତି।

## ୧୫ ଦିନ ଜରୁରିକାଳୀନ ସ୍ଥିତି

କ୍ୟାପିଟଲ ହିଂସା ପରେ ୱାଶିଂଟନ ଡିସି ମେୟର ମୁରିଏଲ ବୋଉଜର ଆମେରିକାର ରାଜଧାନୀରେ ୧୫ ଦିନ ପର୍ଯ୍ୟନ୍ତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଜାନୁୟାରୀ ୨୦ରେ ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ ଶପଥ ନେବା ପର୍ଯ୍ୟନ୍ତ ଏହା ଜାରି ରହିବ। ଆନ୍ଦୋଳନକାରୀ ଉତ୍ତେଜନାବେଳେ ବନ୍ଧୁକ ସହ ରାସାୟନିକ ପଦାର୍ଥ, ଇଟା ଆଦି ଉପଯୋଗ କରିଛନ୍ତି। କ୍ୟାପିଟାଲର ସୁରକ୍ଷା ପ୍ରତି ବିପଦ, କ୍ୟାପିଟଲ ବାହାରେ ଦଙ୍ଗା ପରିସ୍ଥିତି, ଏଥିସହ ବାଇଡେନ ଶପଥ ନେବା ସମୟରେ ମଧ୍ୟ ଏଭଳି ଅସୁବିଧା ଉପୁଜିବା ଆଶଙ୍କା ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ମେୟର କହିଛନ୍ତି।

## ୟୁଏସ୍ କ୍ୟାପିଟଲ ଓ ହଂକଂ ବିକ୍ଷୋଭକୁ ତୁଳନା କଲା ଚାଇନା

ଆମେରିକାକୁ ବିଭିନ୍ନ କ୍ଷେତ୍ରରେ କଡ଼ା ମୁକାବିଲା କରୁଥିବା ଚାଇନା ଏବେ କ୍ୟାପିଟଲ ବିଲ୍ଡିଂରେ ଘଟିଥିବା ହିଂସାକାଣ୍ଡକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ହିଂସାକାଣ୍ଡକୁ ହଂ କଂ ବିକ୍ଷୋଭ ସହିତ ତୁଳନା କରି ଚାଇନା ପରିହାସ କରିଛି। ଆମେରିକା କ୍ୟାପିଟଲ ଭିତରକୁ ଯେଭଳି ଭାବେ ଟ୍ରମ୍ପ ସମର୍ଥକମାନେ ପଶିଗଲେ, ଗତବର୍ଷ ହଂ କଂ ଗଣତନ୍ତ୍ର ସପକ୍ଷବାଦୀମାନେ ଚାଇନା ଶାସିତ ଏହି ସହରର ବିଧାନସୌଧକୁ ଧସେଇ ପଶିଥିଲେ। ହେଲେ ହଂ କଂ ହିଂସାରେ କାହାର ପ୍ରାଣହାନି ଘଟି ନ ଥିଲା। ମାତ୍ର ଆମେରିକାରେ ୪ ଜଣଙ୍କ ମୃତ୍ୟୁ ଘଟିଯାଇଛି ବୋଲି ଚାଇନା ପକ୍ଷରୁ କୁହାଯାଇଛି। ଆମେରିକାରେ ଏଭଳି ହିଂସା ଘଟିଥିବାରୁ ଚାଇନା ସେହି ସମୟର ଦୃଶ୍ୟକୁ ତା'ର ସରକାରୀ ଟେଲିଭିଜନ୍‌ରେ ବାରମ୍ବାର ଦେଖାଉଥିବା ପରିଲକ୍ଷିତ ହୋଇଛି।

## ଟ୍ରମ୍ପଙ୍କ ଟୁଇଟର, ଫେସ୍‌ବୁକ୍ ବ୍ଲକ

ଆମେରିକାର କ୍ୟାପିଟଲରେ ହିଂସାକାଣ୍ଡ ପରେ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟୁଇଟର ଓ ଫେସ୍‌ବୁକ ଆକାଉଣ୍ଟକୁ ବ୍ଲକ କରିଦିଆଯାଇଛି। ଟୁଇଟର ଟ୍ରମ୍ପଙ୍କ ଆକାଉଣ୍ଟକୁ ୧୨ ଘଣ୍ଟା ପାଇଁ ସସ୍‌ପେଣ୍ଡ କରିବା ସହ ତାଙ୍କ କେତେକ ଟୁଇଟ୍ ଓ ସମର୍ଥକଙ୍କ ଉଦ୍ଦେଶ୍ୟରେ ପୋଷ୍ଟ କରିଥିବା ଭିଡିଓକୁ ହଟାଇଦେଇଛି। ଯଦି ଟ୍ରମ୍ପ ପୁର୍ନବାର ଏହାର ନୀତି ଉଲ୍ଲଂଘନ କରନ୍ତି ତେବେ ତାଙ୍କ ଆକାଉଣ୍ଟକୁ ସ୍ଥାୟୀ ଭାବେ ବନ୍ଦ କରିଦିଆଯିବ ବୋଲି ଟୁଇଟର ପକ୍ଷରୁ କୁହାଯାଇଛି। ସେହିପରି ୨ଟି ପଲିସି ଉଲ୍ଲଂଘନ କରିଥିବା ଯୋଗୁ ଫେସବୁକ୍ ୨୪ ଘଣ୍ଟା ପାଇଁ ଟ୍ରମ୍ପଙ୍କ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଇଛି। ୟୁଟ୍ୟୁବ ମଧ୍ୟ ତାଙ୍କର କେତେକ ଭିଡିଓକୁ ନିଜ ସାଇଟରୁ ହଟାଇଦେଇଛି। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ନିର୍ବାଚନବେଳେ ମଧ୍ୟ ଟୁଇଟର ଟ୍ରମ୍ପଙ୍କ ଟୁଇଟ ଉପରେ ରୋକ ଲଗାଇଥିଲା।


ଗ୍ୟାସ୍ ମାସ୍କ ପିନ୍ଧିଥିବା ଟ୍ରମ୍ପଙ୍କ ଜଣେ ସମର୍ଥକ।

## ନିର୍ବାଚନ ଆରମ୍ଭରୁ ବିବାଦ

**ୱାଶିଂଟନ, ୭।୧**

୨୦୨୦ ନଭେମ୍ବର ୩ରେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ଲାଗି ଭୋଟ ହୋଇଥିଲା। ଡେମୋକ୍ରାଟିକ୍ ପ୍ରାର୍ଥୀ ତଥା ପୂର୍ବତନ ଉପରାଷ୍ଟ୍ରପତି ଜୋ ବାଇଡେନ୍ ନିର୍ବାଚନରେ ୩୦୬ ଇଲେକ୍ଟୋରାଲ କଲେଜ ଭୋଟ ପାଇ ବିଜୟୀ ହୋଇଥିବାବେଳେ ରିପବ୍ଲିକାନ ପ୍ରାର୍ଥୀ ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨୩୨ ଭୋଟ ମିଳିଥିଲା। ୧୯୯୨ରେ ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ୍‌ଙ୍କ ପରେ ଟ୍ରମ୍ପ ପ୍ରଥମ ରାଷ୍ଟ୍ରପତି ଯିଏକି ଦ୍ୱିତୀୟ ପାଳି ପାଇଁ ଲଢ଼େଇରେ ହାରିଯାଇଥିଲେ। ହେଲେ ସେ ନିର୍ବାଚନ ପରାଜୟକୁ ଗ୍ରହଣ କରି ନ ଥିଲେ।




ଭୋଟଗ୍ରହଣ ପ୍ରକ୍ରିୟାରେ ଜାଲିଆତି ହୋଇଥିବା ସେ ନିର୍ବାଚନ ଦିନଠାରୁ ଅଭିଯୋଗ କରିଆସୁଥିଲେ। ତେବେ ଦୁର୍ନୀତି ନେଇ ତାଙ୍କ ପାଖରେ କୌଣସି ପ୍ରମାଣ ନ ଥିଲା। ଫଳାଫଳ ପ୍ରକାଶ ପାଇବା ପରେ ସେ ଏହାକୁ ବିଭିନ୍ନ ଅଦାଲତରେ ଚ୍ୟାଲେଞ୍ଜ କରି ବିଫଳ ହୋଇଥିଲେ।

କରୋନା ମହାମାରୀ ଯୋଗୁ ରେକର୍ଡ ସଂଖ୍ୟାରେ ମେଲ୍ ଭୋଟ ଆସିଥିଲା, ଫଳରେ ଫଳାଫଳ ପ୍ରକାଶ ପାଇବାରେ ବିଳମ୍ବ ହୋଇଥିଲା। ଫଳାଫଳକୁ ବଦଳାଇବାକୁ ଟ୍ରମ୍ପ ଓ କେତେଜଣ ରିପବ୍ଲିକାନ ସଦସ୍ୟ ଉଦ୍ୟମ କରିଥିଲେ। ଝୁଲା ରାଜ୍ୟଗୁଡ଼ିକରେ ଭୋଟଦାନରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ସେମାନେ ମିଛ ଅଭିଯୋଗ ଆଣିଥିଲେ। ତେବେ ଆଟର୍ନି ଜେନେରାଲ ୱିଲିୟମ ବାର ଏବଂ ୫୦ ରାଜ୍ୟର ଅଧିକାରୀମାନେ ଜାଲିଆତି ଓ ଅନିୟମିତତାର କୌଣସି ପ୍ରମାଣ ପାଇ ନ ଥିଲେ। ଏହା ସତ୍ତ୍ୱେ ଟ୍ରମ୍ପ ଓ ତାଙ୍କ ସମର୍ଥକମାନେ ଫଳାଫଳ ବଦଳାଇବା ଉଦ୍ୟମ ଜାରି ରଖିଥିଲେ। ବିଭିନ୍ନ ରାଜ୍ୟରେ ସେମାନେ ଫଳାଫଳକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଏର କରିଥିଲେ। ଏପରିକି ଟ୍ରମ୍ପ କ୍ଷମତା ହସ୍ତାନ୍ତର କରିବେ ନାହିଁ ବୋଲି କହିଥିଲେ। ଫଳରେ ଟ୍ରମ୍ପ ବିଦ୍ରୋହ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଡିସେମ୍ବର ୧୪ରେ ନିର୍ବାଚକମାନେ ଆନୁଷ୍ଠାନିକ ଭାବେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ପଦ ପାଇଁ ଭୋଟ ଦେଇଥିଲେ ଓ ଜାନୁୟାରୀ ୬ରେ ସେଗୁଡ଼ିକର ଗଣନା ପାଇଁ କଂଗ୍ରେସର ମିଳିତ ଅଧିବେଶନ ବସିଥିଲା। ଏହାକୁ ଭଣ୍ଡୁର କରିବା ଲାଗି ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟଲ ବିଲ୍ଡିଂରେ ପ୍ରବେଶ କରି ହିଂସା ଘଟାଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୭୯,୭୨,୫୯୫ | ୧୮,୯୭,୬୮୭ | ୬,୩୩,୩୭,୬୦୭ |
| ଭାରତ | ୧,୦୪,୦୫,୦୯୭ | ୧,୫୦,୪୭୦ | ୧୦,୦୨,୭୫୧ |
| ଓଡ଼ିଶା | ୩,୩୧,୧୫୧ | ୧୮୮୮(+୫୩) | ୩,୨୭,୨୯୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ନାଲ୍‌କୋ ନିବେଶ କରିବ ୩୦ ହଜାର କୋଟି

**ସମ୍ପ୍ରସାରଣ ଯୋଜନା**

**କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀଙ୍କ ସୂଚନା**

ନୂଆଦିଲ୍ଲୀ/ଭୁବନେଶ୍ୱର,୭।୧

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ) ୨୦୨୭-୨୮ ଆର୍ଥିକ ବର୍ଷ ସୁଦ୍ଧା ସମ୍ପ୍ରସାରଣ ଯୋଜନା ଅଧୀନରେ ପ୍ରାୟ ୩୦ ହଜାର କୋଟି ଟଙ୍କା ନିବେଶ କରିବ। ଭୁବନେଶ୍ୱରରେ କମ୍ପାନୀର ୪୧ତମ ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଗୁରୁବାର ଏହି ସୂଚନା ଦେଇଛନ୍ତି। ପ୍ରସ୍ତାବିତ ପୁଞ୍ଜି ଯୋଗାଣ ଉପରେ ମତ ରଖି ସେ କହିଛନ୍ତି, ୩୦ ହଜାର କୋଟି ଟଙ୍କା ମଧ୍ୟରୁ ପ୍ରାୟ ୭ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପଞ୍ଚମ ଷ୍ଟ୍ରିମ୍ ରିଫାଇନେରି, ପଟ୍ଟାଙ୍ଗୀ ବକ୍ସାଇଟ ଖଣିର ବିକାଶ, ସାଉଥ ବ୍ଲକ୍, ଉତ୍କଳ ଡି ଏବଂ ଇ କୋଇଲା ବ୍ଲକ୍‌ରୁ କୋଇଲା ଉତ୍ତୋଳନ ଏବଂ ପରିବହନ କାର୍ଯ୍ୟ ଲାଗି ଖର୍ଚ୍ଚ କରାଯିବ। ସେହିଭଳି ଅବଶିଷ୍ଟ ୨୨ ହଜାର କୋଟି ସ୍ମେଲ୍‌ଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟର ସମ୍ପ୍ରସାରଣ ଲାଗି ବିନିଯୋଗ ହେବ। ଉକ୍ତ ଯୋଜନାରେ ଅନୁଗୋଳ ସ୍ମେଲ୍‌ଟର ପ୍ଲାଣ୍ଟକୁ ମଧ୍ୟ ସାମିଲ କରାଯାଇଛି। ଏଥିରେ ୧୪୦୦ ମେଗାୱାଟ ଶକ୍ତିସମ୍ପନ୍ନ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ନିର୍ମାଣ ସହ ଏହାର ଫିଡର ବ୍ୟବସ୍ଥା ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜୋଷୀ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ଦିଗରେ ନାଲ୍‌କୋ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ। ଖଣିଜ ସମ୍ପଦ ଭରା ଓଡ଼ିଶାକୁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ଖଣିଜ ଉତ୍ତୋଳନ ଏବଂ ପରିବହନ ଯେଭଳି ବ୍ୟାହତ ନ ହୁଏ ତାକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ଏହାବାଦ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର କେତେକ ଆଇନକୁ ସଂଶୋଧନ କରିବେ। ଫଳରେ ଖଣିଜ ପଦାର୍ଥ ଉତ୍ତୋଳନ ସୁନିଶ୍ଚିତ ହୋଇପାରିବ ବୋଲି ସେ ମତ ରଖିଛନ୍ତି। ସେହିଭଳି ଖଣିଗୁଡିକର ନିଲାମ ଉପରେ ଉପରଠାଉରିଆ ନିଲାମକାରୀ ଯେଭଳି ଅଂଶଗ୍ରହଣ ନ କରିବେ ସେ ନେଇ ମଧ୍ୟ ପଦକ୍ଷେପ ନିଆଯିବ। ଓଡ଼ିଶାରେ ସ୍ୱତନ୍ତ୍ର ଭାବେ ଲୁହାପଥର ଉତ୍ତୋଳନକୁ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ନିଆଯାଉଛି। ୨ଟି ଖଣିକୁ ଓଡ଼ିଶା ଖଣିଜ ନିଗମକୁ ଦେବା ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାବାଦ ଆଉ ଏକ ଖଣି ଦେବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ଜୋଷୀ କହିଛନ୍ତି, ଓଡ଼ିଶାରେ ମିନେରାଲ ବ୍ଲକ୍ ବା ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଏ କ୍ଷେତ୍ରରେ କେତେକ ନିୟମ ପରିବର୍ତ୍ତନ କରିବାକୁ ଚିନ୍ତା କରାଯାଇଛି। ୨୦୨୦ରେ ଜାରି ହୋଇଥିବା ଅଧ୍ୟାଦେଶ ଅନୁସାରେ ରାଜ୍ୟ ସରକାର ନିଜ ରାଜ୍ୟରେ ରହିଥିବା ଖଣିଗୁଡିକର ନିଲାମ ପାଇଁ ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ଫଳରେ ଲିଜ୍ ଅବଧି ଶେଷ ହେବା ଆଗରୁ ନୂଆ ଲିଜ୍‌ଧାରୀଙ୍କ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିବ। ଓଡ଼ିଶା ସରକାରଙ୍କ ସହଯୋଗରେ ନାଲ୍‌କୋ ଅନୁଗୋଳଠାରେ ଏକ ବିଶ୍ୱସ୍ତରୀୟ ଆଲୁମିନିୟମ ପାର୍କ ସ୍ଥାପନ କରୁଛି। ଛୋଟ ଛୋଟ ଉଦ୍ୟୋଗକୁ ଉତ୍ସାହିତ କରିବା ଲାଗି ଏହି ପାର୍କ ସ୍ଥାପନ କରାଯାଇଛି। ଏହାଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସ୍ଥାନୀୟ ଉଦ୍ୟୋଗ ଲାଭବାନ୍ ହୋଇପାରିବେ ବୋଲି ଜୋଷୀ ସ୍ପଷ୍ଟ କରିଛନ୍ତି।




# ଜୁଲାଇ ୩ରେ ଜେଇଇ ଆଡ୍‌ଭାନ୍ସ

ଭୁବନେଶ୍ୱର,୭।୧(ବ୍ୟୁରୋ)

ଆଇଆଇଟି ସମେତ ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା ଲାଗି ସର୍ବଭାରତୀୟସ୍ତରୀୟ ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଆସନ୍ତା ଜୁଲାଇ ୩ରେ ଅନୁଷ୍ଠିତ ହେବ। ଚଳିତବର୍ଷ ଆଇଆଇଟି ଖଡ଼ଗପୁର ଏହି ପରୀକ୍ଷା ଆୟୋଜନ କରିବ। ଏନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ୍ ନିଶଙ୍କ ଗୁରୁବାର ଏକ ଲାଇଭ୍ ଇଣ୍ଟରାକ୍ସନ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଗତବର୍ଷଭଳି ଏଥର ମଧ୍ୟ ଦ୍ୱାଦଶ ଶ୍ରେଣୀରେ ୭୫ ପ୍ରତିଶତ ଯୋଗ୍ୟତା ମାନଦଣ୍ଡକୁ ହଟାଇ ଦିଆଯାଇଛି। ତେବେ ଛାତ୍ରୀଛାତ୍ରମାନେ ଦ୍ୱାଦଶ ବୋର୍ଡ ପରୀକ୍ଷା ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ବୋଲି ସେ କହିଛନ୍ତି। ନିୟମ ଅନୁଯାୟୀ, ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଦେବାଲାଗି ଛାତ୍ରୀଛାତ୍ରମାନେ ସେହିବର୍ଷର ଜେଇଇ ମେନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ରହିଥାଏ। ମାତ୍ର ଚଳିତବର୍ଷ କୋଭିଡ୍ ମହାମାରୀ ଯୋଗୁ ଏଥିରେ କୋହଳ କରାଯାଇଛି। ଯେଉଁ ଛାତ୍ରୀଛାତ୍ରମାନେ ୨୦୨୦ରେ ଜେଇଇ ମେନ୍ ଉତ୍ତୀର୍ଣ୍ଣ ହୋଇଥିବେ ସେମାନେ ଜେଇଇ ଆଡ୍‌ଭାନ୍ସଡ୍ ୨୦୨୧ ଦେଇପାରିବେ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ଦେଶର ଶୀର୍ଷ ତଥା ମହତ୍ୱପୂର୍ଣ୍ଣ ପରୀକ୍ଷା। ମାତ୍ର ୬ ମାସ ସମୟ ଥିବାରୁ ଛାତ୍ରୀଛାତ୍ର ପରୀକ୍ଷା ଲାଗି ଭଲ ଭାବେ ପ୍ରସ୍ତୁତ ହୋଇପାରିବେ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର କୋଇଲା ମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଭେଟୁଛନ୍ତି।

ଭୁବନେଶ୍ୱର,୭।୧(ବ୍ୟୁରୋ)

ନବରତ୍ନ କମ୍ପାନୀ ନାଲ୍‌କୋର ୪୧ତମ ପ୍ରତିଷ୍ଠା ଦିବସରେ ଯୋଗଦେବାକୁ ଓଡିଶା ଆସିଥିବା କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଉଭୟ ରାଜ୍ୟର ଖଣି ନିଲାମକୁ ନେଇ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଆଲୋଚନା କରିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଓଡିଶା ଖଣି ନିଗମପାଇଁ ୩ଟି ଲୁହାପଥର ଖଣିକୁ ସଂରକ୍ଷିତ ରଖିବା ଲାଗି କେନ୍ଦ୍ର ସରକାର ଅନୁମତି ଦେଇଥିବା ନେଇ ଜୋଷୀ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏହି ୩ ଖଣି ମଧ୍ୟରୁ ୨ଟି ଓଏମସି ଓ ଅନ୍ୟଟି ଓଏମଇସି ପାଇଁ ସଂରକ୍ଷିତ ରହିବ। ପୂର୍ବରୁ ରାଜ୍ୟର ୩ଟି ଖଣିକୁ ଓଏମସି ପାଇଁ ସଂରକ୍ଷିତ ରଖିବାକୁ ଓଡିଶା ଦାବି କରିଥିଲା। ଏହାବ୍ୟତୀତ ରାଜ୍ୟରେ କୋଇଲା ଖଣି ଓ ଅନ୍ୟାନ୍ୟ ଖଣିର ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ରମନ୍ତ୍ରୀ ଜୋଷୀ ପରାମର୍ଶ ଦେଇଥିବା ଶୁଣିବାକୁ ମିଳିଛି। ଏହାସହ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଓଡିଶାର ଆଉ କେତେଗୁଡିଏ ଦାବି ରଖାଯାଇଥିବା ସୂଚନା ମିଳିଛି। ଏହାସହ ସେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକଙ୍କୁ ମଧ୍ୟ ଭେଟିଥିବା ଜଣାପଡିଛି।

# ସଂରକ୍ଷଣ ପାଇଁ ପ୍ୟାନେଲ

**ମେଡିକାଲ, ଇଞ୍ଜିନିୟରିଂ ପଢ଼ାରେ କୋଟା**

ଭୁବନେଶ୍ୱର, ୭।୧(ବ୍ୟୁରୋ)

ସରକାରୀ ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଇଞ୍ଜିନିୟରିଂ ଏବଂ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ସ୍ଥାନ ସଂରକ୍ଷଣ ସକାଶେ ଗୁରୁବାର ଏ ନେଇ ରାଜ୍ୟ ସରକାର ଏକ ହାଇ ପାୱାର କମିଟି ଗଠନ କରିଛନ୍ତି। ଏହି କମିଟି ରାଜ୍ୟରେ ଇଞ୍ଜିନିୟରିଂ ଓ ମେଡିକାଲ କଲେଜରେ କେତେ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିବ ସେ ନେଇ ସରକାରଙ୍କୁ ସୁପାରିସ କରିବ।

ଓଡ଼ିଶା ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ଏ.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି। କମିଟିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଶୋକ କୁମାର ଦାସ ସଦସ୍ୟ ଅଛନ୍ତି। ସେହିପରି ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ସି.ବି.କେ. ମହାନ୍ତି, ଉଚ୍ଚ ଶିକ୍ଷା ପରିଷଦ ଅଧ୍ୟକ୍ଷ ବି.ଏସ. ପୁନିଆ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଜି. ରେଘୁ କମିଟିର ସଦସ୍ୟ ଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଯୁଗ୍ମ ସଚିବ ଏ.କେ. ନାୟକଙ୍କୁ ମେମ୍ବର କନ୍‌ଭେନର ଭାବେ ମନୋନୀତ କରାଯାଇଛି।

ସୂଚନାଯୋଗ୍ୟ, ସରକାରୀ ହାଇସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ ପାଠପଢ଼ା ପାଇଁ ପ୍ରୋତ୍ସାହିତ କରିବା ଲାଗି ସଂରକ୍ଷଣ ବ୍ୟବସ୍ଥା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିବା ପରେ ୨୦୨୦ ଡିସେମ୍ବର ୧୨ରେ ରାଜ୍ୟ କ୍ୟାବିନେଟ୍‌ରେ ଏହାକୁ ଅନୁମୋଦନ କରାଯାଇଛି। ସରକାରୀ ସ୍କୁଲରେ ବେଳକୁବେଳ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଗୁଣାତ୍ମକ ଶିକ୍ଷା ମିଳୁ ନ ଥିବାରୁ ଏହି ସ୍କୁଲରୁ ଅଭିଭାବକମାନେ ମୁହଁ ଫେରାଇ ନେଉଛନ୍ତି। ଏଠାରେ ପାଠ ପଢୁଥିବା ଛାତ୍ରୀଛାତ୍ର ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ମଧ୍ୟ ଆଶାନୁରୂପ ସଫଳତା ପାଇ ପାରୁନାହାନ୍ତି। ଏହି ସ୍କୁଲଗୁଡ଼ିକରେ ପାଠ ପଢୁଥିବା ମେଧାବୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଅସମତାକୁ ଦୂର କରିବା ଲାଗି ଡାକ୍ତରୀ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିବ। ଏହି ସଙ୍କଳ୍ପ କ୍ୟାବିନେଟ୍‌ରେ ପାରିତ ହେବା ପରେ ଏହାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିବାକୁ ଘୋଷଣା କରାଯାଇଥିଲା। ଏହି କମିଟି ୩ ମାସ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। କମିଟିର ସୁପାରିସକୁ ଆଗାମୀ ଶିକ୍ଷାବର୍ଷ ଠାରୁ କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

# ସାପ କାମୁଡ଼ାରେ ଜଣେ ମୃତ

ଚଣ୍ଡିଖୋଲ,୭।୧(ଡି.ଏନ.ଏ.)

ବଡ଼ଚଣା ଥାନା ଦେଉଳକୂଦ ଗ୍ରାମରେ ବୁଧବାର ରାତିରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପ୍ରତାପ ପ୍ରଧାନ(୫୪)। ଶୌଚ ହେବା ପାଇଁ ପ୍ରତାପ ଘରପାଖ ପୋଖରୀକୁ ଯାଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବଡ଼ଚଣା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ପିଜି ନାମଲେଖା ପାଇଁ ସ୍ପଟ୍ ଆଡ୍‌ମିଶନ

- ୯ରେ ସିଏଏଫ୍ ଦାଖଲ, ୨୧ ଓ ୨୨ରେ ନାମଲେଖା
- ସିଟ୍ ଖାଲି ପଡ଼ିଲେ ୩୧ ମଧ୍ୟରେ ଅନ୍ୟମାନଙ୍କୁ ସୁଯୋଗ

ଭୁବନେଶ୍ୱର, ୭।୧(ବ୍ୟୁରୋ)

ରାଜ୍ୟରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲିଥିବା ପିଜି ତଥା ସ୍ନାତକୋତ୍ତର ସିଟ୍ ପୂରଣ ଲାଗି ସ୍ପଟ୍ ଆଡ୍‌ମିଶନ ହେବ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟାରେ ନାମ ଲେଖାଇ ପାରି ନ ଥିବା ଛାତ୍ରୀଛାତ୍ର ସ୍ପଟ୍ ନାମଲେଖା ପାଇଁ ଆବେଦନ କରିପାରିବେ। ସେହିଭଳି ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି) ଦେଇଥିଲେ ମଧ୍ୟ କୌଣସି ପର୍ଯ୍ୟାୟରେ ଚୟନ ହୋଇ ନ ଥିବା କିମ୍ବା ପ୍ରବେଶିକା ପରୀକ୍ଷା ଦେଇ କୌଣସି କାରଣ ଲାଗି ସ୍ନାତକ ମାର୍କ ଅପ୍‌ଲୋଡ୍ କରି ନ ଥିବା ଛାତ୍ରୀଛାତ୍ର ମଧ୍ୟ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ତେବେ ସ୍ପଟ୍ ନାମଲେଖା ଲାଗି ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୧ଟାରୁ ୧୨ ତାରିଖ ଅପରାହ୍ନ ୨ଟା ମଧ୍ୟରେ ଛାତ୍ରୀଛାତ୍ର କମନ୍ ଆପ୍ଲିକେଶନ ଫର୍ମ(ସିଏଏଫ୍) ଦାଖଲ କରିବାକୁ କୁହାଯାଇଛି। ୧୫ ତାରିଖ ପୂର୍ବାହ୍ନ ୧୧ଟାରେ ମେଧା ତାଲିକା ପ୍ରକାଶ ପାଇବ ଏବଂ ଜାନୁୟାରୀ ୧୬, ୧୮, ୧୯ ଓ ୨୦ ତାରିଖରେ ମନୋନୀତ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ/କଲେଜରେ ରିପୋର୍ଟିଂ କରିପାରିବେ। ୨୧ ଓ ୨୨ ତାରିଖରେ ଡକ୍ୟୁମେଣ୍ଟ ଯାଞ୍ଚ, ଫି' ଦାଖଲ ଓ ନାମଲେଖା ଅନୁଷ୍ଠିତ ହେବ। ୨୩ ତାରିଖ ଅପରାହ୍ନ ୫ଟାରେ ସାମ୍ସ ପୋର୍ଟାଲରେ ଡାଟା ଅପ୍‌ଡେଶନ ହେବ। ଏହାପରେ ସିଟ୍ ଖାଲି ରହିଲେ ରିପୋର୍ଟିଂରେ ସାମିଲ ହୋଇଥିବା ଅନ୍ୟ ଛାତ୍ରୀଛାତ୍ରଙ୍କ ନାମଲେଖା ଜାନୁୟାରୀ ୩୧ ମଧ୍ୟରେ କରାଯାଇପାରିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

ଯୋଗ୍ୟତାଭିତ୍ତିରେ କ୍ୟାରିଅର ମାର୍କ ସହ ସିପିଇଟି ମାର୍କ ଆଧାରରେ ଛାତ୍ରୀଛାତ୍ର ଚୟନ କରାଯିବ। ସ୍ପଟ୍ ନାମଲେଖା ଲାଗି କୌଣସି ସ୍ଲାଇଡ୍ ଅପ୍ ବିକଳ୍ପ ରହିବ ନାହିଁ। ବିଷୟ ଅନୁଯାୟୀ ଖାଲିଥିବା ପଦବୀର ତିନିଗୁଣା ମେଧାବୀ ତାଲିକା ପ୍ରସ୍ତୁତ ଓ ପ୍ରକାଶିତ ହେବ। ପ୍ରାର୍ଥୀଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅବଗତ କରାଯିବ। ସେମାନେ ଷ୍ଟୁଡେଣ୍ଟ ଲଗ୍‌ଇନ୍ ମାଧ୍ୟମରେ ବି ଜାଣିପାରିବେ। ଆବଶ୍ୟକ ସଂଖ୍ୟକ ସଂରକ୍ଷଣ ବ୍ୟବସ୍ଥା ଲାଗୁହେବ। ରିପୋର୍ଟ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯଦି ଆବଶ୍ୟକତା ଅନୁଯାୟୀ ସଂରକ୍ଷଣ ବର୍ଗର ପ୍ରାର୍ଥୀ ଉପଲବ୍ଧ ନ ଥିବେ ସେ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ସେମାନଙ୍କ ସ୍ତରରେ ସିଟ୍ ସଂରକ୍ଷଣ ବ୍ୟବସ୍ଥାକୁ ହଟାଇପାରିବେ ଓ ଚୂଡ଼ାନ୍ତ ତାଲିକା ପ୍ରକାଶ କରିବେ। ମନୋନୀତ ଛାତ୍ରୀଛାତ୍ର ନିର୍ଦ୍ଧାରିତ ତାରିଖ ଅନୁଯାୟୀ ରିପୋର୍ଟ କରିବେ। ଯଦି ଜଣେ ପ୍ରାର୍ଥୀ ଏକାଧିକ ଶିକ୍ଷାନୁଷ୍ଠାନ ଓ ବିଷୟବସ୍ତୁରେ ମନୋନୀତ ହୁଅନ୍ତି, ତେବେ ସେ ଗୋଟିଏ ଶିକ୍ଷାନୁଷ୍ଠାନ ଓ ବିଷୟକୁ ଚୂଡ଼ାନ୍ତ କରିବେ। ନାମଲେଖାର ୭ ଦିନ ମଧ୍ୟରେ ସ୍କୁଏଲ୍‌ସି ଓ ସିଏଲ୍‌ସି ଦାଖଲ କରିବେ। ଏହା ପରିବର୍ତ୍ତେ ମାଇଗ୍ରେଶନ ସାର୍ଟିଫିକେଟ୍ ମଧ୍ୟ ଗ୍ରହଣ କରାଯିବ ବୋଲି କୁହାଯାଇଛି।

# ୭.୭% ଖସିଯିବ ଜିଡିପି

**୧୯୫୨ ପରେ ସବୁଠୁ ବଡ଼ ହ୍ରାସ**

ନୂଆଦିଲ୍ଲୀ,୭।୧

କରୋନା ମହାମାରୀ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ସଙ୍କଟ ସ୍ଥିତି ଦେଇ ଗତି କରୁଛି। ମହାମାରୀକୁ ରୋକିବା ଲାଗି ସାରା ଦେଶରେ ଲାଗୁ ହୋଇଥିବା ଲକ୍‌ଡାଉନ କାରଣରୁ ଅର୍ଥ ବ୍ୟବସ୍ଥାକୁ ଜୋର୍‌ଦାର ଝଟକା ଲାଗିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ୨୩.୯% ଏବଂ ଦ୍ୱିତୀୟ



ତ୍ରୈମାସରେ ୭.୫% ଖସିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଡିପି ୭.୭% ଖସିଯିବ ବୋଲି ଆକଳନ କରାଯାଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଅନୁମାନ କରାଯାଇଛି। ଏହା ୧୯୫୨ ପରଠାରୁ ସବୁଠୁ ବଡ଼ ଧରଣର ହ୍ରାସ ବୋଲି କୁହାଯାଉଛି।

ଜିଡିପି ୭.୫% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ଏହାର ଆକଳନରେ କହିଥିଲା। ହେଲେ ପରିସଂଖ୍ୟାନ ମନ୍ତ୍ରଣାଳୟର ଆକଳନ ଠିକ୍ ରହିଲେ ଜିଡିପି ଆହୁରି ପ୍ରଭାବିତ ହେବ। କାରଣ ରିଜର୍ଭ ବ୍ୟାଙ୍କ ଆକଳନଠାରୁ ଏହା ବଡ଼ ଧରଣର ହ୍ରାସ। ବ୍ଲୁମ୍‌ବର୍ଗ ଅର୍ଥନୀତିଜ୍ଞଙ୍କ ପକ୍ଷରୁ ହୋଇଥିବା ସର୍ଭେରେ କୁହାଯାଇଥିଲା ଯେ, ଜିଡିପି ୭.୫% ଖସିବ। ଗୁରୁବାର ରିପୋର୍ଟ ପ୍ରକାଶ ପାଇବା ପରେ ଟଙ୍କା ମୂଲ୍ୟରେ ୦.୩% ହ୍ରାସ ଦେଖାଯାଇଛି। ସରକାର ଲକ୍‌ଡାଉନକୁ କଡ଼ାକଡ଼ି କରିଥିଲେ ମଧ୍ୟ କରୋନା ମାମଲାରେ ଭାରତ ବିଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ପୁଣି ଥରେ ଟ୍ରାକ୍‌କୁ ଫେରିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

ବର୍ତ୍ତମାନ ଭାରତ ଟେକ୍ନିକାଲ ରିସେଶନ ଦେଇ ଗତି କରୁଛି। ସରକାରଙ୍କ ଆର୍ଥିକ ଏବଂ ବିତ୍ତୀୟ ପଦକ୍ଷେପ ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ସହାୟକ ହେଉଛି। ବିଶ୍ୱ ବଜାରର ଚାହିଦା ଏବଂ ଭାକ୍ସିନ ଆସିବାକୁ ଥିବା ବେଳେ ଏହା ବଜାର ଲାଗି ସକାରାତ୍ମକ ସ୍ଥିତି ସୃଷ୍ଟି କରିବ ବୋଲି ନୋମୋରା ହୋଲ୍‌ଡିଂର ଅର୍ଥନୀତିଜ୍ଞ ସୋନାଲ ବର୍ମା ଏବଂ ଅରୋଦୀପ ନନ୍ଦୀ କହିଛନ୍ତି। ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସାଧାରଣ ବଜେଟ ଉପସ୍ଥାପନ କରିବେ। ଅର୍ଥ ବ୍ୟବସ୍ଥାକୁ ସହାୟକ ହେଲା ଭଳି ପଦକ୍ଷେପ ଆସୁଛି କି ନାହିଁ ଦେଖିବାକୁ ବାକି ରହିଲା।

# ୯ରେ ସ୍ୱଚ୍ଛ ବିନ୍ଦୁସାଗର ପ୍ରକଳ୍ପର ଶୁଭାରମ୍ଭ

**ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ**

ଭୁବନେଶ୍ୱର, ୭।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ଶନିବାର ଭୁବନେଶ୍ୱର ଏକାମ୍ର କ୍ଷେତ୍ରରେ ସ୍ୱଚ୍ଛ ବିନ୍ଦୁ ସାଗର ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହି ପ୍ରକଳ୍ପ ପାଇଁ ଇଣ୍ଡିଆନ ଅଏଲ୍‌ର ସିଏସ୍‌ଆର୍ ପାଣ୍ଠିରୁ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିନ୍ଦୁସାଗର ସଫେଇ କାର୍ଯ୍ୟ କରାଯିବ ବୋଲି ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି)ର ନିର୍ଦ୍ଦେଶକ ପ୍ରଫେସର ଭାସ୍କର ଏନ୍ ଥୋରାଟ୍ କହିଛନ୍ତି। ସେ କହିଛନ୍ତ, ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି)-ଇଣ୍ଡିଆନ ଅଏଲ(ଆଇଓସି) କ୍ୟାମ୍ପସ ଭୁବନେଶ୍ୱର ଏବଂ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକଶନ କର୍ପୋରେଶନ(ଓବିସିସି)ର ମିଳିତ ଉଦ୍ୟମରେ ବହୁ ପ୍ରତୀକ୍ଷିତ ବିନ୍ଦୁସାଗର ପୁନରୁଦ୍ଧାର କାମ କରାଯିବ । ଏହି ଅନୁଷ୍ଠାନର ତତ୍ତ୍ୱାବଧାନରେ



ବୈଷୟିକ ଜ୍ଞାନକୌଶଳରେ ବିନ୍ଦୁସାଗରରେ ବିଶେଷ ଯନ୍ତ୍ରପାତି ଲାଗିବ। ଏଚ୍‌ଡିସି ରିଆକ୍ଟର ସହ ୪ଟି ପମ୍ପିଂ ସିଷ୍ଟମ ବିନ୍ଦୁସାଗର ଚତୁର୍ଦ୍ଦିଗରେ ଅବସ୍ଥାପିତ ହେବା ସହିତ ଖୁବ୍‌ଶୀଘ୍ର ବିନ୍ଦୁସାଗର ପବିତ୍ର ଜଳ ସ୍ୱଚ୍ଛ ଓ ନିର୍ମଳ ହୋଇଯିବ। ବର୍ତ୍ତମାନ ବିନ୍ଦୁସାଗରର ନୀଳରଙ୍ଗ ହୋଇଯାଇଥିବା ଜଳ ପରିଷ୍କାର ହେବ । ଏହା ଦ୍ୱାରା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୁଷ୍କରିଣୀ ପବିତ୍ରତାର ପ୍ରତୀକ ହେବ। ଲିଙ୍ଗରାଜଙ୍କ ମହିମା ଓ ଗୌରବର ଗାଥାକୁ ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଭାରତ ସରକାରଙ୍କ ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଇଣ୍ଡିଆନ ଅଏଲ ସହଯୋଗରେ ଏପରି ଏକ ଉଦ୍ୟମ କରାଯାଇଛି। ଏହି ପ୍ରକଳ୍ପର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ସଭା ସଦସ୍ୟ ପଦ୍ମଶ୍ରୀ ରଘୁନାଥ ମହାପାତ୍ର, ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ରାଜ୍ୟ ଖଣି ଓ କୋଇଲା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଇଣ୍ଡିଆନ ଅଏଲ ଚେୟାରମ୍ୟାନ ଏସ.ଏମ. ବୈଦ୍ୟ, ଆଇସିଟି ମୁମ୍ବାଇ ଶିକ୍ଷାନୁଷ୍ଠାନର କୁଳପତି ଅନିରୁଦ୍ଧ ବାଲଚନ୍ଦ୍ର ପଣ୍ଡିତ ପ୍ରମୁଖ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ରହିଛି।

# ଯୁବତୀଙ୍କୁ ଗଣବଳାତ୍କାର: ୨ ଗିରଫ

**୫ ଘଣ୍ଟା ଧରି ଚେତାଶୂନ୍ୟ ହୋଇ ପଡି ରହିଥିଲେ**

ସମ୍ବଲପୁର/କୁଚିଣ୍ଡା,୭।୧
(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବାର ସଙ୍ଗିନ ଅଭିଯୋଗ ହୋଇଛି । ଯୁବତୀ ଜଣକ ଜଙ୍ଗଲ ରାସ୍ତାରେ ମାମୁ ଘରୁ ନିଜ ଘରକୁ ଫେରିବା ବାଟରେ ବଳାତ୍କାରର ଶିକାର ହୋଇଥିଲେ । ଦୁଇଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରି ଫେରାର ହୋଇ ଯାଇଥିବା ବେଳେ ସେ ଦୀର୍ଘ ୫ ଘଣ୍ଟା ଧରି ଜଙ୍ଗଲରେ ଚେତାଶୂନ୍ୟ ହୋଇ ପଡି ରହିଥିଲେ । ଚେତା ଫେରିବା ପରେ ସେ ଘରକୁ ଫେରି ପରିବାରବର୍ଗଙ୍କୁ ଘଟଣା ସମ୍ପର୍କରେ କହିବା ସହ ବୁଧବାର ସନ୍ଧ୍ୟାରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ । ଗୁରୁବାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପୋଲିସ ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଦିଲେଶ୍ୱର ବାଗ (୪୭) ଓ ବେଣୁଧର ଭଏଁସା (୪୫) । କୁଚିଣ୍ଡା ଡାକ୍ତରଖାନାରେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି । ଏହି ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଛି ।

ମିଳିଥିବା ରିପୋର୍ଟ ଅନୁଯାୟୀ, ଯୁବତୀ ଜଣଙ୍କ ନିଜ ମାମୁ ଘରୁ ଜାନୁୟାରୀ ୪ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ଘରକୁ ଫେରୁଥିଲେ। ନିଜ ଘରୁ ମାମୁ ଘର ଦୂରତା ପ୍ରାୟ ୨ କିଲୋମିଟର । ବାଟରେ ପଡୁଥିବା ଜଙ୍ଗଲ ରାସ୍ତା ଦେଇ ସେ ଏକୁଟିଆ ଫେରୁଥିଲେ । ତେବେ ତାଙ୍କୁ ଏକୁଟିଆ ଦେଖି ପୂର୍ବରୁ ପରିଚୟ ଥିବା ନିକଟସ୍ଥ ଗ୍ରାମର ୨ ଜଣ ବ୍ୟକ୍ତି ଟେକି ନେଇ ବଳାତ୍କାର କରିଥିଲେ । ଯୁବତୀ ଜଣଙ୍କ ଚେତାଶୂନ୍ୟ ହୋଇ ପଡିବା ପରେ ସେମାନେ ଫେରାର ହୋଇ ଯାଇଥିଲେ। ଚେତା ଫେରିବା ପରେ ସେ ଘରକୁ ଆସିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ କୁଚିଣ୍ଡା ଥାନା (କେସ୍ ନଂ. ୭/୨୧)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଗିରଫ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟ ଡାକ୍ତରୀ ମାଇନା କରାଯାଇଛି ।

**ଆଜିର ମନ୍ତବ୍ୟ**

"ଦିଲ୍ଲୀରେ ବସିଥିବା ଶାସକମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭୟ କରନ୍ତି।
–ସଞ୍ଜୟ ରାଉତ, ଶିବସେନା ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରମୋଦ
ପରିବାରବର୍ଗ


ସୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବନିତା ଗୁପ୍ତା ଆସୋସିଏଟ୍ ଆର୍ଟର୍ନି ଜେନେରାଲ

**ୱାଶିଂଟନ, ୭।୧(ପି.ଟି.)**

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଗୁରୁବାର ଭାରତୀୟ ବଂଶୋଦ୍ଭବ ବନିତା ଗୁପ୍ତାଙ୍କୁ ଆସୋସିଏଟ୍ ଆର୍ଟର୍ନି ଜେନେରାଲ ଭାବେ ମନୋନୀତ କରିଛନ୍ତି। ସେହିପରି ବିଚାରପତି ମେରିକ୍ ଗାର୍ଲାଣ୍ଡ ଆର୍ଟର୍ନି ଜେନେରାଲ ହେବାକୁ ଯାଉଛନ୍ତି। ଲିସା ମୋନାକୋ ଡେପୁଟି ଆର୍ଟର୍ନି ଜେନେରାଲ ଏବଂ କ୍ରିଷ୍ଟେନ୍ କ୍ଲାର୍କ ସିଭିଲ୍ ରାଇଟ୍ସ ଡିଭିଜନର ଆସିଷ୍ଟାଣ୍ଟ ଆର୍ଟର୍ନି ଜେନେରାଲ ମନୋନୀତ ହୋଇଛନ୍ତି।

# ଟ୍ରାକ୍ଟର ରାଲି କରି ପ୍ରତିବାଦ ଜଣାଇଲେ ଚାଷୀ

**ନୂଆଦିଲ୍ଲୀ, ୭।୧**

କେନ୍ଦ୍ରର କୃଷି ଆଇନ ପ୍ରତିବାଦରେ ୪୦ ଦିନରୁ ଉର୍ଦ୍ଧ୍ୱ ଦିଲ୍ଲୀ ସୀମାରେ ଆନ୍ଦୋଳନ ଜାରି ରଖିଥିବା ହଜାର ହଜାର ଚାଷୀ ଗୁରୁବାର ଟ୍ରାକ୍ଟର ରାଲି ବାହାର କରିଥିଲେ। ସିଂଘୁରୁ ଟିକ୍ରି ସୀମା, ଟିକ୍ରିରୁ କୁଣ୍ଡଲି, ଗାଜିପୁରରୁ ପଲୱଲ ଏବଂ ରେୱାସନରୁ ପଲୱଲ ଏହି ରାଲି ହୋଇଥିଲା। ଟ୍ରାକ୍ଟର ଇଞ୍ଜିନଗୁଡ଼ିକର ଗର୍ଜନ ସାଙ୍ଗକୁ ପଞ୍ଜାବୀ ଧୂନ୍ ଏବଂ ଚାଷୀଙ୍କ ସରକାର ବିରୋଧୀ ସ୍ଲୋଗାନରେ ଉକ୍ତ ରାସ୍ତାଗୁଡ଼ିକ ପ୍ରକମ୍ପିତ ହୋଇଥିଲା।

କୃଷି ଆଇନକୁ ନେଇ ଆନ୍ଦୋଳନ ଜନିତ ଅଚଳାବସ୍ଥାର ସମାଧାନ ଲାଗି ସରକାର କୃଷକ ସଂଗଠନଗୁଡ଼ିକ ସହ ବୈଠକ ପରେ ବୈଠକ କରୁଥିଲେ ମଧ୍ୟ ସଙ୍କଟ ଟଳୁନାହିଁ। ଚାଷୀମାନେ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଟଳ ରହିଥିବାବେଳେ ସରକାର ସେଥିରେ ଥିବା କେତେକ ଧାରାରେ ସଂଶୋଧନ କରିବାକୁ ଚାହୁଁଛନ୍ତି। ଶୁକ୍ରବାର ଆଉ ଏକ ପର୍ଯ୍ୟାୟ ବୈଠକ ହେବାକୁ ଥିବାବେଳେ ଆଇନ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି କୃଷକ ନେତାମାନେ ପୂର୍ବରୁ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ୨୬ ତାରିଖ ସାଧାରଣତନ୍ତ୍ର ଦିବରେ ଦିଲ୍ଲୀକୁ ଟ୍ରାକ୍ଟର ରାଲି ବାହାର କରିବାକୁ କୃଷକ ସଂଗଠନଗୁଡ଼ିକ ନିଷ୍ପତ୍ତି ନେଇଛନ୍ତି। ଗୁରୁବାରର ଟ୍ରାକ୍ଟର ରାଲି ତାହାର ଏକ ରିହର୍‌ସାଲ ଥିଲା ବୋଲି ଜଣେ ଚାଷୀ ନେତା କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ହିଂସା ପରେ...

ତାଙ୍କର ବିଦ୍ରୋହ ମନୋଭାବ ଶେଷରେ ଦଙ୍ଗାର ରୂପ ନେଇଛି। ବାଇଡେନ୍‌ଙ୍କ ବିଜୟକୁ ଆନୁଷ୍ଠାନିକ ସ୍ୱୀକୃତି ଦେବା ଲାଗି ବୁଧବାର ବିଳମ୍ବିତ ରାତିରେ ଆମେରିକା କଂଗ୍ରେସର ଅଧିବେଶନ ବସିଥିବାବେଳେ ଟ୍ରମ୍ପ୍‌ଙ୍କ ସମର୍ଥକମାନେ କ୍ୟାପିଟଲ ହିଲ୍‌ରେ ପ୍ରବେଶ କରି ବିକ୍ଷୋଭ ଓ ଦଙ୍ଗା ସୃଷ୍ଟି କରିଥିଲେ। ଫଳରେ ଆମେରିକା ଗଣତନ୍ତ୍ରର ହୃଦୟ ଉପରେ ଅଭୂତପୂର୍ବ ଆତଙ୍କ ଓ ହିଂସା ସୃଷ୍ଟି ହୋଇଥିଲା। ପୋଲିସ ଗୁଳିରେ ଜଣେ ମହିଳାଙ୍କ ସମେତ ୪ ଜଣ ଏହି ଦଙ୍ଗାରେ ପ୍ରାଣ ହରାଇଛନ୍ତି।

ଟ୍ରମ୍ପ୍‌ଙ୍କ ସମର୍ଥକ ଦଙ୍ଗାକାରୀମାନେ କ୍ୟାପିଟଲ ହଲ୍‌ରେ ପ୍ରବେଶ କରି ଝରକା ଭାଙ୍ଗିବା ସହ ଆମେରିକା ପତାକାକୁ ଓହ୍ଲାଇ ଦେଇଥିଲେ। ସେମାନେ ସିନେଟ ଚାମ୍ବରରେ ବୁଲିଥିଲେ। ଦଙ୍ଗାକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା ଏବଂ କଂଗ୍ରେସ ସଦସ୍ୟମାନଙ୍କୁ ଗ୍ୟାସ୍ ମାସ୍କ ପିନ୍ଧିବା ପାଇଁ କୁହାଯାଇଥିଲା। ହିଂସାକାଣ୍ଡ ଘଟଣାରେ ୫୨ ଜଣଙ୍କୁ ଗିରଫ କରାଯାଇଥିବା ମେଟ୍ରୋପଲିଟାନ ପୋଲିସ ବିଭାଗ ମୁଖ୍ୟ ରବର୍ଟ ଜେ କୋଣ୍ଟି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। କ୍ୟାପିଟଲର ଉଭୟ ଗୃହ ଲକ୍‌ଡାଉନରେ ରହିବା ସହ ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଓ କଂଗ୍ରେସ ସଦସ୍ୟମାନଙ୍କୁ ନିରାପଦ ସ୍ଥାନକୁ ନିଆଯାଇଥିଲା। ଦୀର୍ଘ ୪ ଘଣ୍ଟାର ସଂଘର୍ଷ ପରେ କ୍ୟାପିଟଲରୁ ଦଙ୍ଗାକାରୀଙ୍କୁ ବାହାର କରିବାରେ ପୋଲିସ ସଫଳ ହୋଇଥିଲା। ଏହା ପରେ କଂଗ୍ରେସ ଅଧିବେଶନ ପୁନର୍ବାର ଆରମ୍ଭ ହୋଇ ଭୋର ପର୍ଯ୍ୟନ୍ତ ଚାଲିଥିଲା। ଦୀର୍ଘ ସମୟ ବିତର୍କ ପରେ ଭୋଟ ଫଳାଫଳ ଉପରେ ଦୁଇଟି ପ୍ରତିବାଦକୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଓ ସିନେଟ ଖାରଜ କରିଦେଇ ଇଲେକ୍ଟୋରାଲ କଲେଜର ଚୂଡ଼ାନ୍ତ ଭୋଟକୁ ସ୍ୱୀକୃତି ଦେଇଥିଲା, ଯେଉଁଥିରେ ବାଇଡେନ୍ ୩୦୬ ଭୋଟ ପାଇଥିବାବେଳେ ଟ୍ରମ୍ପ୍‌ଙ୍କୁ ୨୩୨ ଭୋଟ ମିଳିଥିଲା।

## ଆଜିଠାରୁ...

ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରିବାର ବ୍ୟବସ୍ଥା କରାଯାଇଛି। ଗୋଟିଏ ଶ୍ରେଣୀଗୃହରେ ସର୍ବାଧିକ ୨୦ରୁ ୨୫ଜଣ ପିଲା ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ବୁଲା ଦୋକାନୀଙ୍କୁ ସ୍କୁଲ ପରିସରରେ ବାରଣ କରାଯାଇଥିବା ବେଳେ ନିୟମିତ ସ୍କୁଲର ସଫେଇ ଓ ବିଶୋଧନ କରିବାକୁ କୁହାଯାଇଛି। ସ୍କୁଲ୍ ଖୋଲିବା ଅବ୍ୟବହିତ ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ଭୁବନେଶ୍ୱରର କେତେକ ସ୍କୁଲ୍ ବୁଲି ସ୍ଥିତି ସମୀକ୍ଷା କରିଥିଲେ। ସେପଟେ ଲମ୍ବା ପ୍ରତୀକ୍ଷା ପରେ ସ୍କୁଲ୍ ଯାଉଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ଛାତ୍ରୀଛାତ୍ର ଓ ଶିକ୍ଷକ ଯେପରି କୋଭିଡ୍ କଟକଣା ଅନୁଯାୟୀ, ସ୍କୁଲ ଆସିବେ ଓ ପାଠପଢା ହେବ ସେଥିପାଇଁ ସ୍ୱତନ୍ତ୍ର ଏସ୍‌ଓପି ଜାରି ହୋଇଛି। ଏହି ଏସ୍‌ଓପି ଅନୁଯାୟୀ, ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିବ। କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ଥିବା ସ୍କୁଲ ଖୋଲିବାକୁ ଅନୁମତି ମିଳିନାହିଁ। ସେହିପରି କାହାକୁ ସ୍କୁଲ ଆସିବାକୁ ବାଧ୍ୟ କରାଯିବନି ବୋଲି କୁହାଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବ। ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଜାନୁୟାରୀ ୮ରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ପରୀକ୍ଷା ଦେବାକୁ ଥିବା ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ଜାନୁୟାରୀ ୮ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ହେବ। ଉଭୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଶନିବାର/ରବିବାରକୁ ମିଶାଇ ୧୦୦ ଦିନର ପାଠପଢା ହେବ। ଆବଶ୍ୟକସ୍ଥଳେ ଅନ୍ୟଦିନକୁ ଛୁଟି ଦିନ ଘୋଷଣା କରାଯିବ।

କୋଭିଡ୍ ମହାମାରୀ କାରଣରୁ ଗତ ମାର୍ଚ୍ଚ ୧୭ତାରିଖରୁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ତେବେ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ବିଭିନ୍ନ ମାଧ୍ୟମରେ ଅନ୍‌ଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା କରିଥିଲେ।

## ପେଟ୍ରୋଲ ୨୫,...

ଯୋଗୁ ଖାଉଟି ବିଭିନ୍ନ ସମସ୍ୟାରେ ରହିଥିବା ବେଳେ ଇନ୍ଧନ ଦରରେ ଏଭଳି ବୃଦ୍ଧି ଚିନ୍ତା ବଢାଉଛି। ତୈଳ କମ୍ପାନୀଙ୍କ ସୂଚନା ମୁତାବକ, ନୂଆଦିଲ୍ଲୀରେ ପେଟ୍ରୋଲ ସର୍ବକାଳୀନ ରେକର୍ଡ ୮୪.୨୦ ଟଙ୍କା ଛୁଇଁଛି। ୨୦୧୮ ଅକ୍ଟୋବର ୪ରେ ଏଠାରେ ପେଟ୍ରୋଲ ୮୧ ଟଙ୍କା ଛୁଇଁଥିଲା। ବୁଧବାର ଦିନ ନୂଆଦିଲ୍ଲୀରେ ପେଟ୍ରୋଲ ୨୩ ପଇସା ଉର୍ଦ୍ଧ୍ୱରେ ରହିଛି। ସେହିଭଳି ଡିଜେଲ ୨୬ ପଇସା ଉଚ୍ଚରେ ରହି ୭୪.୩୮ ଟଙ୍କା ଛୁଇଁଛି। ମେଟ୍ରୋ ସହରଗୁଡ଼ିକରେ ପେଟ୍ରୋଲ ୨୧ରୁ ୨୪ ପଇସା ଉର୍ଦ୍ଧ୍ୱରେ ରହିଥିବା ବେଳେ ଡିଜେଲ ୨୬ରୁ ୨୯ ପଇସା ବଢିଛି। ଚେନ୍ନାଇରେ ପେଟ୍ରୋଲ ୮୬.୯୬ ଟଙ୍କା ଥିବା ବେଳେ କୋଲକାତାରେ ୮୫.୬୮ ଟଙ୍କା ଏବଂ ମୁମ୍ବାଇରେ ୯୦.୮୩ ଟଙ୍କା ରହିଛି। ଏହି ସହରଗୁଡ଼ିକରେ ଡିଜେଲ ଲିଟର ପିଛା ଯଥାକ୍ରମେ ୭୯.୭୨ ଟଙ୍କା, ୭୭.୯୭ ଟଙ୍କା ଏବଂ ୮୧.୦୪ ଟଙ୍କାକୁ ବଢିଛି। ମାର୍ଚ୍ଚରେ କରୋନା ମହାମାରୀ ଯୋଗୁ ତେଲ ଚାହିଦା ଖସି ଯାଇଥିଲା। ବର୍ତ୍ତମାନ ବ୍ରେଣ୍ଟ ଅଶୋଧିତ ତୈଳ ବର୍ତ୍ତମାନ ବ୍ୟାରେଲ ପିଛା ୫୪ ଡଲାର ବିକ୍ରି ହେଉଛି। ଅଶୋଧିତ ତେଲ ଦର ହ୍ରାସ ପରେ ଏହା ବର୍ତ୍ତମାନ ସୁଦ୍ଧା ସର୍ବୋଚ୍ଚ ସ୍ତର। ଫେବୃୟାରୀ ଏବଂ ମାର୍ଚ୍ଚ ମାସରେ ଅଶୋଧିତ ତୈଳ ଉତ୍ପାଦନକୁ ଦୈନିକ ଏକ ନିୟୁତ ବ୍ୟାରେଲ କମାଇବା ଲାଗି ସାଉଦି ଆରବ ନିଷ୍ପତ୍ତି ନେଇଥିଲା। ଏହା ମଧ୍ୟ ତେଲ ଦର ବୃଦ୍ଧିର ଏକ କାରଣ ବୋଲି କୁହାଯାଉଛି। ୨୦୧୮ ବେଳକୁ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୦ ଡଲାରରୁ ଉର୍ଦ୍ଧ୍ୱ ରହିଥିଲା। ଏହା ବର୍ତ୍ତମାନ ୫୪ ଡଲାର ରହିଥିଲେ ମଧ୍ୟ ତେଲ ଦର ଆକାଶ ଛୁଆଁ ହୋଇଛି। ଗତ ବର୍ଷ ସରକାର ତେଲ ଉପରେ ଲାଗୁ କରିଥିବା ଟିକସ ଫଳରେ ତେଲ ଦର ଉଚ୍ଚରେ ରହୁଛି। ୨୦୧୯ ପ୍ରାରମ୍ଭରେ ସରକାର ପେଟ୍ରୋଲ ଉପରେ ଉତ୍ପାଦ ଟିକସକୁ ୧୯.୯୮ ଟଙ୍କାରୁ ୩୨.୯୮ ଟଙ୍କାକୁ ବଢାଇଥିଲେ। ସେହିଭଳି ଡିଜେଲ ଉପରେ ଟିକସ ୧୫.୮୩ ଟଙ୍କାରୁ ୩୧.୮୩ ଟଙ୍କାକୁ ବୃଦ୍ଧି ପାଇଛି। କୋଭିଡ ଯୋଗୁ ପ୍ରଭାବିତ ରାଜସ୍ୱ ଭରଣା କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେହିଭଳି ରାଜ୍ୟଗୁଡିକର ରାଜସ୍ୱ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ ମଧ୍ୟ ତେଲ ଉପରେ ଭ୍ୟାଟ ବଢାଇଛନ୍ତି। ନୂଆଦିଲ୍ଲୀ କଥା ବିଚାର କଲେ ପେଟ୍ରୋଲର ରିଟେଲ ମୂଲ୍ୟ ଉପରେ କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରାୟ ୬୨% ଟିକସ ନେଉଛନ୍ତି। ଏହା ଡିଜେଲ କ୍ଷେତ୍ରରେ ପ୍ରାୟ ୫୭% ବୋଲି ଜଣାପଡିଛି।

## କମିଟି ପ୍ରସ୍ତାବକୁ...

ମହମ୍ମଦ ମୁସ୍ତାକ ଅନ୍‌ସାରୀଙ୍କୁ ନେଇ ଉକ୍ତ ଉଚ୍ଚସ୍ତରୀୟ କମିଟି ବସିଥିଲା। ସେଥିରେ ଆପୋଷ ବୁଝାମଣା କ୍ରମେ ବାର୍ଷିକ ୬ହଜାର ଟଙ୍କା ପର୍ଯ୍ୟନ୍ତ ଟ୍ୟୁସନ ଫି' ନେଉଥିବା ସ୍କୁଲର କୌଣସି ଫି' ଛାଡ଼ କରାଯାଇପାରିବ ନାହିଁ ନିଷ୍ପତ୍ତି ହୋଇଥିଲା। ତେବେ ୬ ରୁ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଫି'ରେ ୭.୫%, ୧୨ ରୁ ୨୪ହଜାର ଫି'ରେ ୧୨%, ୨୪ରୁ ୪୮ହଜାର ପର୍ଯ୍ୟନ୍ତ ଫି'ରେ ୧୫%, ୪୮ରୁ ୭୨ହଜାର ପର୍ଯ୍ୟନ୍ତ ଫି'ରେ ୨୦% ଛାଡ଼। ସେହିପରି ୭୨ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ୨୫% ଏବଂ ୧ଲକ୍ଷରୁ ଉର୍ଦ୍ଧ୍ୱ ଫି' ପାଇଁ ୨୬% ଛାଡ଼ କରିବାକୁ କମିଟି ସୁପାରିସ କରିଥିଲା। ଏପରିକି ଟ୍ୟୁଶନ ଫି' ବାବଦ ଅନ୍ୟ ଆନୁସଙ୍ଗିକ ଫି' ଛାଡ଼ କରିବାକୁ କମିଟି କହିଥିଲା। ପରେ ଏନେଇ କୋର୍ଟ ସରକାରଙ୍କ ଠାରୁ ସ୍ପଷ୍ଟିକରଣ ମାଗିଥିଲେ। ହେଲେ ଘରୋଇ ସ୍କୁଲ ଫି' ନିର୍ଦ୍ଧାରଣରେ ରାଜ୍ୟ ସରକାରଙ୍କ କୌଣସି ବ୍ୟବସ୍ଥା ନାହିଁ ବୋଲି ସରକାର ସତ୍ୟପାଠ ଦାଖଲ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ...

ମୁଖ୍ୟମନ୍ତ୍ରୀଙ୍କୁ ସତର୍କ ରହିବାକୁ ଚିଠିରେ କୁହାଯାଇଛି। ଚିଠି ମିଳିବା ପରେ ଗୃହ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଡିଜିପି, ଆଇଜି ଏବଂ ଗୋଇନ୍ଦା ନିର୍ଦ୍ଦେଶକ, କମିଶନରେଟ ପୋଲିସକୁ ଏ ବିଷୟରେ ଅନୁଧ୍ୟାନ କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କୁ ବାସଭବନରେ, କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନକୁ ଯାତ୍ରା ସମୟରେ ଯୋଗାଇ ଦିଆଯାଉଥିବା ସୁରକ୍ଷାର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର, ୭।୧(ସ୍ୱ.ପ୍ର.)**

ବାଲିଚନ୍ଦ୍ରପୁର କୁଆଁପାଳ କେନାଲ ରାସ୍ତାର କୁସୁପୁର ନିକଟରେ ବୁଧବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅକରପଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପୁଅ ଗଙ୍ଗାଧର(୩୨)। ଗଙ୍ଗାଧର କଟକରୁ ନିଜ କାର୍ଯ୍ୟ ସାରି ବାଇକ ଯୋଗେ ଘରକୁ ଫେରୁଥିଲେ। କୁସୁପୁରଠାରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମହାନଦୀ ସାଙ୍ଗେ ଜୋର,**
**ଲୁହାକୁ ନେଇ ତୁଲ କରୁଥିଲେ**
**ସୁବର୍ଣ୍ଣ ସଙ୍ଗେ କି ତୁଲ ?**

ଲୁହା ଲୁହା, ସୁନା ସୁନା। ଲୁହା ସୁନା ସହ ତୁଳନାଯୋଗ୍ୟ ନୁହେଁ। ଯେତେ ଯାହା କଲେ ମଧ୍ୟ ଲୁହା କେବେ ସୁନା ସମକକ୍ଷ ହୋଇପାରି ନ ଥାଏ। ପରୋକ୍ଷରେ ଗୁଣ ଓ ପ୍ରତିଭା ଯାହାର ଥାଏ, ସେ ହିଁ ଶ୍ରେଷ୍ଠ ବୋଲାଇଥାଏ। ଯୋଗ୍ୟତା ନ ଥାଇ ନିଜକୁ ଶ୍ରେଷ୍ଠ ସହ ତୁଳନାକରିବସିବା କେବଳ ଲୋକହସା ହେବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମାଗିବା ଠାରୁ ହୀନ ନାହିଁ,**
**ଯାଚିବା ଠାରୁ ପୁଣ୍ୟ ନାହିଁ।**

ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଯାଚିକରି ଦେବାରେ ଆନନ୍ଦ ଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବା ଠାରୁ ବଳି ହୀନକାର୍ଯ୍ୟ କିଛି ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**

ଆଜି ରାହୁଙ୍କ ନକ୍ଷତ୍ରରେ ଚନ୍ଦ୍ର ରହିଥିବାରୁ ବିଭିନ୍ନ ସମସ୍ୟା ନେଇ ମାନସିକ ସ୍ଥିତି ଭଲ ରହିବନି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟିହେବ। ଯେଉଁ ବନ୍ଧୁମାନେ ପାଖ ମାଡୁ ନ ଥିଲେ ଆଜି ସେହିମାନେ ନିଜ ତରଫରୁ ମିଶିବାକୁ ଚେଷ୍ଟା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହିତ ଦୁର୍ବଳତା କେତେକାଂଶରେ ଦୂର ହେବ।

**ବୃଷ**

ସମ୍ପର୍କୀୟମାନେ ଦୂରେଇ ଯାଉଥିବାରୁ ପରକୁ ଆପଣାର କରିବାକୁ ବାଧ ହେବେ। କାମର ଚାପ ବୃଦ୍ଧି ଯୋଗୁ ଆଜି ଅଫିସ୍ କାର୍ଯ୍ୟରେ ବେଶି ବ୍ୟସ୍ତ ରହିବେ। ଚେଷ୍ଟା କରୁଥିବା ବ୍ୟବସାୟିକ କାମରେ ଆଂଶିକ ସଫଳତା ମିଳିବ। ଲାଭାଧିପ ଯୁକ୍ତ ବୁଧଙ୍କ ହେତୁ ଆର୍ଥିକ ସ୍ଥିତି ସୁଧାରିବାକୁ ଚେଷ୍ଟାକଲେ ସଫଳତା ପାଇବେ।

**ମିଥୁନ**

ଘରଲୋକଙ୍କଠାରୁ ସହାନୁଭୂତି ନ ପାଇଲେ ମଧ୍ୟ ବାହାରେ ଅନ୍ୟମାନେ ସହଯୋଗ କରିବେ। ହଜିଯାଇଥିବା ଦ୍ରବ୍ୟ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର ପାଇବେ। ଆକସ୍ମିକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମ ଅସମ୍ପୂର୍ଣ୍ଣ ରହିଯିବ। ରବି ସହ ଶୁକ୍ର ଯୁକ୍ତ ହେତୁ କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି।

**କର୍କଟ**

ପରିସ୍ଥିତି ସହ ଟକ୍କର ଦେଇ ଚେଷ୍ଟା ଅବ୍ୟାହତ ରଖିଲେ ସଫଳତା ପାଇବେ। ଯେମିତି ଚିନ୍ତା କରୁଛନ୍ତି, ସେହିପରି କଲେ ସବୁ ଠିକ୍ ହୋଇଯିବ। ଆଲୋଚନା ମଝିରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ବାଣିଜ୍ୟ, ପରିବହନ, ବ୍ୟବସାୟ, ସଂଗଠନ, ଗବେଷଣା, ଆଇନ ଅଦାଲତରେ ସୁଫଳ ପାଇବେ।

**ସିଂହ**

ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ଅଶାନ୍ତିକର ପରିସ୍ଥିତି ଦେଖାଦେବ। ପଡୋଶୀଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ଭରସା କଲେ ଅସୁବିଧାରେ ପଡ଼ିବେ। ବ୍ୟୟାଧିପ ଚତୁର୍ଥସ୍ଥ ହେତୁ ଘର, ଗାଡ଼ି କିମ୍ବା କିଛି ଯାନ୍ତ୍ରିକ ଜିନିଷ କିଣିବା ପାଇଁ ମନ ବଳାଇବେ।

**କନ୍ୟା**

କର୍ମଭାବରୁ ତିନୋଟିଗ୍ରହ ଅଷ୍ଟମସ୍ଥ ଯୋଗୁଁ କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଜଗିରଖି ଆଗକୁ ପାଦ ବଢାନ୍ତୁ। ବ୍ୟବସାୟ, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ରହିବ।

**ତୁଳା**

ସମସ୍ୟା ଲାଗିରହିଥିଲେ ମଧ୍ୟ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆର୍ଥିକ ସ୍ଥିତି ମଜଭୁତ୍ ରହିବ ଏବଂ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଚତୁର୍ଥଭାବ ରାହୁ ଦୃଷ୍ଟ ହେତୁ ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ନ୍ୟାୟୋଚିତ ପରାମର୍ଶ ଏବଂ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ବିଛା**

ରାଶିରେ କେତୁ ରହିଥିବାରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ସାଧାରଣ କଥାକୁ କେନ୍ଦ୍ର କରି ସମ୍ପର୍କୀୟ ମୁହଁ ଫେରାଇ ନେବ। କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ଊଣା ହେବ ନାହିଁ। କଳା, ସାହିତ୍ୟ, ପ୍ରତିଯୋଗିତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**

ପରୋକ୍ଷଶତ୍ରୁତା କାରଣରୁ ଭଲ କାମ କରି ମଧ୍ୟ ପ୍ରଶଂସା ପାଇପାରିବେ ନାହିଁ। ରବି ଓ ଶୁକ୍ରଯୋଗରୁ ନୂତନ ଯୋଜନା, ଅବହେଳିତ କାମ, ବାକି ରହିଥିବା ଟଙ୍କା ପଇସା, ଆନୁଷ୍ଠାନିକ କାମ ପ୍ରଭୃତିରେ ସଫଳତା ମିଳିବ। ନିଜ ଲୋକମାନେ ଦାଉ ସାଧିବା ପାଇଁ ଚେଷ୍ଟା କରିପାରନ୍ତି। ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ।

**ମକର**

ଦ୍ୱାଦଶସ୍ଥ ଶୁକ୍ର ଓ ରବିଙ୍କ ଦୁର୍ବଳତା କାରଣରୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗିରହିବ। କିନ୍ତୁ ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭ କରିବେ। ଦୀର୍ଘ ସମୟଧରି ବନ୍ଧୁଙ୍କୁ ପ୍ରତୀକ୍ଷା କରି ରହିବାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ରବି ଶତ୍ରୁ ନକ୍ଷତ୍ରରେ ରହିଥିବାରୁ ଆର୍ଥିକ ସଂକଟ ଦେଇ ଗତି କରିବେ।

**କୁମ୍ଭ**

ଆର୍ଥିକ ଦୁରବସ୍ଥା ଦୂରେଇ ନେବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ବ୍ୟବସାୟ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ସଭା ସମିତି, ଚୁକ୍ତିପତ୍ର, ପରିବହନ ଓ ନିର୍ମାଣ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ମୀନ**

ସକାଳୁ ସକାଳୁ ବନ୍ଧୁଙ୍କ ନିକଟରୁ ଶୁଭ ଖବର ପାଇ ଖୁସି ହୋଇଯିବେ। ନିକଟ ସମ୍ପର୍କୀୟମାନେ କୌଣସି ଆଲୋଚନା ସକାଶେ ଡାକି ପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ମୁଖଭାବସ୍ଥ ମଙ୍ଗଳଙ୍କ ଦ୍ୱାରା ଅପ୍ରିୟସତ୍ୟ ଭାଷଣ ପାରିବାରିକ କଳହର କାରଣ ହେବ।

ଆଜି ପୌଷ କୃଷ୍ଣ ଦଶମୀ ଶୁକ୍ରବାର, ଜାନୁୟାରୀ ୮ ତାରିଖ, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୦୭.୫୪ମି. ଗତେ ଘ.୧୦.୦୪ମି. ମଧ୍ୟେ, ଘ.୧୨.୧୫ମି. ଗତେ ଘ.୦୩.୦୯ମି. ମଧ୍ୟେ, ଘ.୦୩.୫୨ମି. ଗତେ ଘ.୦୫.୧୯ମି. ମଧ୍ୟେ ଅମୃତବେଳା। ଦିବ ଘ.୧୦.୩୧ମି. ଗତେ ଘ.୧୧.୫୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Demarcated gharabari corner plot area 12000sqft. at Gudiapokhari opposite lifestyle, Lordsway Apartment. 7008563697. D-19485

3BHK 3Flats, 1st, 2nd, 3rd floor, each 1300sqft., rate 60lakhs each, Bijay Vihar Nuagaon, Bhubaneswar. Contact: 7537820117, 7873059205. D-69469

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

ଭୁବନେଶ୍ୱର ସୁନ୍ଦରପଦା Xavier University back sideରେ ଘରବାରି ପ୍ଲଟ୍ ମିଳୁଅଛି। 7848882166. D-70142

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। 8249776268, 8327774136. D-69360

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ୍‌କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553. D-70147

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600

2000 square feet gharabadi plot for immediate sale in Puri-Konark marine drive near blue plash water park. In covered campus, electricity and boundary wall, immediate construction. Contact: 8320959120/ 9937079628. D-19494

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/–ରେ ମିଳୁଛି। 9776862716, 7008068622. D-69358

Bhubaneswar. Khordha NH side Pitapalli Chhaka ନିକଟରେ plot ମିଳୁଛି। 9090963952. D-70141

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଟିରେ ଘରବାରି ପ୍ଲଟ୍ ମିଳୁଅଛି। (Bank finance available) 9439902721, 9090432721. D-70143

Tankapani road Sai ମନ୍ଦିର ନିକଟରେ demarcated, developed gharabari plot କିଣନ୍ତୁ। 7008492511. D-69359

ଭୁବନେଶ୍ୱର ପାହାଳ NH side ଘରବାରି yellowzone fully developed demarcated ବାସୋପଯୋଗୀ plot road, electricity ଥାଇ ତୁରନ୍ତ ଘର କରନ୍ତୁ। PUJA- 6371970725. D-70145

କଟକ Highcourtରୁ 8K.M. ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ 200mtr ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 6372930002. D-70148




Commercial space for rent. 2nd floor, 1850sft at KIIT's Square, Patia. 9861041397. D-69956

2Room, 3Room with Balcony, 2nd floor at Goutam Nagar near Kalpana Square. Please call: 9437033691. D-70210




Refreshing your mind & body with best therapy at Lotus SPA. 8018234866. D-70405

Newly open SPA offer @788/-, positively health benefits, Jaydevbihar. 8114970372. D-19466

ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲିକ୍ଲିନିକ୍, ସାତ ମହଲା ହସ୍ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804. D-19432

Revitalize your self with our ayurvedic massage and refreshment, Call: 7381239385. D-70082

Experience full body massage with expert therapists. Call: 7377048581. D-70083

Swarna SPA newly open positively health benefits with expert therapist. 9556978408. D-70080

Rejuvenate and Ayurvedic full body massage by smart therapist. 9348123330. D-70081

Newly open full body massage ladies and gents. 9337349409. D-70406

Monalisa massage club : All types body massage with hiprofile smart lady rooms service available 9708545108. D-19493

Newly open full body massage Saikrupa Panchakarma and Spa. Contact: 8984068077. D-19492


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୦ରୁ ଊର୍ଦ୍ଧ୍ୱ ଡିପୋରେ ଏଫ୍‌ଓ ଅପମିଶ୍ରଣ

**ଯାଜପୁର ଅଫିସ, ୭।୧**

ଯାଜପୁର ଜିଲା ଦେଇ ଯାଇଥିବା ଡୁବୁରୀ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ଚାଲିଛି ଫର୍ନେସ ଅଏଲ (ଏଫ୍‌ଓ), ପେଟ୍ରୋଲ, ଡିଜେଲ ଆଦି ତୈଳଜାତୀୟ ପଦାର୍ଥର ଅପମିଶ୍ରଣ। ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଅତି ଗୋପନୀୟ ଭାବେ ଏହି ଅପମିଶ୍ରଣ ଚାଲିଛି । ଏହି ବେଆଇନ କାରବାରରେ ତୈଳଜାତୀୟ ପଦାର୍ଥ ପରିବହନ କରୁଥିବା କେତେଜଣ ଗାଡ଼ି ମାଲିକ କୋଟିପତି ହୋଇଛନ୍ତି। ଏଥିରେ ମୁମ୍ବାଇର ଏକ ପରିବହନ ସଂସ୍ଥା ବହୁ ଆଗରେ ରହିଛି। ପାରାଦୀପ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ଲୋକଙ୍କ ସହାୟତାରେ ଏହି ପରିବହନ ସଂସ୍ଥା ଏଜେଣ୍ଟଙ୍କ ଜରିଆରେ ଫର୍ନେସ ଅଏଲ ବାହାର କରାଯାଉଛି । ପୁଣି ସେହି ଟ୍ୟାଙ୍କରରେ ଅପମିଶ୍ରଣ କରି ନିର୍ଦ୍ଦିଷ୍ଟ କମ୍ପାନୀମାନଙ୍କୁ ଯୋଗାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ସଂପୃକ୍ତ ଅଣଓଡ଼ିଆ ଏଜେଣ୍ଟମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଉଦ୍ୟମ ଆରମ୍ଭ କରିଛି । ସେମାନଙ୍କୁ ସ୍ଥାନ ଛାଡି ଚାଲିଯିବାକୁ କହୁଛି । ହେଲେ ବେଆଇନ ଗାଡିଗୁଡ଼ିକୁ ଜବତ କରିବା କିମ୍ବା ଏଜେଣ୍ଟମାନଙ୍କୁ ଗିରଫ କରିବାରେ ପଛଘୁଞ୍ଚା ଦେଉଛି । ଫଳରେ ସେମାନେ ଗୋଟିଏ ସ୍ଥାନ ଛାଡି ଅନ୍ୟ ସ୍ଥାନରେ ଆଡ୍ଡା ଜମାଉଛନ୍ତି । ପୁଣି ଥରେ ନିର୍ଭୟରେ ନିଜ କାରବାର ଚଳାଉଥିବା ଦେଖିବାକୁ ମିଳିଛି।


ଗୋଟିଏ ଟ୍ୟାଙ୍କରରୁ ଅନ୍ୟ ଟ୍ୟାଙ୍କରକୁ ତେଲ ବାହାର କରାଯାଉଛି ।

ଏଥିରେ ଆଇଓସିଏଲ ପକ୍ଷରୁ ନିଯୁକ୍ତ ପରିବହନ ସଂସ୍ଥାର ମାଲିକ ଏବଂ ପୋଲିସ ମଧ୍ୟରେ ମାସିକ ଲକ୍ଷାଧିକ ଟଙ୍କାର କାରବାର ହେଉଛି। ଫଳରେ ଏଫ୍‌ଓ ବ୍ୟବହାର କରୁଥିବା ବିଭିନ୍ନ ଶିଳ୍ପ କାରଖାନା ଏଥିଯୋଗୁ କ୍ଷତିରେ ପଡିବା ସହ ଯନ୍ତ୍ରାଂଶଗୁଡ଼ିକ ଉପରେ ନକାରାତ୍ମକ ପ୍ରଭାବ ପଡୁଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପାରାଦୀପରେ ୨୦୧୬ ଫେବୃୟାରୀ ୭ରେ ୩୪,୫୫୫ କୋଟି ଟଙ୍କା ବ୍ୟୟରେ ଭାରତର ୧୧ଶ ତୈଳ ବିଶୋଧନାଗାର କାର୍ଯ୍ୟାରମ୍ଭ କରିଥିଲା। ଏହି ବିଶୋଧାନଗାରରୁ ପେଟ୍ରୋଲ, ଫର୍ନେସ ଅଏଲ, ଡିଜେଲ, ଲାଇଟ ଡିଜେଲ, କିରୋସିନ ଆଦି ବିଶୋଧନ କରାଯାଇ ଭାରତର ବିଭିନ୍ନ ସ୍ଥାନକୁ ରପ୍ତାନି କରାଯାଉଛି। ସେହିଦିନଠାରୁ ପାରାଦୀପ ଭାରତୀୟ ତୈଳ ନିଗମ ଲିଃ (ଆଇଓସିଏଲ)ର ପାରାଦୀପ ତୈଳ ବିଶୋଧନାଗାରରୁ ରପ୍ତାନି ହେଉଥିବା ତୈଳ ଜାତୀୟ ଇନ୍ଧନ ଫର୍ନେସ ଅଏଲ (ଏଫ୍‌ଓ) ଅପମିଶ୍ରଣ ଆରମ୍ଭ ହୋଇଛି। ଏହାପୂର୍ବରୁ ପଶ୍ଚିମବଙ୍ଗ ହଳଦିଆ ତୈଳ ବିଶୋଧନାଗାରରୁ ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ଶିଳ୍ପ କାରଖାନାକୁ ଏଫ୍‌ଓ ରପ୍ତାନି ହେଉଥିଲା। ପାରାଦୀପ ବିଶୋଧନାଗାର କାର୍ଯ୍ୟକ୍ଷମ ହେବା ପରେ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଯାଜପୁର, କେନ୍ଦୁଝର, ରାଉରକେଲା, ଝାରସୁଗୁଡା, ସମ୍ବଲପୁର ଆଦି ଜିଲାରେ ଥିବା ଶିଳ୍ପ କାରଖାନାକୁ ଫର୍ନେସ ଅଏଲ, ଲାଇଟ ଡିଜେଲ ଆଦି ଇନ୍ଧନ ଟ୍ୟାଙ୍କରରେ ପରିବହନ ହେଉଛି।

ସୂଚନା ଅନୁଯାୟୀ, ବିଭିନ୍ନ ତୈଳ କମ୍ପାନୀ ଟେଣ୍ଡର ଆହ୍ୱାନ କରି ପରିବହନ ସଂସ୍ଥାମାନଙ୍କୁ ତୈଳଜାତୀୟ ପଦାର୍ଥ ଯୋଗାଇବାକୁ ନିୟୋଜିତ କରିଥାଆନ୍ତି। ଏଥିମଧ୍ୟରୁ ମୁମ୍ବାଇର ଏକ ପରିବହନ ସଂସ୍ଥା ସର୍ବାଧିକ ଫର୍ନେସ ଅଏଲ ପରିବହନ ଦାୟିତ୍ୱରେ ଥିବା ଜଣାପଡ଼ିଛି। ଏହି କମ୍ପାନୀର ମାଲିକ କେତେକ ଏଜେଣ୍ଟଙ୍କୁ ନିୟୋଜିତ କରି ପାରାଦୀପ, କେନ୍ଦ୍ରାପଡା, ବାଲିଚନ୍ଦ୍ରପୁର, ବଡ଼ଚଣା, ଧର୍ମଶାଳା ଓ ଡୁବୁରୀ ଥାନା ଅଞ୍ଚଳର ୫୩ ନମ୍ବର ଏନ୍‌ଏଚ୍ କଡ଼ରେ ଡିପୋମାନ ତିଆରି କରିଛି । ଉପରୋକ୍ତ ସ୍ଥାନରେ ଦୈନିକ ପ୍ରାୟ ୩୦ଟି ଟ୍ୟାଙ୍କରରୁ ପାଖାପାଖି ୧୦ ଲକ୍ଷ ଟଙ୍କା ମୂଲ୍ୟର ଫର୍ନେସ ଅଏଲ କଢ଼ ଯାଉଛି। ଡିପୋଗୁଡ଼ିକରେ ପୂର୍ବରୁ ରଖାଯାଇଥିବା ପୁରୁଣା ଟ୍ୟାଙ୍କର ପୂର୍ଣ୍ଣ ହେବା ପରେ ସେହି ଚୋରା ଫର୍ନେସ ଅଏଲକୁ ବାହାରକୁ ରପ୍ତାନି କରାଯାଉଥିବା ଖବର ମିଳିଛି । ତେବେ ଏ ସଂକ୍ରାନ୍ତରେ ଧର୍ମଶାଳା ଥାନା ଆଇଆଇସି ସରୋଜ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଭାଙ୍ଗଡା ଛକରେ ଚାଲିଥିବା ଅପମିଶ୍ରଣ ଡିପୋ ଉପରେ ଚଢ଼ାଉ କରାଯାଇ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିଲା। ପୁଣି ଆମ ଥାନା ଇଲାକାରେ ଯଦି ଏଭଳି ଅପମିଶ୍ରଣ ଚାଲିଛି, ଖୁବଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯିବ।

- ଦୈନିକ ଲକ୍ଷାଧିକ ଟଙ୍କାର କାରବାର
- ପାରାଦୀପ-ଡୁବୁରୀ ଜାତୀୟ ରାଜପଥ ପାର୍ଶ୍ୱ ପେଣ୍ଠସ୍ଥଳ




# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଯାଜପୁର ରୋଡ୍/କଳିଙ୍ଗନଗର,୭।୧(ଡି.ଏନ.ଏ.)**

ଯାଜପୁର ଜିଲା ରଗଡ଼ି ଉପକାରାଗାରର ବିଚାରାଧୀନ କଏଦୀ ଗନ୍ଧର୍ବ ସ୍ୱାଇଁଙ୍କ ଗୁରୁବାର ମୃତ୍ୟୁ ହୋଇଛି। ସେ ବୋମାମାଡ଼ରେ ଗୁରୁତର ହୋଇଥିଲେ। ତାଙ୍କ ହାତ କାଟିବାକୁ ପଡ଼ିଥିଲା। ୪।୧୨।୨୦୨୦ରେ ସୁକିନ୍ଦା ଥାନା ହାତୀବାରି ଗ୍ରାମରେ ବନ୍ଧୁକ ଦେଖାଇ ଏକ ଡକାୟତି ଓ ବୋମା ମାଡ ଘଟଣାରେ ସେ ସାମିଲ ହୋଇଥିଲେ। ବଡ଼ଚଣା ଥାନା ପାଇକରାୟପୁର ଗ୍ରାମର ଗନ୍ଧର୍ବ ବୋମା ଧରି ଆସୁଥିବା ବେଳେ ଏକ ତାରରେ ଝୁଣ୍ଟି ପଡିବାରୁ ବୋମା ତଳେ ପଡି ଫୁଟିଯାଇଥିଲା। ଉକ୍ତ ଘଟଣାରେ ସେ ଗୁରୁତର ହୋଇଥିଲେ। ଅନ୍ୟ ଅଭିଯୁକ୍ତମାନେ ଗନ୍ଧର୍ବଙ୍କୁ ସେଠାରେ ଛାଡି ଫେରାର ହୋଇଯାଇଥିଲେ। ଏହି ଘଟଣା ରାତ୍ର ପ୍ରାୟ ୨ଟାରେ ଘଟିଥିବାବେଳେ ଗନ୍ଧର୍ବ ତାଙ୍କ ଭ୍ରାଇଙ୍କୁ ଡକାଇ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଏହାପରେ ସେ ରଗଡି କାରାଗାରରେ ବିଚାରାଧୀନ ଅଭିଯୁକ୍ତ ଭାବେ ଦିନ କାଟୁଥିଲେ। ଗୁରୁବାର ଦେହ ଅସୁସ୍ଥ ହେବାରୁ ଡାକ୍ତରଖାନାକୁ ନେବା ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ଜଣାପଡ଼ିଛି।

## ପିକ୍‌ନିକ୍ ସ୍ପଟ୍

# ଖଡ଼ିକାଝଡ଼ି ଜଳପ୍ରପାତ



ପ୍ରକୃତିର ଗନ୍ତାଘର ମାଲକାନଗିରି ଜିଲା। ଏଠାକାର ପରିବେଶ ସବୁବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ଜିଲାର ଅନ୍ୟତମ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ଖଡ଼ିକାଝଡ଼ି ଜଳପ୍ରପାତ। କୋରୁକୋଣ୍ଡା ବ୍ଲକ ବାଲିମେଳା ଛକଠାରୁ ଅଳ୍ପ ଦୂରରେ ରହିଛି ଏହି ସ୍ଥାନ। ବାଲିମେଳା ଛକରୁ ଟନେଲ କ୍ୟାମ୍ପକୁ ଯୋଗାଯୋଗ କରୁଥିବା ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏହି ସ୍ଥାନ ଉପରେ ଏଯାଏ ପ୍ରଶାସନର ନଜର ପଡିନି। ଶୀତଋତୁରେ ଏଠାରେ ବଣଭୋଜି ପାଇଁ ଭିଡ଼ ଜମେ। ଜିଲା ଏବଂ ବାହାରୁ ଲୋକେ ଆସିଥାନ୍ତି। ବଣଭୋଜି କରିବା ସହ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ଜଳପ୍ରପାତ ଅଞ୍ଚଳ ପଥୁରିଆ ହୋଇଥିବାରୁ ସତର୍କତାର ସହ ସେଠାକୁ ଯିବାକୁ ପଡେ। ପଥର ମଧ୍ୟରେ ଜଳପ୍ରପାତର କୁଳୁକୁଳୁ ସ୍ୱର ଏହାର ପରିବେଶକୁ ବେଶ୍ ଆକର୍ଷଣୀୟ କରିଥାଏ। ଏଠାରେ ବଣଭୋଜି ପାଇଁ ବନ ବିଭାଗ ୪ ବର୍ଷ ତଳେ କେତେକ ସିମେଣ୍ଟ ପିଣ୍ଡି ନିର୍ମାଣ ସହ ଚାଳଛପର କୁଡ଼ିଆ କରିଥିଲା। ମାତ୍ର ଗତ ହୁଡ୍‌ହୁଡ୍ ବାତ୍ୟାରେ ସେସବୁ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପରେ ବିଭାଗ ଏଠାରେ ପର୍ଯ୍ୟଟକଙ୍କ ପାଇଁ କିଛି ବିକାଶମୂଳକ କାର୍ଯ୍ୟ କରିନାହିଁ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଜଳପ୍ରପାତ ଅଞ୍ଚଳର ଉନ୍ନତି ଲାଗି ଅର୍ଥ ଆସୁଥିଲେ ମଧ୍ୟ ତାହା ବିଭାଗ ଖର୍ଚ୍ଚ ନ କରି ପକାଇ ରଖିଛି। ଜିଲା ପ୍ରଶାସନ ଏହାର ଉନ୍ନତି ପ୍ରତି ପଦକ୍ଷେପ ନେଲେ ଉକ୍ତ ସ୍ଥାନର ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି।

**କେମିତି ଯିବେ**

ମାଲକାନଗିରି ଜିଲା ସଦର ମହକୁମାରୁ ଏହି ପର୍ଯ୍ୟଟନ ସ୍ଥଳି ୩୨କି.ମି. ଦୂର। ବାଲିମେଳା ଛକରୁ ନାକାମାମୁଡିକୁ ସଂଯୋଗ କରୁଥିବା ରାସ୍ତାରେ ୨ କି.ମି. ଗଲେ ପଡିବ ଖଡ଼ିକାଝଡ଼ି ଜଳପ୍ରପାତ। ଏଠାରେ ବସ୍, ଚାରିଚକିଆ ଯାନ, ମୋଟର ସାଇକେଲ ରହିବା ପାଇଁ ବ୍ୟବସ୍ଥା ରହିଛି।

**– ରିପୋର୍ଟ: ଅବିନାଶ ବେହେରା, କୋରୁକୋଣ୍ଡା**

# ୧୧ଲକ୍ଷ ଠକେଇ, ୨ ଦମ୍ପତି କୋର୍ଟ ଚାଲାଣ

**ହିଞ୍ଜିଳିକାଟୁ, ୭।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ଥାନା କାଞ୍ଜିଆମ୍ବା ଓ କୋଦଳା ଥାନା ଡେଙ୍ଗାପଦର ଗ୍ରାମର ୨ ଦମ୍ପତି ଚାକିରି, ଗ୍ରୁପ୍ ଲୋନ୍ ଆଦି କରାଇ ଦେବାକୁ କହି ୧୧ଲକ୍ଷ ୨୨ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଗୁରୁବାର ଗିରଫ ହୋଇଛନ୍ତି। ସେମାନେ ହେଲେ କାଞ୍ଜିଆମ୍ବା ଗ୍ରାମର ମାଧବ ଜେନା, ତାଙ୍କ ସ୍ତ୍ରୀ ବନିତା ଜେନା ଓ ଡେଙ୍ଗାପଦରର ସୁଜିତ କୁମାର ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ଅନିତା ପ୍ରଧାନ। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ୨ ଦମ୍ପତିଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ଦୁଇ ଦମ୍ପତି ଚାକିରି ଦେବା, ଗ୍ରୁପ୍‌ଲୋନ ଓ ଅନ୍ୟ ସୁବିଧା ଯୋଗାଇଦେବା ପ୍ରଲୋଭନ ଦେଖାଇ କାଞ୍ଜିଆମ୍ବା ଓ ଆଖପାଖ ଗ୍ରାମର ପ୍ରାୟ ୩୯ ଜଣଙ୍କଠାରୁ ୧୧ଲକ୍ଷ ୨୨ହଜାର ଟଙ୍କା ଠକେଇ କରିଥିଲେ। ତେବେ ଧାର୍ଯ୍ୟ ସମୟ ମଧ୍ୟରେ ଚାକିରି କି ଲୋନ୍ ନ ମିଳିବାରୁ ସେମାନେ ଅର୍ଥ ଫେରାଇବାକୁ ଦାବି କରିଥିଲେ। ଅଭିଯୁକ୍ତ ୨ ଦମ୍ପତି ଟଙ୍କା ଫେରସ୍ତ ନ କରି ଧମକ ଦେଉଥିଲେ। ଠକେଇର ଶିକାର ହୋଇଥିବା କାଞ୍ଜିଆମ୍ବାର ରୀତା ଜେନା, ଜଗଦୀଶ ବେହେରା, କାମେଶ୍ୱରୀ ଜେନା, ମିନତି ସ୍ୱାଇଁ, ଦାଶରଥି ନାୟକ ପ୍ରମୁଖ ଏନେଇ ସୋମବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ନଂ. ୪/୨୧ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା ବୋଲି ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।



ଆମେରିକାରେ ସୁସ୍ଥ ଗଣତନ୍ତ୍ର ପାଇଁ ପୁରୀ ବେଳାଭୂମିରେ ଗୁରୁବାର ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ରାମକୁଣ୍ଡା ଜଙ୍ଗଲରେ ଦନ୍ତାର ମୃତ୍ୟୁ



**କପ୍ତିପଦା,୭।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଶାରୀଶୁଆ ବିଟ୍ ଅନ୍ତର୍ଗତ ରାମକୁଣ୍ଡା ଜଙ୍ଗଲରୁ ଗୁରୁବାର ବନ ବିଭାଗ ଏକ ଦନ୍ତାର ମୃତଦେହ ଉଦ୍ଧାର କରିଛି। ଭିଏଏସ୍‌ଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ହାତୀ ମୃତଦେହକୁ ପୋତି ଦିଆଯାଇଛି। ମୃତ ହାତୀର ବୟସ ଆନୁମାନିକ ୩୦ବର୍ଷ ହେବ। ଏହାର ଦାନ୍ତ ନ ଥିବା ବେଳେ ୫-୬ ଦିନ ପୂର୍ବରୁ ମରି ପଡ଼ିଥିବା ବନ ବିଭାଗ ସୂଚନା ଦେଇଛି। ତେବେ ଦାନ୍ତ ପାଇଁ କେହି ଶିକାରୀ ହାତୀକୁ ମାରି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଖବରପାଇ ବାରିପଦା ବନଖଣ୍ଡ ଅଧିକାରୀ ଆଶିଷ ସନ୍ତୋଷ ଯୋଶୀ,ଏସ୍‌ସିଏଫ୍ ଦିଲ୍ଲୀପ ବାରିକ୍, ରେଞ୍ଜର ମହେଶ୍ୱର ସିଂ, ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ରେଞ୍ଜର ସିଂଙ୍କୁ ପଚାରିବାରୁ ତଦନ୍ତ ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି।

# ଆଉ ଜଣେ ଅଧିକାରୀ ନିଲମ୍ବିତ

**ଆର୍‌ଏସ୍‌ପି ଗ୍ୟାସ୍ ଦୁର୍ଘଟଣା ପ୍ରସଙ୍ଗ**

**ରାଉରକେଲା ଅଫିସ, ୭।୧**

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ଗ୍ୟାସ୍ ଦୁର୍ଘଟଣା ନେଇ ଗୁରୁବାର ଆଉ ଜଣେ ଆର୍‌ଏସ୍‌ପି ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ସେ ହେଉଛନ୍ତି କାରଖାନା ସୁରକ୍ଷା ବିଭାଗ ଅଧିକାରୀ ସ୍ମିତିରଞ୍ଜନ ସାହୁ। ବୁଧବାର ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା କରିଥିବା ୨ ବିଭାଗୀୟ ଅଧିକାରୀ ଡିଜିଏମ୍ ଗୋପବନ୍ଧୁ ବାରିକ ଓ ନଭେନ୍ଦୁ ଦାସଙ୍କୁ କାରଖାନା କର୍ତ୍ତୃପକ୍ଷ ନିଲମ୍ବିତ କରିଥିଲେ। ଆର୍‌ଏସ୍‌ପି ପକ୍ଷରୁ ୩ ଜଣିଆ ତଦନ୍ତକାରୀ ଟିମ୍ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ବହନ କରିଛି। ଫ୍ୟାକ୍ଟ୍ରି ଆଣ୍ଡ ବୟଲର୍ସ ବିଭାଗ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ କରାଯାଇଛି। ଆବଶ୍ୟକ ହେଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବିଭାଗୀୟ ଉପନିର୍ଦ୍ଦେଶକ ବିଭୁପ୍ରସାଦ। ଅପରପକ୍ଷେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ରାଉରକେଲା ବିଧାୟକ ସାରଦା ନାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଗୁରୁବାର ଦଳ ପକ୍ଷରୁ ରାଉରକେଲାରେ ଶୋଭାଯାତ୍ରା କରାଯାଇଥିଲା। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇ ସୁନ୍ଦରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଶୋଭାଯାତ୍ରାରେ ବିଧାୟକ ନାୟକଙ୍କ ସହ ବିଜେଡି ନେତା ଗଗନ ପଣ୍ଡା, ଜୟନ୍ତ ମିଶ୍ର, ସୁଧୀର ସୁନ୍ଦରରାୟ, ସୁବାସ ସ୍ୱାଇଁ, ଯସବିନ୍ଦର ସିଂ ଗୋଲ୍ଡି, ଆରତି ଚୌଧୁରୀ, ସୁଶାନ୍ତ ନାୟକ ଓ ପିଙ୍କୁ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ା ଜିଲାରେ ବାଘ ଆତଙ୍କ

**ତରବୋଡ, ୭।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବନାଞ୍ଚଳ ଅଧୀନ ଭରୁଆମୁଣ୍ଡା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ପ୍ରତିଦିନ ଗାଁରେ ବାଘ ଘୂରି ବୁଲୁଛି। ଗାଁର ଗାଈ, ବଳଦ, ଛେଳି, ମେଣ୍ଢା ସବୁ ଖାଇ ଦେଉଛି। ଭୟରେ ଲୋକେ ଦିନରାତି ତାଟି କବାଟ ବନ୍ଦ କରି ଠେଙ୍ଗା ବାଡି ଧରି ଘର ବାହାରେ ଜଗି ରହୁଛନ୍ତି। ସୂଚନା ଅନୁଯାୟୀ, କୋମନା ବନାଞ୍ଚଳଠାରୁ ୫ କି.ମି. ଦୂର ଭରୁଆମୁଣ୍ଡା ଗ୍ରାମରେ ଗତ ରବିବାର ନବୀନ ମାଝି ଛେଳି, ମେଣ୍ଢା ଚରାଇବା ପାଇଁ ଘଞ୍ଚ ଜଙ୍ଗଲ ଚାନ୍ଦେଲ ପାହାଡ ଉପରକୁ ନେଇଥିଲେ। ପୂର୍ବାହ୍ନ ୧୧ଟାରେ ହଠାତ୍ ଏକ ବାଘ ଆସି ଛେଳି ଉପରେ ଝାମ୍ପ ମାରିଲା ବେଳେ ନବୀନ ଚିତ୍କାର କରିବାରୁ ଛେଳିକୁ ମାରି ଛାଡି ଦେଇ ମେଣ୍ଢା ଉପରେ ଝାମ୍ପ ମାରିଥିଲା। ନବୀନ ଡରି ଗାଁକୁ ଦୌଡି ଆସି ଗ୍ରାମବାସୀଙ୍କୁ ଜଣାଇଥିଲା। ଲୋକମାନେ ହାତରେ ଠେଙ୍ଗା, ବାଡି, ଟାଙ୍ଗିଆ, କୋଦାଳ, ଧନୁତୀର ଧରି ଚାନ୍ଦେଲ ପାହାଡକୁ ଯାଇ ଦେଖିଲେ ଯେ, ଗୋଟିଏ ଛେଳି ଓ ଗୋଟିଏ ମେଣ୍ଢାକୁ ମାରି ନେଇ ଯାଇଥିଲା। ଅନ୍ୟ ଛେଳି ଓ ମେଣ୍ଢା ଛିନ୍‌ଛତ୍ର ହୋଇଯାଇଥିଲେ। ଲୋକ ଏକାଠି କରି ଆଣିଥିଲେ। ଛେଳିକୁ କେଉଁଆଡେ ନେଇଗଲା ଜଣାପଡି ନ ଥିବା ବେଳେ ମେଣ୍ଢାକୁ ଖାଇ ଅଧା ଛାଡି ଦେଇଥିଲା। ଗତ ବୁଧବାର ରାତିରେ ବନବାସ ମାଝିଙ୍କ ଗୁହାଳରେ ଥିବା ବଳଦକୁ ଆକ୍ରମଣ କରିଥିଲା। ବଳଦ ବାଘ ସହିତ ଲଢ଼େଇ କରି ଗୁହାଳରୁ ଜୀବନ ବିକଳରେ ବାହାରକୁ ଚାଲି ଯାଇଥିଲା। ବଳଦର ଶରୀରରେ କ୍ଷତାକ୍ତ ହୋଇଛି। ମଙ୍ଗଳବାର ଡୋଳାମଣି ମାଝିଙ୍କ ଗୋଟିଏ ବଳଦକୁ ନେଇ ଖାଇ ଦେଇଥିବା କହିଛନ୍ତି। ବନବାସୀ ମାଝିଙ୍କ କହିବା ଅନୁସାରେ ଆମେ କୁକୁର ରଖିଛୁ ବୋଲି ଆମର ଜୀବନ ରକ୍ଷା ହେଉଛି। ଯେତେବେଳେ ବାଘ ପଦାକୁ ବାହାରେ କୁକୁର ଭୁକେ (ଶବ୍ଦ) କରେ, ସେତେବେଳେ ଆମେ ଜାଣିପାରୁ ଯେ ବାଘ ଆସୁଛି। ବନ ବିଭାଗ ପକ୍ଷରୁ ବାଘକୁ ଧରି ଅନ୍ୟ ସ୍ଥାନକୁ ନେଇଗଲେ ଭଲ ହୁଅନ୍ତା ବୋଲି କହୁଥିଲେ। ଉଲ୍ଲେଖନୀୟ ଯେ, ୨୦୧୮ରେ ନୂଆପଡା ହଳଦି ଗ୍ରାମରେ ବାଘ ମା' କୋଳରୁ ଛୁଆକୁ ନେଇ ଯାଇଥିଲା। ତାହାକୁ ବନ ବିଭାଗ ଧରି ନନ୍ଦନକାନନରେ ଛାଡିଥିଲେ।



# ପାପଡାହାଣ୍ଡିରେ ହେଟାବାଘ

**ପାପଡାହାଣ୍ଡି, ୭।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ଫରେଷ୍ଟ ଅଧୀନ ବାରିଗୁଡା ନିକଟ ଜମିରେ ଥିବା ସୁଡଙ୍ଗରେ ଏକ ବନ୍ୟଜନ୍ତୁ ଫସି ରହିଥିବା ଯୋଗୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସୁଡଙ୍ଗରେ ଫସିଥିବା ଜନ୍ତୁଟି ହେଟା ବାଘ ବୋଲି ଅନୁମାନ କରାଯାଉଛି। ପ୍ରକାଶ ଯେ, ବାରିଗୁଡା ନିକଟ ଏକ ଜମି ଭିତରେ ଥିବା ସୁଡଙ୍ଗରେ ଗୁରୁବାର ଏକ ହେଟା ବାଘ ଫସି ରହିଥିବା ଗାଈ ଚରାଳିମାନେ କହିଛନ୍ତି।

# ପାଣ୍ଠି ବିନିଯୋଗ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଅଭିଯୋଗ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଓଡ଼ିଶାକୁ ମୋଦି ସରକାର ଗରିବ କଲ୍ୟାଣ ଯୋଜନାର ପ୍ରୟୋଗଶାଳା କରିଛନ୍ତି। ରାଜ୍ୟର ବିକାଶ ପାଇଁ ଅର୍ଥର ଅଭାବ ରହିବନାହିଁ । ମୋଦି ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ଭାଜପା କାର୍ଯ୍ୟକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସି ଯୋଶୀ ବିଭିନ୍ନ ପ୍ରସଙ୍ଗରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ଅଭିଯୋଗ ଶୁଣିଛନ୍ତି। ରାଜ୍ୟରେ ଡିଏମଏଫ ପାଣ୍ଠି ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କମ୍ପାନୀଗୁଡ଼ିକ ସିଏସଆର ପାଣ୍ଠିର ବିନିଯୋଗ ନ ହୋଇପାରିବା ନେଇ କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଥିବା ଏମ୍‌ସିଏଲ୍, ନାଲକୋ ଆଦି ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଖଣିଜ ଅଞ୍ଚଳର ରାସ୍ତା ଘାଟ, ପାନୀୟ ଜଳ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ରାଜ୍ୟ ସରକାର ବାଧକ ସାଜିଛନ୍ତି ବୋଲି କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଛନ୍ତି।

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ



# ଏକ ଆହ୍ୱାନ

ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିପିଏ) ଜାନୁୟାରୀ ୨୯ରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହୋଇ ଫେବୃଆରୀ ୧ରେ ବଜେଟ ଉପସ୍ଥାପନ ହେବ ବୋଲି ସୁପାରିସ କରିଛି। ଏହି ଅଧିବେଶନରେ ଆସିବାକୁ ଥିବା ବଜେଟ କେନ୍ଦ୍ର ସରକାରଙ୍କ ଶକ୍ତି ପରୀକ୍ଷା କରିବ, ଯାହା ଅତୀତରେ କେବେ ହୋଇ ନ ଥିଲା। ଆର୍ଥିକ ଅଭିବୃଦ୍ଧିର ନକାରାତ୍ମକ ସ୍ଥିତି ଓ କୋଭିଡ୍-୧୯ରେ ଲୋକମାନଙ୍କ ଜୀବନ ଜୀବିକା ସର୍ବନାଶ ହୋଇଥିବାବେଳେ ସରକାରଙ୍କ ପାଇଁ ଏଥର ଅଧିକ ଆହ୍ୱାନ ରହିଛି। କେନ୍ଦ୍ର ଅର୍ଥ ବିଭାଗ ମଧ୍ୟ ଏଭଳି ଅନେକ ଚ୍ୟାଲେଞ୍ଜ ବା ଆହ୍ୱାନର ସମ୍ମୁଖୀନ ହେଉଛି। କରୋନା ଭାଇରସକୁ ନିୟନ୍ତ୍ରଣ କରିବାକୁ ବାକି ରହିଥିବାବେଳେ ବେରୋଜଗାରି ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି। ସମୟ ତୀବ୍ର ଗତିରେ କମିଯାଇଛି। ଲୋକଙ୍କ ଚାକିରି ଚାଲିଯାଉଛି। ସାର୍ବଜନିକ ଖର୍ଚ୍ଚ ମଧ୍ୟ ଭୀଷଣ ଭାବେ ହ୍ରାସ ପାଇଛି। ଚାହିଦା ବି ଉତ୍ସାହଜନକ ନୁହେଁ। ଏହି ପରିପ୍ରେକ୍ଷୀରେ ଲୋକମାନେ ଅର୍ଥମନ୍ତ୍ରୀଙ୍କଠାରୁ ବହୁତ କିଛି ଆଶା କରୁଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବି କହିସାରିଲେଣି ଯେ,ଦେଶର ଇତିହାସରେ ଆଗାମୀ ବଜେଟ ସବୁଠୁ ଭିନ୍ନ ହେବ। ସମ୍ପୂର୍ଣ୍ଣ ଋଣଗ୍ରସ୍ତ ଅର୍ଥବ୍ୟବସ୍ଥାକୁ ଉଦ୍ଧାର କରିବ ଓ କିପରି ଅଭିବୃଦ୍ଧି ଟ୍ରାକ୍କୁ ଫେରାଯାଇପାରିବ ତାହା ଅର୍ଥମନ୍ତ୍ରୀ ଓ ତାଙ୍କ ନୀତି ନିର୍ଦ୍ଧାରକ ଟିମ୍ ପାଇଁ ଏକ ବଡ ଚ୍ୟାଲେଞ୍ଜ ହୋଇ ରହିଛି। ଏଥିପାଇଁ ଆବଶ୍ୟକ ଏକ ଅସାଧାରଣ ପଦକ୍ଷେପ ଓ ସମ୍ବଳ। ଅର୍ଥାତ, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ନିବେଶ ବୃଦ୍ଧି କରିବାକୁ ହେବ, ଯାହା ନିଯୁକ୍ତି ସୃଷ୍ଟି କରିବ ଏବଂ ଏହାର ଅର୍ଥବ୍ୟବସ୍ଥା ଉପରେ ଏକ ବଡ ପ୍ରଭାବ ରହିବ। ସମ୍ବଳଗୁଡ଼ିକ ମଧ୍ୟରେ ଏକ ବଡ କ୍ଷେତ୍ର ହେଉଛି ସ୍ୱାସ୍ଥ୍ୟ , ଯାହା ଏବେ ଟିକାକରଣ କାର୍ଯ୍ୟ ଚଳାଇବା ସହ ଏ ସମ୍ପର୍କିତ ବ୍ୟୟକୁ ନିୟନ୍ତ୍ରଣ କରିବ। ଏଥିପାଇଁ ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ କରିବା ଦରକାର। ଏବେ ଚାଲିଥିବା କୃଷକ ଆନ୍ଦୋଳନ ଯୋଗୁ ଅତ୍ୟାଧୁନିକ ଶୀତଳଭଣ୍ଡାର ଏବଂ ଶୃଙ୍ଖଳିତ ଯୋଗାଣ ଭିତ୍ତିଭୂମି ନିର୍ମାଣ ସରକାରଙ୍କ ପାଇଁ ଆଉ ଏକ ପ୍ରମୁଖ ବିଷୟ ହେବ। କୃଷକଙ୍କ ବସ୍ତୁ ବିକ୍ରି ନିଜକୁ ଦର୍ଶାଇବାକୁ ଯାଇ ଯେକୌଣସି ପ୍ରକାରରେ ଯାହା କିଛି ସମ୍ଭବ ସରକାର ତାହା କରିବାକୁ ଚେଷ୍ଟା କରିବେ। ତେବେ ତିନୋଟି ନୂଆ କୃଷି ବିଲ୍ କଣ୍ଟା ରୂପରେ ସାମ୍ନାକୁ ଆସିଛି। ସେହିପରି କୋଭିଡ୍-୧୯ ମହାମାରୀରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିବା ଗ୍ରାମୀଣ ଭାରତରେ ଏମ୍ଜିଏନ୍ଆରଇଜିଏସ ମାଧ୍ୟମରେ ଲୋକମାନଙ୍କୁ ରୋଜଗାର ଯୋଗାଇ ଦେବାରେ ପ୍ରଦାନ କରାଯାଉଥିବା ଅନୁଦାନ ଏଥର ଅଧିକ ହେବ ବୋଲି ଅନୁମାନ କରାଯାଉଛି।

କିନ୍ତୁ ଏଭଳି ଅତ୍ୟଧିକ ବ୍ୟୟ କରିବାକୁ ସରକାର କେଉଁଠୁ ସମ୍ବଳ ଜୁଟାଇବେ ? ଏପରି କି ବ୍ୟୟରେ ଏକ ମଧ୍ୟମ ବୃଦ୍ଧି କରିବା ମାନେ ସରକାରଙ୍କୁ ରାଜସ୍ୱ ବଢାଇବାକୁ କିଛି ନୂଆ ଚିନ୍ତା କରିବାକୁ ହେବ। ଅଭିବୃଦ୍ଧି ନକାରାତ୍ମକ ହୋଇଚାଲିଥିବାବେଳେ,ରାଜସ୍ୱ ସଂଗ୍ରହ ହ୍ରାସ ପାଉଥିବା ସମୟରେ ଏଭଳି ଚିନ୍ତା କରିବାକୁ ପଡିବ। ଶେୟାର ବଜାରରେ ଏବକାର ଅତ୍ୟଧିକ ବୃଦ୍ଧି ନିଶ୍ଚିତ ସରକାରଙ୍କୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ(ପିଏସୟୁ)ଗୁଡ଼ିକରୁ ତାଙ୍କ ଅଂଶଧନ ବିକ୍ରି କରିବାକୁ ଉତ୍ସାହିତ କରିବ। ଏୟାର ଇଣ୍ଡିଆ ଓ ଶିପିଂ କର୍ପୋରେଶନ ଏବଂ ବିପିସିଏଲ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରୁ ହେବାକୁ ଥିବା ପୁଞ୍ଜି ପ୍ରତ୍ୟାହାର ପ୍ରକ୍ରିୟା କରୋନା ଭାଇରସ ସମସ୍ୟା ଯୋଗୁ ବନ୍ଦ ରହିଥିଲା। ଏବେ ସରକାର କ୍ଷତିରେ ଚାଲୁଥିବା ଏବଂ ଲାଭ କରୁଥିବା ନୀଳାଚଳ ଇସ୍ପାତ ନିଗମ ଏବଂ କୋନକୋର ଭଳି କିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରିବା ପାଇଁ ଅଧିକ ଆଗ୍ରହୀ ହୋଇପାରନ୍ତି। ସରକାରୀ ସମ୍ପତ୍ତିର ଉପଯୁକ୍ତ ଏବଂ ଉତ୍ତମ ମୂଲ୍ୟାୟନ ପାଇଁ ଏହି ସମୟ ମଧ୍ୟ ଅନୁକୂଳ ହୋଇପାରେ। କିନ୍ତୁ ଏହା ସବୁଠୁ ଭଲ ବିକଳ୍ପ ହେବନାହିଁ। ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ଥିବା ସରକାରୀ ଅଂଶଧନ ବିକ୍ରି ପ୍ରକ୍ରିୟା ସବୁବେଳେ ବିରୋଧର ସମ୍ମୁଖୀନ ହୋଇଆସିଛି। ସାମ୍ପ୍ରତିକ ସମୟରେ ବି ଏଥିରେ କିଛି ପରିବର୍ତ୍ତନ ହେବା ଜଣାପଡୁନାହିଁ। ତେବେ ଦୀର୍ଘଦିନ ଧରି ଲାଭ କରି ଆସୁଥିବା ଏଲ୍ଆଇସିରୁ ଅଂଶଧନ ବିକ୍ରି କରିବା ଏତେ ସହଜ ନୁହେଁ। ସରକାରଙ୍କ ପାଖରେ ଆଉ ଏକ ବିକଳ୍ପ ରହିଛି, ଯେଉଁଥିରେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଆମଦାନୀ ଶୁଳ୍କକୁ ବଢାଇ ପାରିବେ। ଏହା ମଧ୍ୟ ଘରୋଇ ବଜାର ପାଇଁ ଉପଯୋଗୀ ପଦକ୍ଷେପ ହେବନାହିଁ, ଏହା ଘରୋଇ ବଜାରର ସୁରକ୍ଷା ଦକ୍ଷତାକୁ ଶେଷ କରିଦେବ। ପୁନଶ୍ଚ ଲୋକମାନଙ୍କୁ ସେମାନଙ୍କ ପସନ୍ଦର ଜିନିଷ କିଣିବା ଏବଂ ଆର୍ଥିକ ଲାଭ ଉଠାଇବାର ସ୍ୱାଧୀନତାରୁ ବଞ୍ଚିତ କରିବା ଉଚିତ ନୁହେଁ। କରୋନା ମହାମାରୀ ଯୋଗୁ ଦେଶର ବିତ୍ତୀୟ ନିଅଣ୍ଟ ୭%ଟପିଯାଇଛି। ଏହି ପରିପ୍ରେକ୍ଷୀରେ କୌଣସି ଅବିବେକି ପଦକ୍ଷେପ ଦେଶର ଆର୍ଥିକ ପରିସ୍ଥିତିକୁ ଆହୁରି ସଙ୍କଟକୁ ଠେଲିଦେବ। ଭାରତର ଋଣ ସ୍ତର ଅନିୟନ୍ତ୍ରିତ ହୋଇ ନାହିଁ ଯେଉଁଥିପାଇଁ ଆନ୍ତର୍ଜାତିକ ମୂଲ୍ୟାଙ୍କନ ସଂସ୍ଥାଗୁଡ଼ିକ ରେଟିଂରେ ଆହୁରି ତଳକୁ ଖସାଇବେ ବୋଲି ଅର୍ଥମନ୍ତ୍ରୀ ନିଶ୍ଚିତ କରିବା ଉଚିତ। ଭାରତୀୟ ବ୍ୟାଙ୍କଗୁଡ଼ିକର ଅବସ୍ଥା ବେଶି ଭଲ ନାହିଁ। କୋଭିଡ୍ ୧୯ ସଙ୍କଟ ସମୟରେ ଲାଗୁ କରାଯାଇଥିବା ମୋରାଟୋରିୟମ ଏବଂ ସୁଧହାର ହ୍ରାସ ଯୋଗୁ ଯେଉଁ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ଚିନ୍ତା ବାହାରେ ରହିଛି ସେମାନଙ୍କ ପାଇଁ ଏକ ଝଟକା ହେବ। ବ୍ୟାଙ୍କଗୁଡ଼ିକୁ ପୁଞ୍ଜିଯୋଗାଣ ଏକ ବଡ ଚ୍ୟାଲେଞ୍ଜ ହୋଇପାରେ, ମୁଖ୍ୟତଃ ଏଗୁଡ଼ିକୁ ବିକ୍ରି କରିବା ପାଇଁ ଘରୋଇ କମ୍ପାନୀଗୁଡ଼ିକୁ ପାଇବା ସରକାରଙ୍କ ପାଇଁ ଏକ ବଡ ଆହ୍ୱାନ ହେବ। ଭାରତ ସ୍ୱପ୍ନ ଦେଖୁଥିବା ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥା ବ୍ୟାଙ୍କଗୁଡ଼ିକର ଉତ୍ତମ ଅବସ୍ଥା ଓ ସଫଳତା ଉପରେ ନିର୍ଭର କରେ। ଟିକାକରଣ ସରକାରଙ୍କ ପାଇଁ ଏକ ବୃହତ୍ ଚ୍ୟାଲେଞ୍ଜ ହେବ। ବିଶ୍ୱର ଦ୍ୱିତୀୟ ବିକାଶଶୀଳ ରାଷ୍ଟ୍ର ଭାରତର ସମ୍ପୂର୍ଣ୍ଣ ଟିକାକରଣ ପାଇଁ ଯାହାହେଲେ ବି ସରକାରଙ୍କୁ ୪୦,୦୦୦ କୋଟିରୁ ୬୦,୦୦୦ କୋଟି ଟଙ୍କାର ପାଣ୍ଠି ଦରକାର। ଅର୍ଥବ୍ୟସ୍ଥାରେ ସୁଧାର ଆଣିବା ଲାଗି ଅର୍ଥମନ୍ତ୍ରୀ ସୀତାରାମନ କିପରି ଏହି ସବୁ ଆହ୍ୱାନକୁ ଅତିକ୍ରମ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ଆଜିର ଅର୍ଥନୀତି

# ବିଦ୍ୟୁତ୍ ବିଲ୍କୁ ବିରୋଧ କାହିଁକି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦିଲ୍ଲୀରେ ଚାଲିଥିବା କୃଷକମାନଙ୍କ ଐତିହାସିକ ଆନ୍ଦୋଳନ ପକ୍ଷରୁ ତିନୋଟି କୃଷି ଆଇନର ପ୍ରତ୍ୟାହାର ବ୍ୟତୀତ ପ୍ରସ୍ତାବିତ ବିଦ୍ୟୁତ୍ ଆଇନ (ସଂଶୋଧନ) ବିଲ୍ -୨୦୨୦କୁ ବାତିଲ କରିବାକୁ ଦାବି କରାଯାଇଛି। ଗତ ଡିସେମ୍ବର ୩୦ ତାରିଖରେ ସରକାରଙ୍କ ସହ ହୋଇଥିବା ଆଲୋଚନାରେ କୃଷକ ନେତାମାନେ ଏହି ବିଲ୍ ନେଇ ନିଜର ପକ୍ଷ ରଖିବା ପରେ ସରକାରଙ୍କ ପକ୍ଷରୁ ତାକୁ ବାତିଲ କରିବାକୁ ନୀତିଗତ ଭାବେ ରାଜି ହୋଇଛନ୍ତି। ତେବେ ସରକାରଙ୍କ ଏହି ପ୍ରସ୍ତାବିତ ବିଲ୍କୁ ବିରୋଧ କରିବା ପଛରେ କୃଷକମାନଙ୍କ ପକ୍ଷରୁ କେଉଁ ଆଶଙ୍କା ରହିଛି ତାକୁ ଜାଣିବା ଦରକାର।

ବିଦ୍ୟୁତ୍ ବିଲ୍-୨୦୨୦କୁ ଯଦିଓ ବର୍ତ୍ତମାନ କୃଷକମାନେ ହିଁ ବିରୋଧ କରୁଛନ୍ତି, କିନ୍ତୁ ଏହାଦ୍ୱାରା କୁଆଡ଼େ ଦେଶର ସାଧାରଣ ଜନତା ବି କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଜଣାପଡ଼ିଛି। ପୂର୍ବରୁ ସରକାର ୨୦୦୩ ମସିହାରେ ବିଦ୍ୟୁତ୍ ଆଇନ ପ୍ରଣୟନ କରି ବିଦ୍ୟୁତ୍ ସଂସ୍କାର ନାଁରେ ଦେଶର ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇ କମ୍ପାନୀଙ୍କ ପ୍ରବେଶର ରାସ୍ତା ଖୋଲିଥିଲେ। ବିଦ୍ୟୁତ୍ ଆମ ଦୈନନ୍ଦିନ ଜୀବନର ଏକ ଜରୁରୀ ଆବଶ୍ୟକତା ହୋଇଥିବାରୁ ଖାଉଟିଙ୍କୁ ସୁଲଭ ମୂଲ୍ୟରେ, ନିରନ୍ତର ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବାର ପ୍ରତିଶ୍ରୁତି ଦେଇ ସରକାର ବିଦ୍ୟୁତ୍ କ୍ଷେତ୍ରରେ ଏହି ସଂସ୍କାର ଆରମ୍ଭ କରିଥିଲେ। ବିଦ୍ୟୁତ୍ କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ଫଳରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ହେବ ଏବଂ ଜନସାଧାରଣ ଉଚ୍ଚମାନର ସେବା ପାଇବେ ବୋଲି କହି ଘରୋଇ କମ୍ପାନୀଙ୍କୁ ପୁଞ୍ଜିନିବେଶ ପାଇଁ ଅନୁମତି ଦିଆଯାଇଥିଲା। ଏହି ବଡ଼ କମ୍ପାନୀମାନେ ବିଦ୍ୟୁତ୍ କ୍ଷେତ୍ରର ଅପେକ୍ଷାକୃତ କ୍ଷତି ହେଉଥିବା ଉତ୍ପାଦନ ତଥା ପରିବହନର କାରବାରରେ ନ ପଶି ମାଛର ମଝି ଗଡ଼ି ପରି କେବଳ ବଣ୍ଟନ ଦାୟିତ୍ୱକୁ ହିଁ ହାତେଇନେବା ଦେଖାଗଲା। ତେବେ ବିଦ୍ୟୁତ୍ କ୍ଷେତ୍ରରେ ଏହି ତଥାକଥିତ ସଂସ୍କାରର ଏତେ ବର୍ଷ ପରେ ଜନଗଣଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ତ କୌଣସି ଆଖିଦୃଶିଆ ଉନ୍ନତି ଦେଖାଗଲାନି ବରଂ ସାରା ଦେଶର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଘରୋଇ କମ୍ପାନୀମାନଙ୍କ ଏକାଧିକାର ପ୍ରତିଷ୍ଠା ହେଲା। ପରିଣାମ ସ୍ୱରୂପ ଆଜି ଦେଶର ଅଶୀ ଭାଗ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ବଡ଼ ବଡ଼ କମ୍ପାନୀଙ୍କ ହାତକୁ ଚାଲିଯାଇଛି। ଏମାନେ ବାରମ୍ବାର ବିଦ୍ୟୁତ୍ ଭଡ଼ା ବୃଦ୍ଧି କରିବା ସହିତ ବିଭିନ୍ନ ଆଳରେ ଗ୍ରାହକଙ୍କଠାରୁ ମନଇଚ୍ଛା ଲୁଟିବାରେ ଲାଗିଛନ୍ତି। ଏମାନେ ନିୟମିତ ଭାବେ ଗ୍ରାହକଙ୍କଠାରୁ ଦେୟ ଆଦାୟ କରୁଥିଲେ ମଧ୍ୟ ସରକାରୀ ବିଦ୍ୟୁତ୍ ଉତ୍ପାଦନ ସଂସ୍ଥାଠାରେ ବିଦ୍ୟୁତ୍ ଦେୟ ବାବଦରେ ହଜାର ହଜାର କୋଟି ଟଙ୍କା ବକେୟା ରଖି ବର୍ଷ ବର୍ଷ ଧରି ଶୁଝୁ ନାହାନ୍ତି।

ବିଦ୍ୟୁତ୍ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଘରୋଇକରଣ କରି କୃଷକ, ଛୋଟ ବ୍ୟବସାୟୀ ଏବଂ ସାଧାରଣ ଖାଉଟିମାନଙ୍କୁ ଲୁଣ୍ଠନ କରିବା ପାଇଁ ବଡ଼ ବଡ଼ କମ୍ପାନୀଙ୍କୁ ଅବାଧ ସୁଯୋଗ ଦେବା ଲକ୍ଷ୍ୟରେ ମୋଦି ସରକାର ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୦ ଆଣିଛନ୍ତି। ଏହା ବ୍ୟତୀତ ପ୍ରସ୍ତାବିତ ବିଲ୍ରେ ବିଦ୍ୟୁତ୍ର ଦର ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ବିଷୟରେ ରାଜ୍ୟ ସରକାରଙ୍କ ରହିଥିବା ଅଧିକାରକୁ ଦୁର୍ବଳ କରି ତାକୁ କେନ୍ଦ୍ରୀକରଣ କରିବାକୁ ଚାହୁଁଛନ୍ତି। ଏଣିକି ଉଭୟ ରାଜ୍ୟ ଓ କେନ୍ଦ୍ର ବିଦ୍ୟୁତ୍ ନିୟାମକ କମିଶନର ସଦସ୍ୟମାନଙ୍କୁ କେନ୍ଦ୍ର ସରକାର ହିଁ ମନୋନୀତ କରିବେ। ମୋଦି ସରକାରଙ୍କ ପକ୍ଷରୁ ପ୍ରଣୀତ ହୋଇଥିବା ଅନ୍ୟାନ୍ୟ ଆଇନ ଭଳି ଏହି ବିଦ୍ୟୁତ୍ ବିଲ୍ ମଧ୍ୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କ ଅଧିକାର ଉପରେ ଆକ୍ରମଣ। ସେହି କାରଣରୁ ହିଁ ଦେଶର ଅଧିକାଂଶ ରାଜ୍ୟ ସରକାର ମଧ୍ୟ ଏହି ବିଲ୍ର ବିରୋଧ କରିଥିବା ଦେଖାଯାଇଛି।

ପୂର୍ବରୁ ସମାଜର ଗରିବ ଓ ଗ୍ରାମାଞ୍ଚଳର ଲୋକଙ୍କୁ ଶସ୍ତାରେ ବିଦ୍ୟୁତ୍ ଯୋଗାଇବା ପାଇଁ ବ୍ୟବହାରର ଆଧାରରେ କ୍ରସ୍ ସବସିଡି ବା ସ୍ଲାବ୍ର ବ୍ୟବସ୍ଥା ରହିଥିଲା। ଅର୍ଥାତ୍ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ଧନୀ ଓ ସମ୍ପନ୍ନ ଗ୍ରାହକମାନେ ନିଜର ବିଜୁଳି ଦେୟ ବାବଦରେ ଅଧିକ ଦେୟ ଦେଉଥିବା ବେଳେ ଗରିବ, ନିମ୍ନ ମଧ୍ୟବିତ୍ତ ତଥା ଗ୍ରାମାଞ୍ଚଳର ଗ୍ରାହକମାନେ ଅପେକ୍ଷାକୃତ କମ୍ ଦେୟ ଦେଉଥିଲେ। ଏଥିପାଇଁ ସରକାରଙ୍କୁ କୌଣସି ସବ୍ସିଡି ଦେବାକୁ ପଡୁ ନ ଥିଲା। ବରଂ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନେ କ୍ରସ୍ ସବ୍ସିଡି ଜରିଆରେ ଧନୀ ଗ୍ରାହକଙ୍କଠାରୁ ଅଧିକ ଦେୟ ନେଇ ଗରିବ ଓ ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଶସ୍ତାରେ ବିଦ୍ୟୁତ୍ ଯୋଗାଉଥିଲେ। କିନ୍ତୁ ବର୍ତ୍ତମାନର ନୂଆ ବିଲ୍ରେ ଏହି କ୍ରସ୍ ସବ୍ସିଡି ବ୍ୟବସ୍ଥାକୁ ଉଚ୍ଛେଦ କରି ବ୍ୟବହାର ନିର୍ବିଶେଷରେ ଗ୍ରାହକମାନଙ୍କଠାରୁ ପ୍ରତ୍ୟେକ ୟୁନିଟ୍ ପିଛା ସମାନ ଦେୟ ଆଦାୟ କରିବାକୁ କୁହାଯାଇଛି। ଅର୍ଥାତ୍ ମାସିକ ୫୦ ୟୁନିଟ୍ ବ୍ୟବହାର କରୁଥିବା ଗରିବ ଲୋକଟି ୟୁନିଟ୍ ପିଛା ଯେତେ ଦେୟ ଦେବ ମାସକୁ ହଜାର ହଜାର ୟୁନିଟ୍ ବ୍ୟବହାର କରୁଥିବା ଶିଳ୍ପର ମାଲିକ ବି ନିଜର ପ୍ରତି ୟୁନିଟ୍ ବିଦ୍ୟୁତ୍ର ବ୍ୟବହାର ପାଇଁ ସେତିକି ଦେୟ ହିଁ ପ୍ରଦାନ କରିବ। ରାଜ୍ୟ ସରକାରମାନେ ଯଦି ଚାହିଁବେ ତା'ହେଲେ ସମାଜର ଉପରୋକ୍ତ ଗରିବ ଶ୍ରେଣୀର ଗ୍ରାହକମାନଙ୍କୁ ଅଲଗା ଭାବେ ସେମାନଙ୍କ ବ୍ୟାଙ୍କ୍ ଖାତାରେ ସବ୍ସିଡି ବାବଦ ଅର୍ଥକୁ ଅଲଗା ଭାବେ ଜମା କରିପାରିବେ। ଏହାର ଅର୍ଥ ହେଲା, ସରକାର ବିଦ୍ୟୁତ୍ ବିଲ୍ ଜରିଆରେ ବିଦ୍ୟୁତ୍ କମ୍ପାନୀମାନଙ୍କୁ ସବ୍ସଡି ଦେବାରୁ ମୁକ୍ତ କରି ତା'ର ଭାରଟି ରାଜ୍ୟ ସରକାରଙ୍କ କାନ୍ଧରେ ଲଦିବାକୁ ଚାହୁଁଛନ୍ତି। ପୁଣି ବ୍ୟାଙ୍କ୍ ଖାତାରେ ନଗଦ ଜମା ଜରିଆରେ ସରକାର କିପରି ସବ୍ସିଡି ପ୍ରଦାନ କରନ୍ତି, ତାହା ରନ୍ଧନ ଗ୍ୟାସ୍ରେ ଦିଆଯାଉଥିବା ସବ୍ସିଡିରୁ ଆମେ ଜାଣିପାରିଛେ।

ପ୍ରସ୍ତାବିତ ବିଦ୍ୟୁତ୍ ବିଲ୍କୁ ଚାଷୀମାନେ ବିରୋଧ କରିବା ପଛରେ ରହିଛି, କୃଷି କ୍ଷେତ୍ରରେ ଏହା ଫଳରେ ପଡ଼ିବାକୁ ଯାଉଥିବା ପ୍ରଭାବ। ବର୍ତ୍ତମାନ ଦେଶର ଅନେକ ରାଜ୍ୟରେ କୃଷି ପାଇଁ ସରକାର ମାଗଣାରେ ବିଦ୍ୟୁତ୍ ଯୋଗାଉଥିବା ବେଳେ ଅନେକ ରାଜ୍ୟରେ ରିହାତି ଦରରେ ପ୍ରଦାନ କରୁଛନ୍ତି। ଚାଷର ଉତ୍ପାଦନ ଖର୍ଚ୍ଚକୁ କମାଇବା ପାଇଁ ଶସ୍ତା ବିଦ୍ୟୁତ୍ ଜରୁରୀ ହୋଇଥିବାରୁ ରାଜ୍ୟ ସରକାରମାନେ ନିଜର ବଜେଟ୍ରୁ ଚାଷୀଙ୍କୁ ଏହି ରିହାତି ଯୋଗାଇ ଦେଇଥାନ୍ତି। କୃଷି ପାଇଁ ଜଳସେଚନ ବାବଦରେ ଦିଆଯାଉଥିବା ଏହି ସବ୍ସିଡିର ପରିମାଣ ପ୍ରାୟ ଏକ ଲକ୍ଷ କୋଟି ଟଙ୍କା । ସରକାରଙ୍କ ପ୍ରସ୍ତାବିତ ବିଲ୍ କୃଷି ପାଇଁ ବିଦ୍ୟୁତ୍ରେ ଦିଆଯାଉଥିବା ଉପରୋକ୍ତ ସବ୍ସିଡିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଚାଷୀଙ୍କ ଉପରେ ବାର୍ଷିକ ଏହି ଏକ ଲକ୍ଷ କୋଟି ଟଙ୍କାର ଭାରକୁ ଲଦିବାକୁ ଚାହୁଁଛି। ଏହାଫଳରେ ଚାଷୀଙ୍କ ଜଳସେଚନ ଖର୍ଚ୍ଚରେ ପ୍ରାୟ ୫୦୦% ବୃଦ୍ଧି ପାଇ ସେମାନଙ୍କ ଉତ୍ପାଦନ ଖର୍ଚ୍ଚକୁ ଅଧିକ ମହଙ୍ଗା କରିଦେବ। ଏହି କାରଣରୁ ହିଁ ଚାଷୀମାନେ ଏଭଳି କର୍ପୋରେଟ୍ ସପକ୍ଷବାଦୀ ଓ କୃଷକ ବିରୋଧୀ ବିଲ୍ର ବାତିଲ ଦାବି କରୁଛନ୍ତି।

ବିଦ୍ୟୁତ୍ ସଂଶୋଧନ ବିଲ୍ ଜରିଆରେ ମୋଦି ସରକାର ଦେଶର ବିଦ୍ୟୁତ୍ କ୍ଷେତ୍ରରୁ କର୍ପୋରେଟ୍ମାନେ କିପରି ଆହୁରି ଅଧିକ ମୁନାଫା କମାଇବେ ତା'ର ବାଟ ଖୋଲିବା ସହିତ ସାଧାରଣ ଜନତାଙ୍କ ଉପରେ ଆକ୍ରମଣ କରିବାକୁ ଯାଉଛନ୍ତି। ଏହି ବିଲ୍ ଫଳରେ ଏଣିକି ଘରୋଇ କମ୍ପାନୀଙ୍କ ନିର୍ଦ୍ଦେଶ ଏବଂ ଦୟା ଉପରେ ଭାରତବର୍ଷର ବିଦ୍ୟୁତ୍ ଗ୍ରାହକମାନେ ପରିଚାଳିତ ହେବେ। ବିଦ୍ୟୁତ୍ ବିଲ୍ ଜରିଆରେ ସମସ୍ତ ବିଦ୍ୟୁତ୍ ଟିକସକୁ ଗ୍ରାହକଙ୍କଠାରୁ ଆଗୁଆ ଆଦାୟ କରାଯିବ। ଗ୍ରାମାଞ୍ଚଳ ଓ ଅପହଞ୍ଚ ଇଲାକାରେ ଥିବା ଗ୍ରାହକଙ୍କଠାରୁ ବିଦ୍ୟୁତ୍ର ପରିବହନ ଖର୍ଚ୍ଚ ଆଦିକୁ ଆଧାର କରି ଦେୟ ଆଦାୟ କରାଯିବା ଫଳରେ ଆଗାମୀ ଦିନରେ ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଅଧିକ ଦେୟ ଦେବାକୁ ପଡ଼ିବ। ଅତଏବ ଏହିଭଳି ଏକ ଆଇନ କେବଳ କୃଷକବିରୋଧୀ ଓ ଗ୍ରାମାଞ୍ଚଳ ଜନତାଙ୍କ ବିରୋଧୀ ନୁହେଁ ବରଂ ସାଧାରଣ ଜନତାଙ୍କ ଯେ ବିରୋଧୀ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୋ : ୯୪୩୭୧୬୬୩୯୧

# ଲାଞ୍ଛଖିଆ ସୁଧୁରିଯାଅ



ଲଳିତେନ୍ଦୁ ପଲାଉରୀ

ଆମ ଦେଶର ଆଇନକାନୁନ୍ ବ୍ୟବସ୍ଥାରେ ରହିଛି ଲାଞ୍ଚ ନେବା ଓ ଲାଞ୍ଚ ଦେବା ଧର୍ତ୍ତବ୍ୟ ଅପରାଧ। ଏଥିପାଇଁ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲଦଣ୍ଡ ଓ ଜରିମାନାର ପ୍ରାବଧାନ ରହିଛି । ତେବେ ଏସବୁ ନିୟମ ସତ୍ତ୍ୱେ ଉଭୟ ଲାଞ୍ଚଦାତା ଓ ଲାଞ୍ଚ ଗ୍ରହୀତା ସଚେତନ ହେବା ବଦଳରେ ସେମାନଙ୍କ ସଂଖ୍ୟା ବଢୁଛି। ସାଧାରଣ ଲୋକଙ୍କୁ ସରକାରୀ ସେବା ଦେବାକୁ ନିୟୋଜିତ ବ୍ୟକ୍ତିବିଶେଷ ଲାଞ୍ଚ କାରବାରକୁ ଯେମିତି ଏକ ପ୍ରଥାରେ ପରିଣତ କରିସାରିଲେଣି। ଗରିବ ଓ ମଧ୍ୟବିତ୍ତବହୁଳ ଭାରତରେ ବିନା ଲାଞ୍ଚରେ କୌଣସି କାମ ହେଉନି। ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାଶନାଲ (ବିଶ୍ୱରେ ଦୁର୍ନୀତିଗ୍ରସ୍ତ ଦେଶର ତାଲିକା ପ୍ରସ୍ତୁତ କରୁଥିବା ବିଶ୍ୱସନୀୟ ସଂସ୍ଥା)ର ତଥ୍ୟ କହୁଛି, ପୃଥିବୀର ୧୮୦ ଦେଶ ମଧ୍ୟରେ ଭାରତ ହେଉଛି ୮୦ତମ ଦୁର୍ନୀତିଗ୍ରସ୍ତ ଦେଶ। ଆଶ୍ଚର୍ଯ୍ୟ କଥା ଏସିଆ ମହାଦେଶର ଦୁର୍ନୀତିଗ୍ରସ୍ତ ଦେଶଙ୍କ ତାଲିକାର ଶୀର୍ଷରେ ରହିଛି ଭାରତ। ବିଶ୍ୱରେ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ଦେଶ ତାଲିକାରେ ୟୁରୋପୀୟ ଦେଶ ଗୁଡ଼ିକ ଶୀର୍ଷରେ ରହିଛନ୍ତି। ଡେନ୍ମାର୍କ ଓ ନ୍ୟୁଜିଲାଣ୍ଡ ଭଳି ଛୋଟଛୋଟ ଦେଶ ସ୍ୱଚ୍ଛତା ଓ ଦୁର୍ନୀତିମୁକ୍ତ ଦେଶ ତାଲିକାରେ ସର୍ବାଗ୍ରେ ରହିଛନ୍ତି।

ଆମ ଦେଶରେ କେରଳ ସବୁଠୁ କମ୍ ଦୁର୍ନୀତିଗ୍ରସ୍ତ ରାଜ୍ୟ ମଧ୍ୟରେ ପ୍ରଥମରେ ରହିଛି। ରାଜସ୍ୱ, ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗରେ ଅଧିକ ଦୁର୍ନୀତି ହେଉଥିବା ସର୍ବେକ୍ଷଣରୁ ଜଣାପଡିଛି। ଲାଞ୍ଚ କାରବାର ମହାଦ୍ରୁମର ଚେର ସାଧାରଣ ଅଙ୍ଗନୱାଡି କର୍ମୀଠାରୁ ଆରମ୍ଭ କରି ବ୍ଲକ୍, ତହସିଲ କିରାଣି, ସ୍କୁଲ ଶିକ୍ଷକ, ପୋଲିସ କର୍ମଚାରୀଙ୍କୁ ବହୁଳ ମାତ୍ରାରେ ଗ୍ରାସ କରିଛି। ଏପରି କି ଦେଶ ସୁରକ୍ଷା ଦାୟିତ୍ୱରେ ଥିବା କିଛି ପଦାଧିକାରୀମାନେ ମଧ୍ୟ ଲାଞ୍ଚ ନେଇ ଦେଶ ସୁରକ୍ଷାକୁ ଶତ୍ରୁ ହାତରେ ସାଲିସ କରିବାକୁ ପଛାଉ ନାହାନ୍ତି। ପ୍ରତିଦିନ ଖବର ଶିରୋନାମା ପାଲଟୁଛି ଦୁର୍ନୀତି ଓ ଲାଞ୍ଚଖୋରଙ୍କ କାରନାମା। ଭିଜିଲାନ୍ସ ଓ ସିବିଆଇ ଖୋଳତାଡ ଜୋରଦାର ହେଉଛି। ତେବେ ପ୍ରଶ୍ନ ଉଠୁଛି ସାଧାରଣ ଲୋକଙ୍କୁ ସେବା ଦେବାକୁ ଯାଇ ସରକାରୀ କର୍ମଚାରୀମାନେ ଏତେ ଲାଞ୍ଚଖୋର ହେଉଛନ୍ତି କିପରି। ମାସିକ ପୁଳାପୁଳା ବେତନ ସହ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ହାତଉଥିବା ସରକାରୀ କର୍ମଚାରୀମାନେ ଲୋଭଗ୍ରସ୍ତ ହୋଇ ଅସତ୍ ଉପାୟରେ ଅର୍ଥ ରୋଜଗାର ପାଇଁ ମନ ନିବେଶ କରୁଛନ୍ତି କାହିଁକି। କାର୍ଯ୍ୟ ହାସଲ ପାଇଁ ଲୋକେ କ'ଣ ଲାଞ୍ଚୁଆ ଓ ଅସାଧୁ କର୍ମଚାରୀମାନଙ୍କୁ ଟଙ୍କା ଯାଚି କରି ଦେଉଛନ୍ତି ନା ଖୁସୀରେ ଦେଉଛନ୍ତି ନା ସେବା ନାଁରେ ଜୋରଜବରଦସ୍ତ ସାଧାରଣ ଲୋକଙ୍କ ଉପରେ ଜୁଲମ କରୁଛନ୍ତି ଅସାଧୁ କର୍ମଚାରୀମାନେ ନା ଏସବୁ ପଛରେ ରହିଛି ବିନାପରିଶ୍ରମରେ ରାତାରାତି ବଡଲୋକ ହେବାର ନିଶା।

ଲାଞ୍ଚ ନାହିଁ ତ କାମ ନାହିଁ,ଏଭଳି ନ୍ୟାୟରେ ଚାଲିଛି ଅଫିସ। ଭାରତର ଏବେ ବି ଗାଁ ଗଣ୍ଡାରେ ଆଲୋଚନା ହୁଏ ଯେ ଅମୁକର ପୁଅ ସରକାରୀ ଚାକିରି ପାଇଗଲା। ଏଣିକି ତା'ର ବା ଚିନ୍ତା କ'ଣ। ବିଡାବିଡା ଟଙ୍କା ସରକାରୀ ଦରମା, ସେଥିରେ ବି ହାତ ଲାଗିବନି। ଉପୁରି କାହିଁରେ କେତେ। ସାଧାରଣ ଲୋକଙ୍କର ଏଭଳି ବି ଧାରଣା ଯେ ଥରେ ସରକାରୀ ଚାକିରିରେ ନାଁ ଚଢ଼ିଗଲେ ଚାରି ପୁରୁଷ ଉଦ୍ଧାର। ତେବେ ଏଭଳି ଧାରଣାକୁ ନିଶ୍ଚିତ ଭାବେ ସତ ପ୍ରମାଣ କରିଛି ଦେଶରେ ସେବା ନାଁରେ ଲାଞ୍ଚ କାରବାରର ବ୍ୟାପକତା। ସରକାରୀ ଚାକିରିର ଦୀର୍ଘ ସ୍ଥାୟିତା ଦୁର୍ନୀତିଗ୍ରସ୍ତ ବାବୁମାନଙ୍କୁ ଅଧିକ ଲାଞ୍ଚଖୋର କରୁଛି କି। କାରଣ ଆମଦେଶରେ ଏମିତି ବି ନିୟମ ରହିଛି ଯେ ସରକାରୀ ଚାକିରିରେ ଦୁର୍ନୀତି ହେଉ ବା ଅପରାଧ, ସେମିତି କିଛି ବଳିଷ୍ଠ ପ୍ରମାଣ ନ ମିଳିବା ଯାଏ କୌଣସି କର୍ମଚାରୀକୁ ଚାକିରିରୁ ବିଦା କରିବା କାଠିକର ପାଠ । ସରକାରୀ ଯୋଜନାରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ପାଇଁ ବରାଦ ଅର୍ଥକୁ ମଧ୍ୟ ହଡପ କରାଯାଉଛି। ଜଣେ ଗରିବ ତା'ର ଅଧିକାର ପାଇପାରୁନି। ସରକାରୀ ଯୋଜନାରେ ଘର ଖଣ୍ଡେ ପାଇବାକୁ ଦଲାଲକୁ ଅଗ୍ରିମ ଅର୍ଥ ଲାଞ୍ଚ ଭାବେ ଦେବାକୁ ପଡୁଛି। ଇନ୍ଦିରା ଆବାସ ନାଁରେ ଆସୁଥିବା ହିତାଧିକାରୀର ଅର୍ଥ ଅଧାବାଟରୁ ବାଟମାରଣା ହୋଉଛି। ଏପରି କି ଦୁର୍ନୀତି ଓ ଲାଞ୍ଚ କାରବାର ପଛରେ କେବଳ ଅଧସ୍ତନ କର୍ମଚାରୀ ନୁହନ୍ତି; ବଡ ଅଫିସର, ବିଭାଗୀୟ ସଚିବଙ୍କ ପର୍ଯ୍ୟନ୍ତ ଲମ୍ବିଛି ଦୁର୍ନୀତିର ଚେର। ତେବେ ଆମ ରାଜ୍ୟ ସରକାର କିଛିଦିନ ବ୍ୟବଧାନରେ ପ୍ରାୟ ୯୭ ଜଣ ବିଭିନ୍ନ ବିଭାଗର ଉଚ୍ଚ ଅଧିକାରୀ ଓ କର୍ମଚାରୀଙ୍କୁ ଲାଞ୍ଚଖୋର, ଦୁର୍ନୀତିଗ୍ରସ୍ତ ଓ ଅପାରଗ ଦର୍ଶାଇ ଚାକିରିରୁ ବିଦା କରିଛନ୍ତି; ଯାହା କି ଏକ ଭଲ ଉଦାହରଣ।

ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ହରିୟାଣା କ୍ୟାଡର ଆଇଏଏସ୍ ଅଫିସର ଅଶୋକ ଖେମକା ହୁଅନ୍ତୁ ବା କର୍ନାଟକ କ୍ୟାଡର ଆଇପିଏସ୍ ଡି. ରାଧାଙ୍କ ଭଳି ସଚୋଟ ଅଫିସରମାନେ ୪୦ରୁ ଅଧିକ ଥର ବଦଳି ହେବାର ଉଦାହରଣ ସୃଷ୍ଟି କରିଛନ୍ତି। ସାଧାରଣ ଲୋକଙ୍କ ଆଖିରେ ଏଭଳି ସଚୋଟ ଅଫିସରଙ୍କୁ ଯଥେଷ୍ଟ ସମ୍ମାନ ଦିଆଯାଉଛି। ତେବେ ଆମ ଦେଶରେ ଲାଞ୍ଚ କାରବାର, ପିସି କାରବାର, କାର୍ଯ୍ୟ ହାସଲ ପାଇଁ ହାତଗୁଞ୍ଜା ଆଉ ବାବୁଙ୍କ ଚା, ପାନ ଖିଆ ଖର୍ଚ୍ଚ କୁଆଡ଼େ ହଜାର, ଲକ୍ଷ, ଆଉ କୋଟିରେ ଆଦାୟ କରାଯାଉଥିବା ଏକ ନିତିଦିନିଆ ଘଟଣା ହୋଇଯାଇଛି। ଲାଞ୍ଚ ଅର୍ଥକୁ ବାବୁମାନେ ଇଂଲିଶରେ ଟିପ୍ସ ବୋଲି କହୁଛନ୍ତି। ବାବୁ ମାନଙ୍କୁ ପ୍ରତିକାମ ପାଇଁ ଟିପ୍ସ ଟେବୁଲ ତଳେ ଏପରି କି ଖୁଲମଖୁଲା ମଧ୍ୟ ନେବାକୁ ସଙ୍କୋଚବୋଧ କରୁନାହାନ୍ତି। ବାବୁମାନଙ୍କ ମାସିକ ଦରମାରେ ବର୍ଷବର୍ଷ ଧରି ହାତ ଲାଗୁନି। ମାସିକ ଦରମାଠାରୁ ଶହଶହ ଗୁଣରେ ଅଧିକ ଲାଞ୍ଚ ବା ଟିପ୍ସ ଉପାୟରେ ଆଦାୟ ହେଉଛି। ସରକାରୀ ସେବା ପାଇବାକୁ ଲାଞ୍ଚ ଦେବା ଯେମିତି ପ୍ରତି ସାଧାରଣ ଲୋକର କର୍ତ୍ତବ୍ୟ ଓ ଲାଞ୍ଚ ପାଇବା ଏହି ଅସାଧୁ ସରକାରୀ କର୍ମଚାରୀଙ୍କର ଅଧିକାର ପାଲଟିଛି। ଲାଞ୍ଚ ନେଇ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶୋଉଛନ୍ତି ହାତୀଦାନ୍ତରେ ତିଆରି ପଲଙ୍କରେ। ବିଦେଶର ନାମୀଦାମୀ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି ପୁଅ ଝିଅ। ଏହି ସବୁ ଅସାଧୁ କର୍ମଚାରୀମାନେ। ତେବେ ଏସବୁ ଶୁଣିଲା ପରେ ବା ପଢ଼ିଲା ପରେ ମନକୁ ପ୍ରଶ୍ନ ଆସୁଛି ରାଜ୍ୟ ସରକାରଙ୍କ ସ୍ୱଳ୍ପବେତନଭୋଗୀ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ ଏତେ ସମ୍ପତ୍ତିର ଅଧିକାରୀ ହେଉଛି କେମିତି। ତେଣୁ ଭାତହାଣ୍ଡିରୁ ଗୋଟିଏ ଚାଉଳ ଚିପିଲା ଭଳି ଏଭଳି ଉଦାହରଣ ଅନେକ ରହିଛି।

ବ୍ୟବସ୍ଥାର ରକ୍ଷକ ଓ ଲୋକଙ୍କୁ ସେବା ଦେବା ପାଇଁ ସ୍ୱେଚ୍ଛାରେ ସରକାରୀ ଚାକିରିରେ ନିୟୋଜିତ ହୋଇଥିବା କର୍ମଚାରୀ ବା ବାବୁମାନଙ୍କର ଏଭଳି ଭକ୍ଷକ ନୀତି ପାଇଁ ଦେଶରେ ଦୁର୍ନୀତି ବଢୁଛି। ତେଣୁ ସରକାରୀ ଚାକିରି ବ୍ୟବସ୍ଥାରେ ଦକ୍ଷତା ମୂଲ୍ୟାଙ୍କନକୁ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ପ୍ରତି କର୍ମଚାରୀଙ୍କ କାର୍ଯ୍ୟଶୈଳୀ, ସେମାନଙ୍କ ଫୋନ୍ ଟ୍ୟାପିଂ, ଲାଞ୍ଚ କାରବାର ପାଇଁ ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କୁ ସଚେତନତା ବର୍ତ୍ତମାନ ସମୟର ପ୍ରାଥମିକ ପ୍ରସଙ୍ଗ ପାଲଟିଛି। ଏହି ବିଶ୍ୱାସ ଆସିବା ଜରୁରୀ ଯେ କି ସରକାରୀ ସେବା ବିନାମୂଲ୍ୟରେ ମିଳେ। ଦୋଷୀ ବା ଚୋରିରେ ସଂପୃକ୍ତ ବାବୁଙ୍କୁ ଆଖିଦୃଶିଆ ବା ଦୃଷ୍ଟାନ୍ତମୂଳକ ଦଣ୍ଡ ବ୍ୟବସ୍ଥା କରାଗଲେ ଏହି ପ୍ରବୃତ୍ତିରେ ସୁଧାର ଆସିପାରିବ ; ଯାହାଦ୍ୱାରା ଆମ ଦେଶରୁ ଲାଞ୍ଛଖିଆ ଓ ମାଗଣାଖିଆଙ୍କ ସଂଖ୍ୟା ଦୂର ହୋଇ ଏକ ନୀତିନିଷ୍ଠ ଭାରତବର୍ଷ ଗଠନ ସମ୍ଭବ ହୋଇପାରିବ।

ବାଲିପଣ୍ଡାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ:୯୭୭୮୬୯୭୦୩୬

## ଏଇ ଭାରତରେ

ବିଭିନ୍ନ ବର୍ଜ୍ୟକୁ ଇନ୍ଧନ ଭାବେ ବ୍ୟବହାର କରାଯିବା ପାଇଁ ଅନେକ ଉପାୟ ସାମ୍ନାକୁ ଆସିଥିଲେ ବି ଏବେ କାଗଜ ବର୍ଜ୍ୟକୁ ଇନ୍ଧନ ଭାବେ ବ୍ୟବହାର କରିବା ଲାଗି ଏକ ପ୍ରକାର ଥ୍ରି-ଇନ୍-ୱାନ୍ ଷ୍ଟୋଭ୍ ନିର୍ମାଣ କରିଛନ୍ତି କେରଳର ଅବଦୁଲ କରିମ୍। ଲକ୍ଡାଉନ ତାଙ୍କୁ ଏଭଳି ଏକ ଷ୍ଟୋଭ୍ ନିର୍ମାଣ କରିବା ଲାଗି ସୁଯୋଗ ଦେଇଛି। ଅବଦୁଲଙ୍କ ବୟସ ଏବେ ୫୭। କିନ୍ତୁ ଅବଦୁଲ ଯେଉଁ ଷ୍ଟୋଭ ନିର୍ମାଣ କରିଛନ୍ତି ସେଥିରୁ ପାରମ୍ପରିକ ଷ୍ଟୋଭ୍ ତୁଳନାରେ ବହୁତ କମ୍ ଧୂଆଁ ବାହାରୁଛି। ଏହି ଷ୍ଟୋଭ୍ର ନାମ ରଖିଛନ୍ତି ରକେଟ୍ ଷ୍ଟୋଭ୍ ଓ ଏଥିରେ ସହଜରେ ଶୀଘ୍ର ରୋଷେଇ କରାଯାଉଛି। ଏହା ମଧ୍ୟରେ ବି ଏକ ଓଭାନ ଏବଂ ୱାଟର ହିଟର୍ ରହିଛି। ଇନ୍ଧନ ପାଇଁ ଷ୍ଟୋଭ୍ରେ କାଠ, ଷଡେଇ ବି ବ୍ୟବହାର କରାଯାଇପାରିବ। ଅବଦୁଲଙ୍କର କୋଚିସ୍ଥିତ ଏକ୍ସେଲେଣ୍ଟ ଇଞ୍ଜିନିୟରିଂ କମ୍ପାନୀରେ ଏହି ଷ୍ଟୋଭ ନିର୍ମାଣ କରିବାରେ ଲାଗିଛନ୍ତି। ଏହି ଷ୍ଟୋଭରେ ବିଭିନ୍ନ ଶୁଖିଲା ବର୍ଜ୍ୟ ମଧ୍ୟ ବ୍ୟବହାର କରାଯାଇ ପାରିବ ବୋଲି କହନ୍ତି ଅବଦୁଲ। ମାଟି ହାଣ୍ଡିଠାରୁ ଆରମ୍ଭ କରି ନନ୍ ଷ୍ଟିକ୍ ପ୍ୟାନ୍ ଯାଏ ସବୁ ପ୍ରକାର ପାତ୍ରରେ ରୋଷେଇ କରାଯାଇପାରିବ। ମେଟାଲ ସିଟ୍ରେ ଏହାକୁ ନିର୍ମାଣ କରାଯାଇଛି। ୫,୦୦୦ ଟଙ୍କାରୁ ଆରମ୍ଭ କରି ୨୦,୦୦୦ ଟଙ୍କା ମୂଲ୍ୟର ୪ଟି ମଡେଲ୍ରେ ଏହା ଉପଲବ୍ଧ। ସବୁଠୁ ଛୋଟ ଷ୍ଟୋଭର ଓଜନ ୨୦ କେଜି। ରକେଟ ଷ୍ଟୋଭ ପାଇଁ ଏବେ ଅବଦୁଲ ୧୦୦ଟି ଅର୍ଡର ପାଇସାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୬

- ୧୩ ଜଣ ନାଗରିକଙ୍କୁ ଅପହରଣ କରିଥିବା ଅଭିଯୋଗରେ ଫିଲିପାଇନ୍ସ ସୈନ୍ୟମାନେ ୧୦ ସନ୍ଦିଗ୍ଧ ମୁସଲିମ ଉଗ୍ରପନ୍ଥୀଙ୍କୁ ହତ୍ୟା କରିଛନ୍ତି।
- ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାକର୍ମୀ ନିଯୁକ୍ତିକୁ ବନ୍ଦ କରିଦେବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।
- ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାକାର, ଔପନ୍ୟାସିକ ମନୋଜ ଦାସଙ୍କୁ ପ୍ରଥମ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ।

## ଚିରନ୍ତନୀ

ଆସ ତପତ ଜୀବନ ସୁଧା
ଏ ମରୁ ପଥେ ରସ-ସଉଦା
ସକଳ ତୃଷା ସକଳ କ୍ଷୁଧା ଚଞ୍ଚଳା,
ଆସ ଗୋ ଚାରୁ-ହାସିନୀ ଶ୍ୟାମ-ଅଞ୍ଚଳା।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | 2 | | | | A | | | | | | | 4 |
| | C | A | 5 | | | | | E | 8 | | | | | 3 |
| | 4 | 5 | | 0 | 1 | | | 6 | 3 | 7 | | D | | |
| 1 | | B | | | | | | 5 | | | C | | | 6 |
| 3 | 9 | | | C | | | 2 | | | | | | 5 | 1 |
| | | | | B | | | | D | C | 6 | | 9 | | 7 |
| | | 9 | 8 | | | | | | | 4 | 5 | | | C |
| | | | | | | | | 4 | | | | | | 0 |
| 6 | | | A | 2 | E | | | | | | B | 5 | | |
| | | 3 | C | | 7 | | 5 | | | | 9 | A | 6 | |
| B | 2 | | 0 | 5 | | | | | | D | | | A | |
| 8 | | | | | | | E | | | 5 | | | D | |
| D | | C | 4 | 7 | | | | 8 | | A | | | 2 | 9 |
| | | | D | | | | | C | | B | | | | 8 |
| | | | | | A | 7 | | | 1 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | 2 | 5 | B | 8 | 9 | 0 | A | 3 | 4 | 1 | E | D | C |
| 3 | 5 | C | 2 | D | 1 | 6 | 4 | 8 | 0 | 7 | E | 9 | A | B |
| B | E | A | 9 | 4 | 0 | 7 | 5 | D | 2 | C | 8 | 1 | 6 | 3 |
| 0 | 8 | D | E | 7 | C | B | 3 | 1 | A | 9 | 6 | 2 | 5 | 4 |
| 1 | 9 | 4 | A | 6 | 3 | 2 | E | C | 5 | B | D | 0 | 8 | 7 |
| 8 | 7 | B | 4 | 5 | D | 0 | 9 | 3 | 1 | A | 2 | C | E | 6 |
| A | D | 0 | 7 | E | 2 | 1 | B | 6 | 9 | 8 | C | 4 | 3 | 5 |
| 6 | C | 1 | 0 | 3 | A | 4 | 7 | 2 | B | E | 5 | 8 | 9 | D |
| 9 | 2 | E | B | 1 | 6 | 8 | C | 5 | 4 | D | 3 | 7 | 0 | A |
| 5 | 4 | 3 | 8 | C | 9 | D | A | E | 7 | 6 | 0 | B | 2 | 1 |
| 2 | 3 | 8 | D | A | B | C | 1 | 9 | 6 | 0 | 4 | 5 | 7 | E |
| D | 1 | 9 | 6 | 8 | E | A | 2 | B | C | 5 | 7 | 3 | 4 | 0 |
| 4 | B | 5 | C | 2 | 7 | E | D | 0 | 8 | 3 | A | 6 | 1 | 9 |
| E | 0 | 6 | 3 | 9 | 4 | 5 | 8 | 7 | D | 1 | B | A | C | 2 |
| C | A | 7 | 1 | 0 | 5 | 3 | 6 | 4 | E | 2 | 9 | D | B | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସନ୍ତୁଳିତ ଖାଦ୍ୟ ଦ୍ୱାରା ରକ୍ତହୀନତା କମିବ

ମହାଶୟ,

ରକ୍ତହୀନତା (ଆନେମିଆ) ଏପରି ଏକ ଅବସ୍ଥା, ଯେଉଁଥିରେ ଲୋହିତ ରକ୍ତକଣିକା ସଂଖ୍ୟା କିମ୍ବା ସେମାନଙ୍କ ଅମ୍ଳଜାନ ବହନ କରିବାର କ୍ଷମତା ଶାରୀରିକ ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ହୋଇ ନ ଥାଏ । ନିକଟରେ ପ୍ରକାଶ ପାଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ (NFHS-5) ୨୦୧୯-୨୦ର ପ୍ରଥମ ପର୍ଯ୍ୟାୟ ତଥ୍ୟ ଅନୁସାରେ ଆମ ଦେଶରେ ୫୦ପ୍ରତିଶତରୁ ଅଧିକ ମହିଳା ଓ ଶିଶୁ ରକ୍ତହୀନତାର ଶିକାର ହୋଇଛନ୍ତି । ରକ୍ତହୀନତାର ମୁଖ୍ୟ କାରଣ ହେଉଛି ଆମ ଖାଦ୍ୟରେ ଲୌହସାର ବା ଆଇରନର ଅଭାବ । ଏହାଛଡା ଭିଟାମିନ ବି-୧୨ ଓ ଭିଟାମିନ-ଏ'ର ଅଭାବ ମଧ୍ୟ ରକ୍ତହୀନତା ସୃଷ୍ଟି କରେ । ମହିଳାମାନଙ୍କ ମଧ୍ୟରେ ରକ୍ତହୀନତାର ଅନ୍ୟ ଏକ କାରଣ ହେଉଛି ମାସିକ ଋତୁସ୍ରାବ ସମୟରେ ରକ୍ତକ୍ଷୟ । କିନ୍ତୁ ଏହି ରୋଗକୁ ଚିହ୍ନିବା କଷ୍ଟସାଧ୍ୟ କାରଣ ଏହାର ଲକ୍ଷଣ ପ୍ରାରମ୍ଭିକ ଅବସ୍ଥାରେ ନିର୍ଦ୍ଦିଷ୍ଟ ନୁହଁ । ଏହାର ମୁଖ୍ୟ ଲକ୍ଷଣଗୁଡିକ ହେଲା ଉଦାସୀନତା,ବିରକ୍ତିକର ଭାବ, ମାନସିକ ଦକ୍ଷତା ହ୍ରାସ ଇତ୍ୟାଦି । ସାଧାରଣତଃ ଆମ ଦେଶର ଲୋକମାନେ ଅଧିକ ଶସ୍ୟ ଜାତୀୟ ଖାଦ୍ୟ ଗ୍ରହଣ କରିଥାଆନ୍ତି, ଯାହାଦ୍ୱାରା ଆବଶ୍ୟକ ପରିମାଣର ଲୌହସାର ଓ ଭିଟାମିନର ଅଭାବ ହୋଇଥାଏ । ଏଣୁ ଉପଯୁକ୍ତ ସନ୍ତୁଳିତ ଖାଦ୍ୟ ଓ ଅଧିକ ଲୌହସାର ଥିବା ଖାଦ୍ୟ ଯଥା ପାଳଙ୍ଗ, ଗାଜର,ବିଟ୍, ମୂଳା,ଟମାଟୋ, ସବୁଜ ପରିବା, ଫଳମୂଳ ଓ ବିଶେଷ କରି ବାଜରା ଖାଇବା ଦ୍ୱାରା ରକ୍ତହୀନତାକୁ ଦୂର କରାଯାଇପାରିବ ।

-ଅତିଥି ଅର୍ପିତ ନାୟକ, ଶାସନ୍ଦା,
ଅରେଇ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆର୍‌ଆଇ, କିରାଣି ନିଲମ୍ବିତ

ଭଦ୍ରକ ଅଫିସ, ୭।୧: ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନରେ ହୋଇଥିବା ଏକ ଜମିଜମା ହେର୍‌ଫେର୍ ଘଟଣାରେ ଗୁରୁବାର ଜିଲାପାଳ ଜଣେ ଆର୍‌ଆଇ ଓ ବରିଷ୍ଠ କିରାଣିଙ୍କୁ ନିଲମ୍ବନ କରିଛନ୍ତି। ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ କମାରଗାଁ ଓ ବ୍ରାହ୍ମଣଗାଁ ଆର୍‌ଆଇ ଦେବୀପ୍ରସନ୍ନ ବାରିକ ଏବଂ ତହସିଲର ବରିଷ୍ଠ କିରାଣି ମାଧବାନନ୍ଦ ଦାସଙ୍କୁ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ନିଲମ୍ବନ କରିଥିବା ସୂଚନା ଦିଆଯାଇଛି।

# ବାର୍ଡ ଫ୍ଲୁ: ଖୋଲିଲା ନିୟନ୍ତ୍ରଣ କକ୍ଷ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ୧୨୦ କୁକୁଡ଼ାଙ୍କ ମୃତ୍ୟୁ ହୋଇଛି। କୁକୁଡ଼ାଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ନେଇ ରାଜ୍ୟରେ ବାର୍ଡ ଫ୍ଲୁ ଆଶଙ୍କା ଦେଖାଦେଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି।

କୁକୁଡ଼ାଙ୍କ ମୃତ୍ୟୁ ହେବା ଖବର ମିଳିବା ପରେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ଓ ଜିଲାସ୍ତରୀୟ ରାପିଡ ଆକ୍ସନ ଟିମ୍ ସଦସ୍ୟମାନେ ସେଠାର ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି। ମୃତ କୁକୁଡ଼ା ମଧ୍ୟରୁ ୫ଟିକୁ ପରୀକ୍ଷଣ ନିମନ୍ତେ ଫୁଲନଖର ସ୍ଥିତ ପ୍ରାଣୀ ରୋଗ ଗବେଷଣା ପ୍ରତିଷ୍ଠାନକୁ ପଠାଯାଇଥିଲା। ତେବେ କୌଣସି ନମୁନାରେ ବାର୍ଡ ଫ୍ଲୁର ଲକ୍ଷଣ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ବାକି କୁକୁଡ଼ାଙ୍କୁ ଗଭୀର ଗାତରେ ବିଶୋଧନ ପ୍ରୟୋଗ କରି ପୋତି ଦିଆଯାଇଛି। କୁକୁଡା ଫାର୍ମ ପରିସରକୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ଓ ରାପିଡ ଆକ୍ସନ ଟିମ୍‌ର ସଦସ୍ୟମାନେ ବିଶୋଧନ କରିଛନ୍ତି। ଏଥିସହିତ ପାର୍ଶ୍ୱବର୍ତ୍ତୀ ସ୍ଥାନଗୁଡିକରୁ ଅଧିକ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ନିମନ୍ତେ ପଠାଯାଇଛି। ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ତତ୍ପର ଅଛନ୍ତି। ଜନସାଧାରଣ ଭୟଭୀତ ନ ହୋଇ ମାଂସ ଓ ଅଣ୍ଡା ଭଲଭାବେ ସିଝାଇ ଖାଇବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ସନ୍ଦିଗ୍ଧ ବାର୍ଡ ଫ୍ଲୁର ସଂକ୍ରମଣ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀମାନଙ୍କୁ ଅଗ୍ରାଧିକାରଭିତ୍ତିରେ ରୋଗ ନିୟନ୍ତ୍ରଣ ଓ ନିରୀକ୍ଷଣ ନିମନ୍ତେ ପଦକ୍ଷେପ



ନେବାକୁ ସତର୍କ କରାଯାଇଛି। ରାଜ୍ୟ ସରକାର ବିଦେଶାଗତ ପକ୍ଷୀଙ୍କ ଅସ୍ୱାଭାବିକ ମୃତ୍ୟୁ ଉପରେ ନଜର ରଖିଛନ୍ତି। ପ୍ରତ୍ୟେକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ବାର୍ଡ ଫ୍ଲୁ ସମ୍ବନ୍ଧୀୟ ପ୍ରସ୍ତୁତି, ନିୟନ୍ତ୍ରଣ ଓ ନିରୋଧ ଯୋଜନା ସମ୍ପାଦନ ପାଇଁ ଏସ୍‌ଓପି ଜାରି କରାଯାଇଛି। ଏଥିସହିତ ନମୁନା ପରୀକ୍ଷଣକୁ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଲକାତା ଠାରେ ଥିବା ଆଞ୍ଚଳିକ ପ୍ରାଣୀ ରୋଗ ନିରୂପଣ ପରୀକ୍ଷାଗାରକୁ ମଧ୍ୟ ନମୁନା ପଠାଯାଇଛି। ଏ ପର୍ଯ୍ୟନ୍ତ ୧୧୦୦ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। କୌଣସି ଠାରେ ରୋଗ ପ୍ରକାଶ ପାଇ ନାହିଁ। ଗୁରୁବାର ୩୦୦ ନମୁନା ସଂଗ୍ରହ କରାଯାଇଛି। ଏଥିସହିତ କଟକସ୍ଥିତ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ)ଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ନିୟନ୍ତ୍ରଣ କକ୍ଷ (ଫୋନ ନଂ.-୦୬୭୧-୨୪୧୪୩୧୦)କାର୍ଯ୍ୟ କରୁଛି। ରାଜ୍ୟର ଜନସାଧାରଣ, ଚାଷୀ, କୁକୁଟପାଳନ ଉଦ୍ୟୋଗୀ ଓ ବ୍ୟବସାୟୀମାନେ ପକ୍ଷୀମଡ଼କ ବିଷୟରେ ନିକଟସ୍ଥ ପ୍ରାଣୀ ଚିକିତ୍ସକ କିମ୍ବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ବାର୍ଡ ଫ୍ଲୁ (ଆଭିଆନ ଇନ୍‌ଫ୍ଲୁଏଞ୍ଜା) ସନ୍ଦେହ କରାଯାଉଥିବା କୌଣସି ସ୍ଥାନକୁ ଗସ୍ତ କରିବା ନିମନ୍ତେ ରାଜ୍ୟସ୍ତରରେ ୯ଟି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ନିଯୁକ୍ତ କରାଯାଇଛି। ଏଥିନିମନ୍ତେ ପ୍ରତି ଜିଲା ଗସ୍ତରେ ମଧ୍ୟ ୧୦ରୁ ୧୫ ରାପିଡ ଆକ୍ସନ ଟିମ୍ ଗଠନ କରିବା ପାଇଁ ସମସ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଉତ୍ପାଦିତ କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକୁଟଜାତ ପଦାର୍ଥ ଖାଇବା ସମ୍ପୂର୍ଣ୍ଣ ସୁରକ୍ଷିତ।

## ଗୋବିନ୍ଦପୁରରେ କୁକୁଡ଼ା ମଡ଼କ

**ବେଗୁନିଆ,୭।୧(ଡି.ଏନ୍.ଏ.)**

ରାଜ୍ୟରେ କୁକୁଡ଼ାଙ୍କ ଠାରେ ବାର୍ଡ-ଫ୍ଲୁ ଦେଖାଦେବା ଆଶଙ୍କାକୁ ଏଡ଼ାଇବା ପାଇଁ ସରକାରଙ୍କ ପକ୍ଷରୁ ବିଦ୍ଧିବଦ୍ଧଭାବେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମର କୁକୁଡ଼ା ଚାଷୀ ବୀରଞ୍ଚି ମହାନ୍ତିଙ୍କ ଫାର୍ମରେ ଗତ ଦୁଇ ଦିନରେ ୪୦୦ରୁ ଊର୍ଦ୍ଧ୍ୱ କୁକୁଡ଼ା ମରିଥିବା ଦେଖିବାକୁ ମିଳିଛି। ଖବରପାଇ ବେଗୁନିଆ ଅତିରିକ୍ତ ବ୍ଲକ ପ୍ରାଣୀ ଚିକିତ୍ସକ ବିଶ୍ୱରଞ୍ଜନ ରାଉତ ଏକ ଟିମ୍ ସହ ଉକ୍ତ ଫାର୍ମରେ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ସ୍ଥିତି ବୁଲି ଦେଖିବା ସହ ଜୀବିତ କୁକୁଡାଙ୍କ ପରୀକ୍ଷା ପାଇଁ ଭୋପାଳ ପଠାଇଥିଲେ। ଏଥିସହ ମୃତ କୁକୁଡାଙ୍କ ବ୍ୟବଚ୍ଛେଦ ପାଇଁ କଟକ ଫୁଲନଖରାସ୍ଥିତ ଆନିମଲ ଡିଜିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଏଡିଆରଆଇ)କୁ ପଠାଯାଇଛି। ପରେ ଫାର୍ମର ଚତୁଃପାର୍ଶ୍ୱକୁ ବିଶୋଧନ କରାଯାଇଥିଲା। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କୁକୁଡାଙ୍କୁ ପୋତାଯାଇଛି। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସକ ରାଉତ କହିଛନ୍ତି, ବାର୍ଡ-ଫ୍ଲୁ ରୋଗର କୌଣସି ଲକ୍ଷଣ ମିଳିଲା ନାହିଁ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# 'ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ'



ଖବରଦାତା ସମ୍ମିଳନୀରେ ଭାଜପା ନେତୃମଣ୍ଡଳୀ।

**ମାହାଙ୍ଗା,୭।୧(ସ୍ୱ.ପ୍ର.)**

**ଭାଜପା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀଙ୍କ ମାହାଙ୍ଗା ଗସ୍ତ**

କଟକ ଜିଲା ମାହାଙ୍ଗା ବ୍ଲକର ଡବଲ ମର୍ଡର ଘଟଣାକୁ ନେଇ ଗୁରୁବାର ରାଜ୍ୟ ଭାଜପା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ମୃତ କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଅବସରରେ ମୃତ କୁଳମଣିଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ ବିଜେଡିକୁ ଟାର୍ଗେଟ କରି କହିଛନ୍ତି, ଦଳର ପୃଷ୍ଠପୋଷକତାରେ କୁଳମଣି ଓ ଦିବ୍ୟସିଂହଙ୍କୁ ହତ୍ୟା କରାଯାଇଛି। ଦୁର୍ନୀତି ବିରୋଧରେ ମୁହଁ ଖୋଲିବାରୁ କୁଳମଣିଙ୍କୁ ହତ୍ୟା କରାଯାଇଛି। ସେ ପ୍ରଧାନମନ୍ତ୍ରୀ ଆବାସ ସମ୍ପର୍କିତ ଦୁର୍ନୀତିକୁ ପଦାକୁ ଆଣିଥିଲେ। ଓଡ଼ିଶାରେ ଏଭଳି ଘଟଣା ବିରଳ। ଉଭୟ ମୃତକଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ପୁରନ୍ଦେଶ୍ୱରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବିଜେଡି ଏବେ ଭ୍ରଷ୍ଟାଚାରରେ ବୁଡିଯାଇଛି। ଏଣୁ ନବୀନ ପଟ୍ଟନାୟକଙ୍କୁ ହାତଯୋଡ଼ି ଅନୁରୋଧ କରାଯାଉଛି, ସେ ବାହାରକୁ ଆସି ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର ଦେଖନ୍ତୁ। ନ ହେଲେ ତାଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ତୁଟିଯିବ। ଏତଲାରେ ଆଇନ୍ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ରହିଥିଲେ ମଧ୍ୟ କାହିଁକି ପୋଲିସ ତାଙ୍କୁ ଧରୁ ନାହିଁ ବୋଲି ପୁରନ୍ଦେଶ୍ୱରୀ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ମହିଳା ଓ ଶିଶୁଙ୍କ ଉପରେ ଅତ୍ୟାଚାର ହେଉଛି କିନ୍ତୁ ନ୍ୟାୟ ମିଳୁନାହିଁ। ପରି ଘଟଣା ଏପର୍ଯ୍ୟନ୍ତ ଭୁଲି ହୋଇନି। କଟକରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭାଇ ଚାଷୀଙ୍କ ଟଙ୍କା ତୋସରପାତ କରୁଛନ୍ତି ବୋଲି ପୁରନ୍ଦେଶ୍ୱରୀ ଅଭିଯୋଗ କରିଥିଲେ। ସେହିପରି ଭାଜପା ନେତା ତଥା ପୂର୍ବତନ ଡିଜିପି ପ୍ରକାଶ ମିଶ୍ର ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇ କହିଥିଲେ, ତଦନ୍ତ କରୁଥିବା ପୋଲିସ ଶାସକ ଦଳର ଅନୁଗତ। ରାଜ୍ୟରେ ଦିନ ଦ୍ୱିପ୍ରହରରେ ହତ୍ୟା ଓ ଶିଶୁ ଅପହରଣ ଭଳି ଅପରାଧ ବଢ଼ିବାରେ ଲାଗିଛି। ଦୋଷୀଙ୍କୁ ଯିଏ ପ୍ରବର୍ତ୍ତାଉଛନ୍ତି ସେ ମଧ୍ୟ ଦୋଷୀ। ଏଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ। ଏହି ଖବରଦାତା ସମ୍ମିଳନୀରେ ଭାଜପାର ରାଜ୍ୟ ସଭାପତି ସମୀର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର, ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, କନକବର୍ଦ୍ଧନ ସିଂହଦେଓ, କଟକ ଜିଲା ସଭାପତି ପ୍ରକାଶ ବେହେରା, ସାରଦା ପ୍ରଧାନ, ଜିଲା ମହିଳା ସଭାନେତ୍ରୀ ଯାଜ୍ଞସେନୀ ଜେନା ଓ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


## Government of Odisha
## Higher Education Department
### SPOT ADMISSION INTO P.G. COURSES OF UNIVERSITIES/COLLEGES FOR THE SESSION 2020-21

No. N-59: Following categories of candidates are eligible to apply online through CAF.

a. Candidates who were previously selected & taken admission and/or previously selected but not taken admission in 1st, 2nd & 3rd Selection.
b. Candidates who have appeared CPET-2020, but not selected in 1st, 2nd & 3rd Selection.
c. Candidates who have appeared CPET-2020, but not uploaded the graduation mark for some reasons within the stipulated time.

**Timeline for Admission**

| SL# | Items | Timeline |
|---|---|---|
| A | Availability of Online Common Application Form (CAF) in the Student login for providing fresh options for admission. | 09th Jan 2021 (11.00 A.M.) |
| B | Last date for providing fresh options in CAF at Student login | 12th Jan 2021 (2.00 P.M.) |
| C | Publication of merit list (Three times of the vacancies) | 15th Jan 2021 (11.00 A.M.) |
| D | Reporting of the candidates from merit list at their respective Universitites/Colleges | 16th, 18th, 19th and 20th Jan 2021 (by 2.00 P.M.) |
| E | Publication of Select list out of the reported candidates as per vacancies by respective Universities/Colleges and tagging of the selected students data in the respective e-space | 20th Jan 2021 (by 05.00 P.M.) |
| F | Document verification, payment & admission of the selected candidates | 21st & 22nd Jan 2021 (by 05.00 P.M.) |
| G | Data updation of admitted students in SAMS portal | 23rd Jan 2021 (by 05.00 P.M.) |
| H | If still vacancies remain, Universities/Colleges to contact the remaining candidates who had reported during the reporting periods and carry out the admission process with data updation till the last date | Upto 31st Jan 2021 (by 5.00 P.M.) |

**N.B.**: To get more information on the Guidelines for PG Admission, visit the website: **www.dheodisha.gov.in/samsodisha.gov.in**.

**OIPR-11001/11/0030/2021** **Sd./- Officer-in-Charge, PTC**



## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୨୬୯/IND-II-PH-856 ତାରିଖ ୭।୧।୨୦୨୧

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ, ଓଡ଼ିଶାର କେନ୍ଦୁଝର ଜିଲା ଅନ୍ତର୍ଗତ କାରାଖେନ୍ଦ୍ରା ଏବଂ କାରାକୋଲହା ଗ୍ରାମରେ ସ୍ଥିତ କାରାଖେନ୍ଦ୍ରା ଷ୍ଟିଲ ପ୍ରକଳ୍ପଠାରେ ୧୨୧ ମେଗା ୱାଟ୍ ସି.ପି.ପି. ସ୍ଥାପନା କରି କ୍ରୁଡ୍ ଷ୍ଟିଲର ବାର୍ଷିକ କ୍ଷମତା ୦.୧୨୭ ଏମ୍.ଟି.ପି.ଏ.ରୁ ୦.୬୦୬ ଏମ୍.ଟି.ପି.ଏ.କୁ ବୃଦ୍ଧି କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି (ସମ୍ବଲପୁର ଜିଲା) ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୧।୦୨।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲା ଅନ୍ତର୍ଗତ କାରାକୋଲହା ଗ୍ରାମରେ (ଓପିଟିସିଏଲ୍ ଏଲ୍.ଆଇ.ଏଲ୍.ଓ. ସ୍ୱିଚିଂ ଷ୍ଟେସନ ନିକଟ) ଖାତା ନଂ. ୭୦/୭ ଅନ୍ତର୍ଗତ ପ୍ଲଟ ନଂ. ୧୮୫, ୧୮୫/୭୦୩ ଏବଂ ୭୦୩/୯୮୦ ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର ।
୨. ଜିଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

**ସ୍ୱା./-ସଦସ୍ୟ ସଚିବ**


# ଲକ୍ଷାଧିକ ଟଙ୍କାର ମାଙ୍ଗାନିଜ୍ ଜବତ



ଜବତ ମାଙ୍ଗାନିଜ୍ ସହ ବନବିଭାଗ ଟିମ୍।

**ଯୋଡ଼ା, ୭।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ ତଥା ଯୋଡ଼ାଠାରୁ ଅନତି ଦୂରରେ ଚୋରାରେ ଗଚ୍ଛିତ ଥିବା ଉନ୍ନତମାନର ମାଙ୍ଗାନିଜ ପଥରକୁ ବନବିଭାଗ ଜବତ କରିଛି। ଜବତ ହୋଇଥିବା ସ୍ଥାନଟି ଏକ ଖଣି କମ୍ପାନୀର ଲିଜ୍ ଅଞ୍ଚଳ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବୁଧବାର ବନବିଭାଗର ଏକ ମୋବାଇଲ ସ୍କ୍ୱାଡ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସହର ଉପକଣ୍ଠ ରଣାଶାଳ ଓ ବନେଇକଳା ବନାଞ୍ଚଳରେ ଚଢାଉ କରିଥିଲା। ଦୁଇଦିନ ଧରି ଚଢାଉ ଫଳରେ ବନବିଭାଗ ପ୍ରାୟ ୨୦ ମେଟ୍ରିକ୍ ଟନର ଉନ୍ନତ ମାନର ଚୋରା ଗଚ୍ଛିତ ଥିବା ମାଙ୍ଗାନିଜକୁ ଜବତ କରିଛି। ଏଥିମଧ୍ୟରୁ କିଛି ପରିମାଣର ମାଙ୍ଗାନିଜ ପଥର ବସ୍ତାରେ ଭର୍ତ୍ତି କରାଯାଇ ଗଚ୍ଛିତ ରଖାଯାଇଥିଲା। ଗୁରୁବାର ଅପରାହ୍ନରେ ବନବିଭାଗ ପକ୍ଷରୁ ଆସିଷ୍ଟାଣ୍ଟ କନଜରଭେଟର ଅଫ୍ ଫରେଷ୍ଟ(ଏସିଏଫ୍) ଅଜୟ କୁମାର ସାହୁ, ମୋବାଇଲ ସ୍କ୍ୱାଡର ଡେପୁଟି ରେଞ୍ଜର ପିତାମ୍ବର ନାଏକ, ଫରେଷ୍ଟର ବସନ୍ତ କୁମାର ମୁର୍ମୁ ଓ କ୍ଷୀରୋଦ ଦାସ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ । ଖଣିଜ ଜବତ ହୋଇଥିବା ସ୍ଥାନଟି ଯୋଡା ଯୁଗ୍ମ ନିର୍ଦ୍ଦେଶାଳୟରୁ ମାତ୍ର ଏକ କିଲୋମିଟର ଦୂରରେ ଅବସ୍ଥିତ। ଏତେ ପରିମାଣର ଚୋରା ମାଙ୍ଗାନିଜ୍ ସେଠାରୁ ଉତ୍ତୋଳନ ହୋଇଥିଲେ ହେଁ, ଖଣିବିଭାଗର ନିଜସ୍ୱ ଖଣି ସ୍କ୍ୱାଡ ଥାଇ ମଧ୍ୟ ବିଭାଗ କିପରି ଜାଣି ପାରିଲା ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଦିନ ପୂର୍ବେ ଉକ୍ତ ସ୍ଥାନରୁ ବନବିଭାଗ ଚୋରାରେ ଗଚ୍ଛିତ ଥିବା ବିପୁଳ ପରିମାଣର ମାଙ୍ଗାନିଜ ଜବତ କରିଥିଲା । ଏହି କାରବାର ଖଣିଜ ଚୋରମାନେ ଅନାୟସରେ କରୁଥିଲେ ହେଁ ଖଣିବିଭାଗ ଓ ସ୍ଥାନୀୟ ପୋଲିସ ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

# ତାବିଜ ଫେରାଇବାରୁ ଟାଙ୍ଗିଆ ଚୋଟ

**ହିନ୍ଦୋଳ, ୭।୧(ଡି.ଏନ.ଏ)**

ମନସ୍କାମନା ପୂରଣ ପାଇଁ ଠାକୁରାଣୀଙ୍କ ନିକଟରେ ପୂଜା କରି ସପରିବାର ପିନ୍ଧିଥିଲେ ତାବିଜ। ଏଥିରେ ଖର୍ଚ୍ଚ କରିଥିଲେ ୯୦୦୦ ଟଙ୍କା। ତେବେ ତାବିଜ କାମ କରୁ ନ ଥିବା ଅନୁଭବ କରିବାପରେ ଏହାକୁ ଫେରାଇ ଦେଇଥିଲେ, ଯେଉଁଥିପାଇଁ ଜଣେ ଯୁବକଙ୍କୁ ଭୋଗିବାକୁ ପଡ଼ିଛି ପୂଜକଙ୍କ ଟାଙ୍ଗିଆ ଚୋଟ। ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅନ୍ତର୍ଗତ କରୁମିଠା ଗ୍ରାମରେ ବୁଧବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଲିମୀ ଥାନା ଅନ୍ତର୍ଗତ ଦୁଦୁରକୋଟ ଗ୍ରାମର ବିଷ୍ଣୁନାରାୟଣ ସଂଗ୍ରାମସିଂ (୩୦) ଭୁବନେଶ୍ୱରରେ ରହି ନିଜର କପଡ଼ା ବ୍ୟବସାୟ କରନ୍ତି। ଘରେ କେତେକ ଅସ୍ୱାଭାବିକ ଘଟଣା ଘଟିବାରୁ ସେ ତାଙ୍କ ଶାଶୁଙ୍କ ପରାମର୍ଶକ୍ରମେ ଗତ ଡିସେମ୍ବରରେ କୁରୁମିଠା ଗ୍ରାମସ୍ଥିତ ମା' ଅନ୍ଧାରୀ ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ପୂଜକ ଫକୀର ସାମଲଙ୍କ ପୁଅ ବୁଲାଙ୍କ କହିବା ଅନୁଯାୟୀ ଗତ ଜାନୁୟାରୀ ୨ରେ ପ୍ରାୟ ୮୦୦୦ ଟଙ୍କା ଖର୍ଚ୍ଚ କରି ବିଷ୍ଣୁନାରାୟଣ ହୋମଯଜ୍ଞ କରିଥିଲେ। ବୁଲା ତାଙ୍କୁ ୩ଟି ତାବିଜ ଦେଇଥିଲେ। ଏହାପରେ ପୂଜକଙ୍କ ପରାମର୍ଶରେ ଗତ ୫ ତାରିଖରେ ୧୦୦୦ ଟଙ୍କାର ପୂଜନ ସାମଗ୍ରୀ ଦେଇଥିଲେ। ଏହାସତ୍ତ୍ୱେ ବିଷ୍ଣୁନାରାୟଣଙ୍କ ସମସ୍ୟା ସମାଧାନ ନ ହେବାରୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ମନ୍ଦିରକୁ ଯାଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ତାବିଜ ଖୋଲି ରଖି ଦେଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ବୁଲା ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ହଠାତ୍ ଆକ୍ରମଣ କରିଥିଲେ।


## ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
**ORMAS BHUBANESWAR**
## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
## ODISHA RURAL DEVELOPMENT & MARKETING SOCIETY
*creating competence and values in rural Odisha*
Panchayati Raj and DW Department, Government of Odisha

Adv. No. 74 Date: 07.01.2021

### RECRUITEMENT NOTICE

No. CAD-1035: The Odisha Rural Development and Marketing Society (ORMAS), an autonomous body under Panchayati Raj & Drinking Water Department, Government of Odisha, invites applications from the eligible candidates for filling up the following Post:

| Position | Number of Post | Qualification & Experience | Age | Pay Range P.M. | Grade Pay P.M. | Scale Equivalent to the Govt. Pay Band of 6th Pay Commission |
|---|---|---|---|---|---|---|
| Project Executive (Information Technology) | 1 | 2 years full time M.Tech in Computer Science/ IT from any recognized Unviersity or Premier Institute. Two years experience in relevant field is required. The candidate should have strong knowledge on IT and IT related business solutions | 25 - 35 | 9300 - 34800 | 4200 | S-10B, PB-2 |

Interested candidates can log on to **www.ormas.org** for details of vacancy, eligibility criteria, age, selection procedure etc. **Last date for receipt of the application duly signed by the candidate along with self attested copies of all supportive documents is 22.01.2021 (by 5.00 P.M.). The application through Speed Post only all be accepted and the application received after the last date will be summarily rejected.** The undersigned will not held responsible for receiving the application after the last date due to postal delay.

**Sd./- Chief Executive Officer**

SIRD Campus, Unit-VIII, Bhubaneswar, Odisha - 751012
Tel # 0674-2565870/71, E-mail: ormashq@gmail.com, URL: www.ormas.org

OIPR-19004/11/0004/2021



## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

No.346/OMC/PERSNL/2021 Date: 06.01.2021

### WALK-IN-INTERVIEW

Odisha Mining Corporation Ltd., a Gold Category State PSU having annual turnover of Rs. 3975 Crore during FY 2019-20 intends to fill up the following posts on contractual basis for a period of 03 years. The engagement shall be renewed every year on satisfactory job performance. However, the tenure of contractual engagement may be extended beyond 03 years basing on the requirement of the corporation. The posts shall be filled up through recruitment on contractual basis through **Walk-in-Interview** mode/process.

| Sl No | Name of the post | No of vacant posts | Consolidated Remuneration per month | Qualification/ Experience | Age as on 01.01.2021 |
|---|---|---|---|---|---|
| 1 | Manager (Mining) | 01 | Rs. 92000/- with provision of 10% hike every year on renewal of contractual appointment | **Qualification**: BE/B. Tech in Mining Engg. with 1st Class MMCC. **Experience** : (i) Minimum 6 years' post degree working experience in metalliferous mechanised opencast mines. (ii) Preference will be given to the candidates having exposure in IT / Software enabled Mine planning, design & development for which such candidates may have to undergo a skill test. | Maximum 40 years |
| 2 | Dy. Manager (Mining) | 17 | Rs. 80000/- with provision of 10% hike every year on renewal of contractual appointment | **Qualification**: BE/B. Tech in Mining Engg with 2nd Class MMCC. **Experience** : (i) Minimum 4 years' post degree working experience in mechanised metalliferous opencast mines. (ii) Preference will be given to the candidates having exposure in IT/Software enabled Mine planning, design & development for which such candidates may have to undergo a skill test. (iii) Candidates with First Class MMCC shall have added advantage. | Maximum 35 years |
| 3 | Foreman (Min.) | 39 | Rs. 42000/- with provision of 10% hike every year on renewal of contractual appointment | Diploma in Mining with Foreman Competency Certificate issued by DGMS. | Not below 18 years and above 35 years. |
| 4 | Mining Mate | 30 | Rs. 27000/- with provision of 10% hike every year on renewal of contractual appointment | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 35 years |
| 5 | Blaster | 04 | Rs. 27000/- with provision of 10% hike every year on renewal of contractual appointment | HSC with Blaster's Certificate of Competency issued by DGMS as per MMR, 1961. | Not below 18 years and above 35 years |
| 6 | Surveyor | 02 | Rs. 42000/- with provision of 10% hike every year on renewal of contractual appointment | Diploma in Mines Survey / Mining Engineering from a AICTE recognized Institute with Survey Certificate of Competency in Mining Survey from DGMS. | Not below 18 years and above 35 years |

**DATE & PLACE OF WALK-IN-INTERVIEW**

| POST | DATE & TIME | VENUE OF INTERVIEW |
|---|---|---|
| Manager (Mining) | 20.01.2021 at 9:00 AM | Community Centre, OMC Colony (Near Gopabandhu Square), Unit-8, Bhubaneswar-12 |
| Dy. Manager (Mining) | 21.01.2021 at 9:00 AM & 22.01. 2021 at 9:00 AM | |
| Foreman (Min.) | 08.02.2021 at 8:00 AM & 09.02.2021 at 8:00 AM | Community Centre, OMC Colony of Regional Office, Barbil Dist- Keonjhar |
| Surveyor | 09.02.2021 at 11:00 AM | |
| Mining Mate | 10.02.2021 at 8:00 AM | |
| Blaster | 10.02.2021 at 11:00 AM | |

- Interested candidates fulfilling the eligibility criteria for respective posts may attend the walk-in-interview as per the above schedule.
- For details please visit OMC website : https://omcltd.in.

Sd/-
GENERAL MANAGER (P&A)

## ଅମାନିଆଙ୍କୁ ଜରିମାନା

ପାଟଣା,(ସ୍ୱ.ପ୍ର.): ପାଟଣା ବ୍ଲକ ମୁଖ୍ୟାଳୟ ଠାରେ ଗୁରୁବାର ବିଭିନ୍ନ ଛକରେ କେନ୍ଦୁଝର ଆରଟିଓଙ୍କ କାର୍ଯ୍ୟାଳୟର ମୋଟର ଯାନ ନିରୀକ୍ଷକ ଓ ପାଟଣା ପୋଲିସ ପକ୍ଷରୁ ମିଳିତ ଭାବେ ନୂତନ ମୋଟର ଯାନ ନିୟମ ଅନୁଯାୟୀ ଧରପଗଡ଼ କରାଯାଇ ଚାଲାଣ କଟାଯାଇଛି। ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଏନ୍‌ଏଚ୍‌ର ସ୍ୱାମନାଳ, ବୈତରଣୀ ନଦୀ ପୋଲ ଓ ଧାନବେଣୀ ଛକ ଠାରେ ଏହି ଯାଞ୍ଚ କରାଯାଇଥିଲା। ଆଇନଖିଲାପକାରୀଙ୍କଠାରୁ ମୋଟ ୪୪ଟି ଭିସିଆର ମାଧ୍ୟମରେ ୩, ୭୨,୭୬୦ ଟଙ୍କାର ଚାଲାଣ କଟାଯାଇଥିବା ମୋଟର ଯାନ ନିରୀକ୍ଷକ ରମେଶ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସ୍କୁଲରେ ଲାଗିଲା ନିଆଁ

ଚିତ୍ରଡ଼ା,୭।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟାଳୟର ଏକ କୋଠରୀରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏଥିରେ ବିଶେଷ କିଛି କ୍ଷୟକ୍ଷତି ଘଟି ନ ଥିବା ବିଦ୍ୟାଳୟର ଶିକ୍ଷକ ବିଶ୍ୱକେଶ ଗିରି ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ଢେଙ୍କିକୋଟ, ୭।୧(ସ୍ୱ.ପ୍ର): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଜାତୀୟରଜପଥ ୨୨୦ ନଂ ମୁଦ୍ରାବେଡ଼ ଛକଠାରେ ଗତ ମଙ୍ଗଳବାର ରାତିରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହୁଲଗାଡ଼ିଆ ଗ୍ରାମର ହରିହର ନାୟକ। ହରିହର ମଙ୍ଗଳବାର କୌଣସି କାମରେ ମୁକ୍ତାପୁର ଗ୍ରାମକୁ ଯାଇଥିଲେ। ଫେରିଲା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅମ୍ବୁଲାନ୍ସ ଯୋଗେ ପାଟଣା ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ପହଞ୍ଚି ମୃତଦେହ ଜବତ କରି ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୧) ରୁଜୁ କରିଛନ୍ତି।

### ବିଜେଡିର ମିଶ୍ରଣ ପର୍ବ

ଭଣ୍ଡାରିପୋଖରୀ,୭।୧ (ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଜେଡି ପକ୍ଷରୁ ଜଳମଣ୍ଡୁଆ ପଞ୍ଚାୟତ ଗୁଣୁପୁରଠାରେ ମିଶ୍ରଣ ପର୍ବ ପଞ୍ଚାୟତ ସଭାପତି ଅରୁଣ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରଣିତକାନ୍ତ ସାମଲ, ବ୍ଲକ ବିଜେଡି ଯୁବ ସଭାପତି ଲଳିତ କୁମାର ରାଉତ, ରଘୁନାଥ ପଣ୍ଡା, ସୁଶାନ୍ତ ରାଉତ, ମଦନ ମୋହନ ପଣ୍ଡା ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନ କିପରି ଦୃଢ଼ ହୋଇପାରିବ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ବହୁ ବ୍ୟକ୍ତି ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଚିତ୍ତରଞ୍ଜନ ସାମଲ ଓ ବାସୁଦେବ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୋଲରୁ ଖସି ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଙ୍ଗିରିପୋଷି,୭।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବାଙ୍ଗିରିପୋଷି -କଳାବାଡ଼ିଆ ରାସ୍ତାରେ ଥିବା କତରା ନଦୀ ପୋଲ ତଳକୁ ଖସି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମର ବିଶ୍ୱରଞ୍ଜନ ମାଝୀ (୨୩)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩/୨୧) ରୁଜୁ ହୋଇଛି। ବିଶ୍ୱରଞ୍ଜନ ବାଇକ୍ ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପୋଲ ବାଡ଼ାରେ ପିଟି ହୋଇ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜିଲା କାରାଗାର ପରିଦର୍ଶନ କଲେ ଜେଲ ଡିଜି

ବାଲେଶ୍ୱର ଅଫିସ, ୭।୧

ରାଜ୍ୟ ଜେଲ ମହାନିର୍ଦ୍ଦେଶକ(ଜେଲ୍ ଡିଜି) ସନ୍ତୋଷ କୁମାର ଉପାଧ୍ୟାୟ ଗୁରୁବାର ଦିନିକିଆ ଗସ୍ତରେ ଆସି ବାଲେଶ୍ୱରରେ ପହଞ୍ଚିଥିଲେ। ପରେ ଜିଲା କାରଗାରର ପାରିପାର୍ଶ୍ୱିକ ଅବସ୍ଥା, ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏଥିସହିତ ଜେଲ ଅନ୍ତେବାସୀଙ୍କୁ ସାକ୍ଷାତ୍ କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହ କୋଭିଡ୍ ଗାଇଡ୍‌ଲାଇନ୍ କିପରି ପାଳନ କରାଯାଉଛି ତାହା ନିରୀକ୍ଷଣ କରିଥିଲେ।

କାରାଗାର ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ଜିଲା ପ୍ରୋବେଶନ ଅଫିସକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜେଲ ମହାନିର୍ଦ୍ଦେଶକ ଉପାଧ୍ୟାୟ କହିଥିଲେ ଯେ, ୧୮୪୭ରୁ ଗଠିତ ହୋଇଥିବା ବାଲେଶ୍ୱର ଜେଲ୍ ରାଜ୍ୟର ସର୍ବପୁରାତନ ଜେଲ୍। ଏଠାରେ ସବୁ ଠିକ୍‌ଠାକ୍ ଚାଲିଛି। ଜେଲ ଭିତରେ ଥିବା ଆନୁଷଙ୍ଗିକ ଓ ବାହ୍ୟ ବ୍ୟବସ୍ଥା ସହ କୃଷିଭିତ୍ତିକ କାର୍ଯ୍ୟକୁ ପରିଦର୍ଶନ କରିଛି। ବାଲେଶ୍ୱର ଜିଲା କୃଷିରେ ଅର୍ଥନୈତିକ ପେଣ୍ଠସ୍ଥଳୀ ଅଟେ। ଜେଲ ପରିସରରେ ଫୁଡ୍ ପ୍ରୋସେସିଂ



ଜିଲା ପ୍ରୋବେଶନ ଅଫିସକୁ ଜେଲ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରୁଛନ୍ତି।

ୟୁନିଟ୍ ବିଶେଷ କରି ହଳଦୀଗୁଣ୍ଡ, ବେସନ, ସୁଜି, ସୋରିଷ ତେଲ ଏପରିକି ଖାଦ୍ୟ ସାମଗ୍ରୀ ପ୍ରକଳ୍ପ ତିଆରି କରାଯାଇପାରିବ। ଭୁବନେଶ୍ୱର, ଚୌଦ୍ୱାରରେ ବର୍ତ୍ତମାନ ଏହା ଆରମ୍ଭ କରାଯାଇଛି। ଏଥିରେ ଉତ୍ପାଦନ ହେଉଥିବା ସାମଗ୍ରୀ କମ୍ ଦାମ୍‌ରେ ଦିଆଯିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ପାଇଁ ଉପଲବ୍ଧ କରାଯାଉଛି। ଜେଲ୍ ସମ୍ମୁଖରେ ଏକ ଅସ୍ଥାୟୀ ଷ୍ଟଲ୍ ଖୋଲାଯାଇ କାର୍ଯ୍ୟ ଆରମ୍ଭ କରିଛୁ। ଲୋକଙ୍କ ସୁସ୍ୱାସ୍ଥ୍ୟ ପାଇଁ ଜୈବିକ ସାର ପ୍ରକ୍ରିୟା ବ୍ୟବହାର କରାଯାଇ ଜେଲ ଭିତରେ ପନିପରିବା ଚାଷ ବହୁତ ଭଲ ଭାବେ କରାଯାଇଛି। ଏହାକୁ ଲୋକଙ୍କୁ ମଧ୍ୟ ଯୋଗାଇ ଦିଆଯାଉଛି। ଆଗାମୀ ୩/୪ ମାସ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମାଧ୍ୟମରେ ଜେଲ୍ ଅନ୍ତେବାସୀଙ୍କ ସହ ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହୋଇପାରିବେ। କଏଦୀମାନଙ୍କର ବିଭିନ୍ନ ଅଭିଯୋଗ, ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯିବ। ସେହିପରି ଯେଉଁମାନେ ଛୋଟ ଛୋଟ ଅପରାଧ କରିଛନ୍ତି ସେମାନେ ଯଦି ଦୋଷ ସ୍ୱୀକାର କରନ୍ତି କୋର୍ଟ ମାଧ୍ୟମରେ ସେମାନଙ୍କୁ ପ୍ରୋବେଶନ ଅଫେଣ୍ଡାର୍ଟ ଆକ୍ଟରେ ଜିମାରେ ଛାଡ଼ି ଦିଆଯାଏ। ଭବିଷ୍ୟତରେ ସେମାନେ ଯେପରି ଅପରାଧ ନ କରିବେ ଜିଲା ପ୍ରୋବେଶନ ଅଧିକାରୀ ଏହା

### ସ୍ୱତନ୍ତ୍ର ଭାବେ ଖୋଲିଲା ପ୍ରୋବେଶନ ଅଫିସ

ଉପରେ ନଜର ରଖିବେ। ଗତ ୨୦୨୦ରେ ବିଶେଷକରି ଜାନୁଆରୀରୁ ମାର୍ଚ୍ଚ ଭିତରେ ପ୍ରାୟ ୫୩ ଅପରାଧୀଙ୍କୁ କୋର୍ଟ ଦ୍ୱାରା ଜିଲା ପ୍ରୋବେଶନ ଅଧିକାରୀଙ୍କ ମାଧ୍ୟମରେ ଦଣ୍ଡ ଦିଆଯାଇଛି। ସେମାନଙ୍କୁ ପ୍ରୋବେଶନ ଆକ୍ଟ ଅନୁସାରେ ଦଣ୍ଡ ମୁକ୍ତ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ କିପରି ଭାବେ ସେମାନେ ଅପରାଧ ନ ଘଟାଇବେ ସେ ଉପରେ ନଜର ରଖାଯାଇଛି। ଅପରାଧ ଜଗତକୁ ନ ଯାଇ କିପରି ଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବେ ସେଥିପାଇଁ ଏହି ପ୍ରୋବେଶନ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ କରିବେ ବୋଲି ପ୍ରକାଶ କରିଥିଲେ। ଗସ୍ତ ସମୟରେ ବାଲେଶ୍ୱର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ, ଜେଲର ଦୀପ୍ତିମୟୀ ରାଉତ, ସହକାରୀ ଜେଲର ସନ୍ତୋଷ ଦୁର୍ଗା, କିରାଣି ଦୀପକ କୁମାର ରାଉତ, ବାରିପଦା ଜେଲର ପ୍ରଦୀପ କୁମାର ବେହେରା ଉପସ୍ଥିତ ଥିବାବେଳେ ଜିଲା ପ୍ରୋବେଶନ ଅଧିକାରୀ ଦେବବ୍ରତ ଜେନା ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିଥିଲେ।

# ବିଦ୍ୟାଳୟ ଖୋଲିବା ପୂର୍ବରୁ ଭିତ୍ତିଭୂମି ତଦାରଖ


ବିଦ୍ୟାଳୟ ପରିଦର୍ଶନ ବେଳେ ଉପସ୍ଥିତ ଅଧିକାରୀମାନେ।

ବନ୍ତ,୭।୧(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟ ଶୁକ୍ରବାରଠାରୁ ଖୋଲିବ। ଏଥିପୂର୍ବରୁ ଅଧିକାରୀମାନେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମି ପରଖିଛନ୍ତି। ବିଡିଓ ରେବେକା ବିଲୁଙ୍ଗ ଓ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରେଇ ବିଭିନ୍ନ ବିଦ୍ୟାଳୟ ବୁଲି ପରିଷ୍କାର, ପରିଚ୍ଛନ୍ନତା ଓ ବିଶୋଧନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ବିଦ୍ୟାଳୟ ମିଶ୍ରଣ ନ ହେବା ନେଇ ଗ୍ରାମବାସୀମାନଙ୍କ ଅଭିଯୋଗ କ୍ରମେ ଅଧିକାରୀମାନେ ନରାଜପୁର, କୁଆଁଶମଢ଼ିଆ, ଏରଝାଟିଆ, ପାରାବନ୍ଧ, ଜେ.କେ. ନୋଡାଲ, ତୋଟାସାହି ଆଦି ପରିଦର୍ଶନ କରି ତଦନ୍ତ କରିଥିବା ଜଣାଯାଇଛି।

# ଡମ୍ପର ଧକ୍କାରେ ବାଇକ୍ ଚାଳକ ମୃତ

ବୈଶିଙ୍ଗା,୭।୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା– ବଡ଼ସାହି ମୁଖ୍ୟ ରାସ୍ତାର କେନ୍ଦୁଆ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଡମ୍ପର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ସାହି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ଗ୍ରାମର ହୃଷିକେଶ ପଣ୍ଡା(୨୪)। ଡମ୍ପରଟି ବୁଢ଼ାବଳଙ୍ଗ ନଦୀ ଘାଟରୁ ବାଲି ଆଣିବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ରାସ୍ତାରେ ବାଲି ପରିବହନ କ୍ଷେତ୍ରରେ ସରକାରୀ କଟକଣା ଜାରି କରିବା ଦାବିରେ ମାନଗୋବିନ୍ଦପୁର ଗ୍ରାମର ଶତାଧିକ ଗ୍ରାମବାସୀ ଧାରଣାରେ ବସି ରହିଥିଲେ। ଖବରପାଇ ସ୍ଥାନୀୟ ବିଧାୟକ ସନାତନ ବିଜୁଲି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜେଡିର ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ବେତନଟୀ ତହସିଲଦାର ସଂଗ୍ରାମ କେଶରୀ ପରିଡ଼ା ପହଞ୍ଚି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ବୈଶିଙ୍ଗା ଥାନାରେ ଏକ ମାମଲା(ନଂ.୮/୨୧) ରୁଜୁ ହୋଇଛି।

# ପ୍ରତିବାଦରେ ଲୋକଙ୍କ ରାସ୍ତାରୋକୋ


ହମ୍ପସ୍ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ଭୋଗରାଇ, ୭।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର–ଚନ୍ଦନେଶ୍ୱର ୫୦ ନଂ. ରାଜପଥ ବାର୍‌ମାଇଲ ଛକଠାରେ ଗୁରୁବାର ସକାଳେ ଏକ ଡମ୍ପର ଜଳେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁଇଟି ଉଠାଦୋକାନ ଉପରକୁ ମାଡ଼ିଯାଇଥିଲା। ଏହାସହ ଏକ ବାଇକ୍‌କୁ ପଛପଟୁ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀ ରାସ୍ତାକଡ଼କୁ

### ଉଠାଦୋକାନକୁ ମାଡିଯାଇ ବାଇକ୍‌କୁ ଧକ୍କା ଦେଲା ଡମ୍ପର

ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏହାପରେ ସକାଳ ସାଢ଼େ ୬ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଦ୍ରୁତଗାଡ଼ି ଚାଳନାକୁ ବନ୍ଦ କରିବା, ଲାଇସେନ୍ସପ୍ରାପ୍ତ ଗାଡ଼ି ଚାଳକଙ୍କୁ ଗାଡ଼ି ଚଳେଇବା ସହ ବାରମାଇଲ ଛକଠାରେ ଏକ ହମ୍ପସ୍ ନିର୍ମାଣ କରିବା ଦାବି ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଥିଲେ। କମର୍ଦ୍ଦା ପୋଲିସ ସେଠାକୁ ଯାଇ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଗାଡ଼ି ଧକ୍କାରେ ଦୁଇ ଉଠା ଦୋକାନୀ ନ ଥିବା ବେଳେ ଦୋକାନ ଦୁଇଟି ଭାଙ୍ଗି ରୁଜି ଚୁରମାର ହୋଇଛି।

# ଟିକାକରଣ ପାଇଁ ପ୍ରସ୍ତୁତି

ଭଣ୍ଡାରିପୋଖରୀ, ୭।୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ କରୋନା ଟିକାକରଣ ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ମଞ୍ଜୁରୀ, ଜଗନ୍ନାଥପ୍ରସାଦ ଓ ମଞ୍ଜୁରୀରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ ଲାଗି ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଡ୍ରାଏରନ୍। ଟିକା ଆସିବା ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସହିତ ଭିତ୍ତିଭୂମି ଅନୁଧ୍ୟାନ କରାଯାଇଛି। ବିଡିଓ ବିଜୟ କୁମାର ସାହୁ, ଚିକିତ୍ସାଧିକାରୀ କମଳାକାନ୍ତ ସ୍ୱାଇଁ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନିତା ରାଣୀ ରାଉତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

# ଚାଷୀ ସମାବେଶରେ ସାମିଲ ହେବାକୁ ଆହ୍ୱାନ

ଭଦ୍ରକ ଅଫିସ, ୭।୧

ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଆହ୍ୱାନ କ୍ରମେ ଆସନ୍ତା ୧୫ ରେ ଭୁବନେଶ୍ୱରରେ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଭଦ୍ରକର ବାଲଗୋପାଳ ମନ୍ଦିର ପରିସରରେ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ଏମ୍‌ଡି ମନୱାର ଅଲ୍ଲୀ କୃଷକ ବିରୋଧୀ ଆଇନକୁ ନିନ୍ଦା କରିଥିଲେ। ଜିଲାରୁ ଅଧିକ କୃଷକ ସମାବେଶରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଜିଲା ସଂଯୋଜକ ତ୍ରିଲୋଚନ ପଣ୍ଡା, ସତ୍ୟରଞ୍ଜନ ନାୟକ, ମହମ୍ମଦ ରେହମାନ, ଜାହିର ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକାକରଣ ଲାଗି ଟାସ୍କ ଫୋର୍ସ ବୈଠକ

ବାରିପଦା ଅଫିସ,୭।୧

ମୟୂରଭଞ୍ଜ ଜିଲାରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା କୋଭିଡ୍ ଯୋଦ୍ଧାମାନଙ୍କୁ କୋଭିଡ୍–୧୯ ଟିକା ପ୍ରଦାନ ନିମନ୍ତେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରୂପଭାନୁ ମିଶ୍ର ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟ ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ର ଟିକାକରଣ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

ଟିକାକରଣ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ନିର୍ଦ୍ଧାରିତ ଟିକାକରଣ କେନ୍ଦ୍ରରେ ଆନୁସଙ୍ଗିକ ସୁବ୍ୟବସ୍ଥା କରାଯିବା ଉପରେ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲା ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀ ଓ ବେସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ସେବା କର୍ମୀ, ଆଶା, ଅଙ୍ଗନୱାଡି କର୍ମୀ ଏବଂ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଯୋଦ୍ଧାଙ୍କୁ ଟିକା ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଥିଲା। ଜିଲା ପୋଲିସ ହସ୍ପିଟାଲଠାରେ ଏକ ସତନ୍ତ୍ର ଟିକାକରଣ କେନ୍ଦ୍ର ଖୋଲାଯିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ବୈଠକରେ କୋଭିଡ୍ ଜିଲା ନୋଡାଲ୍ ଅଧିକାରୀ ଡା. ଜ୍ଞାନେନ୍ଦ୍ର ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟଅଧିକାରୀ ଡା.ଚାରୁବାଳା ରଥ, ଡିଏମ୍, ଆର୍‌ସିଏଚ୍ ବିଶ୍ୱରଞ୍ଜନ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ।

# ‘ଏକତା ରହିଲେ ଶିକ୍ଷା, ଶିକ୍ଷକଙ୍କ ମାନ ଦୃଢ଼ ହେବ’


ଶିକ୍ଷକ ସଂଘ ପକ୍ଷରୁ ପତାକା ଉତ୍ତୋଳନ କରାଯାଉଛି।

ଭଦ୍ରକ ଅଫିସ,୭।୧

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ୭୫ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଭଦ୍ରକ ଶହୀଦ୍ ସ୍ମୃତି ଭବନ ପ୍ରାଙ୍ଗଣରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ପରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଙ୍ଗଠନର ଉପଦେଷ୍ଟା ସୁରେନ୍ଦ୍ର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର, ଜିଲାର ଅନ୍ୟତମ ଉପଦେଷ୍ଟା ବାବୁଲା ରାଉତ, ଓଷ୍ଟାର ରାଜ୍ୟ ଉପସଭାନେତ୍ରୀ ସୁରଜିତା ନାୟକ, ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ସଙ୍ଗଠନର ଜିଲା ସମ୍ପାଦକ ମନୋରଞ୍ଜନ ନାୟକ, ଭଦ୍ରକ ବ୍ଲକ ସଭାପତି ଭାସ୍କର ନାୟକ, ସଙ୍ଗଠନ ସମ୍ପାଦକ କୃପାସିନ୍ଧୁ ବାରିକ, ଅକ୍ଷୟ ବାରିକ, ବାସନ୍ତୀ ପଣ୍ଡା ପ୍ରମୁଖ ସଙ୍ଗଠନ ଦୃଢ଼ ରହିଲେ ଶିକ୍ଷା ବ୍ୟବସ୍ଥା, ଶିକ୍ଷକମାନଙ୍କର ସମ୍ମାନ ଓ ଅଧିକାର ଦୃଢ଼ ହେବ ବୋଲି ବକ୍ତବ୍ୟ ରଖିଥିଲେ। ସମସ୍ତଙ୍କ ମଧ୍ୟରେ ଏକତା ରହିଲେ ଶିକ୍ଷା ଓ ଶିକ୍ଷକଙ୍କ ମାନ ଦୃଢ଼ ହୋଇପାରିବ ବୋଲି ସେମାନେ କହିଥିଲେ। ମିନତି ନାୟକ, ସଂଘମିତ୍ରା ବନ୍ଧ, ମାନସୀ ହୋତା, ସସ୍ମିତା ଦାଶ, ରଶ୍ମିରେଖା ପରମାଣିକ, ଶେଖ୍ ଅବଦୁର ରବ୍ ପ୍ରମୁଖ ପରିଚାଳନା କରିଥିଲେ। ସଂଘର କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମାଳିନୀ କ୍ଲବ ବିଜୟୀ

ସିମୁଳିଆ, ୭।୧(ଡି.ଏନ.ଏ.)

ବଙ୍ଗାଳପୁରର ବିଶ୍ୱଶାନ୍ତି କ୍ଲବ ଦ୍ୱାରା ଆୟୋଜିତ ୨୬ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କଳସପୁର ମାଳିନୀ ୟୁଥ କ୍ଲବ୍ ସହିତ ଅଡା ୱାରିୟର୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୱାରିୟର୍ସ୍ ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ମାଳିନୀ କ୍ଲବର ଖେଳାଳିମାନେ ନିର୍ଦ୍ଧାରିତ ୧୫ ଓଭର ଖେଳି ୮ଉଇକେଟ ବିନିମୟରେ ୧୬୬ରନ ସଂଗ୍ରହ କରିଥିଲେ। ଜବାବରେ ୱାରିୟର୍ସ କ୍ଲବ ୧୫ ଓଭର ଖେଳି ୭ଉଇକେଟ ବିନିମୟରେ ୧୪୮ରନ୍ ସଂଗ୍ରହ କରିଥିଲେ । ଫଳରେ ୧୮ରନ୍‌ରେ ମାଳିନୀ କ୍ଲବ ବିଜୟୀ ହୋଇଥିଲା।

ଗତ ରବିବାରରୁ ଆରମ୍ଭ ହୋଇଥିବା ୪ଦିନିଆ କ୍ରିକେଟ ମ୍ୟାଚ୍‌ରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷର ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଅଡ଼ା ୱାରିୟର୍ସ କ୍ଲବର ଟୁନା


ଅତିଥିମାନଙ୍କ ଗହଣରେ ଉଭୟ ଚାମ୍ପିୟନ ଓ ରନର୍ସଅପ ଟିମ୍‌ର ଖେଳାଳି।

ମହାନ୍ତି ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ମାଳିନୀ କ୍ଲବର ଭରତ ଜେନାଙ୍କୁ ସମ୍ମାନିତ କରାଯାଇଥିଲା । ଅମ୍ପାୟାର ଭାବେ ଗୋବିନ୍ଦ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଜେନା, ମାନସ ଜେନା ଓ ମହେଶ୍ୱର ଦଳାଇ ମ୍ୟାଚ୍ ପରିଚାଳନା କରିଥିଲେ। ତପନ ମଲିକ ଓ ଉପେନ୍ଦ୍ର ମଲିକ ସ୍କୋରର ରୂପେ ସମସ୍ତ କ୍ରୀଡ଼ାର ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପ୍ରୟାସ ଟ୍ରଷ୍ଟର ବାଲେଶ୍ୱର ଜିଲା ସଭାପତି ରାଜେନ୍ଦ୍ର କୁମାର ମହାପାତ୍ର, ଭଦ୍ରକ ଜିଲା ସଭାପତି ସନ୍ତୋଷ କୁମାର ନାୟକ ଓ ଉପଦେଷ୍ଟା ଗଜେନ୍ଦ୍ର ପ୍ରସାଦ ସେଠୀ ଯୋଗ ଦେଇଥିଲେ। ଶିକ୍ଷକ ବସନ୍ତ କୁମାର ଦାଶ ସଭାପତି ରୂପେ ମଞ୍ଚ ସଞ୍ଚାଳନ କରିଥିଲେ। ବିଶ୍ୱଶାନ୍ତି କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସାର୍ଟିଫିକେଟ୍ ଚିରିଲେ ଦିବ୍ୟାଙ୍ଗ

ବାଲେଶ୍ୱର ଅଫିସ, ୭।୧

ବାରମ୍ବାର ଭତ୍ତା ପାଇଁ ଆବେଦନ କରି ବିଫଳ ହେବା ପରେ ବାଲେଶ୍ୱର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜଣେ ଦିବ୍ୟାଙ୍ଗ ତାଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟ, କାଳିଆ ଯୋଜନା ଓ ରାଶନ କାର୍ଡ଼ ଭଳି ପ୍ରମାଣପତ୍ରକୁ ଗୁରୁବାର ଚିରି ଦେଇଥିବା ଦେଖିବାକୁ ମିଳିଥିଲା। ୪୫ ବର୍ଷ ହେଲା ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ବି ଏଯାଏ ଭତ୍ତା ନ ପାଇବାରୁ ସେ ସରକାରଙ୍କ ଉପରେ ଭରସା ତୁଟାଇ ଏପରି କାର୍ଯ୍ୟ କରିଛନ୍ତି।

ବାଲେଶ୍ୱର ଜିଲା ଖଇରା ଥାନା ଧାନଘରପଦା ଗ୍ରାମର ସୁରେନ୍ଦ୍ର ମଲ୍ଲିକ (୫୨)। ସ୍ତ୍ରୀ, ୨ ଝିଅ ଓ ପୁଅଙ୍କୁ ନେଇ ତାଙ୍କ ପରିବାର। ସୁରେନ୍ଦ୍ର ଜନ୍ମରୁ ଦିବ୍ୟାଙ୍ଗ। ସେ ୧୯୭୫ରେ ୯୦%, ୧୯୮୮ରେ ୮୦% ଓ ୨୦୦୮ରେ ୫୦% ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇ ଭତ୍ତା ପାଇଁ ଘୂରି ବୁଲୁଛନ୍ତି। ବାରମ୍ବାର ବିଡିଓ, ଜିଲାପାଳ


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ସାର୍ଟିଫିକେଟ୍ ଚିରୁଛନ୍ତି ଦିବ୍ୟାଙ୍ଗ ସୁରେନ୍ଦ୍ର ମଲ୍ଲିକ।

ଏପରିକି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପତ୍ର ମାଧ୍ୟମରେ ଅଭିଯୋଗ ଜଣାଇଥିଲେ। ଏନେଇ ୨୦୧୬ ଡିସେମ୍ବର ୨୬ରେ ବାଲେଶ୍ୱର ଜିଲାପାଳଙ୍କୁ ସାର୍ଟିଫିକେଟ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଡାଏରୀ (ନଂ. ୮୧୪) ଅନୁଯାୟୀ ଜଣାଇଥିଲେ। କୌଣସି ସୁଫଳ ମିଳି ନ ଥିଲା। ନିଜର ପରିବାର ଭରଣପୋଷଣ ପାଇଁ ସେ ତାମିଲନାଡୁରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ଛୁଟିରେ ଆସି ବାରମ୍ବାର ବାଲେଶ୍ୱର ଓ ଭୁବନେଶ୍ୱର ଯାଇ ଗୁଡ଼ାଏ ଅର୍ଥ ଖର୍ଚ୍ଚ କରିଛନ୍ତି।

### ତୁଟିଲା ଭରସା

ସ୍ଥାନୀୟ ବିଡିଓ ଓ ଜିଲାପାଳଙ୍କ ଅଫିସ୍‌ରେ ୨/୩ମାସ ପରେ ଆସ କହି ଦୀର୍ଘବର୍ଷ ଧରି ସେ ଘୂରି ବୁଲୁଛନ୍ତି। ସରକାରୀ ଅନୁଦାନ ପାଇବାରେ ଯୋଗ୍ୟତା ନ ଥିବା ଭାବି ସେ ସମସ୍ତ ସାର୍ଟିଫିକେଟ୍ ଚିରି ନିଆଁ ଲଗାଇ ନଷ୍ଟ କରିଦେବା ପାଇଁ ଆସିଥିବା କହିଛନ୍ତି ସୁରେନ୍ଦ୍ର। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାବତଙ୍କୁ ପଚାରିବାରୁ କହିଛନ୍ତି, ସୁରେନ୍ଦ୍ରଙ୍କର ଅନଲାଇନ୍ ମେଡ଼ିକାଲ ସାର୍ଟିଫିକେଟ୍ ନ ଥିବାରୁ ଭତ୍ତା ପାଇଁ ଆବେଦନ କରିପାରୁ ନ ଥିଲେ। ଖବର ଜାଣିବା ପରେ ତାଙ୍କର ଅନଲାଇନ୍ ଦିବ୍ୟାଙ୍ଗ ମେଡ଼ିକାଲ ସାର୍ଟିଫିକେଟ୍ ପାଇଁ ଆବେଦନ କରାଇଛୁ। ଆସନ୍ତା ୨୦ ତାରିଖରେ ସାର୍ଟିଫିକେଟ୍ ପାଇବା ପରେ ଭତ୍ତା ବ୍ୟବସ୍ଥା କରାଯିବ।

### ଫେବୃୟାରୀ ୧୧ରେ ଜଡ଼ିଦା ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ

କପ୍ତିପଦା,(ଡି.ଏନ.ଏ): କପ୍ତିପଦା ବ୍ଲକ୍ ଅଧୀନ ଜଡ଼ିଦା ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ଫେବୃୟାରୀ ୧୧ରେ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଜାନୁୟାରୀ ୧୩ରେ ନୋମିନେଶନ, ୧୯ରେ ଯାଞ୍ଚ, ୨୨ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ପଞ୍ଚାୟତର ସରପଞ୍ଚ କଳ୍ପନା ପାତ୍ର ୨୦୨୦ ଜୁନ ୨ରେ କପ୍ତିପଦା ଉପଜିଲାପାଳ ଭଗବାନ ବେହେରାଙ୍କ ନିକଟରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ଦୀର୍ଘ ୬ ମାସ ହେଲା ଏହି ପଦବୀ ଫାଙ୍କା ପଡ଼ିଥିବା ବେଳେ ପଞ୍ଚାୟତର ନାଏବ ସରପଞ୍ଚ ଦାୟିତ୍ୱରେ ଥିଲେ।

## ସଂକ୍ଷେପରେ

### ଖୋଲିଲା ଧାର୍ମିକ ପୀଠ

କେନ୍ଦୁଝର,୭। ୧(ସ୍ୱ.ପ୍ର.): ଜିଲା ପ୍ରଶାସନ ନିଷ୍ପତ୍ତି ପରେ ଗୁରୁବାର କେନ୍ଦୁଝର ଜିଲାର ମା' ତାରିଣୀ ପୀଠ ବ୍ୟତିତ ଅନ୍ୟ ମନ୍ଦିର ସବୁ କୋଭିଡ କଟକଣା ମଧ୍ୟରେ ଖୋଲାଯାଇଛି। ଦୀର୍ଘ ପ୍ରାୟ ୯ ମାସ ପରେ ମନ୍ଦିର ଖୋଲିବା ଯୋଗୁ ଭକ୍ତମାନେ ଭାବବିହ୍ୱଳ ହୋଇ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଏଥିପାଇଁ ସକାଳୁ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ସମେତ ବିଭିନ୍ନ ଦେବଦେବୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ପ୍ରଶାସନିକ ସ୍ତରରେ କୋଭିଡ୍ କଟକଣା ପାଳନ ହେଉଛି କି ନାହିଁ ସେ ନେଇ ତଦାରଖ କରାଯାଇଥିଲା। ସେହିପରି ମସଜିଦ, ଗୀର୍ଜା ସମେତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଖୋଲିବା ନେଇ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି । ମା' ତାରିଣୀ ମନ୍ଦିରରେ ମରାମତି କାମ ଚାଲିଥିବାରୁ ଖୋଲାଯାଇପାରି ନାହିଁ ।

### ନୀଳଗିରି ବିଜେଡିର ନୂଆ ଯୁବ, ଛାତ୍ର କାର୍ଯ୍ୟକର୍ତ୍ତା

ସଜନାଗଡ଼,୭।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ଏବଂ ଛାତ୍ର ବିଜେଡି ଜିଲା ସଭାପତି ସୁମନ ଦାସ ମହାପାତ୍ର ନୀଳଗିରିର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ନୀଳଗିରି ନିର୍ବାଚନ ମଣ୍ଡଳୀରେ ଔପଦା ବ୍ଲକ ପାଇଁ ଯୁବ ବିଜେଡି ସଭାପତି ଭାବେ ବିଜୟ ପ୍ରଧାନ, ନୀଳଗିରି ବ୍ଲକର ଧୀରେନ୍ଦ୍ର ଲେଙ୍କା, ଏନଏସିର ବିଶ୍ୱରଞ୍ଜନ ମହାନ୍ତି, ଜିଲା ଉପସଭାପତି ଭାବେ ଭାଗିରଥି ସିଂ, ଜିଲା ଯୁବ ବିଜେଡିର ସାଧାରଣ ସମ୍ପାଦକ ସ୍ମିତିରଞ୍ଜନ ମହାପାତ୍ର, ଜିଲା ସମ୍ପାଦକ ଭାବେ ବିସ୍ମୟ ମଲ୍ଲିକ, ମନୋରଞ୍ଜନ ଦାସବାବୁ, ଦେବେନ୍ଦ୍ର ଦାଶ, ମନୋନୀତ ହୋଇଛନ୍ତି । ଅନୁରୂପ ଭାବେ ଛାତ୍ର ବିଜେଡିର ନୀଳଗିରି ବ୍ଲକ ସଭାପତି ଭାବେ ଫ୍ରାନସିସ ବେକେନ ସ, ଔପଦା ବ୍ଲକର ରଜନୀକାନ୍ତ ଦାସ, ନୀଳଗିରି ଏନଏସିର ଉମାଶଙ୍କର ରାଉତ, ଜିଲା ମିଡିଆ ସଂଯୋଜକ ଭାବେ ଜୟଶ୍ରୀ ବେହେରା ମନୋନୀତ ହୋଇଛନ୍ତି ।

### ବଡବିଲ ମାଟୋଆ ସଭାପତି ବିକାଶ

ବଡବିଲ, ୭।୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡବିଲସ୍ଥିତ ମାଟୋଆ(ମାଇନିଂ ଏରିଆ ଟ୍ରକ ଓନର୍ସ ଆସୋସିଏଶନ)ର ନିର୍ବାଚନ ୨୦୧୯ ମସିହା ନଭେମ୍ବର ମାସରେ ଅନୁଷ୍ଠିତ ହୋଇଥିଲାବେଳେ କୋଭିଡ୍ ନିୟମ ଯୋଗୁ ଭୋଟ ଗଣତି ଓ ଫଳାଫଳ ପ୍ରକାଶ କରିବା ସମ୍ଭବ ହୋଇପାରି ନଥିଲା। ଗତ ୨୦୨୦ ମସିହା ଅକ୍ଟୋବର ୧୪ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ୨୦୨୧ ମସିହା ଜାନୁୟାରୀ ୭ ତାରିଖ ଗୁରୁବାର ଭୋଟ ଗଣତି ସହ ଫଳାଫଳ ପାଇଁ ଦିନ ଧାର୍ଯ୍ୟ କରିଥିଲା। ତେବେ ପ୍ରଶାସନ ପକ୍ଷରୁ ମାଟୋଆ ପରିସରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଧ୍ୟାନରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ବିକାଶ କୁମାର ସରୌଗୀ, ସାଧାରଣ ସମ୍ପାଦକ ଭାବେ ଚନ୍ଦ୍ରଗୁପ୍ତ ପ୍ରସାଦ, ଉପସଭାପତି ଭାବେ ଦିଲୁ ସ୍ୱାମୀ ଏବଂ ସହସମ୍ପାଦକ ଭାବେ ରଣଜୀତ କୁମାର ମହାନ୍ତ ନିର୍ବାଚିତ ହୋଇଛନ୍ତି।

### ସେମିରେ ବୁଢ଼ୀ ଜାଗୁଲାଇ, କ୍ଷୀରଗଡ଼ିଆ ଟିମ୍

ଭଣ୍ଡାରିପୋଖରୀ,୭।୧(ସ୍ୱ.ପ୍ର.): ଭଦ୍ରକ ଆଦମ୍ପୁର ନିକଟସ୍ଥ ନଳାଙ୍ଗ ଖେଳପଡ଼ିଆରେ ନବଜ୍ୟୋତି ଯୁବା କ୍ଲବ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ମୋଟ ୧୬ ଟିମ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ସ୍ନେହାଶିଷ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ୪ ଦଳ ପରସ୍ପରକୁ ଭେଟିଥିଲେ। ପ୍ରଥମ ମ୍ୟାଚ୍‌ରେ ମା' ବୁଢ଼ୀ ଜାଗୁଲାଇ କ୍ରିକେଟ୍ କ୍ଲବ ଫୋଟସ୍ ୧୧ ଇଚ୍ଛଦା ସାଙ୍ଗରେ ଖେଳିଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଜୟଜଗନ୍ନାଥ କ୍ରିକେଟ କ୍ଲବ ମୁଳଗାଁ ଏବଂ କ୍ଷୀରଗଡ଼ିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ମା' ବୁଢ଼ୀ ଜାଗୁଲାଇ କ୍ରିକେଟ୍ କ୍ଲବ ୩୫ ରନ୍‌ରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ କ୍ଷୀରଗଡ଼ିଆ ଟିମ୍ ୫ ଉଇକେଟ୍‌ରେ ବିଜୟୀ ହୋଇଛି। ଏହି ଦୁଇ ଟିମ୍ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ୧୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଭାଷ୍ୟକାର ଭାବେ ପଦ୍ମଲୋଚନ ନାୟକ ଏବଂ କରୁଣାକର ଓଝା ଦାୟିତ୍ୱ ତୁଲାଇଥିଲେ। କ୍ଲବର ବିନୋଦ ବେହେରା, ଦିଗ୍‌ବିଜୟ ମହାନ୍ତି, ବିଶ୍ୱବିଜୟ ମହାନ୍ତି, ଅଜିତ୍ ଜେନା, ସମ୍ବିତ ଜେନା, ମାନସ ମଲିକ, ହେମନ୍ତ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ନକଲି ପାସବୁକ୍ ଦେଇ ଲକ୍ଷାଧିକ ଟଙ୍କା ହଡ଼ପ

## ଉପ ଡାକଘର ଆଗରେ ବିକ୍ଷୋଭ

ବାରିପଦା ଅଫିସ,୭।୧

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ଜମାକାରୀଙ୍କ ଟଙ୍କାକୁ ମୁରୁଣିଆ ଶାଖା ପୋଷ୍ଟ ମାଷ୍ଟର(ବିପିଏମ୍) ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି । ଠକେଇ ସମ୍ପର୍କରେ ଜାଣିବା ପରେ ଶତାଧିକ ଗ୍ରାହକ ସାରସକଣା ଉପ ଡାକଘର ସମ୍ମୁଖରେ ଗୁରୁବାର ବିକ୍ଷୋଭ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ଏ ସମ୍ପର୍କରେ ଗ୍ରାହକମାନେ ବିପିଏମ୍‌ଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ମୁରୁଣିଆ ଡାକଘରେ ୫ଟି ଗ୍ରାମର ଜନସାଧାରଣ ବିଭିନ୍ନ ଯୋଜନାରେ ଟଙ୍କା ଜମା କରିଥିଲେ। ବିଦ୍ୟୁତ୍ ବିଲ କଲେକଶନଠାରୁ ଆରମ୍ଭ କରି ଲୋକଙ୍କଠାରୁ ବିପିଏମ୍ ଦୀର୍ଘ ମିଆଦୀ ଜମା ପାଇଁ ଟଙ୍କା ସଂଗ୍ରହ କରିଥିଲେ। ଜମା ରଖିଥିବା ଟଙ୍କା ଆବଶ୍ୟକ ପଡ଼ିବାରୁ ଲୋକେ ପୋଷ୍ଟଅଫିସକୁ ଆସି ଟଙ୍କା ମାଗିଥିଲେ। ମାତ୍ର ଅଫିସରେ ଲିଙ୍କ୍ ନାହିଁ, ଆଜି ଦେବା କାଲି ଦେବା କହି ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଥିଲେ। କେତେକ ଜମାକାରୀଙ୍କୁ ପାସ୍‌ବୁକ ଦିଆଯାଇ ନ ଥିବା ବେଳେ ଅନ୍ୟ କେତେକଙ୍କ ପାସ୍‌ବୁକ ଏବଂ ଦସ୍ତଖତ ନେଇ ଟଙ୍କା ଉଠାଇ ଦେଇ ପାସ୍‌ବୁକ ଦେବେ ବୋଲି କହିଥିବା ହରିହର ମାଳ, ଶତ୍ରୁଘ୍ନ ନାଏକ ଓ ଶଶଧର ଘୋଷ ପ୍ରକାଶ କରିଛନ୍ତି। ତେବେ କେତେଜଣ ଗ୍ରାହକ ନିଜ ଟଙ୍କା ନେବାକୁ ଅଡ଼ି ବସିବାରୁ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୀର୍ଘ ସମୟ ଧରି ଡାକଘରକୁ ନ ଫେରିବାରୁ ବିପିଏମ୍ ନକଲି ପାସ୍‌ବୁକ ମାଧ୍ୟମରେ ଲୋକଙ୍କୁ ଠକୁଥିବା ଜାଣି ଗ୍ରାହକମାନେ ଉପ ଡାକଘରକୁ ଆସି ଜମା ଟଙ୍କା ସମ୍ପର୍କରେ ତଦାରଖ କରିଥିଲେ। ମାତ୍ର ଡାକଘରେ କୌଣସି ଟଙ୍କା ଜମା ହୋଇ ନ ଥିବା ଉପ ଡାକଘର ପରିଚାଳକ ଜୟସେନ ସେଠୀ ପ୍ରକାଶ କରିଥିଲେ । ବର୍ଷ ବର୍ଷ ଧରି ସେ ଡାକଘରେ କାମ କରିବା ସହ ଲୋକଙ୍କୁ ଭୁଆଁ ବୁଲାଇ ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ହଡପ କରିଥିବା ନେଇ ସୁଜିତ କୁମାର ଘୋଷ, ଚିତ୍ରାମଣି ଘୋଷ ଓ ବିନାରାଣୀ ଘୋଷ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସାରସକଣା ଉପ ଡାକଘର ପରିଚାଳକ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିବା ସହିତ ତାଙ୍କ ନାମରେ ଜାଲ ଦସ୍ତଖତ ମରାଯାଇଥିବା ପ୍ରକାଶ କରିଛନ୍ତି। ତେବେ ଠକେଇ ସମ୍ପର୍କରେ ସେ ସ୍ପଷ୍ଟ କରି ନ ଥିବା ବେଳେ ତଦନ୍ତ ପରେ ଠିକ୍ ତଥ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଶାଖା ପୋଷ୍ଟ ମାଷ୍ଟର ଫେରାର ଥିବା ବେଳେ ତାଙ୍କ ପରିବାର ପକ୍ଷରୁ ସେ ନିଖୋଜ ଥିବା ନେଇ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବିଭାଗୀୟ ଇନିସପେକ୍ଟର ଘଟଣାର ତଦନ୍ତ କରିବା ପରେ ବିଭାଗ ପକ୍ଷରୁ ଅଭିଯୋଗ ହେଲେ ମାମଲା ରୁଜୁ କରାଯିବ ବୋଲି ଥାନାଧିକାରୀ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି।



ଉପ ଡାକଘର ସମ୍ମୁଖରେ ଜମାକାରୀ ଭିଡ଼ ଜମାଇଛନ୍ତି।

# ଭିଜିଲାନ୍ସ ଜାଲରେ ଜିଆରଏସ

ବାଲେଶ୍ୱର ଅଫିସ, ୭।୧

ବିଜୁ ପକ୍କା ଘର ସମ୍ପୂର୍ଣ୍ଣ ବିଲ୍ କରାଇଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦୁର୍ଗାଦେବୀ ପଞ୍ଚାୟତର ଜିଆର୍‌ଏସ୍ ହେମନ୍ତ କୁମାର ପଡ଼ିଆରୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି। ସେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ନୂଆହାଟ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିଲେ।

ପୂର୍ଣ୍ଣଚନ୍ଦ୍ରଙ୍କର ବିଜୁ ପକ୍କା ଘର କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ସମ୍ପୂର୍ଣ୍ଣ ବିଲ୍ ପାଇଁ ସେ ବିଡିଓଙ୍କ ଅଫିସ୍‌ରୁ ବାରମ୍ବାର ଫେରିଥିଲେ। ଜିଆର୍‌ଏସ୍ ପଡ଼ିଆରୀ ତାଙ୍କର କାର୍ଯ୍ୟ କରିଦେବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ଣ୍ଣଚନ୍ଦ୍ର ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଅଫିସ୍ ପକ୍ଷରୁ ଯୋଜନା କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଜିଆର୍‌ଏସ୍ ପଡ଼ିଆରୀଙ୍କୁ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ମାମଲା (ନଂ. ୨/୨୧) ରୁଜୁ କରାଯାଇଛି। ଜିଆର୍‌ଏସ୍ ପଡ଼ିଆରୀଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଛି।

# ବୈଷୟିକ ତାଲିମ ଶିକ୍ଷା, ଭିତ୍ତିଭୂମି ବିକାଶ ଅନୁଧ୍ୟାନ କଲେ ମନ୍ତ୍ରୀ



ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓ ଅନ୍ୟମାନେ।

ବାରିପଦା ଅଫିସ,୭।୧

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୟୂରଭଞ୍ଜ ଜିଲାଗସ୍ତରେ ଆସି ବୈଷୟିକ ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ପରିଚାଳିତ ଆଇଟିଆଇ, ପଲିଟେକନିକ୍ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ବୈଷୟିକ ତାଲିମ ଶିକ୍ଷା ତଥା ଭିତ୍ତିଭୂମି ବିକାଶ ଆଦି କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ବାରିପଦାସ୍ଥିତ ତକତପୁର ଓ ପୂର୍ଣ୍ଣଚନ୍ଦ୍ରପୁର ଆଇଟିଆଇ ପରିଦର୍ଶନ କରି ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାଢୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଟିଆଇ ପକ୍ଷରୁ ବୈଷୟିକ ଶିକ୍ଷା ସମ୍ପର୍କିତ ଶ୍ରୀଜନ ସୂଚନା ପୁସ୍ତିକାକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ । ସେହିପରି ବାରିପଦା ଟିକରପଡ଼ା ସରକାରୀ ପଲିଟେକ୍ନିକ ବୈଷୟିକ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଉକ୍ତ ଅନୁଷ୍ଠାନର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହିତ ଜିଲା ନିୟୋଜନ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ନିୟୋଜନ ଅଧିକାରୀ ଡିଓନିଶ୍ ଜର୍ଜ ଲାକ୍ରା, ତକତପୁର ବୈଷୟିକ ଶିକ୍ଷା ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ଶିଳ୍ପତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ କାନ୍ଦନ ମାଝୀ, ବାରିପଦା ସରକାରୀ ପଲିଟେକ୍ନିକ୍ ଅଧ୍ୟକ୍ଷ ଚିନ୍ମୟ ମହାପାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ।

# ହସ୍ପିଟାଲ ପାଚେରି ନିର୍ମାଣ ପ୍ରତିବାଦରେ ଅନଶନ

ଭଦ୍ରକ ଅଫିସ, ୭।୧

ଭଦ୍ରକ ସାମରାଇପୁରସ୍ଥିତ ନୂତନ ଜିଲା ହସ୍ପିଟାଲର ପାଚେରି ନିର୍ମାଣକୁ ବିରୋଧ କରି ଗୁରୁବାର ସ୍ଥାନୀୟ ଗ୍ରାମବାସୀ ନ୍ୟାୟ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ବୁଧବାର ଗେଲପୁର ନିକଟ ସାମରାଇପୁର ନିର୍ମାଣସ୍ଥଳୀଠାରେ ଧାରଣା ଦେଇଥିଲେ। ପ୍ରଶାସନ ସେମାନଙ୍କ ଦାବି ନ ଶୁଣିବା ପର୍ଯ୍ୟନ୍ତ ଅନଶନରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଭଦ୍ରକ ଉପକଣ୍ଠ ସାମରାଇପୁର ଅଞ୍ଚଳରେ ୭ ମହଲା ବିଶିଷ୍ଟ ନୂତନ ଜିଲା ହସ୍ପିଟାଲ ନିର୍ମାଣ ଲାଗି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଦେଢ଼କୋଟି ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପାଚେରି ନିର୍ମାଣ ହେବା ଦ୍ୱାରା ଭଦ୍ରକ ବ୍ଲକ ଅଧୀନ ଗେଲପୁର ପଞ୍ଚାୟତର ୫ ଗାଁ ସାମରାଇପୁର, ପାଟଣାସାହି, ଜୁଣିଆପାଳ, ପ୍ରାଚୀନଗର ଓ ନୂଆସାହିର ଲୋକେ ହଇରାଣ ହେବେ। ସେମାନଙ୍କ ଘରବାଡ଼ି ଓ ଚାଷଜମିକୁ ଯାତାୟାତ ରାସ୍ତା ଅବରୋଧ ହୋଇଯିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେଥିପାଇଁ ଧାରଣା, ଅନଶନ ଭଳି ନିଷ୍ପତ୍ତି ନେଇଥିବା ସେମାନେ କହିଛନ୍ତି। ତେବେ ଏହି ଅନଶନରେ ଏମ୍‌ପିଙ୍କ ମା' ଜେମାମଣି ଦାସ ଓ ଭାଇ ମଧ୍ୟ ସାମିଲ ହୋଇଛନ୍ତି। ଏମ୍‌ପିଙ୍କ ମା' ପ୍ରଶାସନକୁ ବହୁବାର ଏହି ପ୍ରସଙ୍ଗ ଜଣାଇଥିବା କହିଥିଲେ। ସେମାନଙ୍କ ଦାବିକୁ ପ୍ରଶାସନ ଅଣଦେଖା କଲେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ମାନବାଧିକାର କର୍ମୀ କ୍ଷୀତିଶ ସାମନ୍ତ ବେହେରା, ମହେନ୍ଦ୍ର ସାମଲ, ବିଶ୍ୱନାଥ ପାଣି, ହେମନ୍ତ ସାହୁ, ଅରୁଣ କୁମାର ନାୟକ ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିବା ଗ୍ରାମବାସୀ।

# ଗ୍ରାମସଭାରେ ମଦ ବିକ୍ରିକୁ ବିରୋଧ

କୁଆମରା,୭।୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସରପଞ୍ଚ ମମତା ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିଇଓ, ଜିଆର୍‌ଏସ୍ ଓ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ତେବେ ଆଲୋଚନା ସମୟରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସନାତନ ଜେନା, ସମ୍ପାଦକ ଗୌରଚନ୍ଦ୍ର ଦାସ, ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ଭଗବାନ ନାୟକ, ପ୍ରଫୁଲ୍ଲ ଦଣ୍ଡପାଟ, ଶ୍ରୀକଣ୍ଠ ସାହୁ, ମନ୍ଦରଧର ପରିଡ଼ା, ରବି ନାରାୟଣ ଜେନା, ମହିଳା ସଂଗଠନର ସଭାନେତ୍ରୀ ସସ୍ମିତା ପତି ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତରେ ବେଆଇନ ମଦ ବିକ୍ରିକୁ ତୀବ୍ର ବିରୋଧ କରିଥିଲେ। ପଞ୍ଚାୟତର କୌଣସି ସ୍ଥାନରେ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ ଖୋଲିବା ପାଇଁ ଅନୁମତି ନ ଦେବାକୁ ପ୍ରସ୍ତାବ ଆଗତ କରିଥିଲେ। ଉପସ୍ଥିତ ଥିବା ୩ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ସରପଞ୍ଚଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଘର ଭାଙ୍ଗି ଫସଲ ନଷ୍ଟ କଲେ ହାତୀ



ଭଙ୍ଗା ଘର ସମ୍ମୁଖରେ ଗୀତା ନାଏକ।

ତେଲକୋଇ, ୭।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟର ହାଲପୋଡି ଗ୍ରାମରେ ଏକ ଦନ୍ତାହାତୀର ଉତ୍ପାତ ଆରମ୍ଭ ହୋଇଛି। ଗୋଟିକିଆ ଦନ୍ତା ହାତୀ ଗତ ବୁଧବାର ରାତିରେ ଆସି ହାଲପୋଡି ଗ୍ରାମର ଗୀତା ନାଏକଙ୍କ ଘର ଭାଙ୍ଗିବା ସହିତ ଘରୁ ଧାନ ହାଣ୍ଡିରେ ଥିବା ଭାତ ଖାଇଦେଇଥିଲେ। ହାତୀଟି ଘର ଭାଙ୍ଗିବା ଦେଖି ଗୀତା ତାଙ୍କ ୨ ଛୁଆଙ୍କୁ ଧରି ପଡିଶା ଘରକୁ ଯିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହାପରେ ଉକ୍ତ ହାତୀଟି ଗ୍ରାମର ପ୍ରଫୁଲ ମହାନ୍ତ, ମହୁର ନାଏକଙ୍କ ୨ ଏକର ଆଳୁ ଫସଲ ଜମିରେ ପଶି ନଷ୍ଟ କରିପକାଇଥିଲା। ଗ୍ରାମବାସୀ ଏହି ଗୋଠ ଛଡ଼ା ଦନ୍ତା ପାଇଁ ଚିନ୍ତିତ ଏବଂ ଭୟଭୀତ। ବନ ବିଭାଗ ଏହି ଘଟଣା ଜାଣିବା ପରେ ଗୁରୁବାର ସକାଳ ସମୟରେ ଫରେଷ୍ଟର ପ୍ରଭାତି ଦାଶ ତଦନ୍ତ କରି କ୍ଷୟକ୍ଷତି ଆକଳନ କରିଥିଲେ । ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ କହିବାନୁଯାୟୀ ଏକ ଦନ୍ତା ହାତୀ ପଲରୁ ପଳାଇ ଆସି ଏଭଳି କାଣ୍ଡ କରିବାରେ ଲାଗିଛି। ସଂପୃକ୍ତ ଘର ଭାଙ୍ଗିବା ଓ ଚାଷୀଙ୍କ ଫସଲ କ୍ଷୟକ୍ଷତିର ଆକଳନ କରାଯାଇଛି। ଉକ୍ତ ହାତୀକୁ ଘଉଡ଼ାଇବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି।

# ବିଦ୍ୟୁତ ଶୁଳ୍କ ଆଦାୟ ପ୍ରକ୍ରିୟାକୁ ନେଇ ଅସନ୍ତୋଷ

ଖଇରା, ୭।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ଉପଖଣ୍ଡରେ ବିଦ୍ୟୁତ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କମ୍ପାନୀ ଗ୍ରାହକଙ୍କୁ ଶୋଷଣ କରୁଥିବା ନେଇ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ଅଭିଯୋଗ ଆଣିଛି। ଉପଯୁକ୍ତ ସେବା ନ ଦେଇ ଆକାଂକ୍ଷା ଇନଫ୍ରାଷ୍ଟ୍ରକଚର କମ୍ପାନୀର ବକେୟା ବିଦ୍ୟୁତ ଶୁଳ୍କ ଆଦାୟ ପ୍ରକ୍ରିୟାକୁ ନେଇ ମଞ୍ଚର ମୁଖ୍ୟ ସନ୍ତୋଷ କୁମାର ସାହୁ ଗତ କିଛିଦିନ ଧରି ବିଭିନ୍ନ ବଜାରରେ ପ୍ରଚାରପତ୍ର ବାଣ୍ଟିବା ସହ ସାମାଜିକ ଗଣମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି। କମ୍ପାନୀ ଅଧିକାରୀମାନେ ପୋଲିସକୁ ବ୍ୟବହାର କରି ତାଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରୁଥିବା ବୁଧବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚ ଅଭିଯୋଗ କରିଛି। ମଞ୍ଚର ସଦସ୍ୟ ଆଇନଜୀବୀ ଅଜୟ ପଟ୍ଟନାୟକ ଓ ଉଦୟନାଥ ପାଢୀଙ୍କ ଅଭିଯୋଗ ଅନୁଯାୟୀ ଖଇରା ଓ ଔପଦା ବ୍ଲକରେ ଅଧିକ ସଂଖ୍ୟକ ଲୋକ ଗରିବ ଓ ଶ୍ରମିକ ଶ୍ରେଣୀର । ସେମାନେ ବିଦ୍ୟୁତ ନିୟମ ବାବଦରେ ବିଶେଷ କିଛି ଜାଣିନାହାନ୍ତି। ଉପଭୋକ୍ତଙ୍କ ୟୁନିଟ୍‌କୁ ବଢାଇ ଅର୍ଥ ଆଦାୟ କରିବା, ୬ବର୍ଷ ଅତିକ୍ରାନ୍ତ ପରେ ମଧ୍ୟ ମିଟର ଭଡା ଆଦାୟ କରାଯିବା, ମାସକୁ ମାସ ବିଲ ପୈଠ ସତ୍ତ୍ୱେ ବିଲରେ ବକେୟା ଦର୍ଶାଯିବା ଭଳି ବହୁ ଅଭିଯୋଗ ଆସୁଛି। ଏ ସମ୍ପର୍କରେ ଖଇରା ଥାନାରେ ଅଭିଯୋଗ କରାଯିବା ସହ ଅଦାଲତର ଆଶ୍ରୟ ନେବାକୁ ଚେତାବନୀ ଦିଆଯାଇଛି। ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରା କହିଛନ୍ତି, ସମ୍ବିଧାନରେ ସମସ୍ତଙ୍କର ପ୍ରତିବାଦ କରିବାର ଅଧିକାର ଅଛି । ହେଲେ ସାହୁ ପ୍ରଚାରପତ୍ରରେ ହେଉ କି ସାମାଜିକ ଗଣମାଧ୍ୟମରେ ହେଉ ଯେଉଁଭଳି ଶବ୍ଦ ବ୍ୟବହାର କରିଛନ୍ତି ସେଥିପାଇଁ ତାଙ୍କୁ ଥାନାକୁ ଡକାଇ ପଚରାଉଚୁରା କରାଯାଇଛି।

ପ୍ରଚାର ପତ୍ର ଓ ସାମାଜିକ ଗଣମାଧ୍ୟମରେ ମଞ୍ଚର ମୁଖ୍ୟ ସାହୁ ବ୍ୟବହାର କରିଥିବା ଶବ୍ଦକୁ ନେଇ ଆପତ୍ତି ଉଠାଇଛନ୍ତି ଆକାଂକ୍ଷାର ପରିଚାଳନା ଅଧିକାରୀ ବିପିନ ଦାସ ମହାପାତ୍ର ଓ ପ୍ରକଳ୍ପ ଅଧିକାରୀ ସୁଶୀଲ ସାମଲ। ଯଦି କାହାର କିଛି ଅଭିଯୋଗ ଅଛି ତାହା ଅବଗତ କରାଇବାର ଅଧିକାର ସମସ୍ତଙ୍କର ଅଛି । ହେଲେ ସାହୁ ବାଣ୍ଟିଥିବା ପ୍ରଚାରପତ୍ର ହେଉ କି ସାମାଜିକ ଗଣମାଧ୍ୟମ ଏଥିରେ ବ୍ୟବହୃତ ଗୁଣ୍ଡା, ଭଡାଟିଆ, ଲୁଟେରା ଭଳି ଶବ୍ଦ କମ୍ପାନୀ ତଥା ସେମାନଙ୍କ ବ୍ୟକ୍ତିଗତ ଚରିତ୍ର ସଂହାର କରିଛି। ଏଥିପାଇଁ ସେମାନେ ଥାନାର ଆଶ୍ରୟ ନେଇଥିବା କହିଛନ୍ତି।

# ପଞ୍ଚାୟତ ସମିତି ଅଧିବେଶନ

ତିହିଡ଼ି,୭।୧(ସ୍ୱ.ପ୍ର.)

ଭଦ୍ରକ ଜିଲା ତିହିଡ଼ି ପଞ୍ଚାୟତ ସମିତିର ୯ମ ଅଧିବେଶନ ଗୁରୁବାର ପୂର୍ବାହ୍ନରେ ବ୍ଲକ କୃଷି ବିଭାଗର କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ଚାନ୍ଦବାଲି ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ପ୍ରମୁଖ ଯୋଗଦେଇ ତିହିଡ଼ି ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଭାଗୀୟ ଅଧିକାରୀଙ୍କ ସହ ସମସ୍ତ ବିଭାଗରେ କାର୍ଯ୍ୟ କିପରି ଅଗ୍ରଗତି କରିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାଁପଡ଼ା ସମିତିସଭ୍ୟ ଉଦ୍ଧବ ଚରଣ ନାୟକଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବ୍ୟାପକ ଦୁର୍ନୀତି ସମ୍ପର୍କରେ ପ୍ରଶ୍ନକୁ ନେଇ ଶାସକ ଦଳ ଓ ବିରୋଧୀ ଦଳ ନେତା ମଧ୍ୟରେ ଜୋରଦାର ଆରୋପ ଓ ପ୍ରତ୍ୟାରୋପ ହୋଇଥିଲା। ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ବହୁ ସଂଖ୍ୟାରେ ସରକାରୀ କର୍ମଚାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବେଆଇନ ଭାବେ ନେଇଥିବାର ସମସ୍ତ ପ୍ରମାଣ ତାଙ୍କ ପାଖରେ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ନେଉ ନ ଥିବା ବିଧାୟକ ସେଠୀ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଅଧ୍ୟକ୍ଷା ଓ ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ୧୫ ଦିନ ମଧ୍ୟରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା ଯୋଜନା, ରାଶନ ସାମଗ୍ରୀ ପ୍ରଦାନରେ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

# ଗାଁ ସାଥୀଙ୍କ ଡିଆରଡିଏ କାର୍ଯ୍ୟାଳୟ ଘେରାଉ




ଦାବିପତ୍ର ଦେବାକୁ ଆସିଥିବା ଗାଁସାଥୀର ସଦସ୍ୟ।

କେନ୍ଦୁଝର, ୭।୧ (ସ୍ୱ.ପ୍ର./ଡି.ଏନ.ଏ.)

ଗାଁ ସାଥୀ ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ଦିନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ୨୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଉକ୍ତ ଦାବିଗୁଡିକ ପୂରଣ ନହେଲେ ସଂଘ ତରଫରୁ ପ୍ରତିବାଦ କରାଯିବ ବୋଲି ଏହି ଅବସରରେ ଚେତାବନୀ ଦିଆଯାଇଛି। ସରକାରଙ୍କ ପଞ୍ଚାୟତରାଜ ବିଭାଗ ଆଦେଶ କ୍ରମେ ମାସିକ ଅନ୍ୟୂନ ୧୦ ଦିନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ କାର୍ଯ୍ୟରେ ଉଚିତ ସରକାରୀ ପ୍ରାପ୍ୟ ସହିତ ପ୍ରଦାନ କରିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ମିଡିଲମ୍ୟାନ ଓ ଭେଣ୍ଡର ବ୍ୟବସ୍ଥା ଉଚ୍ଛେଦ, କାମ କରି ପାଇନଥିବା ମେଟ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ବକେୟା ପ୍ରାପ୍ୟ ଆକାଉଣ୍ଟରେ ଜମା କରିବାକୁ ଦାବି କରିଛନ୍ତି । ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସମସ୍ତ ପ୍ରକଳ୍ପର କାର୍ଯ୍ୟାଦେଶ ମେଟ ମାନଙ୍କ ନାମରେ ଦେବା, ସେମାନଙ୍କୁ ଉଚିତ ତାଲିମ ପ୍ରଦାନ, ଖାଲି ଥିବା ମେଟ ପଦବୀ ପୂରଣ, ମେଟ ମାନଙ୍କ ଅଭିଯୋଗକୁ ଶୁଣାଣି ପାଇଁ ମାସିକ ଦୁଇଟି ସ୍ୱତନ୍ତ୍ର ତାରିଖ ଧାର୍ଯ୍ୟ କରିବା, ମେଟ୍ ମାନଙ୍କର ୱାର୍କ କୋଡ ବାହାର କରିବା, ପ୍ରକଳ୍ପ ବ୍ୟୟ ଅଟକଳ ପ୍ରସ୍ତୁତ ବେଳେ ମେଟ୍‌ମାନଙ୍କ ପ୍ରାପ୍ୟ ଯୋଡ଼ାଯାଉ, ସେମାନଙ୍କୁ ଉଚିତ ପରିଚୟପତ୍ର ଓ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି ।

## ସଂକ୍ଷେପରେ

### ଚନ୍ଦକା ଗଲେ ୪୨ ଚିତ୍ରାହରିଣ

ବାରଙ୍ଗ,୭।୧(ଡି.ଏନ୍.ଏ.): ବାରଙ୍ଗ ସ୍ଥିତ ପ୍ରାଣୀଉଦ୍ୟାନ ନନ୍ଦନକାନନରୁ ଗୁରୁବାର ୪୨ଟି ଚିତ୍ରାହରିଣଙ୍କୁ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଛି। ଡିସେମ୍ବର ୧୨ରେ ମଧ ୪୫ଟି ଚିତ୍ରାହରିଣଙ୍କୁ ଚନ୍ଦକା ଜଙ୍ଗଲରେ ଛଡାଯାଇଥିଲା। ଏପର୍ଯନ୍ତ ମୋଟ୍ ୧୬୭ଟି ଚିତ୍ରାହରିଣ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଅନ୍ୟପଟେ ଦେଶରେ ବାର୍ଡଫ୍ଲୁ ଦେଖାଦେଇଥିବା ବେଳେ ନନ୍ଦନକାନନକୁ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରି ଆଗୁଆ ସତର୍କତାମୂଳକ ପଦକ୍ଷପ ଗ୍ରହଣ କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ପକ୍ଷୀମାନଙ୍କ ଏନ୍‌କ୍ଲୋଜରକୁ ପର୍ଯ୍ୟଟକମାନେ ଛୁଇଁବା ଓ ଖାଦ୍ୟ ପକାଇବା ଉପରେ ନଜର ଦେବାକୁ କର୍ମଚାରୀଙ୍କୁ କୁହାଯାଇଛି। ପକ୍ଷୀଙ୍କ ସହ କୁକୁଡା ଜାତୀୟ ପକ୍ଷୀମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଗୁଡିକ ଭଲଭାବେ ଯାଞ୍ଚ କରିବାକୁ ଷ୍ଟୋର ବିଭାଗକୁ କୁହାଯାଇଛି। ପକ୍ଷୀ ଏନ୍‌କ୍ଲୋଜରଗୁଡିକୁ ପଟାସ ପାଣିରେ ସଫା କରିବା ସହ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ପକ୍ଷୀମାନଙ୍କର ସୁରକ୍ଷା ସହ ବାର୍ଡଫ୍ଲୁ ସମ୍ପର୍କରେ ସଚେତନତା କରିବା ନିମନ୍ତେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି। ସମସ୍ତ ବିଭାଗର କର୍ମଚାରୀଙ୍କ ସହ ଡାକ୍ତରଖାନାର କର୍ମଚାରୀମାନେ ସଜାଗ ରହିବାକୁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି।

### ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର

ଜଟଣୀ,୭।୧(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅଧୀନ ୱାର୍ଡ ନଂ.୧୨ ନିକଟ କହ୍ନେୟା ପ୍ଲେସ୍କୁଲ ନିକଟରେ ଗୁରୁବାର ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏଏମ୍‌ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, କହ୍ନେୟା ପ୍ଲେସ୍କୁଲ ନିକଟରେ ଜଣେ ମହିଳା ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟଲୋକେ ଜଟଣୀ ଥାନାକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମହିଳାଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏଏମ୍‌ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ପୋଖରୀରୁ ଶ୍ରମିକଙ୍କ ମୃତଦେହ ଜବତ

ବାଲିଅନ୍ତା,୭।୧(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅଧୀନ ଭୁବନପୁର ଗ୍ରାମ ନିକଟ ଏକ ଇଟାଭାଟି ପୋଖରୀରୁ ଗୁରୁବାର ପୋଲିସ ଜଣେ ଶ୍ରମିକଙ୍କ ମୃତଦେହ ଜବତ କରିଛି। ସେ ହେଲେ ବାଲେଶ୍ୱର ଜିଲା ଖୁଲାଡି ଗ୍ରାମର ଗୋପାଳ ସିଂ(୫୦)। ସେ ଏଠାରେ ଥିବା ଇଟାଭାଟିରେ କାର୍ଯ୍ୟ କରୁଥିଲେ। ସୂଚନା ମୁତାବକ, ଭୁବନପୁର ଗ୍ରାମ ନିକଟରେ ଗୋପାଳ ତାଙ୍କ ପୁଅ ବୋହୂ ସହିତ ରୁହନ୍ତି। ସେ ଇଟାଭାଟିରେ କାର୍ଯ୍ୟ କରୁଥିଲେ। ଗୋପାଳ ଗତ ୩ଦିନ ହେବ ନିଖୋଜ ଥିବା ନେଇ ପରିବାର ଲୋକେ କହିଛନ୍ତି। ଗୁରୁବାର ଇଟାଭାଟି ନିକଟ ପୋଖରୀରେ ଗୋପାଳଙ୍କ ମୃତଦେହ ଭାସୁଥିବା ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୧)ରୁଜୁକରି ତଦନ୍ତ ଚଳାଇଛି।

# ଧାରଣା ପଛରେ ର୍‍ୟାକେଟ୍: ଡିସିପି

**ଛଟେଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନର ନୂଆ ମୋଡ଼**

- ଟଙ୍କା ଆଦାୟ ଅଭିଯୋଗରେ ୩ ଯୁବକ ଗିରଫ
- ୫୨ ହଜାର ଟଙ୍କା, ଅଡିଓ କ୍ଲିପ୍, ମୋବାଇଲ ଫୋନ୍ ଜବତ
- ପୋଲିସ ସ୍କାନରରେ ନେତା, ଗିରଫ ଯୋଜନା

ଭୁବନେଶ୍ୱର,୭।୧(ବ୍ୟୁରୋ)



ଗିରଫ ୩ ଅଭିଯୁକ୍ତ, ଜବତ ଟଙ୍କା ଓ ମୋବାଇଲ।

କରୋନା ଲଢ଼େଇରେ ଯୋଦ୍ଧା ସାଜିଥିଲେ, ଏବେ ଅଲୋଡା। ଠିକା ଚାକିରିରୁ ଛଟେଇ ହୋଇଥିବା ହଜାର ହଜାର କୋଭିଡ୍-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନ୍ଏମ୍) ଦୀର୍ଘଦିନ ହେବ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ନ ଖାଇ ନ ପିଇ ଖରାବର୍ଷାରେ ନିଜ ହକ୍ ପାଇଁ ରାଜ ରାସ୍ତାରେ ପଡି ରହିଛନ୍ତି। ଏପରିସ୍ଥଳେ ଏହା ପଛରେ ଏକ ର୍‍ୟାକେଟ୍ କାମ କରୁଥିବା ନେଇ କମିଶନରେଟ୍ ପୋଲିସ ଗୁରୁବାର ସୂଚନା ଦେବା ପରେ ଆନ୍ଦୋଳନ ନୂଆ ମୋଡ଼ ନେଇଛି। ରାଜଧାନୀ ଆସି ଧାରଣାରେ ବସ, ୧୫ ହଜାର ଟଙ୍କା ଦିଅ ସ୍ଥାୟୀ ନିଯୁକ୍ତି ଦିଆଯିବ କହି ସେମାନଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ପୋଲିସ ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଆସ୍କା ପଣ୍ଡିଆପଥରର କେ. ଅଶ୍ୱିନୀ ଦୋରା(୨୩), ତରସିଂ ଅଞ୍ଚଳର ସନ୍ତୋଷ କୁମାର ସାହୁ(୨୩) ଓ କବିସୂର୍ଯ୍ୟନଗରର ରାଜ କିଶୋର ଆଚାରି। କିଛିଦିନ ତଳେ ଭାଇରାଲ ହୋଇଥିବା ଏକ ଅଡିଓ କଲ୍ ରେକର୍ଡିଂ ଆଧାରରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ କରିବା ସହ ମାମଲା (ନଂ.୧୧/୨୧)ରେ ଏହି ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫୨ହଜାର ଟଙ୍କା, ଅଡିଓ କ୍ଲିପ୍ ଓ ଏଥିରେ ବ୍ୟବହୃତ ଏକ ମୋବାଇଲ ଫୋନ୍ ଜବତ କରିଛି। ତେବେ ଏହା ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। କେତେଜଣ ନେତା ଓ ବିଭିନ୍ନ ଜିଲାର ଆଉକେତେଜଣ ଲୋକଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ମିଳିଛି। ସେମାନଙ୍କୁ ଗିରଫ ପାଇଁ ଅଧିକ ଖୋଳତାଡ କରାଯାଉଥିବା ଡିସିପି ଉମାଶଙ୍କର ଦାଶ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଡିସିପି ଦାଶ କହିଛନ୍ତି, ଚାକିରି ହରାଇଥିବା ଧାରଣାରତ ଏଏନ୍ଏମ୍ କର୍ମଚାରୀଙ୍କୁ ପ୍ରଲୋଭିତ କରାଯାଇ ଅର୍ଥ ଆଦାୟ କରାଯାଉଥିବା ନେଇ କିଛିଦିନ ତଳେ ଖବର ପାଇଲୁ। ଏହାର ଏକ ଅଡିଓ କଲ୍ ମଧ ଆମ ହସ୍ତଗତ ହୋଇଥିଲା। ସେଥିରେ ଅଭିଯୁକ୍ତ କେ. ଅଶ୍ୱିନୀ ଦୋରା ଆନ୍ଦୋଳନରେ ସାମିଲ ଥିବା ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଫୋନ୍‌ରେ ପ୍ରବର୍ତ୍ତାଉଥିଲେ। ଧାରଣାରେ ଯିଏ ବସିବ ସେମାନଙ୍କୁ ଚାକିରି ଦିଆଯିବ। ସେମାନଙ୍କ ନିକଟରୁ ୧୫ ହଜାର ଟଙ୍କା ଲେଖାଏ ଆଦାୟ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜଣ ପିଛା ୫ ହଜାର ଟଙ୍କା ହିସାବରେ ଆମେ ସରକାରଙ୍କୁ ଲାଞ୍ଚ ଦେବା। ପରେ ଜଏନିଂ ଲେଟର ଆସିଲେ ବାକି ୧୦ ହଜାର ଲେଖାଏ ସରକାରଙ୍କୁ ଦିଆଯିବ। ଏହିକଥା ସେମାନଙ୍କୁ ଜଣାଇ ସମସ୍ତଙ୍କଠାରୁ ନିର୍ଦ୍ଧାରିତ ପରିମାଣର ଟଙ୍କା ଆଦାୟ କରିବାକୁ ଉକ୍ତ ଅଡିଓ ବାର୍ତ୍ତାଳାପରେ କେ. ଅଶ୍ୱିନୀ କହୁଥିବା ତଦନ୍ତରୁ ଜଣାପଡିଥିଲା। ଏହାପରେ ଧାରଣାସ୍ଥଳରେ ଥିବା ତାଙ୍କ ସହ ସମ୍ପୃକ୍ତ ଅନ୍ୟ ୨ଜଣଙ୍କୁ ଗୁରୁବାର ଥାନାକୁ ଆଣି ପଚରାଉଚରା କରିଥିଲୁ। ସେମାନେ ପୋଲିସ ଆଗରେ ସବୁକଥା ମାନିଥିଲେ। ଏଥିସହିତ ଏଏନ୍ଏମ୍ କର୍ମଚାରୀଙ୍କ ନିକଟରୁ ୧ କୋଟି ଟଙ୍କା ଆଦାୟ କରିବାର ଟାର୍ଗେଟ୍ ଥିଲା ବୋଲି ସେମାନେ କହିଥିବା ଡିସିପି ପ୍ରକାଶ କରିଛନ୍ତି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ଜଣେ ଗିରଫ, ୩ ଦିନିଆ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ**

ଭୁବନେଶ୍ୱର,୭।୧(ବ୍ୟୁରୋ)



ଗିରଫ ସେଖ୍ ଅନୱର।

ପୁଣି ବ୍ରାଉନସୁଗାର କାରବାରର ଗଡ଼ ପାଲଟିଲାଣି ଖୋର୍ଦ୍ଧା। କିଛିଦିନର ଅନ୍ତରାଳରେ ଗୁରୁବାର ସକାଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଖୋର୍ଦ୍ଧା ବାଇପାସ୍‌ରେ ଚଢାଉ କରି କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୧.୩୧୦ କେଜି ବ୍ରାଉନସୁଗାର ଜବତ କରିଛି। ଏଥିସହ ରାଜଧାନୀ ଓ ଉପକଣ୍ଠରେ ଚାଲିଥିବା ବ୍ରାଉନସୁଗାର ର୍‍ୟାକେଟର ଅନ୍ୟତମ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କାଇପଦର ମୁସଲିମ ସାହି ଅଞ୍ଚଳର ସେଖ୍ ଅନୱର ଓରଫ ପିଣ୍ଟୁ। ଏ ନେଇ ଏସ୍‌ଟିଏଫ୍ ଏନଡିପିଏସ୍ ୨୧(ସି) ଆକ୍ଟରେ ମାମଲା (ନଂ.୨/୨୧) ରୁଜୁ କରିବା ସହ ଅଭିଯୁକ୍ତ ପିଣ୍ଟୁଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଚୋରା ଚାଲାଣ ସମ୍ପର୍କରେ ଅଧିକ ଖୋଳତାଡ଼ ପାଇଁ ଅଭିଯୁକ୍ତ ପିଣ୍ଟୁଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଟିମ୍ ଶୁକ୍ରବାର କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି। ପିଣ୍ଟୁ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିବା ନେଇ ଏସ୍‌ଟିଏଫ୍ ନିକଟରେ ଖବର ପହଞ୍ଚିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଗୁରୁବାର ସକାଳେ ପିଣ୍ଟୁ ଜଙ୍କିଆ ଅଞ୍ଚଳରୁ ବାଇକ୍‌ରେ ବିପୁଳ ପରିମାଣର ବ୍ରାଉନସୁଗାର ଧରି ଫେରୁଥିବାବେଳେ ଖୋର୍ଦ୍ଧା ବାଇପାସ ନିକଟରେ ତାଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିନେଇଥିଲା। ତାଙ୍କ ନିକଟରୁ ବ୍ରାଉନସୁଗାର ସହ ଚୋରା ଚାଲାଣରେ ବ୍ୟବହୃତ ବାଇକ, ଏଟିଏମ୍, ମୋବାଇଲ ଫୋନ୍ ଓ ଟଙ୍କା ଜବତ କରାଯାଇଥିଲା।



ସ୍ଥାୟୀ ନିଯୁକ୍ତି ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଦୀର୍ଘଦିନ ହେବ ଧାରଣାରେ ବସିଥିବା କୋଭିଡ୍-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ କ୍ରାନ୍ତି ଓଡ଼ିଶାର ସଭାପତି ଗଙ୍ଗାଧର ପାଣିଗ୍ରାହୀ ଗୁରୁବାର ଆଲୋଚନା କରୁଛନ୍ତି।

# ଆଜି ଦ୍ୱିତୀୟ ପର୍ଯ୍ୟାୟ ଡ୍ରାଏ ରନ୍

**ସବୁ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ କଥା ହେଲେ ହର୍ଷବର୍ଦ୍ଧନ**

ଭୁବନେଶ୍ୱର,୭।୧(ବ୍ୟୁରୋ)

ରାଜ୍ୟରେ କରୋନା ଟିକାକରଣ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଡ୍ରାଏ ରନ୍ ଶୁକ୍ରବାର ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ସବୁ ଜିଲା ଓ ମ୍ୟୁନିସିପାଲିଟି ଅଞ୍ଚଳରେ କରାଯିବ। ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାର ବଡ ଘରୋଇ ମେଡିକାଲ ଓ ମେଡିକାଲ କଲେଜରେ ଡ୍ରାଏ ରନ୍ ହେବ। ଏନେଇ ସବୁ ଜିଲାପାଳ, ପୌର କର୍ତ୍ତୃପକ୍ଷ ଓ ସିଡିଏମ୍‌ଓଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଚିଠି ଲେଖିଛନ୍ତି। ଆସନ୍ତା ୧୩ ତାରିଖରୁ ସବୁ ରାଜ୍ୟରେ ଟିକାକରଣ ଆରମ୍ଭ ହେବ। ଡ୍ରାଏ ରନ୍ ସମୟରେ ଟିକାକରଣ କେନ୍ଦ୍ରରେ ୨୦ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଡମି ଟିକା ଦିଆଯିବ। ସବୁ ବିଷୟକୁ ଭଲଭାବେରେ ଯାଞ୍ଚ କରିବା ଲାଗି ସରକାର ଡ୍ରାଏ ରନ୍ କାର୍ଯ୍ୟକ୍ରମ କରୁଛନ୍ତି। ଅନ୍ୟପଟେ ଟିକାକରଣ ପ୍ରକ୍ରିୟା ଆସନ୍ତା ସପ୍ତାହରୁ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ସବୁ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଛନ୍ତି, ସ୍ୱାସ୍ଥ୍ୟକର୍ମୀଙ୍କ ସହ ଲୋକ ପ୍ରତିନିଧିଙ୍କୁ ଟିକା ଦେବା ଲାଗି ଦାବି କରାଯାଇଛି। ଦେଶରେ ଯେଉଁ ଭାକ୍ସିନ ଏକ୍ସପର୍ଟମାନେ ରହିଛନ୍ତି ସେମାନେ ସବୁ ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ଆଲୋଚନା ହୋଇଛି। କୋଭିଡ୍ ଟିକାକରଣ ପ୍ରକ୍ରିୟାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ପଡିବ। ପୂର୍ବରୁ ପୋଲିଓ ବିରୋଧରେ ଯେପରି କାର୍ଯ୍ୟକ୍ରମ ଚାଲିଥିଲା କୋଭିଡ୍ କ୍ଷେତ୍ରରେ ମଧ ସମାନ ପରିଶ୍ରମ କରିବାକୁ ପଡିବ। ଡ୍ରାଏ ରନ୍ ପ୍ରକ୍ରିୟାକୁ ମଧ ଭଲରେ ଦେଖିବା ସହିତ ଭାକ୍ସିନ ରଖିବା ଲାଗି ସବୁ ପ୍ରକାର ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ତୃଣମୂଳସ୍ତର ପର୍ଯ୍ୟନ୍ତ କିପରି ଭାକ୍ସିନ ପହଞ୍ଚିପାରିବ ତାହା ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜଣାପଡିଛି।

# ଗିରଫ ସଂଖ୍ୟା ୭ରେ ପହଞ୍ଚିଲା

**ମାହାଙ୍ଗା ଡବଲ ମର୍ଡର ଘଟଣା**

ନିଶ୍ଚିନ୍ତକୋଇଲି,୭।୧(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ ତଥା ସାଲେପୁର ଭାଜପା ପ୍ରଭାରୀ ମୃତ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାରେ ଗ୍ରାମାଞ୍ଚଳ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଥିବାବେଳେ ଜଣଙ୍କ ନାମ ପ୍ରକାଶ କରିନାହିଁ। ଫଳରେ ଏହି ସଂଖ୍ୟା ୭ରେ ପହଞ୍ଚିଛି। ଉକ୍ତ ଅଭିଯୋଗରେ ଯଁକୁଟି ଗ୍ରାମର ଚୈତନ୍ୟ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟତମ ଅଭିଯୁକ୍ତଙ୍କ ନାମ ଶୁକ୍ରବାର ପ୍ରକାଶ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି। ପୂର୍ବରୁ ଏହି ମାମଲାରେ ଯଁକୁଟି ଗ୍ରାମର କୈଳାସ ଚନ୍ଦ୍ର ଖଟୁଆ, ପଞ୍ଚାନନ ସେଠୀ, ଅରବିନ୍ଦ ଖଟୁଆ, ନୃଓାଙ୍ଗ ଗ୍ରାମର କ୍ଷିତୀଶ ଆଚାର୍ଯ୍ୟ ଓ ଲଳିତ ମୋହନ ବରାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ହଜିଥିବା ପିଲାଙ୍କୁ ଠାବ ପାଇଁ ସ୍ୱତନ୍ତ୍ର ଅଭିଯାନ ହେବ





ସମୀକ୍ଷା ବୈଠକରେ ଡିଜିପି ଅଭୟ ଓ ଅଧିକାରୀମାନେ।

**ଡିଜିପିଙ୍କ ସମୀକ୍ଷା ବୈଠକ**

କଟକ ଅଫିସ, ୭।୧

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଅଭୟ ଗୁରୁବାର ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଥିଲେ। ବିଭିନ୍ନ ଥାନାରେ କାର୍ଯ୍ୟରତ କନଷ୍ଟେବଲଙ୍କୁ ଅଧିକ ସୁବିଧାସୁଯୋଗ ପ୍ରଦାନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ୧୧ରୁ ୧୭ ତାରିଖ ମଧ୍ୟରେ ଯୁଗ୍ମ ତଦନ୍ତ ରିପୋର୍ଟ ଓ ହଜିଯାଇଥିବା ପିଲାଙ୍କୁ ଠାବ କରିବା ପାଇଁ ଆସନ୍ତା ୧୮ରୁ ୨୫ ତାରିଖ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏତଦ୍‌ବ୍ୟତୀତ ଥାନାଗୁଡିକର ବର୍ଗୀକରଣ, ଡିଜିପି ଡିସ୍କ ଓ ଅନ୍ୟାନ୍ୟ ପ୍ରୋତ୍ସାହନ ପାଇଁ ପୁରସ୍କାର, ମେଡାଲ ପ୍ରଦାନ କରିବାକୁ ଡିଜିପି କହିଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ପୋଲିସ କର୍ମଚାରୀଙ୍କ ଅଭିଯୋଗ ସମାଧାନ, ଥାନାରେ ସିସିଟିଭି କାର୍ଯ୍ୟକ୍ଷମ, ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସିସିଟିଏନ୍ଏସ୍ ମାଧ୍ୟମରେ ମାସିକ ଅପରାଧ ସମୀକ୍ଷା ଓ କର୍ମଚାରୀଙ୍କୁ ପୋଷାକ ପରିବର୍ତ୍ତେ ଭତ୍ତା ପ୍ରଦାନ ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ରାଜ୍ୟର ସମସ୍ତ ଆରକ୍ଷୀ ଅଧୀକ୍ଷକ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, କଟକ ଡିସିପି ପ୍ରତୀକ୍ ସିଂ, ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

**୨୦୧୧ ଜନଗଣନାରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ**

# ବିଶାଳ ଦେବଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୭।୧(ବ୍ୟୁରୋ)



୨୦୧୧ ଜନଗଣନାରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଦୃଷ୍ଟାନ୍ତମୂଳକ ସେବା ପାଇଁ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ତତ୍‌କାଳୀନ ବିଏମ୍‌ସି କମିଶନର ବିଶାଲ୍ କୁମାର ଦେବଙ୍କୁ ଭାରତ ସରକାରଙ୍କ ତରଫରୁ ସମ୍ମାନଜନକ ରୌପ୍ୟ ପଦକ ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ୨୦୧୦ ରୁ ୨୦୧୨ ମଧ୍ୟରେ ସେ ବିଏମ୍‌ସି କମିଶନର ଥିବାବେଳେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ନିର୍ଦ୍ଧାରିତ ସମୟ ମଧ୍ୟରେ ବିଏମ୍‌ସି ଅଞ୍ଚଳରେ ଜନଗଣନାର ସୁପରିଚାଳନା କରିଥିଲେ। ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପୁରସ୍କାର ଦିଆଯାଇଛି। ବର୍ତ୍ତମାନ ବିଶାଲ ଦେବ କ୍ରୀଡ଼ା ଓ ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ଅଛନ୍ତି। ଗୁରୁବାର ଅପରାହ୍ନରେ ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ ଓ ଡେପୁଟି କମିଶନର ଶ୍ୟାମ ସୁନ୍ଦର ସେଠୀ ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟକୁ ଯାଇ ଔପଚାରିକତା ପୂର୍ବକ ପଦକ ପିନ୍ଧାଇବା ସହିତ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଭାରତ ସରକାରଙ୍କ ତରଫରୁ ଏହି ପ୍ରଶଂସା ଜନଗଣନାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଥିବା ଅଧିକାରୀଙ୍କୁ ମିଳିଥାଏ।

# ୩ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

ନିରାକାରପୁର,୭।୧(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଗୁରୁବାର ଉତ୍କାଳା ଗୋପୀନାଥପୁର ଗ୍ରାମର ଚିଲିକା ରିଂ ବନ୍ଧରୁ ୩ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଗୁରୁଦେବ ସାହୁ(୩୨)। ସୂଚନା ମୁତାବକ, ଚିଲିକା ସୁରକ୍ଷା ପାଇଁ ଏହି ରିଂ ବନ୍ଧ ନିର୍ମାଣ କରାଯାଇଛି। ଏହା ଉପରେ ପକ୍ଷୀ ଶିକାର କରାଯାଉଥିବା ନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗକୁ ଖବର ମିଳିଥିଲା। ଖବରପାଇ ଫରେଷ୍ଟର ପ୍ରଣୟ କୁମାର ଜୟସିଂହ, ଅଶୋକ ବେହେରା, ଗାର୍ଡ ଶିବ ପ୍ରସାଦ ପଲେଇ ପ୍ରମୁଖ ପହଞ୍ଚି ସମ୍ପୃକ୍ତ ଶିକାରୀକୁ ଗିରଫ କରିଥିଲେ। ଏଥିସହ ତାଙ୍କ ନିକଟରୁ ୩ଟି ମୃତ ବିଦେଶୀ ପକ୍ଷୀ, ୫ଗ୍ରାମ ଗନ ପାଉଡର ଓ ଗୋଟିଏ ବ୍ୟାଗ ଜବତ କରିଥିଲେ। ୩ ବିଦେଶୀ ପକ୍ଷୀ ମଧ୍ୟରେ ଦୁଇଟି ରୁଡେ ସିଲ ଡକ୍ ଓ ଗୋଟିଏ ୟୁରୋସନ୍ ଷ୍ଟୋନ୍ କଲ ରହିଛି। ଏ ସମ୍ପର୍କରେ ଏକ ମାମଲା(ନଂ.୨୧/୨୧)ରୁଜୁ ହୋଇଛି ବୋଲି ଟାଙ୍ଗୀ ବନ୍ୟପ୍ରାଣୀ ଅଧିକାରୀ ନିନି ମୁର୍ମୁ କହିଛନ୍ତି।

# 'ବେଆଇନ ଅଧିକୃତ ସରକାରୀ କ୍ୱାର୍ଟର୍ସ ଖାଲି କର'

- ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍ଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ
- ଭଡ଼ା, ବିଲ୍ ବାବଦକୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ପଡ଼ିରହିଛି

ଭୁବନେଶ୍ୱର,୭।୧(ବ୍ୟୁରୋ)

ରାଜଧାନୀରେ ବେଆଇନ ଭାବେ ଅଧିକୃତ ସରକାରୀ କ୍ୱାର୍ଟର୍ସଗୁଡିକୁ ଖାଲି କରିବାକୁ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୮ ସପ୍ତାହ ସମୟ ଦେଇଛନ୍ତି ଆୟୋଗ। ଏଥିସହ ଜବରଦଖଲକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ କହିଛନ୍ତି। ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡଙ୍କ ପକ୍ଷରୁ ହୋଇଥିବା ଏକ ପିଟିଶନର ଶୁଣାଣି କରି ଆୟୋଗ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀ ଅଖଣ୍ଡ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଭୁବନେଶ୍ୱରରେ ମୋଟ ୩୦୮ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ବେଆଇନ ଭାବେ ସରକାରୀ କ୍ୱାର୍ଟର୍ସ କବ୍‌ଜା କରି ରଖିଛନ୍ତି। ଏହି ଜବରଦଖଲକାରୀଙ୍କ ମଧ୍ୟରେ ଇଞ୍ଜିନିୟର-ଇନ୍-ଚିଫ୍, ଓଏଏସ୍ ଅଧିକାରୀ, ଚପରାସୀ, ଇଲକ୍ଟ୍ରିସିଆନ୍, ଡ୍ରାଇଭର, କନ୍‌ଷ୍ଟେବଳ, ହାବିଲ୍‌ଦାର, ଚୌକିଦାର, ଡେମୋନ୍‌ଷ୍ଟ୍ରେଟର୍ସଙ୍କ ଭଳି ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ୨୦୦୯ ରୁ ୨୦୨୦ମଧ୍ୟରେ ସେମାନଙ୍କ କାର୍ଯ୍ୟକାଳ ସରିଥିଲେ ମଧ କ୍ୱାର୍ଟର୍ସକୁ ବେଆଇନ ଭାବେ କବ୍‌ଜା କରି ରଖିଛନ୍ତି। ଏପରି କି ସେମାନେ ଭଡ଼ା ମଧ ଦେଉନାହାନ୍ତି। ଘରଭଡ଼ା, ପାଣି ବିଲ୍, ବିଦ୍ୟୁତ୍ ଆଦି ବାବଦରେ ସେମାନଙ୍କ ନାଁରେ ପ୍ରାୟ ୪ କୋଟି ୨୮ଲକ୍ଷ ୭୧ହଜାର ୭୭୧ ଟଙ୍କା ବକେୟା ରହିଛି। ଚାକିରିରୁ ଅବସର ପରେ କିଛିଦିନ ମଧ୍ୟରେ ଘର ଖାଲି କରିବାର ନିୟମ ରହିଛି। ନିୟମ ଉଲ୍ଲଂଘନ କଲେ ସରକାର ପୋଲିସ ଲଗାଇ ସେମାନଙ୍କୁ କାଢିପାରିବେ। ହେଲେ ଏନେଇ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବହୁ ଅଧିକାରୀ ଓ କର୍ମଚାରୀ କ୍ୱାର୍ଟର୍ସ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବାକୁ ଶ୍ରୀ ଅଖଣ୍ଡ ଏନ୍ଏଚ୍ଆର୍‌ସିଙ୍କୁ ନିବେଦନ କରିଥିଲେ।

## ସୁନା କିଣିଲେ ଦେବାକୁ ହେବ ପାନ-ଆଧାର କାର୍ଡ

ନୂଆଦିଲ୍ଲୀ,୭।୧

ସୁନାରେ ନିବେଶ ଓ ଟ୍ୟାକ୍ସ ହେରଫେରର ଅଧିକ ସମ୍ଭାବନା ରହିଥିବାରୁ ସରକାର ନୂଆ ନିୟମ ଲାଗୁ କରିବା ସହ ପ୍ରତି କାରବାର ଉପରେ ନଜର ରଖିବାକୁ ସରକାର ଯୋଜନା କରୁଛନ୍ତି। ଫଳରେ ସୁନା କିଣିବାକୁ ଆସୁଥିବା ଗ୍ରାହକମାନେ ନିଜର ପରିଚୟ ଦେବା ଜରୁରୀ ଅଟେ। ପ୍ରତି କାରବାର ସମୟରେ ଗ୍ରାହକଙ୍କ ଠାରୁ ସୁନା ଦୋକାନୀ ପରିଚୟ ପତ୍ର ଯେପରିକି ପାନ୍ ଓ ଆଧାରର କାର୍ଡ ରଖିବାକୁ ବାଧ୍ୟତାମୂଳକ କରିବେ। ଦୋକାନୀରୁ ପ୍ରତି ୨ ଲକ୍ଷରୁ କମ୍ ଟଙ୍କାର ସୁନାଗହଣା କିଣିବା ବେଳେ ବର୍ତ୍ତମାନ ଗ୍ରାହକଙ୍କର କେୱାଇସି କାଗଜପତ୍ର ମାଗୁଛନ୍ତି। ଫଳରେ ଏହି ନୂଆ ନିୟମକୁ ନେଇ ଗ୍ରାହକଙ୍କ ଠାରୁ ବେଶୀ ସୁନା ଦୋକାନୀମାନେ ଡରୁଛନ୍ତି। ସରକାର ଚଳିତ ବଜେଟ୍ ରେ ସମସ୍ତ କ୍ୟାସ୍ ନେଣଦେଣ ଉପରେ କେୱାଇସି ବାଧ୍ୟତାମୂଳକ କରିପାରନ୍ତି। ବର୍ତ୍ତମାନ ସମୟରେ ସୁନା ଦୋକାନରୁ ୨ ଲକ୍ଷ ଟଙ୍କାରୁ ଅଧିକ ଦାମରେ ସୁନାଗହଣା କ୍ରୟ କରିବା ସମୟରେ ଗ୍ରାହକଙ୍କର କେୱାଇସି ବାଧ୍ୟତାମୂଳକ କରାଯାଇଛି।

# ୱେସ୍କୋ, ସାଉଥ୍‌କୋର ପରିଚାଳନା ନେଲା ଟାଟା

ଭୁବନେଶ୍ୱର,୭।୧



- ୫୧% ଇକ୍ୱିଟି ଅଂଶଧନ ଅଧିଗ୍ରହଣ
- ଗ୍ରୀଡକୋ ନିକଟରେ ୪୯% ଅଂଶଧନ

ୱେସ୍କୋ ଏବଂ ସାଉଥ୍‌କୋର ପରିଚାଳନା ଏବଂ ଅପରେଶନ ଭାର ଟାଟା ପାୱାର ହାତକୁ ଯାଇଛି। ଗୁରୁବାର ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଅଧିଗ୍ରହଣ ନେଇ ସମସ୍ତ ପ୍ରକ୍ରିୟା ସମ୍ପାଦିତ ହୋଇଛି। ଏହି ଅଧିଗ୍ରହଣ ପରେ ୱେସ୍କୋ ଏବଂ ସାଉଥ୍‌କୋ ଯଥାକ୍ରମେ ଟିପି ୱେଷ୍ଟର୍ନ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଡିପିଡବ୍ଲ୍ୟୁଓଡିଏଲ୍) ଓ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) କମ୍ପାନୀ ନାମରେ ପରିଚାଳିତ ହେବ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ନିର୍ଦ୍ଦେଶ ଅନୁସାରେ କମ୍ପାନୀରେ ଟାଟା ପାୱାରର ୫୧% ଇକ୍ୱିଟି ଅଂଶଧନ ରହିବ। ପରିଚାଳନା ନିୟନ୍ତ୍ରଣ ଟାଟା ନିକଟରେ ରହିବ। ରାଜ୍ୟ ସରକାରଙ୍କ ମାଲିକାନାଧୀନ ଗ୍ରୀଡ୍‌କୋ ପାଖରେ ବଳକା ୪୯% ଇକ୍ୱିଟି ଅଂଶଧନ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ବର୍ତ୍ତମାନ ରାଉରକେଲା, ବୁର୍ଲା, ଭବାନୀପାଟଣା, ବଲାଙ୍ଗୀର, ବରଗଡ଼ ଭଳି ୫ଟି ସର୍କଲକୁ ନେଇ ଥିବା ୱେସ୍କୋ ଅଞ୍ଚଳରେ ବାର୍ଷିକ ୭୫୨୦ ଏମ୍‌ୟୁ ବିଦ୍ୟୁତ୍ ଇନ୍‌ପୁଟ ସହିତ ୨ ନିୟୁତ ଗ୍ରାହକ ରହିଛନ୍ତି। ସେହିଭଳି ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ଗଞ୍ଜାମ ସହର, ବ୍ରହ୍ମପୁର, ଆସ୍କା, ଭଞ୍ଜନଗର, ଜୟପୁର, ରାୟଗଡ଼ା ଭଳି ୬ଟି ସର୍କଲକୁ ନେଇ ଥିବା ସାଉଥ୍‌କୋ ଅଞ୍ଚଳରେ ୩୪୭୦ ଏମ୍‌ୟୁ ସହ ୨.୩ ନିୟୁତ ଗ୍ରାହକଙ୍କୁ ସେବା ଯୋଗାଣ ହେବ। ଏହି ଅଧିଗ୍ରହଣ ସହ କମ୍ପାନୀର ବିତରଣ ସର୍କଲ ରାଜ୍ୟର ପଶ୍ଚିମାଞ୍ଚଳ ଏବଂ ଦକ୍ଷିଣାଞ୍ଚଳକୁ ସମ୍ପ୍ରସାରିତ ହୋଇଛି। ଏହା ମଧ୍ୟରେ ୪୭ ହଜାର କି.ମି.ରୁ ଅଧିକ ଭୌଗୋଳିକ ଅଞ୍ଚଳ ସାମିଲ ରହିଛି। ୧ ଲକ୍ଷରୁ ଅଧିକ ସିକେଟି କି.ମି.ର ନେଟ୍‌ୱର୍କକୁ ୨୫ ବର୍ଷ ଅବଧିର ଲାଇସେନ୍ସ ହିସାବରେ କମ୍ପାନୀ ପରିଚାଳନା କରିବ। ୨ଟି ଅତିରିକ୍ତ ବିତରଣ ୟୁଟିଲିଟି ସାମିଲ ହେବା ପରେ ଟାଟା ପାୱାରର ଗ୍ରାହକ ସଂଖ୍ୟା ମୁମ୍ବାଇ, ନୂଆଦିଲ୍ଲୀ, କେନ୍ଦ୍ର ଓଡ଼ିଶା ଏବଂ ଆଜମେର ଭଳି ସ୍ଥାନରେ ୫.୨ ନିୟୁତରୁ ବୃଦ୍ଧି ହୋଇ ୯.୫ ନିୟୁତ ଛୁଇଁଛି। ୱେସ୍କୋ ଏବଂ ସାଉଥ୍‌କୋ ସହ କାରବାର ଆରମ୍ଭ କରି ଗ୍ରାହକଙ୍କୁ ଗୁଣବତ୍ତା ସେବା ଯୋଗାଣ ଧାରା ଜାରି ରହିବ ବୋଲି ଟାଟା ପାୱାରର ସିଇଓ ପ୍ରବୀର ସିହ୍ନା କହିଛନ୍ତି।

## ଡୁରିଆନ୍‌ରେ ନୂଆବର୍ଷ ଅଫର

ଭୁବନେଶ୍ୱର,୭।୧

ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଡୁରିଆନ୍ ପକ୍ଷରୁ ନୂଆବର୍ଷ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଏହାର ବିଭିନ୍ନ ରେଞ୍ଜ ପ୍ରଡକ୍ଟ ଉପରେ ପ୍ରାୟ ୬୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେଉଛି। ସୋଫା, ବେଡ୍‌ରୁମ୍ ଫର୍ନିଚର, ଅଫିସ ଫର୍ନିଚର, ଡାଇନିଂ ସେଟ୍ ଭଳି ବିଭିନ୍ନ ବର୍ଗର ପ୍ରଡକ୍ଟ ଉପରେ ଗ୍ରାହକ ବମ୍ପର ରିହାତି ଲାଭ କରିପାରିବେ। କମ୍ପାନୀ ପକ୍ଷରୁ ୫ ବର୍ଷର ୱାରେଣ୍ଟି ପ୍ରଦାନ କରାଯାଉଛି। ଲିମିଟେଡ୍ ପିରିୟଡ୍ ଲାଗି ଏହି ଅଫରର ଲାଭ ଗ୍ରାହକ ଉଠାଇପାରିବେ। ଗ୍ରାହକଙ୍କ ଲାଗି ଫାଇନାନ୍ସ ସୁବିଧା ମଧ୍ୟ କରାଯାଇଛି। ଶୋ'ରୁମ୍ ରବିବାର ମଧ୍ୟ ଖୋଲାରହୁଛି। ପୂର୍ବାହ୍ଣ ୧୧ରୁ ସନ୍ଧ୍ୟା ୮ଟା ଯାଏ ଗ୍ରାହକ କିଣାକିଣି କରିବାର ସୁବିଧା ଲାଭ କରିପାରିବେ। ଗ୍ରାହକଙ୍କ ଚାହିଦା ଆଧାରରେ ଡୁରିଆନ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି। ଏହା ମଧ୍ୟରେ ନୂଆ ପ୍ରଡକ୍ଟ ମଧ୍ୟ ସାମିଲ ରହିଛି। ସେହିଭଳି ଡେକୋର, ଷ୍ଟୋରେଜ ଏବଂ ଅଫିସ ଲାଗି ସ୍ୱତନ୍ତ୍ର ଫର୍ନିଚର କମ୍ପାନୀ ଏହାର ପୋର୍ଟଫୋଲିଓରେ ଯୋଡିଛି। କମ୍ପାନୀ ନିକଟରେ ୨.୮ ନିୟୁତ ସନ୍ତୁଷ୍ଟ ଗ୍ରାହକ ରହିଛନ୍ତି। ୪ ଦଶନ୍ଧି ଧରି ଏହା ସେବା ଯୋଗାଣ ଧାରା ଜାରି ରଖିଛି। ଏହା ସାରା ଦେଶରେ ଏହାର ଉପସ୍ଥିତି ଜାହିର କରିଥିବା ବେଳେ ଫ୍ରି ଇନଷ୍ଟାଲେଶନ ଏବଂ ଇଏମ୍‌ଆଇରେ ଗ୍ରାହକଙ୍କୁ ପ୍ରଡକ୍ଟ ଯୋଗାଣ ଧାରା ଉପରେ ଧ୍ୟାନ କେନ୍ଦ୍ରିତ କରିଛି।

# ଆଜିଠାରୁ ଖୋଲିବ ଆଇନକ୍ସ

ଭୁବନେଶ୍ୱର,୭।୧



ଜାନୁୟାରୀ ୮ରୁ ଆଇନକ୍ସ ସିନେମା ପ୍ରେମୀଙ୍କ ଲାଗି ପୁଣି ଥରେ ସେବା ଯୋଗାଇଦେବ। ସାରା ଦେଶରେ ସିନେମା ହଲ୍‌ଗୁଡିକୁ ଖୋଲିବା ନେଇ ସରକାର ଗାଇଡ୍‌ଲାଇନ ଜାରି କରିଥିବା ବେଳେ ଓଡ଼ିଶାରେ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ପ୍ରାୟ ୯ ମାସ ବନ୍ଦ ରହିବା ପରେ ରାଜ୍ୟ ସରକାରଙ୍କ ଅନୁମତି ପରେ ଏହା ସିନେମା ପ୍ରେମୀଙ୍କୁ ପୁଣି ଥରେ ସେବା ପ୍ରଦାନ କରିବ। ସୂଚନାଯୋଗ୍ୟ, ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସିନେମା ହଲ୍ ଖୋଲିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଭୁବନେଶ୍ୱର ସ୍ଥିତ ଡିଏନ୍ ରେଗାଲିଆ ମଲ୍ ଏବଂ ସିମ୍ଫୋନୀ ମଲ୍‌ରେ ରହିଥିବା ଆଇନକ୍ସ ଶୁକ୍ରବାର ଖୋଲିବାକୁ ଥିବା ବେଳେ ୧୦ ତାରିଖରେ ଭବାନୀ ମଲ୍ ସ୍ଥିତ ଆଇନକ୍ସ ପୁଣି ଥରେ ଖୋଲିବ। ୯ ତାରିଖରେ କଟକର ଏସ୍‌ଜିବିଏଲ୍ ସ୍ଥିତ ଆଇନକ୍ସ ଲୋକଙ୍କ ଲାଗି ଖୋଲିବ। କମ୍ପାନୀର ହଲ୍‌ଗୁଡିକରେ ଲୋକଙ୍କ ସଂଖ୍ୟା ୫୦%ରୁ ଅଧିକ ହେବ ନାହିଁ। ସାମାଜିକ ଦୂରତ୍ୱ ନିୟମ, ଡିଜିଟାଲ ମୋଡ୍‌ରେ ଟ୍ରାଞ୍ଜାକଶନ, ଥର୍ମାଲ ସ୍କ୍ରିନିଂ, ଇଟିକେଟ, କଣ୍ଟାକ୍ଟଲେସ୍ କ୍ୟୁ ଆ ର୍ କୋ ଡ୍, ସାନିଟାଇଜେଶନ ବ୍ୟବସ୍ଥା, ଲୋକଙ୍କ ସଚେତନତା ଲାଗି ଭିଡିଓ, ଇ-ବିଲ୍, ଡିସ୍‌ପୋଜେବଲ ପ୍ୟାକେଜିଂ ସୁବିଧା, ମାସ୍କ, ଗ୍ଲୋବ୍ସ ଏବଂ ଆରୋଗ୍ୟ ସେତୁ ଆପ୍ ବ୍ୟବହାରକୁ ଉତ୍ସାହିତ କରାଯାଉଛି। ସମସ୍ତ ନିୟମାବଳୀକୁ ନଜରରେ ରଖି ଲୋକଙ୍କୁ ସେବା ଯୋଗାଣ ହେବ ବୋଲି ଆଇନକ୍ସ ପୂର୍ବାଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ଅମିତାଭ ଗୁହା ଠାକୁର୍ତ୍ତା କହିଛନ୍ତି।

## ଦ୍ୱିତୀୟ ଦିନ ଲାଗି ପୁଞ୍ଜି ବଜାରରେ ହ୍ରାସ

ନୂଆଦିଲ୍ଲୀ,୭।୧

ଗତ ଦୁଇ ଦିନ ହେଲା ସେୟାର ବଜାରର କାରବାରରେ ସେତେଟା ଉତ୍ସାହ ପରିଲକ୍ଷିତ ହେଉନାହିଁ। ଅନ୍ତରାଷ୍ଟ୍ରୀୟ ବଜାର ଏବଂ ଘରୋଇ ବଜାରରେ ମଧ୍ୟ କାରବାର ସେହି ଅନୁପାତରେ ବୃଦ୍ଧି ନ ହେବା କାରଣରୁ ସେୟାର ବଜାର ହ୍ରାସ ପାଉଛି। ଫଳରେ ସେନସେକ୍ସ ଏବଂ ନିଫ୍ଟିରେ ମଧ୍ୟ କାରବାର ଅପେକ୍ଷାକୃତ ଅଭିବୃଦ୍ଧି ହେଉନାହିଁ ବୋଲି ସେୟାର ବଜାରର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସୂଚକାଙ୍କ ସୂଚନା ଅନୁସାରେ ସେନସେକ୍ସ ୮୦.୭୪ ପଏଣ୍ଟ ହ୍ରାସ ପାଇ ୪୮,୦୯୩.୩୨ରେ ପହଞ୍ଚିଛି। ସେହିଭଳି ନେସନାଲ ଷ୍ଟକ୍‌ଏକ୍ସଚେଞ୍ଜ (ଏନ‌ଏସଇ) ନିଫ୍ଟିରେ ମଧ୍ୟ ୮.୯୦ ପଏଣ୍ଟ ଖସି ୧୪,୧୩୭.୩୫ ସ୍ଥିର ରହିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ର ସୂଚନା ଅନୁସାରେ ଭାରତୀ ଏୟାରଟେଲ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ଏଲ ଆଣ୍ଡ ଟି ଏବଂ ବଜାଜା ଫିନସାରି ଆଦିର ସେୟାର ସାମାନ୍ୟ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଏହି ସବୁ କମ୍ପାନୀଗୁଡିକର ୩.୭୫% ପର୍ଯ୍ୟନ୍ତ ଚାହିଦା ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି। ଏହା ବାଦ ଏଚସିଏଲ୍ ଟେକ୍ନୋଲୋଜିସ, ହିନ୍ଦୁସ୍ତାନ ୟୁନିଲିଭର, ନେସେଲ ଇଣ୍ଡିଆ, କୋଟାକ ବ୍ୟାଙ୍କ, ଆଇଟିସି, ଟାଇଟନ୍ ଏବଂ ଇନଫୋସିସର ସେୟାର ମଧ୍ୟ ପ୍ରାୟ ୨% ହ୍ରାସ ପାଇଥିବା ସୂଚନା ମିଳିଛି। ଆମେରିକାର ନିର୍ବାଚନ ପରବର୍ତ୍ତୀ ଅନ୍ତକନ୍ଦଳ ସହିତ ଜର୍ଜିଆ ସିନେଟ କୁ ନେଇ ଲାଗି ରହିଥିବା ସମସ୍ୟା ଏହା ଉପରେ ବିଶେଷ ପ୍ରଭାବ ପକାଇଥିବା ଏବଂ ସେୟାର ବଜାରର କାରବାର ମଧ୍ୟ ବିଦେଶିକ ପାଣ୍ଠି ଓ ଡଲାରର ଚାହିଦାକୁ ନେଇ ଅଭିବୃଦ୍ଧି ହୋଇଥାଏ ବୋଲି ସୂଚନା ମିଳିଛି।

## ଧନୀ ତାଲିକାରେ ୧୩କୁ ଖସିଲେ ଅମ୍ବାନୀ

ମୁମ୍ବାଇ,୭।୧

ଗୁରୁବାର ବ୍ଲୁମବର୍ଗ ବିଲେର୍ନସ ତା'ର ୨୦୨୧ ବର୍ଷର ପ୍ରଥମ ଧନୀ ବ୍ୟକ୍ତି ତାଲିକା ଜାରି କରିଛି। ଏହି ସୂଚୀରେ ପ୍ରକାଶିତ ଧନୀ ତାଲିକାରେ ଆମାଜନ ମାଲିକ ଜେଫ ବେଜୋସ ୧୮୪ ବିଲିୟନ ଡଲାର ସମ୍ପତ୍ତି ସହ ବିଶ୍ୱର ୧ ନମ୍ବର ଧନୀ ବ୍ୟକ୍ତି ଭାବରେ ନିଜ ସ୍ଥାନ ସୁରକ୍ଷିତ ରଖିଥିବା ବେଳେ ତାଙ୍କ ପଛକୁ ଟେସ୍ଲା ଓ ସ୍ପେଶ ଏକ୍ସ ମାଲିକ ଏଲନ ମସ୍କ୧୮୧ ବିଲିୟନ ଡଲାର ସହ ୨ୟ ସ୍ଥାନରେ ଅଛନ୍ତି। ସେହିପରି ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ୧୩ ନମ୍ବର ସ୍ଥାନକୁ ଖସିଯାଇଛନ୍ତି ।

ଓଡ଼ିଶା ସରକାର / GOVERNMENT OF ODISHA

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପ

OFFICE OF THE PANCHAYAT SAMITI, GOP

DISTRICT-PURI, PIN-752110

Email: ori.gop@nic.in

No.   Date:08.01.2021

TENDER CALL NOTICE NO.01/2021

The Block Development Officer, Gop, Puri invites sealed tenders on behalf of Government of Odisha from registered and eligible contractors of the state P.W.D. (R&B)/Water Resource/Rural Works/M.I./C.P.W.D. for the following work eventually to be drawn up in the PWD F-2 forms in conformity with the detail tender call notice. The bidders may submit bid for the following work:

| Sl. No. | Name of the work | Name of the GP/NAC | Tendered amount (in Rs.) | Cost of tender paper (in Rs.) | EMD (in Rs.) | Time period of completion | Class of contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Development of Rudrayani High School, Anasara | Simili | Rs.10,23,402.00 | Rs.6000.00 | Rs.10,234.00 | 4 calendar months | 'C' & 'D' |
| 2 | Development of Dasabatia High School, Sarada | Banakhandi | Rs.10,23,402.00 | Rs.6000.00 | Rs.10,234.00 | 4 calendar months | 'C' & 'D' |
| 3 | Development of Saraswata Vidyapitha, Biratunga | Biratunga | Rs.11,41,661.00 | Rs.6000.00 | Rs.11,417.00 | 4 calendar months | 'C' & 'D' |
| 4 | Development of Nayahat Girls' High School, Nayahat | Dhumalo | Rs.15,15,006.00 | Rs.6000.00 | Rs.15,150.00 | 4 calendar months | 'C' & 'D' |
| 5 | Development of Konark High School, Konark | Konark NAC | Rs.11,41,661.00 | Rs.6000.00 | Rs.11,417.00 | 4 calendar months | 'C' & 'D' |
| 6 | Development of SN Vidyapitha, Balia | Baulanga | Rs.12,64,723.00 | Rs.6000.00 | Rs.12,647.00 | 4 calendar months | 'C' & 'D' |
| 7 | Development of HCM High School, Chaitana | Chaitana | Rs.28,82,902.00 | Rs.6000.00 | Rs.28,829.00 | 6 calendar months | 'C' & 'B' |
| 8 | Development of Garhabangara Govt. High School, Badagaon | Badagaon | Rs.19,88,895.00 | Rs.6000.00 | Rs.19,889.00 | 6 calendar months | 'C' & 'B' |
| 9 | Development of Desabandhu High School, Karual | Baulanga | Rs.15,53,041.00 | Rs.6000.00 | Rs.15,530.00 | 4 calendar months | 'C' & 'D' |
| 10 | Repair/Renovation of Konark Women's Degree Mahavidyalaya, Sarada | Banakhandi | Rs.15,20,211.00 | Rs.6000.00 | Rs.15,202.00 | 4 calendar months | 'C' & 'D' |
| 11 | Development of Nigamananda High School, Gop | Gop | Rs.11,61,613.00 | Rs.6000.00 | Rs.11,616.00 | 4 calendar months | 'C' & 'D' |
| 12 | Development of Gop Girls' High School, Gop | Gop | Rs.11,61,613.00 | Rs.6000.00 | Rs.11,616.00 | 4 calendar months | 'C' & 'D' |
| 13 | Development of Ganeswarpur Girls' High School, Ganeswarpur | Ganeswarpur | Rs.11,61,613.00 | Rs.6000.00 | Rs.11,616.00 | 4 calendar months | 'C' & 'D' |
| 14 | Repair and Renovation of Gop Degree College, Gop | Gop | Rs.14,63,799.00 | Rs.6000.00 | Rs.14,638.00 | 4 calendar months | 'C' & 'D' |
| 15 | Repair and Renovation of Bantaligram School Premises (MPCS) | Bantiligram | Rs.3,85,565.00 | Rs.2000.00 | Rs.3,856.00 | 2 calendar months | 'C' & 'D' |
| 16 | Repair and Renovation of MPCS Near Tarana UGME School | Bantiligram | Rs.3,85,642.00 | Rs.2000.00 | Rs.3,856.00 | 2 calendar months | 'C' & 'D' |

1) Sale/Receipt/Opening of the Tender Papers: The tender specification can be obtained from the Block Development Officer, Gop on payment towards the cost of tender papers as mentioned above (Non-refundable) in shape of Bank Draft/Bankers in and around Gop on any working day from 08.01.2021 to 19.01.2021 for the above mentioned work. The tender document will be sold during the above mentioned period between 10.00 A.M. to 05.00 P.M. on working days only. The tenderers have to submit the sealed papers mentioning the name of the work over the envelope in complete shape through Registered Post/ Speed Post/Drop Box at Block Campus, Gop. Only by directly sending to the B.D.O., Gop in his Official Postal address. Tender papers received through Courier Services will not be entertained. The last date of receipt of tender papers is from 08.01.2021 to 19.01.2021 during office period. The undersigned will not be responsible for postal dely if any or non-receipt of the papers in time. The tender papers shall be opened on 20.01.2021 at 3 P.M. in the Block Campus, Gop in presence of the tenderers or their authorized representatives having written authorization for the purpose and tender committee.
2) Earnest Money Deposit: The E.M.D. is to be deposited in shape Post Office Short Term Deposit/Term Deposit/N.S.C./KVP/ Deposit Receipt of any nationalised bank duly pledged in favour of Block Development Officer, Gop. The tender papers without required amount of E.M.D. will not be considered and transfer or adjustment of E.M.D. is inadmissible.
3) Document to be attached: The following document should be furnished with the tender papers failing which tender will be liable to rejection, a) E.M.D. pledged in favour of The Block Development Officer, Gop, b) Attested copy of contractor Registration Certificate, c) Attested copy of PAN Card, VAT clearance Certificate, d) Attested copy of labour licence, e) Attested copy of valid Caste Certificate issued by competent authorities in case of SC/ST, contractors desirous of availing preference, f) Affidavit as regards the fact of availing award of work without submission of E.M.D./I.S.D. during the current financial year in case of Engineer Contractors desirous of availing exemption of E.M.D.
4) Submission of more than one tender paper by a bidder for a single work will be liable for rejection of all such tender papers.
5) The undersigned reserves the right either to reject any or all tenders or cancel the entire process without assigning the reason thereof.

Sd./- Block Development Officer, Gop

ZILLA SWASTHYA SAMITI, MAYURBHANJ

TENDER CALL NOTICE

No. E-505: Zilla Swasthya Samiti, Mayurbhanj invites sealed tenders from OEM/Registered agencies for supply and installation of "Medical Equipments" in the Health Institutions of Mayurbhanj district. The details regarding specifications, terms and conditions may be downloaded from district website **www.mayurbhanj.nic.in**. The bids in sealed envelope should reach to specified address by 27.01.2021 till 4.00 P.M. along with all relevant documents. The tender will be opened at 11 A.M. on 28.01.2021 in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

**Sd./- C.D.M. & P.H.O-cum-District Mission Director, District Health Mission, Mayurbhanj**

OIPR-10020/11/0012/2021

JAWAHAR NAVODAYA VIDYALAYA, CHAMPATIMUNDA, ANGUL

TENDER NOTICE

Sealed tenders are invited from the Registered Firms and Authorized Dealers for supply of Grocery, Vegetable & Fruits, Non-Veg items, Sweets & Snacks items, Plumber Items, Office Stationery, Utensils, Games & Sports, Furniture, Washing & Pressing of uniform, Hair Cutting, Fire Extinguisher & Refilling, Computer peripheral, Footwear, Readymade School Uniform, Uniform and bedding items, stitching of uniforms, M & R Work, Hiring of Vehicle (Bolero, Renauld lodgy), Covid-19 Equipments & Sanitizing materials, Medicines to **Jawahar Navodaya Vidyalaya, At/P.O.- Champatimunda, Via-Hulurusingha, Dist.- Angul (Odisha)**.

1. The tender forms can be obtained from the Vidyalaya Office from 10.00 hours to 13.00 hours in all working days from 08.01.2021 to 19.01.2021 on payment of Rs.100/- in cash or Demand Draft drawn in favour of **Principal, JNV, Champatimunda payable at Bank of Baroda, Badkera**.
2. **The tender forms can also be downloaded from the Vidyalaya website- https://navodaya.gov.in/nvs/nvs-school/Angul/en/home**. In such cases the tenderer/ party has to enclose the cost of tender paper for Rs.100/- for each item/paper separately in shape of Demand Draft drawn in favour of Principal as mentioned above or deposit the cost of tender paper in JNV, Champatimunda, Angul **Account No. 57840100000719 (Bank of Baroda, Badkera Branch IFC Code-BARB0BADKER** and send confirmation regarding deposit of amount to mail **jnvangul9@gmail.com** failing which the tender will be rejected without assigning any reason thereof.
3. The last date for receipt of tender documents by Regd./Speed Post/dropping in Tender Box by 05.00 P.M. of 19.01.2021 & opening will be at 10.30 A.M. of 20.01.2021.

The tenderer has to submit samples where over necessary by 10.00 A.M. of 20.01.2021.

The undersigned reserves the right to reject any or whole tender without assigning any reason thereof.

**Sd./- PRINCIPAL**

Government of Odisha   No. B-610

"e" Procurement Notice

OFFICE OF THE EXECUTIVE ENGINEER, KORAPUT (R&B) DIVISION, KORAPUT

Bid Identification No. E.E. (R&B) KPT - 12/2020-21

| | | |
|---|---|---|
| 1. | Name of the Work | : Road Works |
| 2. | Total No. of Works | : 11 Nos. |
| 3. | Estimated Cost | : Rs.14.88 lakhs to Rs.44.20 lakhs |
| 4. | Period of Completion | : 02 to 03 (three) Calendar months |
| 5. | Date & time of availability of bid document in the portal | : From 12.01.2021 at 11.00 hours to 25.01.2021 upto 17.00 hours |
| 6. | Last date/time for receipt of bids in the portal | : 25.01.2021 upto 17.00 hours |
| 7. | Date of opening of tender | : 27.01.2021 at 12.00 hours |
| 8. | Name and address of the Officer Inviting Bid | : Executive Engineer, Koraput (R&B) Division |

Further details can be seen from the e-procurement portal **https://tendersorissa.gov.in**.

**Sd./- Executive Engineer**
**Koraput (R&B) Division**

OIPR-34096/11/0009/2021

No. D-139

ବିଜ୍ଞାପନ

ଦୁର୍ଗପତିଙ୍କ କାର୍ଯ୍ୟାଳୟ ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା) ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର

ନାମ: **ବିଦ୍ୟାଧର ତନ୍ତୀ**
ପଦବୀ: ହାବିଲଦାର
ପିତା: ଗଣେଷ ତନ୍ତୀ
ଗ୍ରାମ: କୁମରକେଲା, ପୋ.: ରାଜଗାଙ୍ଗପୁର
ଥାନା: ରାଜଗାଙ୍ଗପୁର, ଜିଲ୍ଲା: ସୁନ୍ଦରଗଡ଼

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ୪ର୍ଥ ସଶସ୍ତ୍ର ଆରକ୍ଷୀ ବାହିନୀ, ଦୁର୍ଗପତି ରାଉରକେଲାଙ୍କ ଅଧୀନରେ କାର୍ଯ୍ୟ କରିବା ସମୟରେ ତା୦୨।୧୧।୨୦୧୯ରିଖଠାରୁ ୦୯।୧୧।୨୦୧୯ରିଖ ପର୍ଯ୍ୟନ୍ତ ୦୭ଦିନ ଛୁଟିରେ ଯାଇଥିଲେ ଏବଂ କାହାକୁ କିଛି ନ ଜଣାଇ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ କାର୍ଯ୍ୟରେ ଯୋଗଦେବା ପାଇଁ ବାରମ୍ବାର ଡାକ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ତେଣୁ ଲଟକାଜାରି ମାଧ୍ୟମରେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, କିନ୍ତୁ ଆପଣ କୌଣସି କଥାକୁ ଭ୍ରୂକ୍ଷେପ ନ କରି କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ କାର୍ଯ୍ୟଶୈଳୀ ଯୋଗୁ ବାଟାଲିୟନର ବିଶୃଙ୍ଖଳା ସୃଷ୍ଟି ହେଉଛି।

ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଆପଣ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୋଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି, ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା)
ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର

ବିଜ୍ଞାପନ

ଦୁର୍ଗପତିଙ୍କ କାର୍ଯ୍ୟାଳୟ ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା) ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର

ନାମ: **ପାରାଉ ସୋରେନ୍**
ପଦବୀ: ହାବିଲଦାର
ପିତା: ହିନ୍ଦୁ ସୋରେନ୍
ଗ୍ରାମ: କୁଡ଼ହଂସ, ପୋ.: ତରନା
ଥାନା: ଯାମଦା, ଜିଲ୍ଲା: ମୟୂରଭଞ୍ଜ

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ତା୦୯।୦୬।୨୦୨୦ରିଖଠାରୁ ୦୯।୦୭।୨୦୨୦ରିଖ ପର୍ଯ୍ୟନ୍ତ ଅର୍ଜିତ ଛୁଟି ଯାଇଥିଲେ ଏବଂ କାହାକୁ କିଛି ନ ଜଣାଇ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ କାର୍ଯ୍ୟରେ ଯୋଗଦେବା ପାଇଁ ବାରମ୍ବାର ଡାକ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ତେଣୁ ଲଟକାଜାରି ମାଧ୍ୟମରେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, କିନ୍ତୁ ଆପଣ କୌଣସି କଥାକୁ ଭ୍ରୂକ୍ଷେପ ନ କରି କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ କାର୍ଯ୍ୟଶୈଳୀ ଯୋଗୁ ବାଟାଲିୟନର ବିଶୃଙ୍ଖଳା ସୃଷ୍ଟି ହେଉଛି।

ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଆପଣ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୋଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ଦୁର୍ଗପତି, ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା)
ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର

OIPR-12029/11/0024/2021

## ଗ୍ୟାସ୍ ସିଲିଣ୍ଡର ଫାଟି ୪ ଗୁରୁତର

ରସୁଲପୁର(ଡି.ଏନ.ଏ.): ବୁଧବାର ରାତିରେ ଯାଜପୁର ଜିଲା ରସୁଲପୁର ବ୍ଲକ କଲଣ ପଞ୍ଚାୟତ ଶୁଳିଆ ଗ୍ରାମର ଅଶୋକ ଶତପଥୀଙ୍କ ଗ୍ୟାସ ସିଲିଣ୍ଡର ଫାଟି ଗ୍ରାମର ୪ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ପଡ଼ୋଶୀ ପ୍ରଦୀପ ଶତପଥୀ, ସଞ୍ଜନ ପୃଷ୍ଟି , ଅନନ୍ତ ଚରଣ ସାହୁ ଓ ଗଣେଶ୍ୱର ସାହୁ। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଶୋକଙ୍କ ରୋଷେଇ ଘରେ ଥିବା ଫ୍ରିଜ୍‌ରୁ ନିଆଁ ବାହାରି ଥିଲା। ନିଆଁରେ ଫ୍ରିଜର ଗ୍ୟାସ ଫାଟି ଯାଇଥିଲା। ସେମାନେ ଫ୍ରିଜ ନିଆଁ ଲିଭାଇବାରେ ଲାଗିଥିଲେ। ଏହି ସମୟରେ ରୋଷେଇ ଘରେ ଥିବା ଏକ ୫ ଲିଟର ଗ୍ୟାସ ସିଲିଣ୍ଡର ଫାଟିଥିଲା। ୪ଜଣଙ୍କ ଶରୀରର ଅଧିକାଂଶ ଅଂଶ ଜଳିଯାଇଛି।

### ସଂକ୍ଷେପରେ

## ସରକାରଙ୍କ ଠାରୁ ରିପୋର୍ଟ ମାଗିଲେ ହାଇକୋର୍ଟ

**ପୁରୀ ହାଜତ ମୃତ୍ୟୁ ମାମଲା**

**କଟକ ଅଫିସ୍,୭।୧:** ପୁରୀ ବାସେଲୀସାହି ଥାନା ହାଜତରେ ଅଭିଯୁକ୍ତ କେ. ରମେଶ ମୃତ୍ୟୁ ମାମଲାର ବିସ୍ତୃତ ତଦନ୍ତ ରିପୋର୍ଟ ମାଗିଛନ୍ତି ହାଇକୋର୍ଟ। ଆସନ୍ତା ସୋମବାର ରାଜ୍ୟ ସରକାର ଏନେଇ ସତ୍ୟପାଠ ଦାଖଲ କରିବାକୁ କୋର୍ଟ କହିଛନ୍ତି। ପୁରୀର ଆଇନ୍‌ଜୀବୀ ଶରତ କୁମାର ରାୟଗୁର କରିଥିବା ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏଥିରେ ସେ ହାଜତ ମୃତ୍ୟୁ ଘଟଣାର ତଦନ୍ତ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ସହ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେବାକୁ ଆବେଦନ କରିଥିଲେ। ଉକ୍ତ ମାମଲାର ଶୁଣାଣି କରି କୋର୍ଟ ଗୁରୁବାର ରାଜ୍ୟ ସରକାରଙ୍କଠାରୁ ତଦନ୍ତର ଅଗ୍ରଗତି ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ନଭେମ୍ବର ୧୮ରେ ବାସେଲିସାହି ଥାନାରେ ପୋଲିସ ମାଡ଼ରେ ଲୋକନାଥ ରୋଡ୍ ଅଞ୍ଚଳର ରମେଶଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁରୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ବଦଳି କରାଯାଇଥିଲା।

## ଅପରାଧୀ ଗିରଫ ନେଇ ଭାଜପା ନେତ୍ରୀ ଅବଗତ ନାହାନ୍ତି: ବିଜେଡି

**ଭୁବନେଶ୍ୱର, ୭।୧(ବ୍ୟୁରୋ):** ଭାଜପା ଓଡ଼ିଶା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ବୋଧହୁଏ ଜାଣିନାହାନ୍ତି ମାହାଙ୍ଗା ହତ୍ୟା ଘଟଣାର ଅଭିଯୁକ୍ତମାନଙ୍କୁ ଅପରାଧର ୪୮ ଘଣ୍ଟା ମଧ୍ୟରେ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଅସ୍ତ୍ର ଦ୍ୱାରା ଆଘାତ କରିଥିବା ମୁଖ୍ୟ ଅଭିଯୁକ୍ତ ରହିଛନ୍ତି। ଭାଜପାର ଓଡ଼ିଶା ପ୍ରଭାରୀଙ୍କୁ ଜବାବ ଦେଇ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏହା କହିଛନ୍ତି। ସେ କହିଛନ୍ତ, ବିଜେଡି ସରକାର ହିଂସାକାଣ୍ଡ କ୍ଷେତ୍ରରେ ଜିରୋ ଟଲରାନ୍ସ ନୀତି ଗ୍ରହଣ କରିବା ସହିତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ। ଯାହାକୁ ଓଡ଼ିଶାବାସୀ ପସନ୍ଦ କରିବା ସହିତ ପଞ୍ଚମ ଥର ବିଜେଡି ହାତରେ ଶାସନ ଡୋରି ଧରାଇଛନ୍ତି। ହେଲେ ଭାଜପା ଓଡ଼ିଶା ପ୍ରଭାରୀ ଏ ସଂକ୍ରାନ୍ତରେ ଅବଗତ ନାହାନ୍ତି। ମାହାଙ୍ଗା ହତ୍ୟା ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ପୀଡ଼ିତଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ କରାଯିବ। ବିଜେଡି ସରକାର ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ପାତ୍ର କହିଛନ୍ତି।

## ବାହାର ରାଜ୍ୟର ୪୧ ଶ୍ରମିକ ଉଦ୍ଧାର

**କଳିଙ୍ଗନଗର,୭।୧(ଡି.ଏନ.ଏ.):** ଯାଜପୁର ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଗୁରୁବାର ଅନୁଗୋଳ-ସୁକିନ୍ଦା ରେଲୱେ ସାଇଡିଂରେ ଚଢ଼ାଉ କରାଯାଇ ୪୧ ରାଜ୍ୟ ବାହାରର ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶୁକ୍ରବାର ସେମାନଙ୍କୁ ସେମାନଙ୍କ ଘର ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ପଠାଯିବ। ସୂଚନା ମୁତାବକ, ଅକ୍ଟୋବରରେ ରେଲୱେ ଲାଇନ ନିର୍ମାଣ କାର୍ଯ୍ୟରେ ଶ୍ରମିକଭାବେ କାମ କରିବା ପାଇଁ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ରାଜ୍ୟରୁ ଉକ୍ତ ୪୧ ଶ୍ରମିକ ଆସିଥିଲେ। ଏନ. ନାଗରାଜ, ରମେୟା ଓ ରେଡ୍ଡି ନାମକ ଠିକା ସଂସ୍ଥା ଅଧୀନରେ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଶ୍ରମିକ ସୁକିନ୍ଦା କେନ୍ଦୁଡିପି ସାଇଡିଂ କାମରେ ନିୟୋଜିତ ଥିବାବେଳେ ୩୯ ଜଣ ଦାନଗଦୀ ବ୍ଲକ ବାଲିଆପାଳ ସାଇଡିଂରେ କାମ କରୁଥିଲେ। ତେବେ ୩ ମାସ ଧରି ସେମାନେ କାମ କରି ଆସୁଥିବାବେଳେ ସଂସ୍ଥା ପକ୍ଷରୁ ଶ୍ରମିକଙ୍କ ପିଏଫ୍ କିମ୍ବା ଇଏସ୍‌ଆଇ ଟଙ୍କା ଭରା ଯାଉ ନ ଥିଲା। ଏହାକୁ ନେଇ ଏକ ଏନ୍‌ଜିଓ ସଂସ୍ଥା ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ଦାନଗଦୀ ତହସିଲଦାର ନମ୍ରତା ମୋଦି, ଯାଜପୁର ଶ୍ରମ ବିଭାଗର ଡିଏଲ୍‌ଓ ସନ୍ତୋଷ କୁମାର ମହାନ୍ତି, ଏଏଲ୍‌ଓ ଚିତ୍ତରଞ୍ଜନ ରାଉତ, ଲେବର ଇନ୍ସପେକ୍ଟର ସଞ୍ଜିତ କୁମାର ଦେଓ, କଳିଙ୍ଗନଗର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ପ୍ରମୁଖ ଦୁଇଟି ସାଇଡିଂରେ ଚଢ଼ାଉ କରିଥିଲେ। ଉଦ୍ଧାର ଶ୍ରମିକଙ୍କୁ ଦାନଗଦିଠାରେ ରଖାଯାଇଛି ବୋଲି ଦାନଗଦୀ ତହସିଲଦାର ପ୍ରକାଶ କରିଛନ୍ତି।

# ଗୃହ ନିର୍ମାଣରେ ବଲାଙ୍ଗୀର ଜିଲା ଦ୍ୱିତୀୟ

**ବଲାଙ୍ଗୀର ଅଫିସ, ୭।୧**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)**



ବଲାଙ୍ଗୀର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିଆରି ହୋଇଥିବା ଘର।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଗୃହ ନିର୍ମାଣ କରିବାରେ ବଲାଙ୍ଗୀର ଜିଲା ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଗୁରୁବାର ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ ରାଜ୍ୟରେ ମୟୂରଭଞ୍ଜ ଜିଲା ପ୍ରଥମ ଓ ବଲାଙ୍ଗୀର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ମୟୂରଭଞ୍ଜ ଜିଲାରେ ୪୭,୫୭୩ ଓ ବଲାଙ୍ଗୀର ଜିଲାରେ ୨୭,୪୨୧ଟି ଘର ତିଆରି ସରିଛି। ତୃତୀୟ ସ୍ଥାନରେ ଥିବା ନବରଙ୍ଗପୁର ଜିଲାରେ ୧୯,୯୪୩, ଚତୁର୍ଥରେ ଥିବା କଳାହାଣ୍ଡି ଜିଲାରେ ୧୭,୩୩୨ଟି ଏବଂ ପଞ୍ଚମରେ ଥିବା ବାଲେଶ୍ୱର ଜିଲାରେ ୧୬,୩୬୩ଟି ଗୃହ ନିର୍ମାଣ ସରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ବଲାଙ୍ଗୀର ଜିଲାକୁ ୫୮,୩୯୩ଟି ଘର ତିଆରି ପାଇଁ ଟାର୍ଗେଟ୍ ଦିଆଯାଇଥିଲା। ଗୁରୁବାର ସୁଦ୍ଧା ଏହି ଯୋଜନାରେ ଜିଲାର ୧୪ଟି ବ୍ଲକରେ ୨୭,୪୨୧ଟି ଘର ତିଆରି ସମ୍ପୂର୍ଣ୍ଣ ହୋଇଛି। ଦାଦନ ପ୍ରବଣ ଜିଲା ଭାବେ ପରିଗଣିତ ବଲାଙ୍ଗୀର ଜିଲାର ହିତାଧିକାରୀଙ୍କୁ ଆବାସ ଯୋଜନାରେ ଠିକଣା ସମୟରେ ଘର ତିଆରି କରି ଦେବା ଜିଲା ପ୍ରଶାସନ ପାଇଁ ଏକ ବିଶେଷ ସଫଳତା ବୋଲି ବିବେଚନା କରାଯାଉଛି। ଏହି ଯୋଜନାରେ ୨୦୧୬-୧୭ରୁ ୨୦୨୦-୨୧ ବର୍ଷରେ ଏଯାବତ୍ ଜିଲାର ୧୪ଟି ବ୍ଲକରୁ ସର୍ବାଧିକ ୩୨୪୦ଟି ଘର ମୁରିବାହାଲ ବ୍ଲକରେ ତିଆରି ସରିଛି। ଟିଟିଲାଗଡ ବ୍ଲକରେ ୨୭୨୬, ସଇଁତଳା ୨୩୯୧, ବଙ୍ଗୋମୁଣ୍ଡା ୨୩୦୨, ବେଲପଡା ୨୧୨୩, ଖପ୍ରାଖୋଲ ୨୦୬୨, ଆଗଲପୁର ୨୦୨୩, ପାଟଣାଗଡ ୧୯୮୦, ଦେଓଗାଁ ୧୯୪୭, ପୁଇଁତଳା ୧୯୨୮, ତୁରେକେଲା ୧୩୯୭, ବଲାଙ୍ଗୀର ୧୩୭୬, ଲୋଇସିଂହା ୯୮୩ ଏବଂ ଗୁଡଭେଲା ବ୍ଲକରେ ୯୪୫ଟି ଘର ତିଆରି ସରିଛି। ଜିଲାର ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀ ଠିକଣା ସମୟରେ ଆବାସ ଯୋଜନାରେ କିଭଳି ସେମାନଙ୍କ ଘର ତିଆରି ସାରିପାରିବେ ସେନେଇ ଫୋକ୍‌ସ କରାଯାଉଛି ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।

# ପରେଡ୍‌ରେ ଯୋଗଦେବେ ୧୮ ସଶସ୍ତ୍ର ବାହିନୀ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

**ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି**

**ଭାଗ ନେବେନି ମହାବିଦ୍ୟାଳୟ, ସ୍କୁଲ ଛାତ୍ରୀଛାତ୍ର**

ଚଳିତବର୍ଷ ରାଜ୍ୟସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ୨୬ତାରିଖ ପୂର୍ବାହ୍ନ ସାଢ଼େ ୮ଟାରେ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। କୋଭିଡ୍-୧୯ ପରିପ୍ରେକ୍ଷୀରେ ଚଳିତଥର ଅପେକ୍ଷାକୃତ କମ୍ ଅତିଥି ଏବଂ ଅଧିକାରୀଙ୍କ ଉପସ୍ଥିତିରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପାଳନ କରାଯିବ। ସେହିପରି କାର୍ଯ୍ୟକ୍ରମରେ ସୀମିତ ସଂଖ୍ୟାରେ କୋଭିଡ୍ ଯୋଦ୍ଧା ଉପସ୍ଥିତ ରହିବେ। ଲୋକମାନେ ଟିଭି ତଥା ସାମାଜିକ ଗଣମାଧ୍ୟମରେ ଗଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିପାରିବେ। ଚଳିତ ସାଧାରଣତନ୍ତ୍ର ଦିବସରେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ମୋଟ ୧୮ଟି ସଶସ୍ତ୍ର ବାହିନୀ ପରେଡ୍‌ରେ ଅଂଶଗ୍ରହଣ କରିବେ। ବେସାମରିକ ବାହିନୀ, ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦୃଷ୍ଟିରୁ ପରେଡ୍‌ରେ ସାମିଲ କରାଯିବ ନାହିଁ। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଣ ସହ ପୂର୍ତ୍ତ ବିଭାଗ ପକ୍ଷରୁ ଲୋକସେବା ଭବନ, ଖାରବେଳ ଭବନ, କୃଷି ଭବନ, ବିଧାନସଭା କୋଠା, ଜୟଦେବ ଭବନ ଏବଂ କମିଶନରେଟ୍ ପୋଲିସ ଭବନକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରିବା ପାଇଁ ନିଷ୍ପତ୍ତି ହୋଇଛି। କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଫାଷ୍ଟଏଡ୍ ସୁବିଧା ଥାଇ ଆମ୍ବୁଲାନ୍ସ ଯୋଗାଇ ଦେବେ। କୋଭିଡ୍ କଟକଣା ଦୃଷ୍ଟିରୁ ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ଆଦିକୁ ସ୍ଥଗିତ ରଖିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି।




ନୂଆ କୃଷି ଆଇନ ଓ ଶ୍ରମ ବିରୋଧୀ ଲେବର କୋଡ୍ ବାତିଲ ସହ ଅନ୍ୟ କେତେକ ଦାବି ନେଇ ସିଟୁ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଏଡିଏମ୍ ଅଫିସ୍ ସମ୍ମୁଖରେ ଜେଲ୍ ଭରୋ ଆନ୍ଦୋଳନବେଳେ ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିନେଉଛି।

## ଚାଷୀ ପଞ୍ଜୀକରଣରେ ଅନିୟମିତତା: ୨ନିଲମ୍ବିତ, ୨ କାର୍ଯ୍ୟାନ୍ତର

**କେନ୍ଦୁଝର,୭।୧(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ ସଡ଼ା ସମବାୟ ସେବା ସମିତିରେ ଚାଷୀ ପଞ୍ଜୀକରଣରେ ଅନିୟମିତତା ହୋଇଥିବା ନେଇ ସମିତିର ସମ୍ପାଦକ ଦୀନବନ୍ଧୁ ଜେନା ଓ ସହ ସମ୍ପାଦକ ଶୁକଦେବ ରାଉତଙ୍କୁ ନିଲମ୍ବିତ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି। ସେହିପରି ଡାଟା ଏଣ୍ଟ୍ରି ଅପରେଟର ଅବିନାଶ ମଣ୍ଡଳ ଓ ଆଡ଼ମିନିଷ୍ଟ୍ରେଟର ଡାଟା ଏଣ୍ଟ୍ରି ଅପରେଟର ମନୋଜ କୁମାର ନାୟକଙ୍କୁ କାର୍ଯ୍ୟାନ୍ତର କରାଯାଇଥିବା ସୂଚନା ଦିଆଯାଇଛି। ଭାଗ ଚାଷୀ ପଞ୍ଜୀକରଣରେ ଅନିୟମିତତା ହୋଇଥିବା ଏକ ଉଚ୍ଚ ସ୍ତରୀୟ କମିଟି ଦ୍ୱାରା ତଦନ୍ତରେ ଧରା ପଡ଼ିଥିଲା। କମିଟି ରିପୋର୍ଟକୁ ଆଧାର କରି ଜିଲାପାଳ ଆଶୀଷ ଠାକରେ ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ।

# ଶୌଚାଳୟରେ ସନ୍ତାନ ପ୍ରସବ

**ଭୁବନ, ୭।୧(ଡି.ଏନ.ଏ.)**

**ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା**

ପ୍ରତିଶ୍ରୁତି ଦେଲେ। ଶାରୀରିକ ସମ୍ପର୍କ ରଖିଲେ। ହେଲେ ବିବାହ କରିବା ବେଳକୁ ମୁହଁ ଫେରାଇନେଲେ ଧୋକାବାଜ ପ୍ରେମିକ, ଯାହାର ଫଳ ଭୋଗୁଛନ୍ତି ଜଣେ ଯୁବତୀ। ଅବିବାହିତ ଥାଇ ପୁତ୍ର ସନ୍ତାନ ଜନ୍ମ ଦେଇଥିବାରୁ ତାଙ୍କ ମୁଣ୍ଡରେ ଲଦିହୋଇଛି କୁଆଁରୀ ମା'ର କଳଙ୍କ। ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ଗୁରୁବାର ଘଟିଥିବା ଏଭଳି ଏକ ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା। ପୀଡ଼ିତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ୨୫ ବର୍ଷୀୟା ଯୁବତୀଙ୍କ ସହ ଗ୍ରାମର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରେମିକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଫଳସ୍ୱରୂପ ସେ ଗର୍ଭବତୀ ହୋଇଯାଇଥିଲେ। ବୁଧବାର ରାତିରେ ଗର୍ଭଯନ୍ତ୍ରଣା ହେବାରୁ ପୀଡ଼ିତା ଗ୍ରାମର ସ୍କୁଲ ଘର ଶୌଚାଳୟରେ ସନ୍ତାନ ପ୍ରସବ କରିଥିଲେ। ହେଲେ ଲୋକଲଜ୍ଜା ଭୟରେ ସେଠାରେ ଶିଶୁକୁ ଛାଡ଼ି ପଳାଇ ଆସିଥିଲେ। ଗୁରୁବାର ସକାଳୁ କାନ୍ଦଣା ଶୁଣି ଗ୍ରାମବାସୀ ନବଜାତକଙ୍କୁ ଉଦ୍ଧାର କରିଥିଲେ। ଏହାପରେ ମା' ଏବଂ ଶିଶୁଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯୁବତୀଙ୍କ ମା'ବାପାଙ୍କ ମୃତ୍ୟୁ ହୋଇଯାଇଛି। ସେ ଦାଦାଙ୍କ ଘରେ ରହୁଥିଲେ। ତେବେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଯୁବକଙ୍କ ନାମରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇନାହିଁ।

# ୧୧ରୁ ଖୋଲିବ ସଂସ୍କୃତି ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

**ଅନୁବନ୍ଧିତ ଶିକ୍ଷାନୁଷ୍ଠାନ ଖୋଲିବାକୁ ନିର୍ଦ୍ଦେଶ**

**କ୍ଲାସ୍‌ରୁମ୍ ପାଠପଢ଼ା ଲାଗି ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ**

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଏହା ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସ୍ନାତକ କଲେଜ ଆସନ୍ତା ୧୧ ତାରିଖରୁ ଖୋଲିବ। ଏନେଇ ଗୁରୁବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବା ସହ କ୍ଲାସ୍‌ରୁମ୍ ପାଠପଢ଼ା ଲାଗି ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟ ଓ କଲେଜ ଖୋଲିବା ପରେ ନିୟମିତ ପାଠପଢ଼ା ହେବ। କୋଭିଡ୍ ସମୟରେ ଅନ୍‌ଲାଇନରେ ପାଠପଢ଼ା ହୋଇଥିଲେ ମଧ୍ୟ ତାହାକୁ ପୁଣିଥରେ କ୍ଲାସ୍‌ରୁମ୍‌ରେ ପଢ଼ାଯିବ। ୟୁଜିର ୭ମ ଓ ପିଜି ୩ୟ ସେମିଷ୍ଟର ଛାତ୍ରୀଛାତ୍ରଙ୍କ କ୍ଲାସରୁମ୍ ପାଠପଢ଼ା ଜାନୁୟାରୀ ୧୧ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଚାଲିବ। ପାଠ୍ୟକ୍ରମର ସମସ୍ତ ଚାପ୍ଟରକୁ ଇତିମଧ୍ୟରେ ଶେଷ କରାଯିବ। ସେହିଭଳି ଯଥାସମ୍ଭବ କ୍ଲାସରୁମ୍ ପାଠପଢ଼ାର ରେକର୍ଡିଂ କରାଯାଇ ତାହାକୁ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ମାର୍ଚ୍ଚ ୧୬ରୁ ୩୧ ମଧ୍ୟରେ ପରୀକ୍ଷା ହେବ ଓ ଏପ୍ରିଲ ୩୦ ସୁଦ୍ଧା ଫଳ ପ୍ରକାଶ ପାଇବ। ସେହିଭଳି ୟୁଜି ୮ମ ଓ ପିଜି ୪ର୍ଥ ସେମିଷ୍ଟର ପାଠପଢ଼ା ଏପ୍ରିଲ ୨ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୧୬ରୁ ୩୦ ମଧ୍ୟରେ ପରୀକ୍ଷା ହେବ ଏବଂ ଜୁଲାଇ ୧୫ ସୁଦ୍ଧା ଫଳ ବାହାରିବ।

୨୦୨୦ ଜୁନ୍ ୧୯ରେ ଜାରି ଗାଇଡ୍‌ଲାଇନ୍ ଅନୁଯାୟୀ ୨୫% ସିଲାବସ୍ ଛାତ୍ରୀଛାତ୍ର ନିଜେ ପଢି ସାରିବେ। ପରୀକ୍ଷା ସମୟ, ରବିବାର, ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା, ଓଡ଼ିଶା ଦିବସ ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ କ୍ଲାସ୍‌ରୁମ୍ ପାଠପଢ଼ା ହେବ। ପୂର୍ବରୁ ଜାରି ଛୁଟି ତାଲିକା ବାତିଲ୍ ହେବ। ୟୁଜି, ପିଜି ବ୍ୟତୀତ ଜାନୁୟାରୀ ୧୧ରୁ ପିଏଚ୍.ଡି., ଏମ୍.ଫିଲ୍. ଓ ରିସର୍ଚ୍ଚ ସ୍କଲାରଙ୍କ ପାଠପଢ଼ା କ୍ଲାସ୍‌ରୁମ୍‌ରେ ହେବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କହିଛନ୍ତି।

ଅନ୍ୟପକ୍ଷରେ ୟୁଜି, ପିଜି ଛାତ୍ରୀଛାତ୍ରଙ୍କ ସମେତ ପିଏଚ୍.ଡି., ଏମ୍.ଫିଲ୍., ରିସର୍ଚ୍ଚ ସ୍କଲାରଙ୍କ ପାଇଁ ହଷ୍ଟେଲ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଜାନୁୟାରୀ ୧୧ରୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠପଢ଼ା ହେବାକୁ ଥିବାରୁ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଜାନୁୟାରୀ ୧୦ରୁ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ହଷ୍ଟେଲ ଖୋଲିବ।

# ବିଜେଡି ଯାଜପୁର ଜିଲା କମିଟି ପୁନର୍ଗଠିତ

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ବିଜୁ ଜନତା ଦଳର ଯାଜପୁର ସାଙ୍ଗଠନିକ ଜିଲା କମିଟି ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଗଠନ କରାଯାଇଥିବା ଏହି କମିଟିରେ ଜଣେ ସେକ୍ରେଟାରି ଜେନେରାଲ (ମହାସଚିବ), ୨୩ ଉପସଭାପତି, ୨୪ ସାଧାରଣ ସମ୍ପାଦକ ଓ ୩୭ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି। ଯାଜପୁର ଜିଲା କମିଟିର ସେକ୍ରେଟାରି ଜେନେରାଲ ଭାବେ ପ୍ରିୟନାଥ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଉପସଭାପତି ଭାବେ ତ୍ରିଲୋଚନ ଦାଶ, ସାରଦା ମହାନ୍ତି, ପ୍ରଦୀପ ମହାନ୍ତି, ଜୟନ୍ତ ନାୟକ, ପ୍ରକାଶ ତ୍ରିପାଠୀ, ପର୍ଶୁରାମ ରାଉତ, ଉମାକାନ୍ତ ପରିଡା, ପ୍ରମୋଦ ସାମଲ, ଆର୍ତ୍ତବନ୍ଧୁ ସାମଲ, ବେଣୁଧର ଦାସ, ନରୋତ୍ତମ ସାହୁ, ସରୋଜିନୀ ବଳ, ଗଣେଶ ଚନ୍ଦ୍ର ସାହୁ, ପବିତ୍ର ମୋହନ ମହାପାତ୍ର, ଧରଣୀଧର ଧୀର, ବିଦ୍ୟାଧର ପାତ୍ର, ମହେଶ୍ୱର ଗୁରୁ, ଧବଳେଶ୍ୱର ପ୍ରଧାନ, ସୁଲେଖା ନାୟକ, ଲିୟାକତ ଅଲ୍ଲୀଖାନ, କାମଦେବ ଧଳ, ଅମର ମହାନ୍ତି ଓ ସୁବାସ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ସାଧାରଣ ସମ୍ପାଦକ ଭାବେ ସୁବୋଧ ଜେନା, ବିଷ୍ଣୁ ଚରଣ ମହାପାତ୍ର, ଚିତ୍ତ ରଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର ଦାସ, ପ୍ରକାଶ ସାମଲ, ଅନନ୍ତ ଚରଣ ପାତ୍ର, ଗଣେଶ ଚନ୍ଦ୍ର ମହାକୁଲ, ପ୍ରଦୀପ କୁମାର ଦାସ, ନୃସିଂହ ଚରଣ ସ୍ୱାଇଁ, ସୌମେନ୍ଦ୍ର ରାଉତ, ଅଭୟ କୁମାର ମହାନ୍ତି, ରାଜେନ୍ଦ୍ର ରାଉତରାୟ, ଦୁଦାନ ସିଂ ଜାମୁଡା, ରଞ୍ଜିତ ବେହୁରା, ପ୍ରବୀର ସାମଲ, ମିହିର ପ୍ରତାପ ଦାସ, ରୁଦ୍ର ପ୍ରସାଦ ବଳସାମନ୍ତ, ଚନ୍ଦ୍ରଶେଖର ସ୍ୱାଇଁ, ଅମିୟ ପରିଡା, ବିକାଶ ବେହେରା, ମୁକ୍ତିକାନ୍ତ ସାମଲ, ଦର୍ପନାରାୟଣ ଦାସ, ଗଦାଧର ସାହୁ ଏବଂ ସୁମାନସ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ୩୭ ଜଣ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି।

# ବଳାତ୍କାର ପାଇଁ ହତ୍ୟା, ଜଣେ ଗିରଫ

**ଜଙ୍ଗଲରୁ ମୃତଦେହ ଜବତ ଘଟଣା**

**ବାଳସୁଧାର ଗୃହ ଗଲେ ନାବାଳକ**

**କେନ୍ଦୁଝର,୭।୧(ସ୍ୱ.ପ୍ର.):** କେନ୍ଦୁଝର ସଦର ଥାନା କେନ୍ଦୁଆ ଗ୍ରାମ ଜଙ୍ଗଲରୁ ସୋମବାର ପୋଲିସ ଜଣେ ଯୁବକଙ୍କ ଉଲଗ୍ନ ମୃତଦେହ ଜବତ କରିଥିଲା। ମୃତ ଯୁବକ ହେଲେ ମନୋଜ ପାତ୍ର। ତାଙ୍କ ଘର କେରୀ ଗ୍ରାମରେ। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ପୋଲିସ ଏକ ମାମଲା (ନଂ.୯/୨୧) ରୁଜୁ ସହ ତଦନ୍ତ ଆରମ୍ଭ ଜାରି ରଖିଥିଲା। ଗୁରୁବାର ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ମନୋଜଙ୍କ ସମ୍ପର୍କୀୟ ଜନୈକା ଯୁବତୀଙ୍କୁ ବଳାତ୍କାର ଉଦ୍ୟମରେ ବିଫଳ ହୋଇ ଦୁଇଜଣ ତାଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ନାବାଳକଙ୍କୁ ଜୁଭେନାଇଲ ସେଲଟର ହୋମକୁ ପଠାଯାଇଥିବା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ କମାଣ୍ଡର ମହାନ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ରବିବାର ମୃତ ମନୋଜଙ୍କ ସହ ଅଭିଯୁକ୍ତ ଦ୍ୱୟ ବେଲଦା ହାଟକୁ ଯାଇ ହାଣ୍ଡିଆ ପିଇଥିଲେ। ସେଠାରେ ମନୋଜଙ୍କ ଚିହ୍ନା ଜଣେ ଯୁବତୀଙ୍କ ସହ ସେମାନଙ୍କର ଭେଟ ହୋଇଥିଲା। ସେମାନେ ଯୁବତୀଙ୍କୁ ସ୍ଥାନୀୟ ଜଙ୍ଗଲକୁ ନେଇଯାଇଥିଲେ। ଗାଡ଼ି ପାଖରେ ଦୁଇ ଜଣଙ୍କୁ ଅପେକ୍ଷା କରିବାକୁ କହି ମନୋଜ ଯୁବତୀଙ୍କୁ ଧରି ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଅପେକ୍ଷା କରିଥିବା ଦୁଇ ଜଣ ଖୋଜିବାକୁ ଜଙ୍ଗଲ ଭିତରେ ଯାଇ ମନୋଜ ଓ ଉକ୍ତ ଯୁବତୀଙ୍କୁ ଅସଂଯତ ଅବସ୍ଥାରେ ଦେଖିଥିଲେ। ସମ୍ପୃକ୍ତ ଦୁଇ ଜଣ ଉକ୍ତ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମନୋଜ ଏହାକୁ ବିରୋଧ କରିବା ସହ ଯୁବତୀଙ୍କୁ ଗାଡ଼ିରେ ଘରକୁ ପଠାଇ ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ମନୋଜଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ଜେରା ବେଳେ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି। ମନୋଜଙ୍କ ଉଲଗ୍ନ ମୃତଦେହକୁ ଘୋଷାଡ଼ି ଘୋଷାଡ଼ି ନେଇ ଯାଉଥିବା ବେଳେ ସାଇକେଲରେ କେହି ଆସୁଥିବାର ଶବ୍ଦ ଶୁଣି ଉକ୍ତ ସ୍ଥାନରେ ମୃତଦେହକୁ ଛାଡି ଉଭୟ ପଳାଇଥିଲେ ବୋଲି ଉଭୟ ପୋଲିସ ଆଗରେ କହିଛନ୍ତି।

# ଆଲୁମିନିୟମ ମେଲ୍ଟିଂ ପ୍ଲାଣ୍ଟ ସିଲ୍

**ବିଷମକଟକ ୭।୧**

**ଆଲୁମିନିୟମ ତାର ଚୋରି ର୍ୟାକେଟ ଠାବ**

**ଚୋରି ତାର ତରଳାଇ ପ୍ଲେଟ୍ କରାଯାଉଥିଲା**

**କମ୍ପାନୀ ମାଲିକ ସମେତ ୫ ଗିରଫ**



ଜବତ ଆଲୁମିନିୟମ୍ ପ୍ଲେଟ୍ ଏବଂ ଗିରଫ ଅଭିଯୁକ୍ତମାନେ।

ରାୟଗଡ଼ା ଜିଲା ବିଷମକଟକ ପୋଲିସ ଗୁରୁବାର ଏକ ଆଲୁମିନିୟମ ତାର ଚୋରି ର୍ୟାକେଟ୍ ଠାବ କରିଛି। ଏହି ଘଟଣାରେ ବିପୁଳ ପରିମାଣରେ ଆଲୁମିନିୟମ୍ ତାର ଜବତ କରାଯିବା ସହ ରାୟଗଡ଼ାର ପ୍ରସାଦ ମେଲ୍ଟିଂ ପ୍ଲାଣ୍ଟ ସିଲ୍ କରାଯାଇଛି।

ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଦିନ୍‌ଦୟାଲ ଗ୍ରାମୀଣ ବିଦ୍ୟୁତ୍ ସେବା ଯୋଜନାରେ ଗ୍ରାମାଞ୍ଚଳରେ ମାଗଣା ବିଦ୍ୟୁତ୍ ସେବା ଯୋଗାଇଦେବା ନିମନ୍ତେ ବିଷମକଟକ କୁମ୍ଭାର ଧାମୁଣିଠାରୁ ବଡ଼ ଖିଲାପଦର ପର୍ଯ୍ୟନ୍ତ ୧୧କେ.ଭି. ତାର ବିଛା କାର୍ଯ୍ୟ ଚାଲିଛି। ଏହି କାମକୁ ହ୍ୟାପି ଟେକ୍ନୋ ଇଞ୍ଜିନିୟରିଂ ଏବଂ ମନି ଇଞ୍ଜିନିୟରିଂ କମ୍ପାନୀ ମିଳିତ ଭାବେ କରିଆସୁଛନ୍ତି। ହେଲେ ଅଞ୍ଚଳରୁ କ୍ରମାଗତ ଭାବେ ଆଲୁମିନିୟମ୍ ତାର ଚୋରି ହେଉଥିବା ନେଇ କମ୍ପାନୀ ପକ୍ଷରୁ ହର୍ଷବର୍ଦ୍ଧନ ସୁବ୍ରମଣ୍ୟମ୍ ବିଷମକଟକ ଥାନାରେ ୫ତାରିଖରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ରାୟଗଡ଼ାସ୍ଥିତ ପ୍ରସାଦ ମେଲ୍ଟିଂ ପ୍ଲାଣ୍ଟ ଉପରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ସେଠାରେ ଚୋରି ଆଲୁମିନିୟମ୍ ତାରଗୁଡ଼ିକୁ ତରଳାଇ ପ୍ଲେଟ୍ କରାଯାଉଥିବା ଜଣାପଡ଼ିଥିଲା। ଏହି ମାମଲାରେ ପ୍ରସାଦ ମେଲ୍ଟିଂ ପ୍ଲାଣ୍ଟର ମାଲିକ ବି. ଲବରାଜୁ ଏବଂ ସହଯୋଗୀ ଦେବାଶିଷ ଲିମା, ମନୋଜ କୁମାର ସୁବୁଦ୍ଧି, କୁନୁ ନାୟକ, ଗିରୀଶ ଚୌଧୁରୀଙ୍କୁ ଗିରଫ କରାଯିବା ସହ କମ୍ପାନୀ ସିଲ୍ କରାଯାଇଛି। ସେହିପରି ପୋଲିସ ୩ଟନ୍ ୯କୁଇଣ୍ଟାଲ ୪୩ କେ.ଜି. ଆଲୁମିନିୟମ ତାର ଏବଂ ୪୩୯ଟି ଆଲୁମିନିୟମ୍ ପ୍ଲେଟ୍ ଜବତ କରିବା ସହ ଚୋରା ତାର ପରିବହନ ନିମନ୍ତେ ବ୍ୟବହୃତ ଏକ ଅଟୋରିକ୍ସା ମଧ୍ୟ ଜବତ କରିଛି। ଏହା ବ୍ୟତୀତ ଅନେକ ଆଲୁମିନିୟମ୍ ପ୍ଲେଟ୍ ଉତ୍ତପ୍ତ ଅବସ୍ଥାରେ ରହିଥିବାରୁ ତାହା ଜବତ କରିବା ସମ୍ଭବ ହୋଇପାରି ନ ଥିବା ଥାନାଧିକାରୀ ଯଶଓ୍ୱନ୍ତ ହିଆଲ ସୂଚନା ଦେଇଛନ୍ତି। ବିଷମକଟକ ଥାନା ଏସ୍‌ଆଇ ମଧୁସୂଦନ ଶର୍ମାଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ଗଠନ କରାଯାଇ ଥେରୁବାଲି ଏବଂ ରାୟଗଡ଼ାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ଏହି ଆଲୁମିନିୟମ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। କମ୍ପାନୀର ୩୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା କମ୍ପାନୀ ପକ୍ଷରୁ ଅଭିଯୋଗ ହୋଇଥିଲା। ବଳକା ସାମଗ୍ରୀ ପରେ ଜବତ କରାଯିବ ବୋଲି ସୂଚନା ମିଳିଛି।

# ପୁମାସକୁ ହରାଇଲା ଲାୟନ୍ସ

**ଭୁବନେଶ୍ୱର, ୭।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ଗୁରୁବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ପୁମାସକୁ ୬ ଉଇକେଟରେ ପରାସ୍ତ କରିଛି ଓଡ଼ିଶା ଲାୟନ୍ସ। ଲୋ ସ୍କୋରିଂବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପୁମାସ ୮୬ ରନରେ ସୀମିତ ରହିଥିବାବେଳେ ଲାୟନ୍ସ

**ଓଡ଼ିଶା ଟି୨୦ ଲିଗ୍**

୧୭.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁମାସ ଆଶ୍ଚର୍ଯ୍ୟଜନକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୯ ଉଇକେଟ ହରାଇ ୮୬ ରନ କରିଥିଲା। କୌଣସି ବ୍ୟାଟ୍ସମ୍ୟାନ ୨୦ ସ୍ପର୍ଶ କରିପାରି ନ ଥିଲେ। ସୌଭାଗ୍ୟ ମହାନ୍ତି ସର୍ବାଧିକ ୧୯ ରନ କରିଥିବାବେଳେ ବିପକ୍ଷ ଦଳର ଦୀପକ ରଞ୍ଜନ ବେହେରା ୩ଟି, ଶିବାଶିଷ ସାହୁ ଓ ନଉତ୍ତମ ଭଞ୍ଜ ୨ଟି ଲେଖାଏ ଏବଂ ଆଲୋକ ମଙ୍ଗରାଜ ଗୋଟିଏ ଉଇକେଟ ନେଇଥିଲେ। ଲକ୍ଷ୍ୟ ବଡ଼ ନ ଥିବାରୁ ଲାୟନ୍ସ ପାଇଁ ବିଜୟ ସହଜ ହୋଇଥିଲା। ୧୧ଟି ବଲ୍ ଏବଂ ୬ ଉଇକେଟ ସୁରକ୍ଷିତ ଥାଇ ଦଳ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିଲା। ସ୍ୱସ୍ତିକ ସାମଲ ସର୍ବାଧିକ ୨୮ ଓ ରାକେଶ ପଟ୍ଟନାୟକ ୨୧ ରନ ସ୍କୋର କରିଥିଲେ। ପୁମାସର ଟୁକୁନା ସାହୁ ୨ଟି ଓ ଧିରାଜ ସିଂ ଗୋଟିଏ ଉଇକେଟ ନେଇଥିଲେ। ବିଜୟୀ ଦଳର ଶିବାଶିଷ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ପ୍ରଭାତ ଭୋଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ୮ ମ୍ୟାଚରୁ ଲାୟନ୍ସର ଏହା ୪ର୍ଥ ବିଜୟ। ୧୬ ପଏଣ୍ଟ ସହ ଏହି ଦଳ ଟେବୁଲର ତୃତୀୟ ସ୍ଥାନରେ ଥିବାବେଳେ ପୁମାସ ୮ ମ୍ୟାଚରୁ ୩ୟ ପରାଜୟ ବରଣ କରିଥିଲେ ହେଁ ୨୦ ପଏଣ୍ଟରେ ସହ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।



ମାନ୍ ଅଫ୍ ଦି ମ୍ୟାଚ୍ ଶିବାଶିଷ ସାହୁ।

## ଓଡ଼ିଶା ଟାଇଗର୍ସ ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର,୭।୧(କ୍ରୀଡ଼ା ପ୍ରତିନିଧି):** ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚଟି ମଧ୍ୟ ଲୋ ସ୍କୋରିଂ ବିଶିଷ୍ଟ ହୋଇଥିଲା। ଏଥିରେ ଓଡ଼ିଶା ଟାଇଗର୍ସ ୧୦ ଉଇକେଟରେ ଜାଗୁଆର୍ସକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଗୁଆର୍ସ ଟପ୍ ଏବଂ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୨୦ ଓଭରରେ ୬ ଉଇକେଟ ହରାଇ ମାତ୍ର ୭୬ ରନ ସଂଗ୍ରହ କରିଥିଲା। ପ୍ରଥମ ୫ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିବାବେଳେ ସୁନୀଲ ସାହୁ ସର୍ବାଧିକ ୩୦ (୨୧ ବଲ, ୩ ଚୌକା, ୧ ଛକା) ଓ ଲଗ୍ନଜିତ ସାମଲ ୨୬ ରନରେ ଅପରାଜିତ ରହିଥିଲେ। ବିପକ୍ଷ ଦଳର ବି. ଶିବା ଚମତ୍କାର ବୋଲିଂ କରି ୪ ଓଭରରେ ୩ ମେଡେନ ନେବା ସହ ମାତ୍ର ୧ ରନ ଦେଇ ୪ଟି ଉଇକେଟ ନେଇଥିଲେ। ହର୍ଷିତ ରାଠୋର ଗୋଟିଏ ଉଇକେଟ ପାଇଥିଲେ। ୭୭ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ଟାଇଗର୍ସ କୌଣସି ଉଇକେଟ ନ ହରାଇ ୧୨.୫ ଓଭରରେ ୮୦ ରନ ସଂଗ୍ରହ କରି ନେଇଥିଲା। ରୂପକ ପ୍ରଧାନ ୪୮ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୫୯ ଓ ଦେବାଶିଷ ସାମନ୍ତରାୟ ୨୯ ବଲ୍‌ରୁ ୧୮(୨ ଚୌକା) ରନରେ ଅପରାଜିତ ରହିଥିଲେ। ଶିବାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଟାଇଗର୍ସ ୮ ମ୍ୟାଚରୁ ୪ର୍ଥ ବିଜୟ ସହ ୧୬ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଜାଗୁଆର୍ସ ୮ ମ୍ୟାଚରୁ ୭ମ ପରାଜୟ ବରଣ କରିଛି।

# ରୋହିତ ମେମୋରିଆଲ ପ୍ରାଚୀ କପ୍ କ୍ରିକେଟ

**ନିଆଳି ୭।୧ (ଡିଏନଏ):** ନିଆଳି ହାଇସ୍କୁଲ ପଡିଆରେ ରୋହିତ୍ ମେମୋରିଆଲ୍ ୧୮ତମ ପ୍ରାଚୀ କପ କ୍ରିକେଟ ଟୁର୍ନାମେଣ୍ଟ ମା' କୁତାମଚଣ୍ଡୀ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆରମ୍ଭ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ସିଂ ଓ ଛାତ୍ର ବିଜେଡି ରାଜ୍ୟ ସମ୍ପାଦିକା ସିମ୍‌ରନ୍ ସିଂ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜଗତ୍‌ସିଂହପୁର ଆମ୍ବେଡକର କ୍ରିକେଟ ଦଳକୁ ନଡିଆଗୁରୁଡି କ୍ରିକେଟ କ୍ଲବ ହରାଇଦେଇଥିଲା। ଗୁରୁବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ପିସିସି ବାହାରଣା ଓ ଏମ୍‌ଏସିଏ କାକଟପୁର କ୍ରିକେଟ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପିସିସି ବାହାରଣା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ୯ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ଦଳ ପକ୍ଷରୁ ହିମାଂଶୁ ଦାସ ୪୧ ଓ ଦିବ୍ୟଜ୍ୟୋତି ନାୟକ ୪୦ ରନ୍ କରିଥିଲେ। ଜବାବରେ ଏମ୍‌ସିଏ କାକଟପୁର ଦଳ ୧୫.୧ ଓଭରରେ ୬ ଉଇକେଟ ବିନିମୟରେ ୧୩୬ ରନ୍ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ଉତ୍ତମ ମହାନ୍ତି ୫୬ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ଅଭୟ ମଲ୍ଲିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଚିନ୍ମୟ ପରିଡ଼ା ଓ ରାଜେନ୍ଦ୍ର ମଣ୍ଡଳ ଖେଳପରିଚାଳନା କରିଥିଲେ। ଶୁକ୍ରବାର ମ୍ୟାଚ ମା' କୁତାମଚଣ୍ଡୀ କ୍ରିକେଟ ଆସୋସିଏଶନ ଓ ଦେବୀ–କନ୍ଦଳ ଦ୍ୱୀପାଞ୍ଚଳର ସୁଧାନଗର କ୍ରିକେଟ ଟିମ୍ ମଧ୍ୟରେ ହେବ।

**DISTRICT RURAL DEVELOPMENT AGENCY, JHARSUGUDA**
**TENDER CALL NOTICE**

**No. 69** **Dated 07.01.2021**

The Project Director, DRDA, Jharsguda invites percentage rate basis tender for improvement of Govt. and Aided High Schools into Model High Schools in Jharsuguda, Kolabira and Laikera Blocks of Jharsuguda district. The cost ranges from 35 lakhs to 50 lakhs per project of 26 Nos. of Projects. The sale and receipt of bid documents starts from **Dt.08.01.2021 to Dt.29.01.2021 upto 4 P.M.** on all working days in the Office of the PD, DRDA, Jharsuguda. The bid will be opened on **Dt.01.02.2021 at 11.00 A.M.** Intending Class - A or Class - B or Class - C contractors may visit district website of Jharsuguda **www.jharsuguda.nic.in** for detail information.

**By order of Collector**
**Sd./- Project Director, DRDA, Jharsuguda**

# ଭାରତୀୟ ରାଇଡର ସନ୍ତୋଷ ଗୁରୁତର

**ନୂଆଦିଲ୍ଲୀ, ୭।୧ (ପି.ଟି.):** ସୌଦି ଆରବରେ ଚାଲିଥିବା ଡାକାର ରାଲିରେ ଏକ ଦୁର୍ଘଟଣାରେ ଭାରତର ବିଶିଷ୍ଟ ମୋଟରସାଇକେଲ ରେସର ସି.ଏସ୍. ସନ୍ତୋଷ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବିମାନଯୋଗେ ରିୟାଦସ୍ଥିତ ଏକ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମେଡିକାଲି ଇଣ୍ଡ୍ୟୁସ୍‌ଡ କୋମାରେ ରଖାଯାଇଛି। ବିଶ୍ୱର ଏହି ଅନ୍ୟତମ ବୃହତ୍ ରାଲିରେ ୩୭ବର୍ଷୀୟ ସନ୍ତୋଷ ହିରୋ ମୋଟୋ ସ୍ପୋର୍ଟ୍ସ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ବୁଧବାର ଦୁର୍ଘଟଣାପରେ ତାଙ୍କୁ ୪୨ ଘଣ୍ଟିଆ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣାସ୍ଥଳରେ ପାରାମେଡିକ୍ସମାନେ ପହଞ୍ଚିବାବେଳେ ସନ୍ତୋଷଙ୍କର କିନ୍ତୁ ଚେତା ରହିଥିଲା। ଗତବର୍ଷ ଏହି ଷ୍ଟେଜ୍‌ରେ ଏକ ଦୁର୍ଘଟଣାରେ ହିରୋ ମୋଟୋ ସ୍ପୋର୍ଟ ରାଇଡର ପାଉଲୋ ଗନକ୍ଲେଭ୍ସଙ୍କ ମୃତ୍ୟୁ ଘଟିଥିଲା। ଫଳରେ ହିରୋ ମୋଟୋ ସ୍ପୋର୍ଟ୍ସ ରେସ୍‌ରୁ ଓହରି ଯାଇଥିଲା।



ସି.ଏସ୍. ସନ୍ତୋଷ

ବିଶ୍ୱର ଏହି ସବୁଠାରୁ କଠିନ ଅଫ୍–ରୋଡ୍ ମୋଟର ସ୍ପୋର୍ଟ୍ସ ଇଭେଣ୍ଟରେ ସନ୍ତୋଷଙ୍କର ଏହାଥିଲା ୭ମ ପ୍ରଚେଷ୍ଟା। ୨୦୧୫ରେ ସେ ପ୍ରଥମ ଭାରତୀୟ ଭାବେ ରେସ୍‌ରେ

**ଡାକାର ରାଲି**

ଭାଗ ନେଇଥିଲେ। ୨୦୧୩ ଆବୁଧାବି ଡେଜର୍ଟ ଚ୍ୟାଲେଞ୍ଜ ବେଳେ ସନ୍ତୋଷଙ୍କର ମଧ୍ୟ ଦୁର୍ଘଟଣା ଘଟିଥିଲା। ତାଙ୍କ ସୁଜୁକି ଏମ୍‌ଏକ୍ସ୪୫୦ଏକ୍ସରେ ନିଆଁ ଲାଗି ଯାଇଥିବାରୁ ତାଙ୍କ ବେକର କିଛି ଅଂଶ ଜଳିଯାଇଥିଲା। ଚଳିତ ମାସ ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ମୋଟ ୭୬୪୬ କି.ମି.ବିଶିଷ୍ଟ ଡାକାର ରାଲିକୁ ୧୨ଟି ଷ୍ଟେଜ୍‌ରେ ବିଭକ୍ତ କରାଯାଇଛି। ରାଲିର ଚତୁର୍ଥ ଷ୍ଟେଜ୍‌ରେ ପ୍ରତିଯୋଗୀମାନଙ୍କ ସବୁଠାରୁ ଅଧିକ ପଥ ଅର୍ଥାତ୍ ୮୧୩ କି.ମି. କଭର କରିବାକୁ ହେବ।

# ଦିବାରାତ୍ର ଭଲିବଲ: ନରେନ୍ଦ୍ରପୁର ଚାମ୍ପିୟନ

**ପଟ୍ଟାମୁଣ୍ଡାଇ,୭।୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ତନୁପୁର ନବଜ୍ୟୋତି କ୍ଲବ ପକ୍ଷରୁ ବୁଧବାର ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୮ଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ନରେନ୍ଦ୍ରପୁର ପନ୍ଦରଶିଳା ଭଲିବଲ ଦଳ ସହ ଚାନ୍ଦବାଲି ଭଲିବଲ ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚରେ ନରେନ୍ଦ୍ରପୁର ଦଳ ଚାନ୍ଦବାଲି ଦଳକୁ ୨–୦ ସେଟରେ ହରାଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଭଲିବଲ କୋଚ ସଞ୍ଜୟ ଦାସ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିବା ସହ ଚାନ୍ଦବାଲି ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ସାହୁ, କିଶୋର ଜେନା, ମନୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ମଦନପୁର, ତନୁପୁର, ବାଲିପଡା, ପଟ୍ଟାମୁଣ୍ଡାଇ, ମାଳପାଟଣା, କଳଦିଆ ପ୍ରମୁଖ ଦଳଗୁଡିକ ଯୋଗ ଦେଇଥିଲେ। ଭୋଳାନାଥ ନାୟକ, ଶ୍ରୀଧର ରାଉତ, ମୃତ୍ୟୁଞ୍ଜୟ ପାତ୍ର, ଗୋବିନ୍ଦ ପରିଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ସତ୍ୟପୀର କାଇପଦର ଟିମ୍ ଫାଇନାଲରେ


ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

**ଭାପୁର,୭।୧(ଡି.ଏନ୍.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ୍ ଫତେଗଡ ଗ୍ରାମର ଯୁବକ ସଂଘ ତରଫରୁ ନାଲିସାଗର ଖେଳ ପଡିଆଠାରେ ଚାଲିଥିବା ଏକାଦଶ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧାର କଳିଙ୍ଗ ଟାଇଗର ଟିମ୍‌କୁ ହରାଇ ସତ୍ୟପୀର କାଇପଦର ଟିମ୍ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୫ ଓଭରରେ ୮ଉଇକେଟ ହରାଇ ୧୭୩ ରନ କରିଥିଲା। ଜବାବରେ ଖୋର୍ଦ୍ଧା ଟିମ୍ ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ ରନ କରିଥିଲା। ୩୦ ରନରେ ବିଜୟୀ ହୋଇଥିବା କାଇପଦର ଦଳର ଏମ୍ ବି. ଆକ୍ରାମ ୩୯ ବଲରେ ୪୬ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଦ୍ୱିଜେନ୍ଦୁ ଘୋଷ।

**GOVERNMENT OF ODISHA**
**FOREST & ENVIRONMENT DEPARTMENT**

**No. FE-DIV-FLD-0017-2020-20164/F&E, Bhubaneswar, dated the 14.12.2020**
**10F (Cons) 130/2020**

**No. 92-F:-**

**ORDER**

Sub: Diversion of 4.928 ha of Revenue Forest land in favour of Tahasildar, Hatdihi Tahasil of Keonjhar District for creation of land bank for relocation of villagers of Pitanau Hamlet located in side Hadgarh Wildlife Sanctuary of Keonjhar Wildlife Division.

WHEREAS, Tahasildar, Hatdihi Tahasil, Dist-Keonjhar, Odisha had applied for diversion of 4.928 ha of Revenue Forest land in favour of Tahasildar, Hatdihi Tahasil of Keonjhar District for creation of land bank for relocation of villagers of Pitanau Hamlet located in side Hadgarh Wildlife Sanctuary of Keonjhar Wildlife Division, Odisha.

And whereas, the Govt. of India, MoEF&CC, Eastern Regional Office, Bhubaneswar vide their letter No.5-ORB429/2020-BHU dtd.16.09.2020 in consideration of the relevant proposal of the State Government furnished vide letter No.12843/F&E dtd.25.08.2020 have communicated their approval for diversion of 4.928 ha of Revenue Forest land in favour of Tahasildar, Hatdihi Tahasil of Keonjhar District for creation of land bank for relocation of villagers of Pitanau Hamlet located in side Hadgarh Wildlife Sanctuary of Keonjhar Wildlife Division **(Annexure-I)** subject to fulfillment of conditions as stipulated therein.

Now, therefore, Govt. of Odisha do hereby allows diversion of 4.928 ha of Revenue Forest land in favour of Tahasildar, Hatdihi Tahasil of Keonjhar District for creation of land bank for relocation of villagers of Pitanau Hamlet located in side Hadgarh Wildlife Sanctuary of Keonjhar Wildlife Division subject to fufillment of the conditions as stipulated by Govt. of India, MoEF & CC, Eastern Regional Office, Bhubaneswar in their approval Letter referred above. The details land schedule of the Revenue forest land as received from PCCF, Odisha vide his letter No.13374 dtd. 13.07.2020 is appended herewith as **Annexure-II (Two Pages).**

The Collector, Keonjhar and Divisional Forest Officer, Keonjhar Wildlife Division are authorized to allow for use of the forest land in question for the purpose of creation offlland bank for relocation of villagers of Pitanau Hamlet located in side Hadgarh Wildlife Sanctuary of Keonjhar Wildlife Division subject to compliance of Court's order if any, following due procedure of law.

The Divisional Forest Officer, Keonjhar Wildlife Division is also directed to monitor compliance to the conditions stipulated for such diversion in the respective forest clearance order and to report violations, if any, to the Nodal Officer, O/o the PCCF, Odisha and to the Forest & Environment Department.

**By order of Governor**
**Sd./- (Lingaraj Otta)**
**Special Secretary to Government**

File No. 5-ORB429/2020-BHU

**Government of India/ भारत सरकार**
**Ministry of Environment, Forest & Climate Change/**
**पर्यावरण, वन एवं जलवायु परिवर्तन मंत्रालय**
**Eastern Regional Office/ पूर्वी क्षेत्रीय कार्यालय**
**A/3, Chandrasekharpur, Bhubaneswar/A/3, चंन्द्रसेखरपुर, भुबनेश्वर**

**Telephone: 0674-2301213, 2301248, 2302432** **E-mail: roez.bsr-mef@nic.in**
**No.5-ORB429/2020-BHU** **16th September, 2020**

To

The Addl. Chief Secretary,
Forest & Environment Department,
Government of Odisha,
Bhubaneswar - 751001.

Sub:- Diversion of 4.928 ha of Revenue forest land in favour of Tahasildar, Hatdihi Tahasil of Keonjhar District for creation of land bank for relocation of villagers of Pitanau Hamlet located in side Hadgarh Wildlife Sanctuary of Keonjhar Wildlife Division.

Madam,

I am directed to refer to State Govt. letter No. 10F(Cons)130/2020-12843/F&E dated 25.08.2020 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

2. After due consideration of the proposal of the State Government, the Ministry of Environment, Forest & Climate Change **hereby conveys approval** for diversion of 4.928 ha of Revenue forest land in favour of Tahasildar, Hatdihi Tahasil of Keonjhar District for creation of land bank for relocation of villagers of Pitanau Hamlet located in side Hadgarh Wildlife Sanctuary of Keonjhar Wildlife Division, subject to the fulfillment of the following conditions.

i. The legal status of the diverted forest land shall be changed to revenue land.
ii. The complete compliance of the FRA, 2006 shall be ensured by way of prescribed certificate from the concerned District Collector,
iii. The user agency shall restrict the felling of trees to minimum numbers in the diverted forest land and trees shall be felled under strict supervision of the State Forest Department.
iv. The land vacated in the protected area due 10 relocation of village shall be developed as per approved Wildlife Management Plan/NTCA guideline/CWLW.
v. No fragmentation of forests/wildlife habitat should take place due to the relocation of project.
vi. The relocation activity shall be undertaken solely as a process of consolidation of the wildlife habitat.
vii. The land/villages within the forest which have been vacated shall be brought under the protected area network through enabling notification under Wildlife Protection Act after extinguishing all the existing rights over the vacated land.
viii. The extent of land de-reserved /de-notified for resettlement shall not be more than the extent vacated by the settlers in the core area.
ix. The boundary of the diverted forest land shall be suitably demarcated on ground at the project cost as per the directions of concerned Divisional Forest Officer.
x. The forest land shall not be used for any purpose other than that specified in the project proposal.
xi. The user agency and the State Govt. shall ensure compliance of all the Court orders, provisions, rules, regulations and guidelines for the time being in force as applicable to the project.
xii. Any other condition that the Ministry of Environment, Forest & Climate Change may stipulate from time to time in the interest of conservation, protection and development of forests & wildlife, shall be complied by the user agency.
xiii. The detailed approved relocation plan specifying No. of families relocated, land allotted to each family, building plan, their livelihood options in the relocated place and other details-may be submitted to this office, which should include sustainable and eco-friendly community living spaces.
xiv. The people resettled in the forest land should be homogenous in the social strata so as to ensure that there is no conflict of religion, culture and social living standard which will enable them to adapt better to new surroundings.
xv. Violation of any of these conditions will amount to violation of Forest (Conservation) Act, 1980 and action would be taken as prescribed in Para 1.21 of Chapter-1 of Handbook of comprehensive Guidelines of Forest (Conservation) Act, 1980 as issued by Ministry's letter No.5-2/2017-FC dated 28.03.2019.
xvi. The State Govt. shall ensure compliance of all the above conditions.

**Yours faithfully,**
**Sd./- (Padma Mahanti)**
**Dy. Inspector General of Forests (C)**

Copy to:-
1. The Principal Chief Conservator of Forests & Nodal Officer (FCA). Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
2. The Tahasildar, Hatdihi Tahasil, Hatdihi, Dist: Keonjhar, Odisha

OIPR-19084/11/0001/2021 **Dy. Inspector General of Forest (C)**

**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SIKSHYA, SUNDARGARH**
ଓଡ଼ିଶା ସରକାର
**E-mail ID: dpcsndgssa.opepa@nic.in**

**"e"-Procurement Notice**
**Bid identification No.-DPC/SS/1 of 2020-21**
**Letter No.:16/Civil/Date 05.01.2021**

| | | |
|---|---|---|
| 1 | District Project Co-ordinator, Samagra Sikshya, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licences for "Construction of KGBV Hostel Building including Electrical and PH works along with Boundary wall" as detailed in DTCN. | |
| 2 | Nature of work | Construction of Building with Electrical, PH & Boundary wall |
| 3 | No. of work | 10 Nos. |
| 4 | Tender cost | Rs.10,000/- each |
| 5 | Class of contractor | 'B' & 'A' Class contractor |
| 6 | Availability of bid document in the website | From 10.00 A.M. of date-12.01.2021 to 05.00 P.M. of date-28.01.2021 |
| 7 | Date of opening of bid | 11.00 A.M. on Dt.29.01.2021 |
| 8 | The bidders have to participate in ON-Oline bidding only. Further details can be seen from the website (https://tendersodisha.gov.in). Any addendum / corrigendum/cancellation of tender can also be seen in the website said only. | |

**Sd./- District Project Co-ordinator**
**Samagra Sikshya, Sundargarh**

**ତହସିଲ କାର୍ଯ୍ୟାଳୟ, ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର**
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
E–mail: tahasildar_anandapur@rediffmail.com
ପତ୍ର ସଂଖ୍ୟା ୧୪୧ ତା୦୭।୦୧।୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ଯେ, କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ତହସିଲ ଅଧୀନସ୍ଥ ବୈତରଣୀ ନଦୀ ବାଲି ଶଯ୍ୟା, ଅମାରଙ୍ଗ ଓ ବୈତରଣୀ ନଦୀ ବାଲି ଶଯ୍ୟା ଟୁକୁଣା ସଇରାତ ଉତ୍ସ ଦୁଇଟିର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ ୨୦୧୬, ୨୦୧୭ ଅନୁଯାୟୀ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ୨୦୨୦–୨୧ଠାରୁ ୨୦୨୪–୨୫ ପର୍ଯ୍ୟନ୍ତ ପାଞ୍ଚ ବର୍ଷୀୟ ଦୀର୍ଘ ମିଆଦୀ ଲିଜ୍ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଇଚ୍ଛୁକ ବ୍ୟକ୍ତିବିଶେଷ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ ୨୦୧୬ ଅନୁଯାୟୀ FORM–M ପୂରଣକରି ଏହାର ତିନିକିତା କପି ସହିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନକରି sealed coverରେ ତହସିଲ ଆନନ୍ଦପୁର କାର୍ଯ୍ୟାଳୟରେ ଥିବା drop boxରେ ବିଜ୍ଞାପନ ପ୍ରକାଶ ଦିନଠାରୁ ତା୨୮।୦୧।୨୦୨୧ରିଖ ଅପରାହ୍ନ ଘ୫.୩୦ଟିକା ମଧ୍ୟରେ ପକାଇପାରିବେ (ଛୁଟିଦିନ ବ୍ୟତୀତ)। ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ। ତା୨୯।୦୧।୨୦୨୧ରିଖ ସକାଳ ଘ୧୧.୦୦ଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯିବ ଏବଂ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ସୈରାତ ଉତ୍ସଟି ପ୍ରଥମ ତାରିଖରେ ଚୂଡାନ୍ତ ହୋଇ ନ ପାରିଲେ ସେହି ଉତ୍ସ ପାଇଁ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଧାର୍ଯ୍ୟ ସମୟରେ ପୂର୍ବପରି ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଧାର୍ଯ୍ୟ ତାରିଖ ଅତିବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। କୌଣସି କାରଣ ନ ଦର୍ଶାଇ ନିଲାମକୁ ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କର ରହିଅଛି। ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ତଥା ସୈରାତ ଉତ୍ସଟିର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ କେନ୍ଦୁଝର ଜିଲ୍ଲା website http://kendujhara.nic.in/ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପଜିଲ୍ଲାପାଳ, ଆନନ୍ଦପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆନନ୍ଦପୁରଙ୍କ ନୋଟିସ ବୋର୍ଡ/ନିର୍ବାହୀ ଯନ୍ତ୍ରୀ ବୈତରଣୀ ବ୍ୟାରେଜ ପ୍ରକଳ୍ପ, ଆନନ୍ଦପୁରଙ୍କ ନୋଟିସ ବୋର୍ଡ/ ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଆନନ୍ଦପୁରଙ୍କ ନୋଟିସ ବୋର୍ଡ/ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌର ପରିଷଦଙ୍କ ନୋଟିସ ବୋର୍ଡ/ ତହସିଲଦାର, ଘସିପୁରା/ହାଟଡିହିଙ୍କ ନୋଟିସ ବୋର୍ଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆନନ୍ଦପୁର/ଘସିପୁରା/ହାଟଡିହିଙ୍କ ନୋଟିସ ବୋର୍ଡରେ ଉପଲବ୍ଧ ହେବ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି।

ନିଲାମ ସ୍ଥାନ– ତହସିଲ କାର୍ଯ୍ୟାଳୟ, ଆନନ୍ଦପୁର
ନିଲାମ ତାରିଖ ଓ ସମୟ–
ପ୍ରଥମ ପର୍ଯ୍ୟାୟ –୨୯।୦୧।୨୦୨୧ରିଖ ଦିବା ୧୧.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ– ତା୦୫।୦୨।୨୦୨୧ରିଖ ଦିବା ୧୧.୦୦ ଘଟିକା
ତୃତୀୟ ପର୍ଯ୍ୟାୟ– ତା୧୦।୦୨।୨୦୨୧ରିଖ ଦିବା ୧୧.୦୦ ଘଟିକା

**ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ଆନନ୍ଦପୁର**

# ବଦଳିଯିବ ପିଏମ୍ ହାଉସ୍ କାୟାକଳ୍ପ



**ସ୍ୱଦେଶୀ ଆର୍କିଟେକ୍ଟରଙ୍କୁ ପ୍ରୋତ୍ସାହିତ କରିବା ସହିତ ନର୍ଥ ଏବଂ ସାଉଥ୍ ବ୍ଲକକୁ ଯୋଡ଼ିବା ଉଦ୍ଦେଶ୍ୟରେ ଦିଲ୍ଲୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିର୍ମାଣ ହେଉଛି ନୂତନ ପାର୍ଲାମେଣ୍ଟ ଭବନ। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ କାର୍ଯ୍ୟ ଲାଗି ସୁପ୍ରିମକୋର୍ଟ ସର୍ତ୍ତମୂଳକ ମଞ୍ଜୁରୀ ଦେବାପରେ ଏଥି ଲାଗି ବାଟ ଫିଟିଛି। ତଦନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟର ରୂପରେଖ ମଧ ବଦଳିଯିବ।**

**ନୂଆଦିଲ୍ଲୀ:** ଭାରତର ପ୍ରଧାନମନ୍ତ୍ରୀଙ୍କ ବର୍ତ୍ତମାନର ଠିକଣା ଲୋକକଲ୍ୟାଣ ମାର୍ଗ। ଏଠାରେ ରହିଛି ୪ ଦଶନ୍ଧି ପୁରୁଣା ପ୍ରଧାନମନ୍ତ୍ରୀଙ୍କ ନିବାସ ଏବଂ ଦପ୍ତର। ହେଲେ ୨୦୨୪ ସୁଦ୍ଧା ଏହି ଠିକଣା ବଦଳିଯିବ। କାରଣ ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ ସହ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପକୁ ସୁପ୍ରିମ୍‌କୋର୍ଟ ସବୁଜ ସଙ୍କେତ ଦେଇସାରିଛନ୍ତି। ଏହାପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ଲାଗି ରାସ୍ତା ଖୋଲିଛି। ତଦନୁଯାୟୀ ରାଷ୍ଟ୍ରପତି ଭବନଠାରୁ ଇଣ୍ଡିଆ ଗେଟ୍ ଯାଏ ୩ କିମି ପରିମିତ ଅଞ୍ଚଳର ନବକଳେବର ହେବ। ନୂଆ ସଂସଦ ଭବନ ଏବଂ ପ୍ରଧାନମନ୍ତ୍ରୀଙ୍କ ଆବାସ ମଧ ଏହାର ଅନ୍ତର୍ଭୁକ୍ତ।

ପ୍ରକଳ୍ପ ଆଗେଇବା ପୂର୍ବରୁ ପରିବେଶଗତ ସମସ୍ୟାକୁ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ନିକଟରେ ଏହି ଝମେଲା ତୁଟିଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ୨୦୨୪ ସୁଦ୍ଧା ଭାରତର ନୂତନ ପାର୍ଲାମେଣ୍ଟ ଭବନ ପ୍ରସ୍ତୁତ ହୋଇଯିବ। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ନକ୍ସାରେ ନିର୍ମାଣ ହେବାକୁ ଥିବା ପିଏମ୍ ଆବାସ କମ୍ପ୍ଲେକ୍ସ ଏବେକାର କୋଠାଠାରୁ ଭିନ୍ନ ହେବ। ଏଠାରେ ୪ ମହଲା ବିଶିଷ୍ଟ ୧୦ ବିଲ୍ଡିଂ ରହିବ। ଏଗୁଡ଼ିକର ସର୍ବାଧିକ ଉଚ୍ଚତା ୧୨ ମିଟର ମଧ୍ୟରେ ସୀମିତ ରହିବ। ଏହି କମ୍ପ୍ଲେକ୍ସ ୧୫ ଏକର କ୍ଷେତ୍ରରେ ନିର୍ମିତ ହେବ। ୩୦,୩୫୧ ବର୍ଗମିଟର ପରିମିତ ଅଞ୍ଚଳରେ ନୂତନ ପିଏମ୍ ନିବାସ ପରିବ୍ୟାପ୍ତ ହେବ। ସ୍ପେଶାଲ ପ୍ରୋଟେକ୍ସନ୍ ଗ୍ରୁପ୍ ଲାଗି ୨.୫୦ ଏକରରେ ଏକ ନୂତନ ଭବନ ତିଆରି କରାଯିବ। ଏସବୁ ଲାଗି ସେଣ୍ଟ୍ରାଲ ପବ୍ଲିକ ୱାର୍କସ୍ ଡିପାର୍ଟମେଣ୍ଟ (ସିପିଡବ୍ଲ୍ୟୁଡି) ପକ୍ଷରୁ ପ୍ରସ୍ତାବିତ ବଜେଟକୁ ୧୧,୭୯୪ କୋଟିରୁ ୧୩,୪୫୦ କୋଟିକୁ ବୃଦ୍ଧି କରାଯାଇଛି। ପିଏମ୍ ହାଉସ୍ ଏବଂ କାର୍ଯ୍ୟାଳୟର କାୟାକଳ୍ପ ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟର ଅଂଶବିଶେଷ। ଏହା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେବ। ଭୂକମ୍ପ ପ୍ରତିରୋଧୀ କ୍ଷମତା ସହିତ ପାର୍ଲାମେଣ୍ଟ ଗତିବିଧି, ଅଧିକାରୀ ଓ କର୍ମଚାରୀଙ୍କ ସୁବିଧା ଲାଗି ସମସ୍ତ ବ୍ୟବସ୍ଥା ଉପଲବ୍ଧ ହେବ।

ଏବେକାର ସଂସଦ ଭବନର କାର୍ଯ୍ୟାଳୟଗୁଡ଼ିକ ଯୋଜନାବଦ୍ଧ ଭାବେ ନିର୍ମିତ ହୋଇନାହିଁ। ତେଣୁ ସମୟ ଅପଚୟ ହେବା ସହିତ କାମ କରିବା କଷ୍ଟକର ହେଉଛି। ସେହିପରି ଏଠାକାର କେତେକ ନିର୍ମାଣର ଅବଧି ପୂରଣ ହୋଇସାରିଛି। ତେଣୁ ନୂତନ ପାର୍ଲାମେଣ୍ଟ ଭବନକୁ ଯୋଜନାବଦ୍ଧ ଭାବେ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନର ପିଏମ୍ ନିବାସ ୧୨ ଏକର ପରିମିତ ଅଞ୍ଚଳରେ ବ୍ୟାପିଛି। ଏଠାରେ ଥିବା ୯ ବଙ୍ଗଳା ଭିତରୁ ୧, ୩, ୫ ଏବଂ ୭ରେ ପ୍ରଧାନମନ୍ତ୍ରୀ ନିବାସ, କାର୍ଯ୍ୟାଳୟ ଏବଂ ସୁରକ୍ଷା ବ୍ୟବସ୍ଥା ରହିଛି। ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ବ୍ୟବହାର ଲାଗି ୫ ନମ୍ବର ବଙ୍ଗଳା ସଂରକ୍ଷିତ। ୭ନମ୍ବର ବଙ୍ଗଳାକୁ ମଧ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରାଯାଇପାରିବ। ୧ନଂରେ ହେଲିପ୍ୟାଡ ସୁବିଧା ରହିଛି। ୧୧ନମ୍ବର ବଙ୍ଗଳା ଯାଏ ସମ୍ପୂର୍ଣ୍ଣ ମାର୍ଗ ପିଏମ୍ ହାଉସ୍ କମ୍ପ୍ଲେକ୍ସର ଅଂଶବିଶେଷ ଭାବେ ବିବେଚିତ। ଆହୁରିମଧ ଏଠାରେ ଔପଚାରିକ ଦପ୍ତର ନାହିଁ। ଅନୌପଚାରିକ ସାକ୍ଷାତ ଲାଗି ଏକ କନ୍‌ଫରେନ୍ସ ହଲ ରହିଛି। ବାଜପେୟୀଙ୍କ ସମୟରେ ନିର୍ମାଣ କରାଯାଇଥିବା ପଞ୍ଚବଟି ଭବନରେ ଭିଡିଓ କନ୍‌ଫରେନ୍ସ, କ୍ୟାବିନେଟ ବୈଠକ, ୩୪୦ଜଣଙ୍କୁ ନେଇ ସାମୂହିକ ସମାବେଶ ଏବଂ ଥିଏଟର ଦେଖିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ପ୍ରସ୍ତାବିତ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପରେ ଏସବୁ ଯୋଜନାବଦ୍ଧ ଭାବେ ରହିବ। ପିଏମ୍ ଭବନକୁ ବାଦ୍‌ଦେଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଭବନ ନିର୍ମାଣ ଲାଗି ମଧ ନକ୍ସା ପ୍ରସ୍ତୁତ ହୋଇଛି।

## ମର୍ଣ୍ଣିଂ ଲୁକ୍‌ରେ ଆଲିଆ



ଆଲିଆ ଭଟ୍ଟ

**ମୁମ୍ବାଇ:** ଅଭିନେତ୍ରୀ ଆଲିଆ ଭଟ୍ଟ ବଲିଉଡ୍‌ରେ ବେଶ୍ ସଫଳ। ଦେଖିବାକୁ ସୁନ୍ଦରୀ ଯେମିତି ଅଭିନୟ ମଧ ଦମ୍‌ଦାର୍ ସେମିତି। ଆଲିଆ ଏବେ ସୋସିଆଲ ମିଡିଆରେ ଭାରି ଆକ୍ଟିଭ୍। ବୁଲିବାକୁ ତାଙ୍କୁ ସବୁବେଳେ ଭଲ ଲାଗେ। ସେଥିପାଇଁ ରାଜସ୍ଥାନର ରଣଥମ୍ଭୋରରୁ ଛୁଟି କଟାଇ ଏବେ କର୍ମକ୍ଷେତ୍ରକୁ ଫେରିଛନ୍ତି। ଏବେ ସେ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡ଼ି'ରେ ବ୍ୟସ୍ତ। ସେଥିପାଇଁ ଆଲିଆ ସକାଳୁ ସକାଳୁ ସୁଟିଂ ପାଇଁ ରେଡ଼ି ହୋଇପଡୁଛନ୍ତି। ନିକଟରେ ଆଲିଆ ତାଙ୍କ ଇନ୍‌ଷ୍ଟା ଷ୍ଟୋରୀରେ ଏକ ଭିଡିଓ ଶେୟାର କରିଛନ୍ତି। ଯାହାକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିଛନ୍ତି। ଏହି ଭିଡିଓରେ ସେ କାର୍ ୱିଣ୍ଡୋରେ ବାହାରକୁ ମୁହଁ କରି ସକାଳର ଥଣ୍ଡା ପବନକୁ ଏଞ୍ଜୟ କରୁଥିବା ନଜର ଆସିଛନ୍ତି। ଏହାକୁ ଶେୟାର କରି କ୍ୟାପସନ୍‌ରେ ସେ ଲେଖିଛନ୍ତି, 'ସକାଳୁ ସୁଟିଂ ବହୁତ କଷ୍ଟ'। ଏହି ଭିଡିଓରେ ଆଲିଆଙ୍କୁ ସିମ୍ପଲ୍ ଲୁକ୍‌ରେ ଦେଖିବାକୁ ମିଳିଛି। ସେ ଏକ ବ୍ଲାକ୍ ଆଉଟ୍‌ଫିଟ୍ ପିନ୍ଧିଛନ୍ତି। ଭିଡିଓ ସହିତ ସେ ଜଷ୍ଟିନ୍ ବାଇବର୍‌ଙ୍କ ଏକ ସଙ୍ଗ୍ ମଧ ପୋଷ୍ଟ କରିଛନ୍ତି। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ ଆଲିଆ ତାଙ୍କ ବୟଫ୍ରେଣ୍ଡ ରଣବୀର କପୁରଙ୍କ ସହ 'ବ୍ରହ୍ମାସ୍ତ୍ର' ମୁଭିରେ ନଜର୍ ଆସିବେ। ଏହାବ୍ୟତୀତ 'ଗଙ୍ଗୁବାଇ କାଠିଆୱାଡ଼ି' ଫିଲ୍ମରେ ତାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଅଭିନେତ୍ରୀଙ୍କ ପାଇଁ ୨୦୨୦ ପ୍ରଫେସନାଲ ୱାର୍କ ଭଲ ନ ଥିଲା। ଆଲିଆଙ୍କ ଅଭିନୀତ 'ସଡ଼କ-୨'କୁ ଫ୍ୟାନ୍‌ମାନେ ବୟକଟ୍ କରିଥିବାରୁ ଫିଲ୍ମଟି ବକ୍ସଅଫିସରେ ସଫଳ ହୋଇପାରି ନ ଥିଲା। ସେଥିପାଇଁ ସେ ଏବେ ତାଙ୍କ ଆଗାମୀ ଫିଲ୍ମଗୁଡ଼ିକ ପାଇଁ ବେଶ୍ ସିରିୟଶ୍ ଅଛନ୍ତି।



ତୁଷାରପାତ ପରେ ଜମ୍ମୁ-କଶ୍ମୀରରେ ଫସି ରହିଥିବା ପର୍ଯ୍ୟଟକଙ୍କ ପାଇଁ ଘରୋଇ ବୋଟ୍ ସେବା ଆରମ୍ଭ ହୋଇଛି। ଯାତ୍ରୀ ପରିବହନ ପୂର୍ବରୁ କର୍ମଚାରୀମାନେ ବୋଟ୍ ଉପରେ ଜମି ରହିଥିବା ବରଫ ସଫା କରୁଛନ୍ତି।

## ପ୍ରଜନନ ପାଇଁ ରକ୍ତ ଶୋଷନ୍ତି ମଶା

**ନ୍ୟୁଜର୍ସି:** ମଶା ଏକ କ୍ଷତିକାରକ କୀଟ। ଏମାନେ ମଣିଷ ଏବଂ ଅନ୍ୟ ପ୍ରାଣୀମାନଙ୍କର ରକ୍ତ ପିଇ ବଞ୍ଚିଥାନ୍ତି। ହେଲେ ମଶାମାନଙ୍କ ମଧ୍ୟରେ କେବଳ ମାଈ ମଶା ହିଁ ରକ୍ତ ଶୋଷିଥାନ୍ତି ବୋଲି ବୈଜ୍ଞାନିକମାନେ କହିଛନ୍ତି। ପ୍ରାୟତଃ ମଶାମାନେ ରକ୍ତ ଶୋଷି ଉଡ଼ିଯାଇଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି ମଶା ମଣିଷର ରକ୍ତ କାହିଁକି ପିଏ ? ଏହାର ଉତ୍ତର ପୂର୍ବରୁ ବୈଜ୍ଞାନିକମାନଙ୍କୁ ଜଣା ନ ଥିଲା। ଏକ ଅନୁସନ୍ଧାନରୁ ବୈଜ୍ଞାନିକମାନଙ୍କୁ ଏହାର ଉତ୍ତର ମିଳିଯାଇଛି। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପୂର୍ବରୁ ମଶାମାନେ ରକ୍ତ ପିଉ ନ ଥିଲେ। ବିଶ୍ୱରେ ଅନେକ ପ୍ରଜାତିର ମଶା ଅଛନ୍ତି। ସେଥିମଧ୍ୟରୁ ଆଫ୍ରିକାର ଏଡିଶ୍ ଏଜିପ୍ଟି ମଶା ଅନ୍ୟତମ। ଏମାନଙ୍କ ଦ୍ୱାରା ଜିକା ଭାଇରସ୍ ବ୍ୟାପିଥାଏ ଏବଂ ଏହି ମଶା କାମୁଡ଼ିଦେଲେ ଡେଙ୍ଗୁ ଜ୍ୱର ହୁଏ। ନ୍ୟୁଜର୍ସି ପ୍ରିନ୍ସଟନ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏହି ମଶାମାନଙ୍କ ଉପରେ ଅଧ୍ୟୟନ କରି ଜାଣିଥିଲେ ଯେ ସବୁ ପ୍ରଜାତିର ମଶା ରକ୍ତ ପିଅନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ମଶା ବଞ୍ଚିବା ପାଇଁ ଅନ୍ୟ ଜିନିଷ ଖାଇଥାନ୍ତି ଏବଂ ଯେଉଁ ସ୍ଥାନରେ ଅଧିକ ଗରମ କିମ୍ବା ଶୁଷ୍କ ଥାଏ ସେଠାରେ ମଶାମାନଙ୍କ ପ୍ରଜନନ ପାଇଁ ଅସୁବିଧା ହୋଇଥାଏ। ତେଣୁ ମାଈ ମଶାମାନେ ନିଜର ପ୍ରଜନନ ପାଇଁ ମଣିଷ କିମ୍ବା ପ୍ରାଣୀମାନଙ୍କ ରକ୍ତ ପିଇଥାନ୍ତି। ମଶା ଭିତରେ ରକ୍ତ ପିଇବା ପାଇଁ ହଜାର ବର୍ଷ ମଧ୍ୟରେ ଏହି ପରିବର୍ତ୍ତନ ଘଟିଛି। ଯେଉଁଠାରେ ଜଳ ଜମାହୋଇ ରହିଥାଏ, ସେଠାରେ ମଶାମାନଙ୍କ ପ୍ରଜନନ କରିବାରେ କୌଣସି ଅସୁବିଧା ହୁଏ ନାହିଁ, ସେହି ସ୍ଥିତିରେ ମଶା କାମୁଡ଼ନ୍ତି ନାହିଁ। ପାଣିର ଅଭାବ ହେଲେ ମଶାମାନେ ରକ୍ତ ଶୋଷିଥାନ୍ତି ବୋଲି ବୈଜ୍ଞାନିକମାନେ କହିଛନ୍ତି।

GANDHI MEMORIAL COLLEGE OF EDUCATION
Raipur, Bantalab Jammu Pin: 181123
B.Ed Session 2020-22
(2 years Programme)
ADMISSION OPEN FROM 30th December 2020
upto 28th January, 2021 without late fee.
For Admission Guidance & Other Details
Contact: 7889946089, 9622126800
Principal

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ବବଲ୍ ଭିତରେ ୭୮୩ ବବଲ୍

**ନୂଆଦିଲ୍ଲୀ:** ବଡ଼ ବବଲ୍(ଫୋଟକା) ଭିତରେ ୭୮୩ ଛୋଟ ବବଲ୍ ସୃଷ୍ଟିକରି ରେକର୍ଡର ଅଧିକାରୀ ହୋଇଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ଅଫିସିଆଲ୍ ଫେସ୍‌ବୁକ୍ ପ୍ରୋଫାଇଲ୍‌ରେ ଏହାର ଏକ ଭିଡିଓ ଶେୟାର କରାଯାଇଛି। ଜଣେ ବ୍ୟକ୍ତି ପାଟି ଦ୍ୱାରା ଏକ ବଡ଼ ବବଲ୍ କରି ତାହା ଭିତରେ ଆଉ ୭୮୩ଟି ଛୋଟ ବବଲ୍ ଅତି ସୁନ୍ଦର ଏବଂ ସହଜରେ କରୁଥିବା ଭିଡିଓ କ୍ଲିପ୍‌ରେ ଦେଖିବାକୁ ମିଳିଛି। ଏଭଳି କଠିନ କାର୍ଯ୍ୟ କରି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଚାଙ୍ଗ୍ ୟୁ-ଟି। ଏଥିପୂର୍ବରୁ ସାବୁନରେ ବବଲ୍ ସୃଷ୍ଟି କରିବାରେ ଚାଙ୍ଗ୍‌ଙ୍କ ନାମରେ ଅନ୍ୟ ଏକ ରେକର୍ଡ ମଧ ରହିଛି। ଗିନିଜ୍ ୱାର୍ଲ୍ଡ ରେକର୍ଡ ପକ୍ଷରୁ ଚାଙ୍ଗ୍‌ଙ୍କ ଦୁଇ ସଫଳତାର ଭିଡିଓ ଶେୟାର କରାଯାଇଛି। ଭିଡିଓ ଶେୟାର କରାଯିବା ପରେ ୧୦ହଜାରରୁ ଊର୍ଦ୍ଧ୍ୱ କମେଣ୍ଟ ମିଳିଛି।



ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ଆଜି ଜାନୁୟାରୀ ୮, ଶୁକ୍ରବାର, ପୌଷ କୃଷ୍ଣପକ୍ଷ ଦଶମୀ ତିଥିରେ ଆମର ପିତୃଦେବ ସ୍ୱର୍ଗତ କସ୍ତୁରୀ ଚରଣ ସାହୁଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ। ଆମ୍ଭ ଅନନ୍ତ ସୁଧା ରାଏସରପୁର, ଆଳିସ୍ଥିତ ବାସଭବନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ଏଣୁ ଆଜି ଆମ୍ଭର ସ୍ୱର୍ଗତ ପିତାଙ୍କର ସ୍ମୃତି ଚାରଣ ଉଦ୍ଦେଶ୍ୟରେ ଆପଣଙ୍କର ସଦୟ ଉପସ୍ଥିତି କାମନା କରୁଅଛୁ।
-:ଆପଣଙ୍କର ଅପେକ୍ଷାରେ:-
ଇଂ. ଦିଲ୍ଲୀପ, ପ୍ରଦୀପ, ଗୋଲକ ବିହାରୀ, ବାବୁରଞ୍ଜନ, ମାନସ, ଶାନ୍ତିଲତା, ଅନୁସୟା, କ୍ଷଣପ୍ରଭା, ପ୍ରଭାତୀ, ସାବିତ୍ରୀ, ପରିବାର ଓ ବନ୍ଧୁବର୍ଗ ।
ଧ-୧୯୪୯୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଅଭିଚାନ୍ଦ ପୃଷ୍ଟି
(ସାଇବରିୟାଲ୍ ସଫ୍ଟୱେୟାର, ମୁଖ୍ୟ ପରିଚାଳକ ଓଡ଼ିଶା ଶାଖା)
ମକୁବନ ଲେନ୍-୧, ପୁରୀ
ଆବିର୍ଭାବ: ୨୬।୧୦।୧୯୯୨
ତିରୋଧାନ: ୨୯।୧୨।୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଅଭୟ କୁମାର ପୃଷ୍ଟି (ପିତା), ନବ କିଶୋର ପୃଷ୍ଟି (ଦାଦା), ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୪୯୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



୰ ଯାଦବ ଚନ୍ଦ୍ର ପଟ୍ଟନାୟକ
LIG-289, Nayapalli, Brit Colony, BBSR
ଆବିର୍ଭାବ- ୨୩.୦୪.୧୯୪୩
ତିରୋଧାନ- ୩୧.୧୨.୨୦୧୮
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ପତ୍ନୀ-ମୃଦୁଭାଷିଣୀ, ବିଶ୍ୱଜିତ୍-ସେଲି, ରଣଜିତ୍-ଟିକି, ପ୍ରଦୀପ୍-ଲୁଇ, ବେବି-ମଣ୍ଟୁ, ମାମି-ବୁବୁ, ନାତି-ଚନ୍ଦନ, ଅସ୍ମିତ, ଗୁଡୁ, ଚିଣ୍ଟୁ, ନାତୁଣୀ-ମାମୁନି, ଗୁଡିଆ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୦୮୫

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଞ୍ଚଟି କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396732814

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚର୍ଚ୍ଚାରେ ହକି, ଦେବାଶିଷ



ନିର୍ମଳ କୁମାର ମିଶ୍ର



**ରାଜ୍ୟ କ୍ରୀଡ଼ା ପାଇଁ ଏବେ ଦୁଇଟି ଖବର ଚର୍ଚ୍ଚାର ବିଷୟ ହୋଇଛି। ପ୍ରଥମଟି ହେଲା ରାଉରକେଲାରେ ଦେଶର ସର୍ବବୃହତ୍ ତଥା ଅତ୍ୟାଧୁନିକ ହକି ଷ୍ଟାଡିୟମ ନିର୍ମାଣ। ଦ୍ୱିତୀୟଟି ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଜାତୀୟ ସିନିୟର ଚୟନ କମିଟିରେ ସ୍ଥାନ ପାଇବା। ଏହି ଦୁଇଟି ଉଲ୍ଲେଖନୀୟ ଘଟଣା ରାଜ୍ୟ କ୍ରୀଡ଼ା ପାଇଁ ଆଗକୁ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି...**

କ୍ରୀଡ଼ାଜଗତ ପାଇଁ ୨୦୨୦ ଏକ ଅଭୁଲା ବର୍ଷ ହୋଇ ରହିବ। ଅନେକ ଉତ୍ସାହ ଓ ସମ୍ଭାବନା ନେଇ ଆରମ୍ଭ ହୋଇଥିଲା ଏହି ବର୍ଷ ୨୦୨୦। ବର୍ଷ ଆରମ୍ଭରୁ ସବୁ କିଛି ଠିକ୍ ଠାକ୍ ରହିଥିବା ବେଳେ ହଠାତ୍ କରୋନା ମହାମାରୀ କ୍ରୀଡ଼ା ଜଗତକୁ ବିପର୍ଯ୍ୟସ୍ତ କଲା। ବଦଳିବାକୁ ଲାଗିଲା ଗୋଟିଏ ପରେ ଗୋଟିଏ ମେଗା ପ୍ରତିଯୋଗିତାର କାର୍ଯ୍ୟସୂଚୀ। ଆରମ୍ଭ ହେବାକୁ ଥିଲା ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା। ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ, ଆଇସିସି ଟି୨୦ ବିଶ୍ୱକପ, ୱିମ୍ବେଲଡନ ପ୍ରତିଯୋଗିତା, ସୁଟିଂ ବିଶ୍ୱକପ ବାତିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶାରେ ଆୟୋଜନ ହେବାକୁ ଥିବା ହକି ପ୍ରୋଲିଗ, ୧୭ ବର୍ଷରୁ କମ ମହିଳା ଫିଫା ବିଶ୍ୱକପ୍ ମ୍ୟାଚ ଏପରି କି ଯୁବ କ୍ରିକେଟରମାନଙ୍କ ସ୍ୱପ୍ନର କଳାହାଣ୍ଡି କପ୍ କ୍ରିକେଟ ପରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ମଧ୍ୟ ବାତିଲ ହୋଇଥିଲା। ମାତ୍ର ଓଡ଼ିଶା କ୍ରୀଡ଼ା ଜଗତ ପାଇଁ କେତେଗୁଡ଼ିଏ ଖୁସିର ଖବର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଆଣି ଦେଇଛି। ପ୍ରଥମଟି ହେଲା ରାଉରକେଲାରେ ହେବ ଦେଶର ବୃହତ୍ତମ ଏବଂ ଅତ୍ୟାଧୁନିକ ହକି ଷ୍ଟାଡିୟମ। ହକିର ଅନ୍ତୁଡିଶାଳ ରୂପେ ପରିଚିତ ଏବଂ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ହକି ଖେଳାଳି ସୃଷ୍ଟି କରି ଓଡ଼ିଶାର ନାମ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇଥିବା ସୁନ୍ଦରଗଡ ଏହି ସୁଯୋଗ ପାଇବା ପାଇଁ ଯାଉଛି। ଏଫ୍‌ଆଇଏଚ୍ (ଫେଡେରେଶନ୍ ଅଫ୍ ଇଣ୍ଟରନାଶନାଲ ହକି) ଏବଂ ଭାରତ ସରକାରଙ୍କ କ୍ରୀଡ଼ା ଏବଂ ଯୁବବ୍ୟାପାର ବିଭାଗର ମିଳିତ ଉଦ୍ୟମ କ୍ରମେ ଓଡ଼ିଶା ୨୦୨୩ରେ ପୁରୁଷ ହକି ବିଶ୍ୱ କପ୍ ଆୟୋଜନ କରିବ। ୧୫ ଏକର ଜମିରେ ୨୦ହଜାର ଦର୍ଶକ ବସିବା ଭଳି ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ନିର୍ମାଣ କରାଯିବା ସହିତ ଆଞ୍ଚଳିକ କ୍ରୀଡା ଭିତ୍ତିଭୂମିକୁ ଆହୁରି ସଜାଡିବା ପାଇଁ ଉଦ୍ୟମ କରାଯିବ। ଏଥିସହ ଅନେକ ଯୁବ ପ୍ରତିଭା ସୃଷ୍ଟି କରି ଓଡ଼ିଶାର ହକି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଏହି ପଦକ୍ଷେପକୁ ସବୁ ମହଲରୁ ପ୍ରଶଂସା କରାଯାଉଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଏବଂ ୨୦୨୨ ସୁଦ୍ଧା ନିର୍ମାଣ କରାଯିବାକୁ ଥିବା ଏହି ନୂତନ ଷ୍ଟାଡିୟମ୍ ବିଶ୍ୱରେ ଓଡ଼ିଶାର ସ୍ଥାନକୁ ଆହୁରି ସ୍ୱତନ୍ତ୍ର କରିବ। ପୂର୍ବରୁ ଓଡ଼ିଶା ସରକାର ଦୁଇ ଦୁଇଟି ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତା ଅତି ସଫଳତାର ସହ ଆୟୋଜନ କରିଥିଲେ ଏବଂ ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତା ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା। ବଡ଼ବଡ଼ ଟୁର୍ନାମେଣ୍ଟ ଆୟୋଜନ କରିବା ସହିତ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ରାଜ୍ୟ ସରକାରଙ୍କ ତରଫରୁ କୁହାଯାଇଛି।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଖବରଟି ହେଲା ଦେଶର ସବୁଠାରୁ ଲୋକପ୍ରିୟ ଖେଳ କ୍ରିକେଟ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସିନିୟର ସିଲେକସନ୍ କମିଟିରେ ଦେବାଶିଷ ମହାନ୍ତି ସ୍ଥାନପାଇବା। ଏହା ଓଡ଼ିଶା କ୍ରିକେଟ୍ ପାଇଁ ବେଶ୍ ଗୌରବର କଥା। ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇଛି। ରାଜ୍ୟର ଏହି ତାରକା ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଜାତୀୟ ସିନିୟର ସିଲେକ୍‌ସନ୍ କମିଟିରେ ସ୍ଥାନପାଇବା ସହଜ କଥା ନୁହେଁ। ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ରୂପେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରିଥିବା ଦେବାଶିଷ ମହାନ୍ତି ୨ଟି ଟେଷ୍ଟ ମ୍ୟାଚ ଏବଂ ୪୫ଟି ଏକଦିବସୀୟ ମ୍ୟାଚ ଖେଳିଛନ୍ତି। ଏଥିସହିତ ଓଡ଼ିଶା କ୍ରିକେଟ ଦଳର କୋଚ ରୂପେ ଦାୟିତ୍ୱ ନେଇଥିଲେ ଏବଂ ଓଡ଼ିଶା ରଣଜୀ ଦଳକୁ ସଫଳତା ପ୍ରଦାନ କରିଥିଲେ। ସେ ଜାତୀୟ ଦଳ ପାଇଁ ୧୯୯୭ ରୁ ୨୦୦୧ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରିଥିଲେ। ୨୦୧୧ ପର୍ଯ୍ୟନ୍ତ ଓଡ଼ିଶା ଟିମ୍‌ର କୋଚ ରହିବା ପରେ ପୁଣି ଥରେ ୨୦୧୭ରେ ଭାରତୀୟ ଦଳର ଅନ୍ୟତମ ଓଡ଼ିଆ ଓପନର ଶିବସୁନ୍ଦର ଦାସ୍‌ଙ୍କ ପରେ ଏବଂ ଅଷ୍ଟ୍ରେଲିଆନ ବ୍ୟାଟସମ୍ୟାନ ମାଇକେଲ ବେଭାନ୍‌ଙ୍କ ପରେ ଏହି ଗୁରୁଦାୟିତ୍ୱ ନେଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କର କୋଚିଂରେ ଇଷ୍ଟଜୋନ୍ ଟିମ୍ ଇତିହାସ ରଚନା କରିବା ସହିତ ଦୁଲିପ ଟ୍ରଫିରେ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା। ସେ ତାଙ୍କର ଶେଷ ଟେଷ୍ଟ ୧୯୯୭ରେ ଶ୍ରୀଲଙ୍କା ସହିତ ଖେଳିଥିବା ବେଳେ ଶେଷ ଏକଦିବସୀୟ ମ୍ୟାଚ ୨୦୦୧ରେ ମଧ୍ୟ ଶ୍ରୀଲଙ୍କା ସହିତ ଖେଳିଥିଲେ।

ଜାତୀୟ ଦଳ ଚୟନ ପ୍ରକ୍ରିୟା ଏକ କଷ୍ଟକର ବ୍ୟାପାର ହୋଇଥିବା ବେଳେ ୩ଟି ଫର୍ମାଟ ପାଇଁ ଖେଳାଳି ଚୟନ ଏକ ଚ୍ୟାଲେଞ୍ଜପୂର୍ଣ୍ଣ କାର୍ଯ୍ୟ ଅଟେ। ଏହାକୁ ସେ ବେଶ୍ ସଫଳତାର ସହ କାର୍ଯ୍ୟକାରୀ କରିବେ ବୋଲି ସମସ୍ତେ ଦୃଢ ଆଶାବାଦୀ। ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଏବଂ ସମସ୍ତ କର୍ମକର୍ତ୍ତା ଦେବାଶିଷ ମହାନ୍ତିଙ୍କର ଏପରି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ଭଲ ପ୍ରଦର୍ଶନ କଲେ ଏବେ ଜାତୀୟ ଦଳରେ ଆମ ଖେଳାଳିମାନେ ସ୍ଥାନ ପାଇବେ ଓ ଆଇପିଏଲ ଦାବିଦାର ହେବେ। ଦେବାଶିଷ୍ ଚୟନ କମିଟିରେ ସାମିଲ ହେବା ରାଜ୍ୟ କ୍ରିକେଟ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।



ଫଟୋ: ବିକାଶ ନାୟକ

# ପେସ୍ ଆବିଷ୍କାର

ନ୍ୟୁଜିଲାଣ୍ଡ ଗତ ଦୁଇଟି ଘରୋଇ ଟେଷ୍ଟ ସିରିଜରେ କ୍ଲିନ୍ ସୁଇପ୍ କରିଛି। ଚଳିତ ଗ୍ରୀଷ୍ମରେ ଦକ୍ଷିଣ ଗୋଲାର୍ଦ୍ଧର ଏହି ଛୋଟିଆ ଦେଶ ପ୍ରଥମେ ୱେଷ୍ଟଇଣ୍ଡିଜ ଓ ପରେ ପାକିସ୍ତାନକୁ ଟେଷ୍ଟ ସିରିଜରେ ୨–୦ ବ୍ୟବଧାନରେ ପରାସ୍ତ କରିଛି। ବୋଲିଂରେ ଯୁବ ଦ୍ରୁତ ବୋଲର କାଇଲ ଜେମିସନ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଗତ ଦୁଇଟି ଟେଷ୍ଟ ସିରିଜର ୪ଟି ମ୍ୟାଚ୍‌ରେ ସେ ଅସାଧାରଣ ପ୍ରଦର୍ଶନ କରିଛନ୍ତି ଓ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲିଂର ଭବିଷ୍ୟତ ପାଲଟି ଯାଇଛନ୍ତି। ଗତ ୪ଟି ଟେଷ୍ଟରେ ସେ ୧୨.୨୫ ରନହାରରେ ମୋଟ୍ ୨୭ଟି ଉଇକେଟ ହାସଲ କରିଛନ୍ତି। ଏପର୍ଯ୍ୟନ୍ତ ସେ ମାତ୍ର ୬ ଟେଷ୍ଟ, ୨ ଦିନିକିଆ ଓ ୪ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଥିଲେ ମଧ୍ୟ ବିଶ୍ୱ କ୍ରିକେଟରେ ଚର୍ଚ୍ଚିତ ଚେହେରା ବନିଯାଇଛନ୍ତି। ବଲ୍ ବ୍ୟାଟିଂ କରିବାର କ୍ଷମତା ରଖୁଥିବା ଜେମିସନ ସବୁ ଫର୍ମାଟରେ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସି ସେ ୬ଟି ଇନିଂସରେ ୫୬. ୫୦ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଅପରାଜିତ ଅର୍ଦ୍ଧଶତକ ସାମିଲ ରହିଛି। ଗତ ଦୁଇଟି ଟେଷ୍ଟ ସିରିଜରେ ସେ ନିଜ ପେସ୍, ବାଉନ୍ସ, ସିମ ଓ ସୁଇଙ୍ଗରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇଥିଲେ।

ପଦାର୍ପଣ କରିବାରେ ଗୋଟିଏ ବର୍ଷ ପୂରଣ କରି ନ ଥିଲେ ମଧ୍ୟ ସେ ଟେଷ୍ଟରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ୬ଟି ଟେଷ୍ଟରେ ତାଙ୍କର ବୋଲିଂ ଆଭରେଜ ବିଶ୍ୱର ଶ୍ରେଷ୍ଠ ସାବ୍ୟସ୍ତ ହୋଇଛି। ତାଙ୍କୁ ଏବେ ପୂର୍ବତନ ଶ୍ରେଷ୍ଠ ବୋଲରଙ୍କ ସହ ତୁଳନା କରାଯାଉଛି। ଗତବର୍ଷ ଫେବୃୟାରୀରେ ସେ ଭାରତ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ୬ଟି ଟେଷ୍ଟ ଖେଳି ସେ ୧୩.୨୭ ରନ ହାରରେ ୩୬ଟି ଉଇକେଟ ହାସଲ କରିଛନ୍ତି। ଏଥିରେ ତାଙ୍କର ୪ଟି ୫ ଉଇକେଟ ସଫଳତା ସାମିଲ ରହିଛି। ଖ୍ରୀଷ୍ଟଚର୍ଚ୍ଚରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟରେ ସେ ୧୧୭ ରନ ବ୍ୟୟ କରି ୧୧ଟି ଉଇକେଟ ହାସଲ କରିଥିଲେ। ଆହୁରି ବହୁତ କିଛି ଶିଖିବା ବାକି ରହିଛି ବୋଲି ସେ କୁହନ୍ତି। ଅକଲାଣ୍ଡରେ ୧୯୯୪ ଡିସେମ୍ବର ୩୦ ତାରିଖରେ ଜନ୍ମିତ ଜମିସନ ୨୦୧୪ରେ ନ୍ୟୁଜିଲାଣ୍ଡ ପାଇଁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଛନ୍ତି। ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ସିନିୟର କ୍ରିକେଟ ଖେଳିବାକୁ ସୁଯୋଗ ପାଇଥିଲେ।

**ନ୍ୟୁଜିଲାଣ୍ଡ ଯୁବ ଦ୍ରୁତ ବୋଲର କାଇଲ ଜେମିସନ ଏବେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି। ୬ ଫୁଟ୍ ୮ ଇଞ୍ଚ ଉଚ୍ଚତାବିଶିଷ୍ଟ ୨୬ ବର୍ଷୀୟ ଏହି ଡାହାଣହାତୀ ଦ୍ରୁତ ବୋଲର ଗତ ୪ଟି ଟେଷ୍ଟରେ ୧୨.୨୫ ରନ ହାରରେ ୨୭ଟି ଉଇକେଟ ଅକ୍ତିଆର କରି ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି। ନିଜର ସିମ୍, ସୁଇଙ୍ଗ୍, ପେସ୍ ଓ ଭାରିଏଶନ ମାଧ୍ୟମରେ ସମସ୍ତଙ୍କୁ ପ୍ରଭାବିତ କରି ସେ ପେସ୍ ବୋଲିଂରେ ନୂଆ ଆବିଷ୍କାର ସାବ୍ୟସ୍ତ ହୋଇଛନ୍ତି...**



## ପୂର୍ବାଞ୍ଚଳ ପ୍ରତିଭା ଚୟନ ଜୋନାଲ କମିଟିରେ ପ୍ରବୋଧ



**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଏନ୍‌ଆଇଏସ୍ ଆଥଲେଟିକ୍ କୋଚ୍ ତଥା ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରବୋଧ କୁମାର ମହାନ୍ତିଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ପୂର୍ବାଞ୍ଚଳର ପ୍ରତିଭା ଚୟନ ଜୋନାଲ କମିଟିରେ ସେ ସ୍ଥାନ ପାଇଛନ୍ତି। ପଶ୍ଚିମବଙ୍ଗ, ଆସାମ, ମଣିପୁର, ତ୍ରିପୁରା, ମେଘାଳୟ, ମିଜୋରାମ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଆଣ୍ଡାମାନ ଓ ନିକୋବର, ଲାକ୍ଷାଦୀପ, ନାଗାଲାଣ୍ଡ, ସିକ୍କିମ ଓ ଅରୁଣାଚଳ ପ୍ରଦେଶ ପୂର୍ବାଞ୍ଚଳ ଅଧୀନରେ ରହୁଥିବାରୁ ପ୍ରବୋଧଙ୍କ ଦାୟିତ୍ୱ ବଢ଼ିଛି। ଓଡ଼ିଶା ଆଥଲେଟିକ୍ ଆସୋସିଏଶନ (ଓଏଏ) ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ ସଦସ୍ୟମାନେ ପ୍ରବୋଧଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଏଫ୍‌ସିର ପ୍ରଥମ ବିଜୟ

**ବାମ୍ବୋଲିମ୍, ୭।୧**

ଡିଏଗୋ ମୌରିସିଓଙ୍କ ଡବଲ ଗୋଲ ବଳରେ ଓଡ଼ିଶା ଏଫ୍‌ସି ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଷ୍ଟୁଆର୍ଟ ବକ୍ସଟରଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ୪–୨ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏଠାରେ ୯ମ ମ୍ୟାଚ ଖେଳିଥିବା ଓଡ଼ିଶା ଏଫ୍‌ସିର ଏହା ଥିଲା ପ୍ରଥମ ବିଜୟ। ପୂର୍ବରୁ ୮ ମ୍ୟାଚରୁ ଦଳ ୬ଟିରେ ପରାଜିତ ହୋଇଥିବାବେଳେ ୨ଟି ଡ୍ର ରଖିବାକୁ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ କେରଳ ୯ ମ୍ୟାଚରୁ ୫ମ ପରାଜୟ ବରଣ କରିଛି। ଦଳ ୧ ବିଜୟ ଓ ୩ ଡ୍ର ସହ ୬ ପଏଣ୍ଟ ପାଇ ଟେବୁଲରେ ୧୦ମ ସ୍ଥାନରେ ରହିଛି। ସେହିପରି ଓଡ଼ିଶା ଏଫ୍‌ସି ୧ ବିଜୟ, ୨ ଡ୍ର ଓ ୬ ପରାଜୟ ସହ ୫ ପଏଣ୍ଟରେ ପହଞ୍ଚି ଏକାଦଶ ସ୍ଥାନରେ ଅପରିବର୍ତ୍ତିତ ରହିଛି। ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୭ମ ମିନିଟରେ ଜୋର୍ଡାନ ମୁରେ ଏକ ଗୋଲ ଦେଇ କେରଳକୁ ଅଗ୍ରଣୀ କରାଇଥିଲେ। କାଖୁଣ୍ଡୋ ପେରେରା ପଡ଼ିଆ ମଝିରୁ ମାରିଥିବା ଫ୍ରି କିକ୍ ଓଏଫସି ପୋଷ୍ଟରେ ପଡ଼ିଥିଲା। ରାହୁଲ କେ.ପି. ହେଡ୍ କରି ଗୋଲକିପରଙ୍କ ଡାହାଣ ପଟରେ ଗୋଲ ଦେବାକୁ ଚେଷ୍ଟା କରିଥିଲେ। ମାତ୍ର ଅର୍ଶଦୀପ ସିଂ ତାହା ହେବାକୁ ଦେଇ ନ ଥିଲେ। ବଲଟି ଫେରି ଆସୁଥିବାବେଳେ ଜୋର୍ଡାନ ଚତୁରତାର ସହ ତାହାକୁ ପୋଷ୍ଟ ମଧ୍ୟକୁ ପଠାଇବାରେ ସକ୍ଷମ ହୋଇଥିଲେ। ଓଏଫ୍‌ସି ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୨୨ତମ ମିନିଟରେ ଭାଗ୍ୟ ସାଥ୍ ଦେଇଥିଲା। କେରଳ ପୋଷ୍ଟ ମଧ୍ୟରେ ଡିଏଗୋ ମୌରିସିଓଙ୍କୁ ଦେଖି ଜେରୀ ମାୱିମିଙ୍ଗଥଙ୍ଗା ବଲ୍ ପାସ୍ କରିଥିଲେ। ମୌରିସିଓ ଲୋ କ୍ରସ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିବାକୁ ଉଦ୍ୟମ କରୁଥିବାବେଳେ କେରଳର ଜ୍ୟାକସନ ସିଂ ତ୍ରୁଟିପୂର୍ଣ୍ଣଭାବେ ଡିଫ୍ଲେକସନ କରି ନିଜ ପୋଷ୍ଟ ମଧ୍ୟକୁ ବଲ ପଠାଇ ଦେଇଥିଲେ। ତାଙ୍କ ଆତ୍ମଘାତୀ ଗୋଲ ଯୋଗୁ ମ୍ୟାଚ ୧–୧ ସ୍ଥିତିରେ ପହଞ୍ଚିଥିଲା ଏବଂ ଓଡ଼ିଶା ଏଫ୍‌ସି ପ୍ରତ୍ୟାବର୍ତ୍ତନ କରିଥିଲା। ୪୨ତମ ମିନିଟରେ ମାୱିମିଙ୍ଗଥଙ୍ଗାଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ଷ୍ଟିଭେନ୍ ଟେଲର ପ୍ରଥମାର୍ଦ୍ଧ ଶେଷ ବେଳକୁ ଓଡ଼ିଶା ଦଳକୁ ୨–୧ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମଧ୍ୟ ଓଡ଼ିଶା ଏଫ୍‌ସି ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଥିଲା। ୫୦ତମ ମିନିଟରେ ମାୱିମିଙ୍ଗଥଙ୍ଗାଙ୍କ ପାସ୍‌କୁ ଗୋଲ କରି ଡିଏଗୋ ମୌରିସିଓ ଓଡ଼ିଶା ଅଗ୍ରଣୀ ବ୍ୟବଧାନକୁ ୩–୧ରେ ପହଞ୍ଚାଇ ଦେଇଥିଲେ। କେବଳ ସେତିକି ନୁହେଁ ଏହାର ୧୦ ମିନିଟ ପରେ ଅର୍ଥାତ୍ ୬୦ତମ ମିନିଟରେ ନନ୍ଦକୁମାର ସେକର ଦେଇଥିବା ପାସ୍‌କୁ ଗୋଲରେ ରୂପାନ୍ତରିତ କରି ମୌରିସିଓ ଦଳର ବିଜୟ ଆଶାକୁ ମଜଭୂତ କରିଥିଲେ। ମାତ୍ର ଖେଳ ଏତିକିରେ ଶେଷ ହୋଇ ନ ଥିଲା। ୭୯ତମ ମିନିଟରେ ଗ୍ୟାରୀ ହୁପର ଏକ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ତେବେ ଅବଶିଷ୍ଟ ସମୟରେ ଓଡ଼ିଶା ଏଫ୍‌ସି ଖେଳାଳିମାନେ ସତର୍କତା ଅବଲମ୍ବନ କରି କେରଳ ଖେଳାଳିଙ୍କୁ ପ୍ରଭାବ ବିସ୍ତାର କରିବାକୁ ଦେଇ ନ ଥିଲେ। ରେଫରିଙ୍କ ହ୍ୱିସିଲ ବାଜିବାକ୍ଷଣି ଓଡ଼ିଶା ଏଫ୍‌ସି ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶା ଏଫ୍‌ସି ପ୍ରଥମଥରପାଇଁ ୩ ପଏଣ୍ଟ ପାଇଥିବାବେଳେ ମାୱିମିଙ୍ଗଥଙ୍ଗା ପାସ୍ ଅଫ୍ ଦି ମ୍ୟାଚ ଏବଂ ମୌରିସିଓ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।




**ଇଣ୍ଡିଆନ୍ ସୁପର୍ ଲିଗ୍‌ରେ ମୌରିସିଓଙ୍କ ଡବଲ ଗୋଲ**

# ହସ୍ପିଟାଲରୁ ଛାଡ଼ପାଇଲେ ଗାଙ୍ଗୁଲି

**କୋଲକାତା, ୭।୧**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଗୁରୁବାର ସ୍ଥାନୀୟ ଉଡ୍‌ଲାଣ୍ଡ୍ସ ହସ୍ପିଟାଲରୁ ଛାଡ଼ ପାଇଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ମୃଦୁ ହୃଦ୍‌ଘାତ ପରେ ଗତ ଶନିବାର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି। ଖୁବ୍ ଶୀଘ୍ର ସେ ବିମାନରେ ଯାତ୍ରା କରିବା ପାଇଁ ସକ୍ଷମ ହୋଇଯିବେ ବୋଲି ହସ୍ପିଟାଲ ଛାଡ଼ିବା ବେଳେ ଅପେକ୍ଷାରତ ଗଣମାଧ୍ୟମ କର୍ମଚାରୀଙ୍କ ନିକଟରେ ପ୍ରକାଶ କରିଛନ୍ତି। ଡାକ୍ତର ଓ ହେଲ୍‌ଥ କେୟାର ଷ୍ଟାଫ୍‌ମାନେ ତାଙ୍କର ଭଲରୂପେ ଯତ୍ନ ନେଇଥିବାରୁ ସେମାନଙ୍କୁ ଗାଙ୍ଗୁଲି ଧନ୍ୟବାଦ ଅର୍ପଣ କରିଥିଲେ। ବିସିସିଆଇ ସଭାପତିଙ୍କ ନିୟମିତ ରକ୍ତ ପରୀକ୍ଷା ରିପୋର୍ଟ ସନ୍ତୋଷଜନକ ରହିଛି। ତାଙ୍କ ଇସିଜି ସ୍ୱାଭାବିକ ରହିଥିବା ବିଷୟ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗାଙ୍ଗୁଲି ବର୍ତ୍ତମାନ ଉଡ୍‌ଲାଣ୍ଡ୍ସ ହସ୍ପିଟାଲରୁ ବେହେଲାସ୍ଥିତ ବାସଭାବନକୁ ଚାଲିଆସିଛନ୍ତି।

# କ୍ୱାରାଣ୍ଟାଇନ୍ ନିୟମ କୋହଳ ପାଇଁ ବିସିସିଆଇର ଚିଠି

**ନୂଆଦିଲ୍ଲୀ, ୭।୧ (ପି.ଟି.):** ଚତୁର୍ଥ ଟେଷ୍ଟ ପୂର୍ବରୁ ବ୍ରିସ୍‌ବେନର କଠୋର କ୍ୱାରାଣ୍ଟାଇନ୍ ପ୍ରୋଟୋକଲକୁ କୋହଳ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଇଅର୍ଲ ଏଡିଙ୍ଗ୍ସଙ୍କ ନିକଟକୁ ଏକ ଚିଠି ଲେଖିଛି। ଟୁର୍ ପାଇଁ ଦୁଇ କ୍ରିକେଟ ବୋର୍ଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ପୃଥକ୍ ପୃଥକ୍ ସହର ପାଇଁ ଦୁଇ ଅଲଗା କଠିନ କ୍ୱାରାଣ୍ଟାଇନ୍ ନିୟମ ସମ୍ପର୍କରେ ଏଥିରେ କୌଣସି ସର୍ତ୍ତ ନ ଥିଲା। ବ୍ରିସ୍‌ବେନ ଟେଷ୍ଟ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ଏହି ସହର ପାଇଁ ହୋଇଥିବା କ୍ୱାରାଣ୍ଟାଇନ୍ ନିୟମ ଅନୁସାରେ ପ୍ରତ୍ୟେକ ଦିନ ଖେଳ ଶେଷ ହେବା ପରେ ଖେଳାଳିମାନଙ୍କୁ ସେମାନଙ୍କ ହୋଟେଲ ରୁମ୍‌ରେ ରହିବାକୁ ପଡ଼ିବ। ଦୁଇ ଦେଶର କ୍ରିକେଟ ବୋର୍ଡ ମଧ୍ୟରେ ଆଲୋଚନା ଜାରି ରହିଥିଲେ ମଧ୍ୟ ବିସିସିଆଇ ଏକ ଆନୁଷ୍ଠାନିକ ଚିଠି ପଠାଇବା ଲାଗି ନିଷ୍ପତ୍ତି ନେଇଥିଲା। ବିସିସିଆଇ ତରଫରୁ ଯେଉଁ ଦାବି କରାଯାଇଛି ତାହା ଅତି ସାଧାରଣ। ଖେଳାଳିମାନଙ୍କୁ ବାୟୋ–ବବଲ ହୋଟେଲ ଭିତରେ ପରସ୍ପର ସହ ମିଶିବାକୁ ଅନୁମତି ଦିଆଯାଉ। ହୋଟେଲ ଭିତରେ ସେମାନଙ୍କୁ ଏକତ୍ର ଖାଇବାକୁ ଅନୁମତି ମିଳୁ ଠିକ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କରାଯାଇଥିବା ବ୍ୟବସ୍ଥା ଭଳି। ଅନ୍ୟ ପକ୍ଷରେ କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ କୁହାଯାଇଛି ଯେ, ହୋଟେଲର ସମାନ ଫ୍ଲୋର୍‌ରେ ଅବସ୍ଥାନ କରୁଥିବା ଖେଳାଳିମାନେ ପରସ୍ପର ସହ ମିଳାମିଶା କରିପାରିବେ।

# ପଦାର୍ପଣରେ ପୁକୋଭସ୍କି, ସଇନି ସଫଳ



ଉଇକେଟ ନେବା ପରେ ନଭଦୀପ ସଇନି।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ୱିଲ୍ ପୁକୋଭସ୍କି।

**ସିଡ୍‌ନୀ, ୭।୧**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁବାର ତୃତୀୟ ଟେଷ୍ଟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିବସରେ ୫୫ ଓଭର ଖେଳ ସମ୍ଭବ ହୋଇଥିବାବେଳେ ଅଷ୍ଟ୍ରେଲିଆ ୨ ଉଇକେଟ ହରାଇ ୧୬୬ ରନ ସ୍କୋର କରିଛି। ପଦାର୍ପଣ ମ୍ୟାଚ୍‌ର ପ୍ରଥମ ଦିବସରେ ଅଷ୍ଟ୍ରେଲିଆର ୱିଲ୍ ପୁକୋଭସ୍କି ଅର୍ଦ୍ଧଶତକ ହାସଲ କରିଥିବାବେଳେ ଭାରତର ନଭଦୀପ ସଇନି ଉଇକେଟ ହାସଲ କରିଛନ୍ତି। ମାର୍ନସ ଲାବୁସେନ ଚଳିତ ସିରିଜରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ଏବଂ ସଂଘର୍ଷ କରୁଥିବା ଷ୍ଟିଭ୍ ସ୍ମିଥ୍ ଫର୍ମକୁ ଫେରିବା ମଧ୍ୟ ଥିଲା ଅନ୍ୟତମ ଚର୍ଚ୍ଚିତ ଘଟଣା।

ପିଚ୍ କଣ୍ଡିଶନକୁ ଦୃଷ୍ଟିରେ ରଖି ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ତେବେ ଦଳକୁ ୪ର୍ଥ ଓଭରରେ ପ୍ରଥମ ଝଟ୍‌କା ଲାଗିଥିଲା। ଶତପ୍ରତିଶତ ଫିଟ୍ ନ ଥିବା ଡେଭିଡ ୱାର୍ନରଙ୍କୁ ଚେତେଶ୍ୱର ପୂଜାରାଙ୍କ ହାତରେ କ୍ୟାଚ କରାଇ ଭାରତକୁ ପ୍ରଥମ ସଫଳତା ଦେଇଥିଲେ ମହମ୍ମଦ ସିରାଜ। ୱାର୍ନର ୮ ବଲ୍‌ରୁ ୫ ରନ କରିଥିଲେ। ପ୍ରତିଭାସମ୍ପନ୍ନ ପୁକୋଭସ୍କି ଓ ଲାବୁସେନ ସତର୍କତାର ସହ ଇନିଂସକୁ ଆଗେଇ ନେଇଥିଲେ। ଦୁହିଁଙ୍କୁ ଭାଗ୍ୟ ମଧ୍ୟ କିଛି ପରିମାଣରେ ସାଥ୍ ଦେଇଥିଲା। ଭାରତୀୟ ଫିଲ୍ଡରମାନେ ଏକାଧିକ କ୍ୟାଚ ମିସ୍ କରିଥିଲେ। ଉଇକେଟ କିପର ରିଷଭ ପନ୍ତ ଏକା ୨ଟି କ୍ୟାଚ ହାତଛଡ଼ା କରିଥିଲେ। ଏଥିରୁ ଫାଇଦା ଉଠାଇ ଦ୍ୱିତୀୟ ଉଇକେଟରେ ଦୁହେଁ ୧୦୦ ରନର ଭାଗୀଦାରି ଗଢ଼ିଥିଲେ। ତେବେ ୧୧୦ ବଲ୍‌ରୁ ୬୨(୪ ଚୌକା) ରନ କରିଥିବାବେଳେ ପୁକୋଭସ୍କିଙ୍କ ଇନିଂସର ଅବସାନ ଘଟାଇଥିଲେ ନଭଦୀପ ସଇନି। ଏଠାରେ ଏକ ସଂଯୋଗ ଦେଖିବାକୁ ମିଳିଥିଲା। ଅର୍ଥାତ୍ ପଦାର୍ପଣ ମ୍ୟାଚ ଖେଳୁଥିବା ଜଣେ ଖେଳାଳିଙ୍କୁ ଅନ୍ୟଜଣେ ଖେଳାଳି ଆଉଟ କରିଥିଲେ। ପୂର୍ବ ଦୁଇ ଟେଷ୍ଟରେ ଭଲ ଆରମ୍ଭ କରିଥିଲେ ହେଁ ଲାବୁସେନ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରି ପାରି ନ ଥିଲେ। ମାତ୍ର ଏଠାରେ ସେ ତାହା ହେବାକୁ ନ ଦେଇ ବଡ଼ ସ୍କୋର କରିବା ଆଶା ଉଜ୍ଜୀବିତ ରଖିଛନ୍ତି। ୧୪୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ୮ ଚୌକା ସହାୟତାରେ ୬୭ ରନରେ ଅପରାଜିତ ରହିଛନ୍ତି। ସେହିପରି ପ୍ରଥମ ଦୁଇ ଟେଷ୍ଟରେ ବିଫଳ ରହିଥିବା ସ୍ମିଥ୍ ଏଠାରେ ୬୪ ବଲରୁ ୫ ଚୌକା ସହ ୩୧ ରନରେ ଅପରାଜିତ ରହିଛନ୍ତି। ପୂର୍ବ ୩ ଇନିଂସରେ

## ତୃତୀୟ ଟେଷ୍ଟ

ସେ ଯଥାକ୍ରମେ ୧, ୦ ଓ ୮ ରନ କରିଥିଲେ। ଅସମାପ୍ତ ୩ୟ ଉଇକେଟରେ ଦୁହେଁ ୬୦ ରନ ଯୋଗକରି ଦଳକୁ ବଡ଼ ସ୍କୋର ଆଡ଼କୁ ନେବା ସମ୍ଭାବନା ସୃଷ୍ଟି କରିଛନ୍ତି। ଭାରତର ଫିଲ୍ଡିଂ ଆଶାନୁରୂପ ହୋଇ ନ ଥିଲେ ହେଁ ବୋଲରମାନେ ଶୃଙ୍ଖଳିତ ବୋଲିଂ କରି ମାତ୍ର ୧ ଅତିରିକ୍ତ ରନ ବ୍ୟୟ କରିଛନ୍ତି। ବର୍ଷା ଯୋଗୁ ୩୫ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା। ଭାରତ ୨ ପରିବର୍ତ୍ତନ ସହ ଏହି ମ୍ୟାଚ ଖେଳୁଛି। ଆହତ ଉମେଶ ଯାଦବଙ୍କ ସ୍ଥାନରେ ସଇନି ସୁଯୋଗ ପାଇଥିବାବେଳେ ଓପନର ମୟଙ୍କ ଅଗ୍ରୱାଲଙ୍କ ସ୍ଥାନ ନେଇଛନ୍ତି ରୋହିତ ଶର୍ମା। ସେହିପରି ଅଷ୍ଟ୍ରେଲିଆ ଜୋ ବର୍ନ୍ସ ଓ ଟ୍ରାଭିସ ହେଡ୍‌ଙ୍କ ସ୍ଥାନରେ ୱାର୍ନର ଓ ପୁକୋଭସ୍କିଙ୍କୁ ଖେଳାଇଛି। ଆଣ୍ଡ୍ର୍ୟୁ ମ୍ୟାକଡୋନାଲ୍ଡଙ୍କଠାରୁ ପୁକୋଭସ୍କି ବ୍ୟାଗି ଗ୍ରୀନ୍ କ୍ୟାପ ଗ୍ରହଣ କରିଥିଲେ। ସେହିପରି ସଇନିଙ୍କୁ ଟିମ୍ ଇଣ୍ଡିଆ କ୍ୟାପ ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା।



ସିଡ୍‌ନୀ ଟେଷ୍ଟର ପ୍ରଥମ ଦିବସରେ କ୍ୟାଚ୍ ଛାଡ଼ିବା ଅବସରରେ ରିଷଭ ପନ୍ତ।

## ସିଡ୍‌ନୀ ପିଚ୍‌ରେ ଆମକୁ ଧୈର୍ଯ୍ୟ ଧରିବାକୁ ହେବ: ସିରାଜ

**ସିଡ୍‌ନୀ, ୭।୧(ପି.ଟି.):** ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚରେ ଆମକୁ ବହୁତ ଧୈର୍ଯ୍ୟର ସହ ଖେଳିବାକୁ ହେବ ବୋଲି ଭାରତୀୟ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ କହିଛନ୍ତି। ଏହି ଗ୍ରାଉଣ୍ଡ ବ୍ୟାଟିଂକୁ ସୁହାଇଥାଏ। ପିଚ୍‌ରେ ବଲ ଟର୍ନ ହେଉଥିଲେ ମଧ୍ୟ ଏହା ଭାରତୀୟ ସ୍ପିନରଙ୍କୁ ସେତେଟା ସହାୟ ହୋଇନାହିଁ। ଏହି ପିଚ୍ ଫ୍ଲାଟ୍ ହୋଇଥିବାରୁ ଆମେ ଚାପ ପ୍ରୟୋଗ କରିବା ଉପରେ ଧ୍ୟାନ ଦେଇଥିଲୁ ଓ ଅଧିକ ଏକ୍ସପେରିମେଣ୍ଟ କରି ନ ଥିଲୁ। କାରଣ ଏହି ଉଇକେଟ ବ୍ୟାଟ୍ସମ୍ୟାନ ପାଇଁ ବେଶ୍ ଉପଯୋଗୀ ରହିଛି। ପୂର୍ବ ଦୁଇଟି ମ୍ୟାଚ୍ ଭଳି ବାଉନ୍ସରଗୁଡ଼ିକ ମଧ୍ୟ ଭଲ କ୍ୟାରି କରୁନାହିଁ। ତେବେ ଟେଷ୍ଟ କ୍ରିକେଟରେ ଧୈର୍ଯ୍ୟ ଧରିବାକୁ ହୋଇଥାଏ। ଏ କଥା ଆମକୁ ମନେ ରଖିବାକୁ ହେବ ବୋଲି ସିରଜ କହିଛନ୍ତି। ପ୍ରଥମ ଦିନରେ ଶର୍ଟ ବଲ୍‌ଗୁଡ଼ିକ ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ଆଦୌ ସମସ୍ୟାରେ ପକାଇ ନ ଥିଲା। ସ୍ପିନରଙ୍କ ବିପକ୍ଷରେ ମାର୍ନସ ଲାବୁସ୍କାନ ଓ ଷ୍ଟିଭ୍ ସ୍ମିଥ୍ ଷ୍ଟେପ୍ ଆଉଟ କରି ଶର୍ଟ ଖେଳିଥିଲେ। କିନ୍ତୁ ପ୍ରଥମ ଦିନର ଶେଷ ଆଡକୁ ବଲ୍ ଟର୍ନ କରିବା ଲକ୍ଷ୍ୟ କରାଯାଇଛି। ଫଳରେ ଶୁକ୍ରବାର ପାଇଁ ଏହା ଭାରତୀୟ ବୋଲରଙ୍କୁ ଉତ୍ସାହିତ କରିବ। ଶୁକ୍ରବାର କ'ଣ ହେଉଛି ତାହା ପରେ ଜଣାପଡିବ। ଟାଇଟ୍ ଚ୍ୟାନେଲ୍‌ରେ ବୋଲିଂ କରି ଚାପ ପ୍ରୟୋଗ କରିବାକୁ ପ୍ରୟାସ କରିବୁ ବୋଲି ସେ କହିଛନ୍ତି। ପଦାର୍ପଣ କରିଥିବା ଅଷ୍ଟ୍ରେଲିଆ ଯୁବ ବ୍ୟାଟ୍ସମ୍ୟାନ ୱିଲ ପକୋଭସ୍କି ଏକାଧିକ ବାର କନକସନର ଶିକାର ହୋଇଥିବାରୁ ଆମେ ତାଙ୍କୁ ଶର୍ଟ ବାଉନ୍ସର ପକାଇଥିଲୁ। ପୁକୋଭସ୍କିଙ୍କୁ ଆଉଟ୍ କରିରେ ସକ୍ଷମ ହୋଇଥିଲେ ପଦାର୍ପଣ କରିଥିବା ଦ୍ରୁତ ବୋଲର ନବଦୀପ ସଇନି। ଏଥିପାଇଁ ସେ ସଇନିଙ୍କୁ ପ୍ରଶଂସା କରିଛନ୍ତି।




## ସିଡ୍‌ନୀ ଟେଷ୍ଟ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**

ପୁକୋଭସ୍କି–ଏଲବିଡବ୍ଲ୍ୟୁ–ସଇନି–୬୨
ୱାର୍ନର–କ–ପୂଜାରା–ବୋ–ସିରାଜ–୫
ଲାବୁସେନ–ନଟ୍‌ଆଉଟ–୬୭
ସ୍ମିଥ୍–ନଟ୍‌ଆଉଟ–୩୧
ମୋଟ (୨ ଉଇକେଟ, ୫୫ ଓଭର) ୧୬୬
ଉଇକେଟ ପତନ:୧/୬, ୨/୧୦୬, ବୋଲିଂ(ଭାରତ)
ବୁମ୍‌ରା ୧୪–୩–୩୦–୦
ସିରାଜ ୧୪–୩–୪୬–୧
ଅଶ୍ୱିନ ୧୭–୧–୫୬–୦
ସଇନି ୭–୦–୩୨–୧
ଜାଡେଜା ୩–୨–୨–୦।

## 'ଅଶ୍ୱିନ ଜଣେ ଅନନ୍ୟ ବୋଲର'

**ସିଡ୍‌ନୀ, ୭।୧ (ପି.ଟି.):** ଚଳିତ ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ପଦାର୍ପଣ ମ୍ୟାଚ ଖେଳିଥିବା ଅଷ୍ଟ୍ରେଲୀୟ ଯୁବ ଓପନର ୱିଲ୍ ପୁକୋଭସ୍କି ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଜଣେ ଅନନ୍ୟ ବୋଲର ବୋଲି କହିଛନ୍ତି। ବୋଲିଂରେ ବିଭିନ୍ନତା ରହିଥିବାରୁ ତାଙ୍କ ବୋଲିଂକୁ ସାମ୍ନା କରିବା ଏକ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି। ତୃତୀୟ ଟେଷ୍ଟର ପ୍ରଥମ ଦିବସ ଖେଳରେ ୨୨ବର୍ଷୀୟ ପୁକୋଭସ୍କି ପ୍ରଭାବୀ ୬୨ରନ କରି ଆଉଟ ହୋଇଛନ୍ତି। ସେ କହିଛନ୍ତି ସମସ୍ତ ଭାରତୀୟ ବୋଲର ଭଲ ବୋଲିଂ କରୁଛନ୍ତି। ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂ ଆକ୍ସନ ଅଜବ ପ୍ରକାର। ମାତ୍ର ଅଶ୍ୱିନ ଗୋଟିଏ ଆକ୍ସନରେ ବୋଲିଂରେ ଯେପରି ପରିବର୍ତ୍ତନ ଆଣିପାରୁଛନ୍ତି ତାହାକୁ ସାମ୍ନା କରିବା ସହଜ ନୁହେଁ। ପଦାର୍ପଣ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିବାରେ ପୁକୋଭସ୍କି ଅଷ୍ଟ୍ରେଲିଆରେ ସର୍ବକନିଷ୍ଠ ଖେଳାଳି ହୋଇପାରିଛନ୍ତି। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରିବ ବୋଲି ସେ କହିଛନ୍ତି। ଭଲ ବ୍ୟାଟିଂ ଉଇକେଟ ହୋଇଥିବାରୁ ଆମ ଦଳ ବଡ଼ ସ୍କୋର କରିପାରିବ ବୋଲି ମୋର ଦୃଢ ବିଶ୍ୱାସ ରହିଛି। ବିଶ୍ୱଶ୍ରେଣୀର ବୋଲିଂ ଆକ୍ରମଣ ଦ୍ୱାରା ଆମେ ଭାରତର ଇନିଂସକୁ ସୀମିତ କରିଦେବୁ। ଭାରତୀୟ ବୋଲରମାନେ ଶର୍ଟ ବଲ୍ ପକାଇବେ ବୋଲି ପୁକୋଭସ୍କି ଆଶା କରିଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ